# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୯/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 19/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୩୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 353 | ମୂଲ୍ୟ ₹୭/-




## ଡୋପ୍ ଟେଷ୍ଟରେ ବିଫଳ ହେଲେ ନୀରଜ

ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ସ୍ୱର୍ଣ୍ଣ ବିଜେତା ନୀରଜ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି ।

୧୪

୦୨

## ସ୍ୱାମୀଙ୍କଠାରୁ କ୍ୟାଟ୍ରିନା ଅଧିକ ସମ୍ପତ୍ତିର ମାଲିକାଣୀ

ଅଭିନେତା ଭିକ୍କି କୌଶଳଙ୍କଠାରୁ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସମ୍ପତ୍ତି ଅଧିକ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି।



# ଆଜି ମହାମୁକାବିଲା

**ଅହମଦାବାଦ,୧୮।୧୧(ପି.ଟି.)**

ରବିବାର ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ। ସୁପର ସନ୍‌ଡେରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ ମହାମୁକାବିଲା। ୫ ଥରର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ନିଜର ପୂର୍ବ ଐତିହ୍ୟ ପାଇଁ ଲଢେଇ କରୁଥିବା ବେଳେ ୨୦୦୩ ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ପାଇଁ ପଡିଆକୁ ଓହ୍ଲାଇବ ଭାରତ। ଅଷ୍ଟ୍ରେଲିଆ ଅଷ୍ଟମ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତର ଏହା ଚତୁର୍ଥ ପ୍ରୟାସ। ଭାରତୀୟ ଦଳରେ ଥିବା ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନ ପୂର୍ବରୁ ବିଶ୍ୱକପ୍ ଜିତି ସାରିଛନ୍ତି। ଅନ୍ୟ ସମସ୍ତ ଖେଳାଳିଙ୍କ ପାଇଁ ଏହା ଏକ ନୂତନ ଅଭିଜ୍ଞତା ହେବ। ଅନ୍ୟପକ୍ଷରେ ଅଧିନାୟକ ରୋହିତ ଶର୍ମା ଟି୨୦ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିଲେ ମଧ୍ୟ ଦିନିକିଆ ବିଶ୍ୱକପ୍‌ରେ ଏହା ତାଙ୍କର ପ୍ରଥମ ଫାଇନାଲ। ତେଣୁ ରବିବାର ଏକ ଚମତ୍କାର ଲଢେଇ ଦେଖିବାକୁ ମିଳିବ। ବାହ୍ୟ ଖବର ଦ୍ୱାରା ଭାରତୀୟ ଦଳ ପ୍ରଭାବିତ ହେଉ ନ ଥିବା ନେଇ



ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ପୂର୍ବରୁ ଅହମଦାବାଦରେ ଶନିବାର ଟ୍ରଫି ନିକଟରେ ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ପ୍ୟାଟ୍ କୁମିନ୍ସ।

**ଦିନିକିଆ କ୍ରିକେଟ୍ ବିଶ୍ୱକପ୍**

**ଭାରତ ବନାମ ଅଷ୍ଟ୍ରେଲିଆ**

କହୁଥିଲେ ମଧ୍ୟ ରବିବାରର ଫାଇନାଲ ମୁକାବିଲାକୁ ନେଇ ଦଳ ଉପରେ ସାମାନ୍ୟ ଚାପ ରହିବ। ଭାରତରେ କ୍ରିକେଟରମାନଙ୍କୁ ସେଲିବ୍ରିଟି ଭାବେ ବିବେଚନା କରାଯାଉଥିବା ବେଳେ ୧୪୦ କୋଟି ଦେଶବାସୀଙ୍କ ଆଶା ଓ ଭରସାକୁ ବଜାୟ ରଖିବାକୁ ପ୍ରୟାସ କରିବ ରୋହିତ ଶର୍ମାଙ୍କ ଦଳ। ୧୯୮୩ରେ କପିଳ ଦେବ ଓ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ପରେ ତୃତୀୟ ଭାରତୀୟ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ ନିକଟରେ ବିଶ୍ୱକପ୍ ଟ୍ରଫି ଉଠାଇବାର ସୁଯୋଗ ରହିଛି। ରୋହିତଙ୍କ ନେତୃତ୍ୱରେ ଭାରତ ୧୦ ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ବିଶ୍ୱକପ୍‌ରେ ସର୍ବାଧିକ କ୍ରମାଗତ ବିଜୟ ରେକର୍ଡ ଅଷ୍ଟ୍ରେଲିଆ(୨୦୦୩ ଓ ୨୦୦୭) ନାମରେ ରହିଛି। ରବିବାର ରୋହିତ ଏହି ରେକର୍ଡର ସମକକ୍ଷ ହେବାକୁ ପ୍ରୟାସ କରିବେ। ଏହାବ୍ୟତୀତ ଦିନିକିଆ କ୍ରିକେଟର ଲୋକପ୍ରିୟତା ହ୍ରାସ ପାଉଥିବା ବେଳେ ☞ପୃଷ୍ଠା–୪

# ଡିସେମ୍ବର ୩୧ରେ ଅବସର ନେବେ ସୁନୀଲ ବଂଶଲ

**ଡିଜିପି ଦୌଡ଼ରେ ୭ ଆଇପିଏସ୍ ଅଫିସର**



ସୁନୀଲ କୁମାର ବଂଶଲ

**ଭୁବନେଶ୍ୱର,୧୮।୧୧(ଅନିଲ ଦାସ)**

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ଡିସେମ୍ବର ୩୧ରେ ସରକାରୀ ଚାକିରିରୁ ଅବସର ନେବେ। ଏଥିପାଇଁ ରାଜ୍ୟ ସରକାର ତାଙ୍କୁ ଅନୁମତି ଦେଇଛନ୍ତି। ବଂଶଲଙ୍କ ଅବସର ଅନୁମତି ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାପରେ ରାଜ୍ୟରେ ନୂଆ ଡିଜିପି ନିଯୁକ୍ତି ପାଇବା ନେଇ ଚିତ୍ର ପ୍ରାୟତଃ ସ୍ପଷ୍ଟ ହୋଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**କେବଳ ନକଲ**

# ‘କୋଶଲ’ ଦାବିରେ ୧୨ ଘଣ୍ଟା ବନ୍ଦ



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱତନ୍ତ୍ର କୋଶଲ ରାଜ୍ୟ ସମର୍ଥକମାନେ ପ୍ରତିବାଦ ସଭାରେ ବସିଛନ୍ତି।

## ୮ ଜିଲାରେ ଜୀବନଯାତ୍ରା ବ୍ୟାହତ

- **ବନ୍ଦବେଳେ ବଲାଙ୍ଗୀରରେ ଭଙ୍ଗାରୁଜା, ୮ ଅଟକ**
- **ସମ୍ବଲପୁର, ଦେବଗଡ଼ ଜିଲାରେ ବନ୍ଦର ପ୍ରଭାବ ନାହିଁ**

**ବରଗଡ଼/ବଲାଙ୍ଗୀର/ସୋନପୁର/ନୂଆପଡ଼ା/ଭବାନୀପାଟଣା/ବୌଦ୍ଧ/ସୁନ୍ଦରଗଡ଼, ୧୮।୧୧ (ପ୍ରେମାନନ୍ଦ ଖମାରୀ/ବୀରେନ୍ଦ୍ର ଝାଙ୍କର/ ମୃତ୍ୟୁଞ୍ଜୟ ଶତପଥୀ/ମକାରୁ ବେମାଲ/ ଉତ୍ତମ କୁମାର ଦାଶ/ଅଜିତ୍ କୁମାର ବାରିକ/ଜୟନାରାୟଣ ମେଣ୍ଡୁଲି)**

ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ଦାବିରେ ଶନିବାର ଆହୂତ ୧୨ ଘଣ୍ଟିଆ ବନ୍ଦ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଦେବଗଡ଼ ଜିଲା ବ୍ୟତୀତ ଅନ୍ୟ ୮ଟି ଜିଲାରେ ଅନୁଭୂତ ହୋଇଛି। କୋଶଲ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନକୁ ଲୋକଙ୍କ ସମର୍ଥନ ମିଳିଛି। କୋଶଲ ରାଜ୍ୟ ଗଠନକୁ ନେଇ ହୀରାଖଣ୍ଡ ସାମ୍ମୁଖ୍ୟର ଅସହମତି ପରେ ସମ୍ବଲପୁରରେ ବନ୍ଦର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ☞ପୃଷ୍ଠା–୪






ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)ର ତେଲଙ୍ଗାନା ବିଧାନ ପରିଷଦ ସଦସ୍ୟ କେ. କବିତା ଶନିବାର ଇଟିକ୍ୟାଲଠାରେ ଏକ ରୋଡ୍ ଶୋ'ରେ ଭାଗ ନେଇଥିବାବେଳେ ମୂର୍ଚ୍ଛା ଯାଇଥିଲେ। ଶରୀରରେ ଜଳୀୟ ଅଂଶ କମିଯିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ରୋଡ୍ ଶୋ' କିଛି ସମୟ ବନ୍ଦ ରହିବା ପରେ ପୁଣିଥରେ ଆରମ୍ଭ ହୋଇଥିଲା। ଆସନ୍ତା ୩୦ ତାରିଖରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ହେବାକୁ ଯାଉଛି।

# ଅଲ୍ ଶିଫା ହସ୍ପିଟାଲ ଖାଲିହେଲା

ଖାନ୍ ୟୁନିସ୍,୧୮।୧୧

ଇସ୍ରାଏଲ୍ ସୈନ୍ୟଙ୍କ ଦଖଲରେ ଥିବା ଗାଜାର ସର୍ବବୃହତ୍ ହସ୍ପିଟାଲ ଅଲ୍-ଶିଫାରୁ ରୋଗୀ, ମେଡିକାଲ କର୍ମଚାରୀ ଓ ସେଠାରେ ଆଶ୍ରୟ ନେଇଥିବା ଲୋକମାନେ ପଳାୟନ କରିଛନ୍ତି। ଘଣ୍ଟାଏ ମଧ୍ୟରେ ହସ୍ପିଟାଲ ଖାଲି କରିବାକୁ ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଥିଲା ବୋଲି ପାଲେଷ୍ଟିନୀୟ ଅଧିକାରୀମାନେ କହୁଥିବାବେଳେ ଏହାକୁ ଜେରୁଜେଲମ୍ ଖଣ୍ଡନ କରିଛି। ଶନିବାର ସକାଳେ ଇସ୍ରାଏଲ୍ ସେନା ହସ୍ପିଟାଲ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲା ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି। ତେବେ ଯେଉଁମାନେ ହସ୍ପିଟାଲ ଛାଡ଼ିବାକୁ ଆଶା କରୁଛନ୍ତି ସେମାନଙ୍କୁ ନିରାପଦରେ ପଳାଇଯିବା ପାଇଁ ସୁଯୋଗ ଦିଆଯାଇଥିଲା ବୋଲି ସେନା କହିଛି। ସେଠାରେ ଗୁରୁତର ରୋଗୀଙ୍କଠାରୁ ଆରମ୍ଭ କରି ହଜାର ହଜାର ଲୋକ ରହିଥିଲେ।

ଗାଜା ଷ୍ଟ୍ରିପ୍‌ରେ ଦୀର୍ଘଦିନ ଟେଲି ଯୋଗାଯୋଗ ବନ୍ଦ ରହିବା ପରେ ଶନିବାର ଇଣ୍ଟରନେଟ୍ ଓ ଫୋନ୍ ସେବା ଆଂଶିକ କାର୍ଯ୍ୟକ୍ଷମ ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବାରୁ ଗାଜାକୁ ମାନବୀୟ ସହାୟତା ପହଞ୍ଚାଇବା ବନ୍ଦ ହୋଇଯାଇଥିଲା। ପୂର୍ବରୁ ଗାଜାର ସାଧାରଣ ନାଗରିକମାନଙ୍କୁ ଉତ୍ତର ଗାଜା ଛାଡ଼ି ପଳାଇଯିବାକୁ ଇସ୍ରାଏଲ୍ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଥିଲା। ଏବେ ଦକ୍ଷିଣ ଭାଗରେ ମଧ୍ୟ ଇସ୍ରାଏଲ୍ ଆକାଶମାର୍ଗରୁ ବୋମାବର୍ଷଣ କରୁଛି। ଉତ୍ତର ଭାଗରେ ଆକ୍ରମଣ ଜାରି ରହିଥିବାବେଳେ ଏବେ ଦକ୍ଷିଣ ଗାଜାରେ ଆକ୍ରମଣ ଆରମ୍ଭ ହୋଇଯାଇଛି। ଅଲ୍-ଶିଫା ହସ୍ପିଟାଲକୁ ହମାସ୍ ଆତଙ୍କବାଦୀମାନେ କମାଣ୍ଡ ସେଣ୍ଟର ଭାବେ ବ୍ୟବହାର କରୁଥିଲେ ବୋଲି ଇସ୍ରାଏଲ୍ ଦାବି କରିଆସିବା ସହ ସେଠାରେ ଆତଙ୍କବାଦୀଙ୍କୁ ଖୋଜିବା କାର୍ଯ୍ୟ ଜାରି ରଖିଛି।

ଯୁଦ୍ଧକୁ ୭ ସପ୍ତାହ ହୋଇଥିବାବେଳେ ଏଥିରେ ୧୧,୪୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା ଓ ଛୋଟ ପିଲା। ଅନ୍ୟ ୨,୭୦୦ ଲୋକ ନିଖୋଜ ଅଛନ୍ତି। ସେମାନେ ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳେ ରହିଯାଇଥିବା ବିଶ୍ୱାସ କରାଯାଉଛି। ହମାସ୍ ଆତଙ୍କବାଦୀ ଇସ୍ରାଏଲ୍‌ରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୪୦ ଜଣଙ୍କୁ ପଣବନ୍ଦୀ କରିନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା।



ଜଣେ ପାଲେଷ୍ଟିନୀୟ ତାଙ୍କ ଶିଶୁକୁ ଧରି ଉତ୍ତର ଗାଜାରୁ ଦକ୍ଷିଣକୁ ପଳାୟନ କରୁଛନ୍ତି।

## ଦକ୍ଷିଣ ଗାଜାରେ ଆକ୍ରମଣ: ୩୨ ନିହତ

ଇସ୍ରାଏଲ୍ ସୈନ୍ୟ ଉତ୍ତର ଗାଜାରେ ଆକ୍ରମଣ ଜାରି ରଖିଥିବାବେଳେ ଦକ୍ଷିଣ ଭାଗରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଶନିବାର ଦକ୍ଷିଣ ଗାଜାରେ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍‌ରେ ୩୨ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏବେ ଦକ୍ଷିଣ ଗାଜାରେ ଥିବା ହମାସ୍ ଆଡ୍ଡାସ୍ଥଳ ଉପରେ ଆକ୍ରମଣ ହେବାକୁ ଥିବାରୁ ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ପଳାଇଯିବାକୁ କୁହାଯାଉଛି। ତେଣୁ ଯେଉଁ ଲକ୍ଷ ଲକ୍ଷ ପାଲେଷ୍ଟିନୀୟ ଉତ୍ତର ଗାଜା ଛାଡ଼ି ଦକ୍ଷିଣକୁ ଯାଇଥିଲେ, ସେମାନେ ପୁନର୍ବାର ପୂର୍ବ ସ୍ଥାନକୁ ଫେରିବାକୁ ବାଧ୍ୟ ହେବେ। ଅକ୍ଟୋବର ୭ ଆକ୍ରମଣ ପରେ ହମାସ୍ ଆତଙ୍କବାଦୀଙ୍କୁ ମୂଳପୋଛ କରିବାକୁ ଇସ୍ରାଏଲ୍ ସଂକଳ୍ପ ନେଇଛି।

## ଲେବାନନ୍‌ର ଆଲୁମିନିୟମ ପ୍ଲାଣ୍ଟ ଉପରେ ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ମାଡ଼

ବେରୁଟ୍,୧୮।୧୧

ଦକ୍ଷିଣ ଲେବାନନ୍‌ର ନାବାଟିୟେ ସହରରେ ଥିବା ଆଲୁମିନିୟମ୍ କାରଖାନା ଉପରେ ଶନିବାର ଭୋର ସମୟରେ ଏକ ଇସ୍ରାଏଲୀ ଡ୍ରୋନ୍‌ରୁ ଦୁଇଟି କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଫଳରେ କାରଖାନା ପରିସରରେ ନିଆଁ ଲାଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨୦୦୬ରେ ଇସ୍ରାଏଲ୍ ଏବଂ ଲେବାନନ୍‌ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ମଧ୍ୟରେ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଇସ୍ରାଏଲ୍ ଉକ୍ତ ଅଞ୍ଚଳ ଉପରେ ଆକ୍ରମଣ କରିଛି। ମିଶାଇଲ ମାଡ଼ ଜନିତ କ୍ଷୟକ୍ଷତିର ସବିଶେଷ ତଥ୍ୟ ଦିଆଯାଇ ନାହିଁ। ତେବେ ଇସ୍ରାଏଲୀ ସେନା ହେଜବୋଲ୍ଲା ସଦସ୍ୟଙ୍କୁ ଟାର୍ଗେଟ କରୁଥିବା କୁହାଯାଇଛି। ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍‌ରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ପରେ ହେଜ୍‌ବୋଲ୍ଲା ଲେବାନନ୍ ସୀମାରୁ ଇସ୍ରାଏଲୀ ଘାଟିଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଲେବାନନ୍‌ରେ ପଶି ଶେଲିଂ ଓ ଏୟାର ଷ୍ଟ୍ରାଇକ୍ କରିଆସୁଛି।

## କଶ୍ମୀରୱାଲା ସମ୍ପାଦକଙ୍କୁ ଜାମିନ

ଶ୍ରୀନଗର,୧୮।୧୧



ଫହାଦ ଶାହ

ଆତଙ୍କବାଦ ଷଡ଼ଯନ୍ତ୍ର ଅଭିଯୋଗରେ ଦି କଶ୍ମୀରୱାଲାର ସମ୍ପାଦକ ଫହାଦ ଶାହ ୨୧ ମାସ ଜେଲ୍‌ରେ ରହିବା ପରେ ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଧିକାଂଶ ଅଭିଯୋଗକୁ ଅଦାଲତ ଖାରଜ କରିଦେଇଛନ୍ତି। ଶାହଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନର ଧାରା ୧୮ (ଆତଙ୍କବାଦ ଷଡ଼ଯନ୍ତ୍ର), ଧାରା ୧୨୧(ଦେଶ ବିରୋଧରେ ଯୁଦ୍ଧ ଡାକରା) ସମେତ ଆଇପିସିର ଧାରା ୧୫୩ବି ଲଗାଯାଇଥିଲା। ଉଚ୍ଚ ଅଦାଲତ ସେଗୁଡ଼ିକୁ ଖାରଜ କରିଦେଇଛନ୍ତି। ତେବେ ଆଉ କେତେକ ଅଭିଯୋଗରେ ଶାହଙ୍କୁ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ତାଙ୍କ ଓକିଲ କହିଛନ୍ତି।

## କ୍ୟାଟ୍ କୋଭିଡ୍ ଭାରିଆଣ୍ଟ ବ୍ରିଟେନ୍‌ରୁ ଚିହ୍ନଟ

ଲଣ୍ଡନ,୧୮।୧୧

ସାଇପ୍ରସ୍‌ରେ ୮ ହଜାର ବିରାଡ଼ି ଜୀବନ ନେଇଥିବା କୋଭିଡ୍‌ର ଏକ ନୂଆ ଭାରିଆଣ୍ଟ ଏବେ ବ୍ରିଟେନ୍‌ରେ ଚିହ୍ନଟ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହା କୋଭିଡ୍‌ର ଅତ୍ୟନ୍ତ ସଂକ୍ରାମକ ଭାରିଆଣ୍ଟ। ଏକ ଭୂମଧ୍ୟସାଗରୀୟ ଦ୍ୱୀପରୁ ଏହି ଭୂତାଣୁ ବିରାଡ଼ି ଜରିଆରେ ବ୍ରିଟେନ୍‌ରେ ପ୍ରବେଶ କରିଛି। ବିରାଡ଼ି ସଦୃଶ ଏକ ପ୍ରାଣୀକୁ ପରୀକ୍ଷା କରାଯିବା ପରେ ତାହା ଉକ୍ତ ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ତା'ଠାରେ କେତେକ ଭିନ୍ନ ଲକ୍ଷଣ ଦେଖାଦେଇଛି। କୋଭିଡ୍‌ର ଏହି ନୂଆ ଭାରିଆଣ୍ଟକୁ ବୈଜ୍ଞାନିକମାନେ ଏଫ୍-କୋଭ୍-୨୩ ଭାବେ ନାମିତ କରିଛନ୍ତି।

## ଦୁର୍ଦ୍ଧର୍ଷ ଅପରାଧୀ ରଶିଦ୍ କାଲିଆ ନିହତ

**ଲକ୍ଷ୍ନୌ,୧୮।୧୧:** ଉତ୍ତରପ୍ରଦେଶର ଝାନ୍ସୀ ଜିଲାରେ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ଏନ୍‌କାଉଣ୍ଟରରେ ଶନିବାର ସକାଳେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ରଶିଦ କାଲିଆ ନିହତ ହୋଇଛନ୍ତି। ତାଙ୍କ ବିରୋଧରେ ୪୦ଟି ହତ୍ୟା ମାମଲା, ହତ୍ୟା ଉଦ୍ୟମ, ଅପହରଣ, ଠକେଇ ଓ ଧମକ ଦେବା ଭଳି ମାମଲା ରହିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧,୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସୁପାରି ନେଇ ହତ୍ୟା କରିବା ପାଇଁ ସେ ଝାନ୍ସିର ମୌରାନିପୁର ଆସିଥିବାବେଳେ ଏସ୍‌ଟିଏଫ୍‌ର ଅଧିକାରୀମାନେ ଉକ୍ତ ଅଞ୍ଚଳକୁ ଘେରାଉ କରଥିଲେ। ଗୁଳି ବିନିମୟ ବେଳେ ଆହତ କାଲିଆଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ତାମିଲନାଡୁ ରାଜ୍ୟପାଳ ଫେରାଇଥିବା ବିଲ୍ ପୁଣି ଗୃହୀତ

ଚେନ୍ନାଇ,୧୮।୧୧

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଫେରାଇ ଦେଇଥିବା ୧୦ଟି ବିଲ୍ ରାଜ୍ୟ ବିଧାନସଭାରେ ଶନିବାର ପୁନର୍ବାର ଗୃହୀତ ହୋଇଛି। ଗତ ୧୩ ତାରିଖରେ ରାଜ୍ୟପାଳ କୌଣସି କାରଣ ନ ଦର୍ଶାଇ ବିଲ୍‌ଗୁଡ଼ିକୁ ଅନୁମୋଦନ ନ କରି ଫେରାଇଦେବା ପରେ ବାଚସ୍ପତି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ଉକ୍ତ ଅଧିବେଶନରେ ଆଇନ, କୃଷି, ଉଚ୍ଚଶିକ୍ଷା ଆଦି ବିଭାଗର ବିଲ୍‌ଗୁଡ଼ିକ ଗୃହୀତ ହୋଇଯାଇଛି। ତେବେ ଅଧିବେଶନ ଚାଲିଥିବାବେଳେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ଭାଜପା କକ୍ଷତ୍ୟାଗ କରିଥିଲେ। ଅଧିବେଶନ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗୃହରେ ପୂର୍ବରୁ ଗୃହୀତ ହୋଇଥିବା ୧୦ଟି ବିଲ୍ ଉପରେ ପୁନର୍ବିଚାର ପାଇଁ ପ୍ରସ୍ତାବ ଆଣିଥିଲେ। ଉକ୍ତ ବିଲ୍ ମଧ୍ୟରୁ ୨ଟି ୨୦୨୦ରେ ଏବଂ ଅନ୍ୟ ଦୁଇଟି ଚଳିତ ବର୍ଷ ଗୃହୀତ ହୋଇଥିବାବେଳେ ୬ଟି ବିଲ୍ ଗତବର୍ଷ ବିଧାନସଭାରେ ପାରିତ ହୋଇଥିଲା।

## ମେଶିନରେ ତ୍ରୁଟି: ସୁଡ଼ଙ୍ଗରେ ଉଦ୍ଧାର କାର୍ଯ୍ୟ ପୁଣି ସ୍ଥଗିତ

ଉତ୍ତରକାଶୀ,୧୮।୧୧

ଉତ୍ତରାଖଣ୍ଡର ଉତ୍ତରକାଶୀରେ ଥିବା ସିଲ୍‌କ୍ୟାରା ସୁଡ଼ଙ୍ଗ ଭୁଶୁଡ଼ି ଏହା ତଳେ ୪୧ ଶ୍ରମିକ ୭ ଦିନ ହେଲା ଫସିରହିଥିବାବେଳେ ଉଦ୍ଧାର କାର୍ଯ୍ୟ ବିଶେଷ ଅଗ୍ରଗତି କରିପାରୁ ନାହିଁ। ଫଳରେ ଶ୍ରମିକ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଶୁକ୍ରବାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ପ୍ରଚଣ୍ଡ ଶବ୍ଦ ଶୁଣିବାରୁ କାମ ବନ୍ଦ କରିଥିଲେ। ଖନନ କାର୍ଯ୍ୟରେ ନିୟୋଜିତ ଥିବା ଆମେରିକା ନିର୍ମିତ ଔଗେର ମେଶିନ୍‌ରେ ତ୍ରୁଟି ଦେଖାଦେବାରୁ କାମ ପୁଣିଥରେ ସ୍ଥଗିତ ରହିଛି। ମଧ୍ୟପ୍ରଦେଶର ଇନ୍ଦୋରରୁ ଆଉ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଡ୍ରିଲିଂ ମେଶିନ୍‌କୁ ବାୟୁସେନା ବିମାନ ଯୋଗେ ଶନିବାର ସିଲ୍‌କ୍ୟାରାକୁ ନିଆଯାଇଛି। ଏହାର ୩ଟି ଭାଗକୁ ଏକାଠି କରାଯିବା ପରେ ଖନନ କାର୍ଯ୍ୟରେ ନିୟୋଜିତ କରାଯିବ। ସୁଡ଼ଙ୍ଗ ଭିତରେ ୪୦ ଶ୍ରମିକ ଫସିଥିବା ପୂର୍ବରୁ କୁହାଯାଉଥିବାବେଳେ ବିହାର ମୁଜାଫରପୁର ଜିଲାର ଅନ୍ୟ ଜଣେ ଶ୍ରମିକ ଦୀପକ କୁମାର ମଧ୍ୟ ସେମାନଙ୍କ ସହ ରହିଥିବା ଜଣାପଡ଼ିଛି। ସୁଡ଼ଙ୍ଗର ୬୦ ମିଟର ଭିତରେ ଶ୍ରମିକମାନେ ରହିଥିବାବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ୨୪ ମିଟର ପର୍ଯ୍ୟନ୍ତ ପାଇପ୍ ଭର୍ତ୍ତି କରାଯାଇଥିଲା।



## ଲୋକ ସଭାରେ ୭୧୩ ପ୍ରାଇଭେଟ୍ ମେମ୍ବର୍ସ ବିଲ୍

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଲୋକ ସଭାରେ ୭୧୩ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ବିତର୍କ ଅପେକ୍ଷାରେ ପଡ଼ିରହିଛି। ସେଥିରୁ ଅଧିକାଂଶ ବିଲ୍‌ରେ ଦଣ୍ଡ ବ୍ୟବସ୍ଥା ଏବଂ ନିର୍ବାଚନୀ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି। ଅଧିକାଂଶ ବିଲ୍ ୨୦୧୯ ଜୁନ୍‌ରେ ଆଗତ ହୋଇଥିବାବେଳେ ଗତ ଅଗଷ୍ଟରେ ଅନୁଷ୍ଠିତ ମୌସୁମୀ ଅଧିବେଶନ ବେଳେ କେତେକ ଉପସ୍ଥାପନ କରାଯାଇଥିଲା।

ଫୁରସତ୍

## ସ୍ୱାସ୍ଥ୍ୟ ପାଇଁ ଶୌଚାଳୟ ବ୍ୟବହାର ଅପରିହାର୍ଯ୍ୟ



ବିଶ୍ୱ ଶୌଚାଳୟ ଦିବସ

ସୁସ୍ୱାସ୍ଥ୍ୟ ପାଇଁ ପରିଷ୍କାର ପରିଚ୍ଛନ୍ନତା ଅପରିହାର୍ଯ୍ୟ। ଏହା ସହିତ ଘର ଏବଂ ବାହ୍ୟ ପରିବେଶରେ ପରିମଳ ବ୍ୟବସ୍ଥା ଆପଣେଇବା ମଧ୍ୟ ଆବଶ୍ୟକ। ବାହାରେ ଶୌଚ ହେବା ଦ୍ୱାରା ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ। ପରିମଳ ବ୍ୟବସ୍ଥା ରୋଗ ବ୍ୟାପିବାକୁ ଦିଏ ନାହିଁ। ବାହାରେ ଶୌଚ ହେବା ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଶ୍ୱର ପ୍ରାୟ ୪୫୦ କୋଟି ଲୋକଙ୍କ ପାଇଁ ଏବେ ବି ପର୍ଯ୍ୟାପ୍ତ ସ୍ୱଚ୍ଛତା ଉପଲବ୍ଧ ନାହିଁ। ଖାଲି ସେତିକି ନୁହେଁ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତାର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଫଳସ୍ୱରୂପ, ପର୍ଯ୍ୟାବରଣ ଦୂଷିତ ହେବା ସହ ଲୋକ ବିଭିନ୍ନ ଶାରୀରିକ ସମସ୍ୟାଗ୍ରସ୍ତ ହୋଇଥାନ୍ତି। ସେଥିମଧ୍ୟରୁ ୬୭୩ ନିୟୁତ ଲୋକ ବାହାରେ ମଳତ୍ୟାଗ କରିଥାନ୍ତି। ତେବେ ଏହାକୁ ରୋକିବା ଲାଗି ୨୦୨୦ରେ ମିଳିତ ଜାତିସଂଘ ପକ୍ଷରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟ ପ୍ରକାଶିତ ହୋଇଥିଲା। ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।

ତେଣୁ ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଥାଏ। ୨୦୦୧ ନଭେମ୍ବର ୧୯ରେ ପ୍ରଥମେ କୌଣସି ସ୍ୱୀକୃତି ବିନା ସିଙ୍ଗାପୁରର ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଜାତିସଂଘ ପକ୍ଷରୁ ୨୦୧୨ ନଭେମ୍ବର ୧୯ରେ ଏହି ଦିବସ ପାଳନ ଲାଗି ସ୍ୱୀକୃତି ପ୍ରଦାନ କରାଯାଇଥିଲା।ଭାରତର ୨୦୧୧ ଜନଗଣନା ଅନୁସାରେ ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି । ଏକ ତଥ୍ୟ ଅନୁସାରେ ଦୁନିଆରେ ବର୍ତ୍ତମାନ ପ୍ରତି ୩ ଜଣ ମହିଳା ମଧ୍ୟରେ ଅନ୍ତତଃ ଜଣେ ସୁରକ୍ଷିତ ଶୌଚାଳୟର ସୁବିଧା ପାଇବାରୁ ବଞ୍ଚିତ । ଖୋଲାରେ ଶୌଚ କରିବାକୁ ବାଧ୍ୟ ହେଉଥିବା ମହିଳା କିମ୍ବା ବାଳିକାମାନେ ନିଜର ସମ୍ମାନ ହାନୀ ତଥା ଯୌନ ଅପରାଧର ଶୀକାର ହେବାର ଭୟ ରହିଥାଏ ।ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୩ ମସିହାରେ ମିଳିତ ଜାତିସଂଘ ପକ୍ଷରୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଶ୍ୱ ଶୌଚାଳୟ ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା।

ବିଶ୍ୱ ଶୌଚାଳୟ ସଚେତନତା ଦିବସ ପାଳନ ଅବସରରେ ବିଶ୍ୱର ବିଭିନ୍ନ ଦେଶରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡର ଆୟୋଜନ ହୋଇଥାଏ । ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ ।

## ସ୍ୱାମୀଙ୍କଠାରୁ କ୍ୟାଟ୍ରିନା ଅଧିକ ସମ୍ପତ୍ତିର ମାଲିକାଣୀ

ମୁମ୍ବାଇ



ସାଧାରଣତଃ ସ୍ତ୍ରୀଠାରୁ ସ୍ୱାମୀଙ୍କ ଧନସମ୍ପତ୍ତି ଟିକେ ଅଧିକ ହୋଇଥାଏ। ହେଲେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ କ୍ଷେତ୍ରରେ ସେପରି ନୁହେଁ। ଏକ ରିପୋର୍ଟ ମୁତାବକ, ସ୍ୱାମୀ ଭିକ୍କି କୌଶଲଙ୍କଠାରୁ ଅଧିକ ସମ୍ପତ୍ତିର ମାଲିକାଣୀ କ୍ୟାଟ୍ରିନା ବୋଲି ଜଣାପଡ଼ିଛି। ବଲିଉଡ୍‌ରେ ସର୍ବାଧିକ ପାରିଶ୍ରମିକପ୍ରାପ୍ତ ଅଭିନେତ୍ରୀଙ୍କ ମଧ୍ୟରୁ କ୍ୟାଟ୍ରିନା ଜଣେ। ଲାଇଫ୍ ଷ୍ଟାଇଲ୍ ଏସିଆ ଅନୁଯାୟୀ, ୨୦୨୩ରେ ତାଙ୍କ ସମ୍ପୂର୍ଣ୍ଣ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨୬୩ କୋଟି ଟଙ୍କା। କ୍ୟାଟ୍ରିନା ମାସିକ ପ୍ରାୟ ୩ କୋଟି ଟଙ୍କା ଆୟ କରିଥା'ନ୍ତି। ଗୋଟିଏ ଚଳଚ୍ଚିତ୍ର ଲାଗି ସେ ପ୍ରାୟ ୧୨ କୋଟିରୁ ଊର୍ଦ୍ଧ୍ୱ ପାରିଶ୍ରମିକ ନେଇଥାନ୍ତି। ୨୦୨୨ ମସିହାରେ ସେ ପ୍ରାୟ ୨୩୦ କୋଟିର ମାଲିକାଣୀ ଥିଲେ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, କ୍ୟାଟ୍ରିନାଙ୍କ ଆୟ ଏତେ ଅଧିକ ଥିବାବେଳେ ଭିକ୍କିଙ୍କ ସମ୍ପତ୍ତି ମାତ୍ର ୪୧ କୋଟି ଟଙ୍କା। ନିକଟରେ କ୍ୟାଟ୍ରିନାଙ୍କ 'ଟାଇଗର ୩' ଫିଲ୍ମ ରିଲିଜ୍ ହୋଇଯାଇଛି। ସେଥିରେ ସେ ଜୋୟା ଚରିତ୍ରରେ ନଜରକୁ ଆସିଛନ୍ତି। ଆଗକୁ ତାଙ୍କର ଆଉ ଏକ ଫିଲ୍ମ 'ମେରି କ୍ରିଷ୍ଟମାସ୍' ପରଦାକୁ ଆସୁଛି। ତେବେ କ୍ୟାଟ୍ରିନା ୨୦୦୩ରେ ତାଙ୍କ ଫିଲ୍ମ ଜୀବନ ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ହିଟ୍ ସିନେମା ପ୍ରଶଂସକଙ୍କୁ ଭେଟି ଦେଇ ଆସିଛନ୍ତି।

## ପୁରୁଷଙ୍କ କଲ୍ୟାଣ ଜରୁରୀ

ଅନ୍ତର୍ଜାତୀୟ ପୁରୁଷ ଦିବସ



ପୁରୁଷମାନଙ୍କ କ୍ଷେତ୍ରରେ ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ସଚେତନତା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥାଏ। ସମାଜ, ଦେଶ ଏବଂ ପୃଥିବୀର ବିକାଶରେ ଲିଙ୍ଗଗତ ସମାନତା ଜରୁରୀ ବୋଲି ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଲିଙ୍ଗଗତ ସମାନତା ସମୟର ଆହ୍ୱାନ ବୋଲି ଏହି ଅବସରରେ ସଭିଙ୍କୁ ସଚେତନ କରାଯାଇଥାଏ।

ସମାଜ ତଥା ପରିବାରରେ ପୁରୁଷଙ୍କ ମହତ୍ତ୍ୱ ତଥା ଅବଦାନକୁ ସମ୍ମାନ ଜଣାଇ ଏହା ପାଳନ କରାଯାଏ। ଏହି ଅବସରରେ ସମାଜରେ ପୁରୁଷଙ୍କ କଲ୍ୟାଣ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଣାଯାଇଥାଏ। ଅନ୍ତର୍ଜାତୀୟ ପୁରୁଷ ଦିବସ ସମାଜରେ ପୁରୁଷଙ୍କ ସକାରାତ୍ମକ ଭାବମୂର୍ତ୍ତିକୁ ପ୍ରତିଫଳିତ କରିଥାଏ। ସମାଜ, ସମ୍ପ୍ରଦାୟ, ପରିବାର, ବିବାହ, ଶିଶୁ ଲାଳନ ପାଳନ ଓ ସମାଜରେ ପୁରୁଷଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଇଥାଏ। ଏହି ଦିନ ସମାଜରେ ପୁରୁଷଙ୍କ ପ୍ରତି ହେଉଥିବା ଭେଦଭାବ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ପୁରୁଷ ଦିବସ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିଥାଏ। ଅନ୍ତର୍ଜାତୀୟ ପୁରୁଷ ଦିବସ ପ୍ରଥମେ ୧୯୯୯ ରେ ତ୍ରିନିଦାଦ ଓ ଟୋବାଗୋସ୍ଥିତ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଜେରୋମ ତିଳକସିଂଙ୍କ ଦ୍ୱାରା ତାଙ୍କ ପିତାଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ସେ ପୁରୁଷଙ୍କ ପ୍ରସଙ୍ଗ ଉଠାଇବାକୁ ଉତ୍ସାହିତ କରିଥିଲେ। ପ୍ରଥମ ଥର ପାଇଁ ୧୯ ନଭେମ୍ବର ୨୦୦୭ରେ ଭାରତରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥିଲା।

ପୁରୁଷମାନଙ୍କ ସାଂସ୍କୃତିକ, ରାଜନୈତିକ ଏବଂ ସାମାଜିକ ଆର୍ଥିକ ସମସ୍ୟାକୁ ଚିହ୍ନଟ କରି ଏହାର ନିରାକରଣ କରିବା ଅନ୍ତର୍ଜାତୀୟ ପୁରୁଷ ଦିବସର ମୁଖ୍ୟ ଲକ୍ଷ୍ୟ। ମୌଳିକ ମାନବିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ସହିତ ପୁରୁଷଙ୍କ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ଲାଗି । ୧୯୯୨ ଫେବୃୟାରୀ ୭ରେ ଥୋମାସ ଓଷ୍ଟରଙ୍କ ଦ୍ୱାରା ଏହି ଦିବସ ଆରମ୍ଭ କରାଯାଇଥିଲା। ଏହାର ଏକ ବର୍ଷ ପୂର୍ବରୁ ୧୯୯୧ ଫେବୃୟାରୀ ୮ରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ୨୦୦୯ରେ ଏହି ଦିନଟିକୁ ନଭେମ୍ବର ୧୯ରେ ପାଳନ ଲାଗି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ପୁରୁଷ ଦିବସରେ ଲିଙ୍ଗଗତ ସମାନତା ପାଇଁ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ। ସମାଜରେ ପୁରୁଷମାନଙ୍କ ସହିତ ଜଡ଼ିତ ଥିବା ନକାରାତ୍ମକ ଚିତ୍ର ଏବଂ କଳଙ୍କକୁ ହଟାଇବାକୁ ପ୍ରୟାସ କରାଯାଇଥାଏ। ମାତ୍ର ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ ପାଇଁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ଶୂନ ପୁରୁଷ ଆତ୍ମହତ୍ୟା।

## ଘୋଡ଼ା ପାଇଁ ଫେରିଲା ବିମାନ

**ନ୍ୟୁୟର୍କ:** ଚଳିତ ମାସ ୯ ତାରିଖରେ ନ୍ୟୁୟର୍କରୁ ବେଲ୍‌ଜିୟମ୍ ଅଭିମୁଖେ ଯାଉଥିବା ଏକ ବିମାନ କିଛି ସମୟ ପରେ ପୁନଶ୍ଚ ବିମାନବନ୍ଦରକୁ ଫେରିଆସିଥିବା ଜଣାପଡ଼ିଛି। ବୋଇଂ ୭୪୭ କାର୍ଗୋ ବିମାନ ଟେକଅଫ୍‌ର ୩୦ ମିନିଟ୍ ମଧ୍ୟରେ ଏପରି ଏକ ଘଟଣା ଘଟିଥିଲା, ଯାହାଫଳରେ ବିମାନକୁ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଯେତେବେଳେ ବିମାନଟି ୩୧ ହଜାର ଫୁଟ ଉପରକୁ ଉଠି ଆଟ୍‌ଲାଣ୍ଟିକ୍ ମହାସାଗର ଉପରେ ଉଡୁଥିଲା ସେତେବେଳେ ବିମାନ ଭିତରେ ଥିବା ଏକ ଘୋଡ଼ା ତା' ବନ୍ଧନରୁ ମୁକ୍ତ ହୋଇଯାଇଥିଲା। ବିମାନ ମଧ୍ୟରେ ଘୋଡ଼ାକୁ ଆୟତ୍ତ କରିବା ସମ୍ଭବ ହୋଇପାରି ନ ଥିଲା। ଘୋଡ଼ାଟି ସମସ୍ତଙ୍କ ଆୟତ୍ତରୁ ବାହାରିଯାଇ ସେଠାରୁ ପଳାୟନ ପାଇଁ ଉଦ୍ୟମ ଚଳାଇଥିଲା। ପାଇଲଟ୍‌ଙ୍କ କହିବା କଥା, ଏପରି ସ୍ଥଳେ ବିମାନ ଚଳାଇବାରେ କୌଣସି ଅସୁବିଧା ନ ଥିଲା। ହେଲେ ସେମାନେ ଘୋଡ଼ାକୁ ନିଜ ଆୟତ୍ତକୁ ନେଇପାରୁ ନ ଥିଲେ, ଯାହା ନିତାନ୍ତ ଜରୁରୀ ଥିଲା। ସେଥିପାଇଁ ତାଙ୍କୁ ବିମାନଟିକୁ ନ୍ୟୁୟର୍କ ଫେରାଇବାକୁ ପଡ଼ିଥିଲା। ତେବେ ଘୋଡ଼ାଟି ମୁକ୍ତ ଥିବା ଏବଂ ବିମାନର ସଫଳ ଅବତରଣ ପାଇଁ ନ୍ୟୁୟର୍କକୁ ଫେରିବା ପୂର୍ବରୁ ୨୦ ଟନ୍ ଇନ୍ଧନ ପକାଇବାକୁ ପଡ଼ିଥିଲା। ଏହାପରେ ଘୋଡ଼ା ପାଇଁ ଜଣେ ଚିକିତ୍ସକଙ୍କୁ ଡକାଯାଇ ତା'ର ଚିକିତ୍ସା କରାଯାଇଥିଲା।

# ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ଉଦ୍‌ଘାଟିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଜଳସମ୍ପଦ ବିଭାଗରେ ଓଡ଼ିଶା ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର (ଓଡ଼ିଶା ଷ୍ଟେଟ୍ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର)ର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟ ଜଳସମ୍ପଦ ବିଭାଗରେ ଓଡ଼ିଶା ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର(ଓଡ଼ିଶା ଷ୍ଟେଟ୍ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର)ର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଜଳସମ୍ପଦର ସୁପରିଚାଳନା ପାଇଁ ପାଣିପାଗଜନିତ ତଥ୍ୟର ବୈଜ୍ଞାନିକ ବିଶ୍ଳେଷଣ କରାଯିବ। ବର୍ଷା, ନଦୀଜଳ ଓ ଜଳାଶୟଗୁଡ଼ିକର ଜଳଧାରଣ କ୍ଷମତାର ଠିକ୍ ସମୟାନୁକ୍ରମିକ ତଥ୍ୟ ସଂଗ୍ରହ କରାଯାଇ ଏହାର ବୈଜ୍ଞାନିକ ବିଶ୍ଳେଷଣ କରାଯିବ। ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ଦ୍ୱାରା ଜଳସମ୍ପଦ ବିଭାଗର ଦକ୍ଷତା ଯଥେଷ୍ଟ ପରିମାଣରେ ବୃଦ୍ଧିପାଇବ। ରାଜ୍ୟ ଜଳବିଜ୍ଞାନ କେନ୍ଦ୍ରର ପରିଚାଳନା, ବିଭାଗର ତୃଣମୂଳ ସ୍ତର ତଥା ଆନ୍ତଃ ବିଭାଗୀୟ ସମନ୍ୱୟ ରକ୍ଷା, ବନ୍ୟା ବିପର୍ଯ୍ୟୟ ସମୟରେ ୨୪ ଘଣ୍ଟିଆ ତଦାରଖ ଓ ନିର୍ଦ୍ଦେଶନା କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସମନ୍ୱିତ ନିର୍ଦ୍ଦେଶ ନିୟନ୍ତ୍ରଣ କେନ୍ଦ୍ର (ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର) ମଧ୍ୟ ଗଠନ କରାଯାଇଛି। ଜଳସମ୍ପଦ ବିଭାଗର ସୂଚନା ଓ ଜଳବିଜ୍ଞାନରେ ବିଶେଷ ରୁଚି ରଖିଥିବା ଯନ୍ତ୍ରୀମାନେ ଏଥିରେ ନିୟୋଜିତ ହୋଇଛନ୍ତି। ଜଳସମ୍ପଦ ବିଭାଗ(ରାଜୀବ ଭବନ)ର ୮ମ ମହଲାରେ ଆନୁଷଙ୍ଗିକ ସୁବିଧା ସହ ଏହି ତଥ୍ୟ କେନ୍ଦ୍ର ଅବସ୍ଥାପିତ ହୋଇଛି। ସୂଚନାଯୋଗ୍ୟ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ପାଇଁ ଜଳସମ୍ପଦର ବିକାଶ ସହିତ ଜଳ

## ପାଣିପାଗ ତଥ୍ୟର ବିଶ୍ଳେଷଣ ହେବ

ସୁପରିଚାଳନାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି। ୫-ଟି ଉପକ୍ରମର ପ୍ରୟୋଗରେ ଜଳସମ୍ପଦ ବିଭାଗ ଏହି ଆହ୍ୱାନକୁ ମୁକାବିଲା କରିବାକୁ ଅନେକାଂଶରେ ସକ୍ଷମ ହୋଇପାରିଛି।

ଦୈନନ୍ଦିନ ଏବଂ ବର୍ଷାଋତୁରେ ଘଣ୍ଟା ପ୍ରତି ସଂଗୃହୀତ ଏହି ତଥ୍ୟ ସମୂହରୁ ଜଳଉତ୍ସଗୁଡ଼ିକର ମୂଲ୍ୟାଙ୍କନ, ବର୍ଷା ପୂର୍ବାନୁମାନ, ବର୍ଷାଜନିତ ବିପର୍ଯ୍ୟୟ ପରିଚାଳନା, କୃଷି ପାଇଁ କେନାଲ ମାଧ୍ୟମରେ ଜଳ ଯୋଗାଣ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଜଳଭଣ୍ଡାରଗୁଡ଼ିକର ପରିଚାଳନା ଆଦି କାର୍ଯ୍ୟ ଏହି ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ମାଧ୍ୟମରେ କରାଯିବ। ଏହାଛଡ଼ା କୃଷି ଓ କୃଷକ ସଶକ୍ତୀକରଣ,ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆଦି ଆନ୍ତଃ ବିଭାଗୀୟ ବ୍ୟବହାର ଓ ବିଶ୍ଳେଷଣ ପାଇଁ ଜଳବିଜ୍ଞାନ କେନ୍ଦ୍ରରୁ ତଥ୍ୟ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ଏବଂ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ହେବ ୨ ନଦୀଗର୍ଭ ଜଳାଶୟ

ଭୁବନେଶ୍ୱର,୧୮।୧୧(ଅନିଲ ଦାସ)

■ ଅନୁମୋଦନ ଦେଲେ ମୁଖ୍ୟମନ୍ତ୍ରୀ
■ ଖର୍ଚ୍ଚ ହେବ ୨୯୬.୫୦ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲା ପାଇଁ ୨ ନଦୀଗର୍ଭ ଜଳାଶୟ ପ୍ରକଳ୍ପ (ରିଭର ଇନ୍‌ଷ୍ଟ୍ରିମ୍ ପ୍ରୋଜେକ୍ଟ)କୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୨୯୬.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ୨ ପ୍ରକଳ୍ପ ହେଲା ସୁନଗଡ଼ ନଦୀରେ ସିକୁଆଁ/ସିଲେଟକଣି ନଦୀଗର୍ଭ ଜଳାଶୟ ଏବଂ ଅଙ୍ଗ ନଦୀରେ କୁଟସିଙ୍ଘା ନଦୀଗର୍ଭ ଜଳାଶୟ। ସିକୁଆଁ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୪୯ କୋଟି ଏବଂ କୁଟସିଙ୍ଘା ପ୍ରକଳ୍ପ ପାଇଁ ୨୪୭.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବଲାଙ୍ଗୀର ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଏହି ୨ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୪ ବ୍ଲକର ଲୋକେ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପଶୁପାଳନ ଆଦି କ୍ଷେତ୍ରରେ ବିଶେଷ ସୁଫଳ ମିଳିବ। ସିକୁଆଁ ପ୍ରକଳ୍ପ ଦ୍ୱାରା ଦେଓଗାଁ ଓ ବଲାଙ୍ଗୀର ବ୍ଲକର ଜନସାଧାରଣ ଏବଂ କୁଟସିଙ୍ଘା ପ୍ରକଳ୍ପ ଦ୍ୱାରା ଡୁଙ୍ଗୁରିପାଲି ଓ ଆଗଲପୁର ବ୍ଲକର ଲୋକେ ଉପକାର ପାଇବେ।

# ମାହାଙ୍ଗା ଡବଲ ମର୍ଡର: ପ୍ରତାପ ଜେନାଙ୍କ ଶୁଣାଣି ଘୁଞ୍ଚିଲା

ମାହାଙ୍ଗା/ନିଶ୍ଚିନ୍ତକୋଇଲି,୧୮।୧୧
(ଯଯାତି ସିଂ/ଅଶୋକ ମହାପାତ୍ର)

ସାଲେପୁର ଜେଏମ୍‌ଏଫ୍‌ସି (ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ)ରେ ମାହାଙ୍ଗା ଡବଲ ମର୍ଡର ମାମଲାର ଶୁଣାଣି ଶନିବାର ଘୁଞ୍ଚିଛି। ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବା ଦର୍ଶାଇ ବିଧାୟକ ପ୍ରତାପ ଜେନାଙ୍କ ଓକିଲ ଅଧିକ ସମୟ ମାଗିଛନ୍ତି। ସିଆର୍‌ପିସି ୨୦୫ ଓ ପ୍ରତିପକ୍ଷଙ୍କ ୨୧୦ ଆବେଦନ ଆଧାରରେ ପ୍ରତାପଙ୍କ ବ୍ୟକ୍ତିଗତ ହାଜିରା ଉପରେ ଶୁଣାଣି ହେବାର ଥିଲା। ଏହି ମାମଲାରେ ବିଧାୟକ ଜେନାଙ୍କୁ ହତ୍ୟା ଅଭିଯୁକ୍ତ ଭାବେ ମାମଲା ଚାଲୁ ରଖିବାକୁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ତାଙ୍କୁ ଅକ୍ଟୋବର ୩୧ ସୁଦ୍ଧା ବ୍ୟକ୍ତିଗତଭାବେ କୋର୍ଟରେ ହାଜିର ହେବା ପାଇଁ ସମନ ଜାରି କରିଥିଲେ। ଏହାପରେ ବିଧାୟକ ଜେନାଙ୍କ ଅଡୁଆ ବଢ଼ିଥିଲା। ସେ ଅସୁସ୍ଥତା ଥିବା ଦର୍ଶାଇ କୋର୍ଟରେ ହାଜର ନ ହୋଇ ନିଜର ଓକିଲଙ୍କ ସହାୟତାରେ ୨ ସପ୍ତାହ ପାଇଁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟକୁ ସମୟ ମାଗିଥିଲେ। ଏଥିସହ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

# ଓପନ୍‌ଏଆଇ ସିଇଓ ପଦରୁ ସାମ୍ ଅଲ୍ଟମ୍ୟାନ୍ ବିଦା

ୱାଶିଂଟନ,୧୮।୧୧

ଲୋକପ୍ରିୟ ଚାଟ୍‌ବୋଟ୍ ଚାଟ୍ ଜିପିଟିର ସ୍ରଷ୍ଟା ଓପନ୍‌ଏଆଇ ସିଇଓ ପଦରୁ ସାମ୍ ଅଲ୍ଟମ୍ୟାନ୍‌ଙ୍କୁ ବହିଷ୍କାର କରାଯାଇଛି। ଶୁକ୍ରବାର କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ବସି ଅଲ୍ଟମ୍ୟାନ୍‌ଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓପନ୍‌ଏଆଇର ମୁଖ୍ୟ ପ୍ରଯୁକ୍ତି ଅଫିସର ମୀରା ମୂରତିଙ୍କୁ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ କରାଯାଇଛି। ଏହି ଘୋଷଣାର କିଛି ଘଣ୍ଟା ପରେ କମ୍ପାନୀର ଅଧ୍ୟକ୍ଷ ତଥା ସହପ୍ରତିଷ୍ଠାତା ପଦରୁ ଗ୍ରେଗ୍ ବ୍ରୋକ୍‌ମ୍ୟାନ୍ ଇସ୍ତଫା ଦେଇଛନ୍ତି।

ଓପନ୍‌ଏଆଇ ପକ୍ଷରୁ ଏକ ବ୍ଲଗ୍‌ପୋଷ୍ଟରେ କୁହାଯାଇଛି, କମ୍ପାନୀର ପ୍ରତିଷ୍ଠା ଏବଂ ଅଭିବୃଦ୍ଧିରେ ଅଲ୍ଟମ୍ୟାନ୍‌ଙ୍କ ଅବଦାନ ପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ କମ୍ପାନୀ ଆଗକୁ ବଢୁଥିବାରୁ ନୂଆ ନେତୃତ୍ୱର ଆବଶ୍ୟକତା ଜରୁରୀ ବୋଲି ଆମେ ବିଶ୍ୱାସ କରୁଛୁ। କମ୍ପାନୀର ଗବେଷଣା, ଉତ୍ପାଦନ ଓ ନିରାପତ୍ତା କାର୍ଯ୍ୟରେ ନେତୃତ୍ୱ ନେଇଥିବା ମୀରାଙ୍କୁ ଅନ୍ତରୀଣ ସିଇଓ ଭୂମିକା ନେବା ପାଇଁ ଯଥେଷ୍ଟ ଯୋଗ୍ୟ ବୋଲି ଏଥିରେ କୁହାଯାଇଛି। ୨୦୧୫ରେ ଆରମ୍ଭ ହୋଇଥିବା ଓପନ୍‌ଏଆଇ ୨୦୨୨ ନଭେମ୍ବର ୩୦ରେ ଚାଟ୍‌ଜିପିଟି ଶୁଭାରମ୍ଭ କରିଥିଲା। ଏହି ଚାଟ୍‌ବୋଟ୍ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ସଫ୍ଟୱେର ଆପ୍ଲିକେଶନରେ ପରିଣତ ହୋଇଛି।

## ଅଲ୍ଟମ୍ୟାନ୍ ବହିଷ୍କୃତ ହେଲେ କାହିଁକି?

ବୋର୍ଡ ଜାଣିଶୁଣି ଏକ ସମୀକ୍ଷା ପ୍ରକ୍ରିୟା ଜରିଆରେ ଅଲ୍ଟମ୍ୟାନ୍‌ଙ୍କୁ ଓପନ୍‌ଏଆଇରୁ ବହିଷ୍କାର କରିଥିବା କୁହାଯାଉଛି। ବୋର୍ଡ ସହ ତାଙ୍କର ସମ୍ପର୍କ କ୍ରମାଗତ ଭାବେ ଅସ୍ୱଚ୍ଛ ରହିଆସିଥିଲା। ଦାୟିତ୍ୱ କାର୍ଯ୍ୟକାରୀ କରିବାରେ କମ୍ପାନୀର ସାମର୍ଥ୍ୟକୁ ଲୁଚାଇ ରଖାଯାଉଥିଲା। ତେଣୁ କମ୍ପାନୀର ନେତୃତ୍ୱ ବଜାୟ ରଖିବାରେ ଅଲ୍ଟମ୍ୟାନ୍‌ଙ୍କ ସାମର୍ଥ୍ୟ ଉପରେ ବୋର୍ଡର ଭରସା ନ ଥିଲା ବୋଲି ଓପନ୍‌ଏଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ବୋର୍ଡ ନିଷ୍ପତ୍ତିରେ ଅଲ୍ଟମ୍ୟାନ୍ ଏବଂ ମୁଁ ମର୍ମାହତ ଓ ଦୁଃଖିତ ବୋଲି ବ୍ରୋକ୍‌ମ୍ୟାନ୍ ଏକ୍ସ'ରେ ପୋଷ୍ଟ କରିଛନ୍ତି। ପ୍ରକୃତରେ କ'ଣ ପାଇଁ ସିଇଓ ପଦରୁ ଅଲ୍ଟମ୍ୟାନ୍‌ଙ୍କୁ ବାହାର କରାଗଲା, ତାହା ଜାଣିବା ପାଇଁ ଆମେ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

## ମୀରା ମୂରତି ଅନ୍ତରୀଣ ମୁଖ୍ୟ



ସାମ୍ ଅଲ୍ଟମ୍ୟାନ୍



ମୀରା ମୂରତି

## ମୀରା ମୂରତି କିଏ

ମୀରା ମୂରତି(୩୪) ଜଣେ ଆଲବାନୀୟ ମେକାନିକାଲ ଇଞ୍ଜିନିୟର ତଥା ବିଜ୍‌ନେସ୍ ଏକ୍ଜିକ୍ୟୁଟିଭ୍। ସେ ୨୦୧୮ରେ ଓପନ୍‌ଏଆଇରେ ଯୋଗଦେଇ କମ୍ପାନୀର ମୁଖ୍ୟ ପ୍ରଯୁକ୍ତି ଅଫିସର (ସିଟିଓ) ଭାବେ କାର୍ଯ୍ୟ କରୁଥିଲେ। ସାମ୍ ଅଲ୍ଟମ୍ୟାନ୍‌ଙ୍କ ସ୍ଥାନରେ ତାଙ୍କୁ ଓପନ୍‌ଏଆଇର ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି ଦିଆଯାଇଛି। ସେ ଚାଟ୍‌ଜିପିଟି ଏବଂ ଡାଲ୍-ଇର ବିକାଶ ଉପରେ କାର୍ଯ୍ୟ କରୁଥିବାବେଳେ ଗତବର୍ଷ ଏହାର ସିଟିଓ ହୋଇଥିଲେ। ଓପନ୍‌ଏଆଇରେ ଯୋଗଦେବା ପୂର୍ବରୁ ମୀରା ଟେସ୍‌ଲା କମ୍ପାନୀରେ କାମ କରୁଥିଲେ। ମଡେଲ୍ ଏକ୍ସ କାର୍ ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ହାତ ଏବଂ ଆଙ୍ଗୁଠିର ଗତିଶୀଳତାକୁ ଟ୍ରାକ୍ କରିବା ପାଇଁ କମ୍ପ୍ୟୁଟିଂ ସିଷ୍ଟମ୍‌ର ବିକାଶ କରିଥିବା ଲିପ୍ ମୋଶନ ନାମକ ଷ୍ଟାର୍ଟଅପ୍‌ରେ ମଧ୍ୟ ତାଙ୍କର ମୁଖ୍ୟ ଭୂମିକା ଥିଲା। ୧୯୮୮ ଡିସେମ୍ବରରେ ଆଲବାନିଆର ଭ୍ଲୋର୍‌ରେ ଜନ୍ମିତ ମୀରାଙ୍କ ମାଆବାପା ଭାରତୀୟ ବଂଶୋଦ୍ଭବ ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେ ଡାର୍ଟମାଉଥ କଲେଜ, ପିଅର୍ସନ କଲେଜ୍ ୟୁଡବ୍ଲ୍ୟୁସି, ୟୁନାଇଟେଡ୍ ୱାର୍ଲ୍ଡ କଲେଜରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଉପରେ ଶିକ୍ଷା ଗ୍ରହଣ କରିଥିଲେ।

## ଡିସେମ୍ବର ୧୮କୁ ଘୁଞ୍ଚିଲା ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନଭେମ୍ବର ୧୮ ଓ ୧୯ରେ ହେବାକୁ ଥିବା ୨୪ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସକୁ ଡିସେମ୍ବର ୧୮ ଓ ୧୯କୁ ଘୁଞ୍ଚାଇ ଦିଆଯାଇଛି। ଓଡିଶା ପରିବେଶ ସମିତି (ଓଇଏସ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହେବାକୁ ଥିବା ଏହି ସମ୍ମିଳନୀର ଚଳିତବର୍ଷର ମୁଖ୍ୟ ବିଷୟ ରହିଛି 'ପରିବେଶୀୟ ଆହ୍ୱାନ- ବିଜ୍ଞାନ ଓ ପ୍ରଯୁକ୍ତିର ଭୂମିକା'। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୃଷ୍ଠପୋଷକତାରେ ଏହି କଂଗ୍ରେସର ବିଭିନ୍ନ ଉପ-ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ ନିମନ୍ତେ ବୈଜ୍ଞାନିକ ଏବଂ ଶିକ୍ଷାବିତ୍‌ମାନେ ନିମନ୍ତ୍ରିତ ହୋଇଛନ୍ତି।






**ଆଜିର ମନ୍ତବ୍ୟ**

"ଧନୀଙ୍କୁ ଅଧିକ ଧନୀ ଏବଂ ଗରିବଙ୍କୁ ଅଧିକ ଗରିବ କରାଇବା ଦିଗରେ ଭାଜପା କାମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେ ଉଦ୍ୟମ କଲେ ମଧ୍ୟ ରାଜସ୍ଥାନରେ କଂଗ୍ରେସ କ୍ଷମତା ବଜାୟ ରଖିବ । **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ତେଲ ଗଲେ ମିଳି,**
**ପିଡ଼ିଆକୁ ଦେଲେ ଅଲଗା କରି।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲିସଫା କରିବାହାର କରେ, ସେତେବେଳେ ପିଡ଼ିଆ ଅଲଗା ହୋଇଯାଏ। ପରୋକ୍ଷରେ ସଭା, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ, ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡରକିଲା କୁଆ**
**ଶହେ ବରଷ ଜିଏଁ**

ଯିଏ ଯେତେ ସତର୍କ ସିଏ ସେତେ ବିପଦମୁକ୍ତ। ହୁସିଆର ବା ସାବଧାନ ସହକାରେ ଚଳୁଥିବା ବ୍ୟକ୍ତି ସହଜରେ କୌଣସି ବିପଦରେ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି ଆଇସିସି ବିଶ୍ୱକପ ଫାଇନାଲ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅନ୍ୟମନସ୍କ କାରଣରୁ କର୍ମକ୍ଷେତ୍ରରେ ତିରସ୍କୃତ ହୋଇପାରନ୍ତି। ଜମିଜମା କାରବାର କୌଣସି ପ୍ରତିବନ୍ଧକରୁ ବାଧାପ୍ରାପ୍ତ ହେବ। କ୍ରୀଡ଼ା, ଚଳଚ୍ଚିତ୍ର, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ଶୁଭଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା ନିରର୍ଥକ ହେବ ନାହିଁ। ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିବା କାରଣରୁ ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବାର ବହୁତ ସମ୍ଭାବନା ରହିଛି। ପରିବାରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଜମିଜମା କାରବାର, ମାଲି ମକଦ୍ଦମା କ୍ଷେତ୍ରରୁ ଲାଭବାନ୍ ହେବେ।

**ମିଥୁନ** କୌଶଳ ପ୍ରୟୋଗ କରି କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ। ନିଜ ଗୃହ ସମସ୍ୟାକୁ ସଜାଡିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିବା ସକାଶେ ଅର୍ଥ ଲାଭର ଯୋଜନା କରିପାରନ୍ତି। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତତା ପ୍ରକାଶ କରିବାକୁ ପଡ଼ିବ। କଚେରି ମାମଲାର ଆଶୁ ଶୁଣାଣି ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ** ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ଆଜିର ଯାତ୍ରାରେ ସଫଳତା ମିଳିବା ସକାଶେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କୁହନ୍ତୁ। କାମର ଚାପ ବହୁତ ବଢ଼ିଯିବା କାରଣରୁ କୌଣସି କଥା ଭଲ ଲାଗିବ ନାହିଁ। ନିର୍ମାଣ, ଯୋଗାଯୋଗ, ପ୍ଲଟିଂ କାରବାର ପାଇଁ ଦିନଟି ମନ୍ଦ ହେବନି।

**କନ୍ୟା** ମତପାର୍ଥକ୍ୟ ଘଟିବା କାରଣରୁ ପରିବାରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବ। ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିରେ ସହାୟକ ହେବ। ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ।

**ତୁଳା** ଆଜିର କର୍ମକ୍ଷେତ୍ରରେ ଆପଣ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ତିକ୍ତତା ବୃଦ୍ଧି ପାଇବ। ଆଜିର ଯାତ୍ରାରେ ସଫଳତା ପାଇବେ ଏବଂ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ଭୁଲ୍ ବୁଝାମଣା ହେତୁ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟକୁ ଆପଣେଇ ନେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ, କଳା ଓ ସାହିତ୍ୟ, ଏଜେନ୍ସିପ୍ ପ୍ରଭୃତିରୁ ସୁଫଳ ପାଇବେ। ଜମିଜମା କାରବାର, ସାଂସ୍କୃତିକ କାର୍ଯ୍ୟ ଓ ନୂତନ ଯୋଜନା କ୍ଷେତ୍ରରେ ସମସ୍ୟା ଆସିପାରେ।

**ଧନୁ** ଆଜିର କର୍ମକ୍ଷେତ୍ରରେ ସହକର୍ମୀ, ପରିବାରରେ ଭାଇ ଭଉଣୀ କିମ୍ବା ପଡ଼ୋଶୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। କିନ୍ତୁ କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସାୟାହ୍ନେ ସତ୍‌ସଙ୍ଗ ପ୍ରତି ମନ ବଳିବ ଓ ଶାନ୍ତି ପାଇବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର** ଅପରାହ୍ନରେ ଜଗିରଖି ନ ଚଳିଲେ ଅସୁବିଧାରେ ପଡ଼ିବେ। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସଂଭାବନା ପୂର୍ଣ୍ଣମାତ୍ରାରେ ରହିଛି। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ମାନସିକ ସ୍ଥିରତା ଆସିବ। ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**ମୀନ** ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି। ଆର୍ଥିକ ଦିଗ ଭଲ ରହିବ।

ଆଜି ଜାତୀୟ ସଂହତି ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମୁକ୍ତିମଣ୍ଡପର ଷୋଳଶାସନ ଭୋଗ, କାର୍ତ୍ତିକ ଶୁକ୍ଳ ସପ୍ତମୀ ରବିବାର, ନଭେମ୍ବର ୧୯ ତାରିଖ, ରାଶିନକ୍ଷତ୍ର-ଶ୍ରବଣା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪. ଗତେ ଘ.୦୮।୫୭ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

# ମୁଣ୍ଡ, ହାତ ନ ଥିବା ଶିଶୁ ଜନ୍ମ



**ଠାକୁରମୁଣ୍ଡା,୧୮।୧୧ (ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜଣେ ଗର୍ଭବତୀ ୨ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ଜନ୍ମିତ ଶିଶୁଙ୍କ ମଧ୍ୟରୁ ଗୋଟିଏ ଶିଶୁ କନ୍ୟାର ମୁଣ୍ଡ ଓ ଗୋଡ଼ ନ ଥିବା ଦେଖାଯାଇଛି। ଖବର ପ୍ରଚାର ପରେ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସୀମାନ୍ତ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ପଣସଡ଼ିହା ପଞ୍ଚାୟତ ରାଉତ ମୁଦୟାଙ୍କ ସ୍ତ୍ରୀ ସଦୁଗାମଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ତାଙ୍କୁ ଡାକ୍ତରଖାନା ଆଣିବା ବାଟରେ ଆମ୍ବୁଲାନ୍ସରେ ଗୋଟିଏ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ପରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦିନ ପ୍ରାୟ ୪.୧୫ ମିନିଟ୍ ସମୟରେ ମୃତ ଅବସ୍ଥାରେ ଆଉ ଏକ ମୁଣ୍ଡ ହାତ ନ ଥିବା ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ସୁଦଗାମଙ୍କ ଏହା ୪ ର୍ଥ ଗର୍ଭରୁ ୨ ଶିଶୁ ଜନ୍ମଲାଭ କରିଥିବା ଜଣାପଡ଼ିଛି। ଅନ୍ୟ ଶିଶୁର ଅବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ତାଙ୍କର ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ମଡ୍ୟୁଲାର ଓଟି

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୧୧(ଅସମାପିକା ସାହୁ)**

ପିଜିଆଇଏମ୍ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲରେ ରାଜ୍ୟର ପ୍ରଥମ ଅତ୍ୟାଧୁନିକ ମଡ୍ୟୁଲାର ଅପରେଶନ ଥିଏଟର (ଓଟି) କମ୍ପ୍ଲେକ୍ସ ସ୍ଥାପନ କରାଯାଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିଛନ୍ତି। ଗୁରୁତର ରୋଗୀ ଏଠାରେ ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ବୋଲି ସେ କହିଛନ୍ତି। ମଡ୍ୟୁଲାର ଓଟିରେ ଅତ୍ୟାଧୁନିକ ଚିକିତ୍ସା ସରଞ୍ଜାମର ବ୍ୟବସ୍ଥା ରହିଛି। ଏକା ସାଙ୍ଗରେ ୮ ଜଣଙ୍କର ଅସ୍ତ୍ରୋପଚାର ହୋଇପାରିବ। ଏହି ଓଟି ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ୧୬.୭୬ କୋଟି ଟଙ୍କା। ରାଜ୍ୟ ସରକାର ୧୫.୩୪ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ବିମାନବନ୍ଦର ପ୍ରାଧିକରଣ ଔଦ୍ୟୋଗୀୟ ସାମାଜିକ କର୍ତ୍ତବ୍ୟ ପାଣ୍ଠିରୁ ୧.୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧ ମହଲାବିଶିଷ୍ଟ ଏହି କୋଠାରେ ୮ଟି ଗୃହ ରହିଛି। ଏଥିମଧ୍ୟରୁ ୫ଟି ଗୃହରେ ଓଟିର ବ୍ୟବସ୍ଥା ରହିଥିବାବେଳେ ବାକି ଦୁଇଟିରେ ରୋଗୀଙ୍କ ପାଇଁ ଶଯ୍ୟା ରହିଛି। ଏବେ ଜଟିଳ ଅସ୍ତ୍ରୋପଚାର ପାଇଁ ଆସୁଥିବା ରୋଗୀଙ୍କୁ ଆଉ ଅନ୍ୟ ହସ୍ପିଟାଲକୁ ରେଫର କରାଯିବ ନାହିଁ। ଏହାଦ୍ୱାରା ରେଫେରାଲ ସଂଖ୍ୟା ମଧ୍ୟ ହ୍ରାସ ପାଇବ। ବିଶେଷ କରି ଅସ୍ଥିଶଲ୍ୟ ଓ ହୃଦରୋଗ ବିଭାଗର ଅସ୍ତ୍ରୋପଚାର ସୁବିଧାରେ ହୋଇପାରିବା ସହ ସାଧାରଣ ରୋଗୀ ଅଧିକରୁ ଅଧିକ ଉପକୃତ ହୋଇପାରିବେ। ଓଟି ଉଦ୍‌ଘାଟନ ଉତ୍ସବରେ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ୍, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ଓ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ପରେ ମଡ୍ୟୁଲାର ଓଟି କମ୍ପ୍ଲେକ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବିଧାୟକଙ୍କ ମାତୃ ବିୟୋଗ

**ବାରିପଦା,୧୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ସୀତାମଣି ସୋରେନ

ମୟୂରଭଞ୍ଜ ଜିଲା ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ମା' ସୀତାମଣି ସୋରେନ(୮୦)ଙ୍କ ଶନିବାର ଅପରାହ୍ନରେ ନିଜ ବାସଭବନ ନୟାବ୍ରଜନନ୍ଦନପୁରଠାରେ ପରଲୋକ ହୋଇଛି। କିଛିଦିନ ତଳେ ବାସଭବନରେ ତାଙ୍କର ମୁଣ୍ଡ ବୁଲାବାରୁ ପଡ଼ିଯାଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଘରକୁ ଫେରିବାର ତିନିଦିନ ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୮।୧୧(ଅସମାପିକା ସାହୁ)**

ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଶନିବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ହେଉଥିବା ରୋଗୀସେବା ସମ୍ବନ୍ଧୀୟ ଅନେକ ବିକାଶମୂଳକ କାର୍ଯ୍ୟ, ଗବେଷଣା ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ରାଜ୍ୟପାଳ ମଧ୍ୟ ରୋଗୀସେବା ଓ ସମାଜ ପ୍ରତି ଏମ୍ସ ଭୁବନେଶ୍ୱରର ସେବା ମନୋଭାବ ଏବଂ ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।



ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜି ମହାମୁକାବିଲା...

ଭାରତୀୟ ଦଳ ଟ୍ରଫି ଜିତିବା ଦ୍ୱାରା ଏହାକୁ ପୁନର୍ବାର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇବାରେ ସାହାଯ୍ୟ କରିବ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚଳିତ ବିଶ୍ୱକପ୍‌ରେ ସମ୍ମୁଖ ଭାଗରୁ ଆକ୍ରମଣ କରିଛନ୍ତି। ୧୨୪ର ଷ୍ଟ୍ରାଇକରେଟ୍ ସହିତ ସେ ୫୫୦ ରନ୍ ସ୍କୋର କରିଥିବା ବେଳେ କୋହଲି ସ୍କୋର କରିଛନ୍ତି ୭୧୧ ରନ୍। ଉଭୟ ଖେଳାଳି ଭାରତ ପାଇଁ ରନ୍ ମେଶିନ ରହିଛନ୍ତି। ଡେଙ୍ଗୁରୁ ଆରୋଗ୍ୟ ଲାଭ କରିଥିବା ଶୁବମନ ଗିଲ୍ ଚମତ୍କାର ଫର୍ମରେ ରହିଛନ୍ତି। ଶର୍ଟବଲ ଦୁର୍ବଳତାକୁ ଦୂରେଇ ଫାଇନାଲ ମ୍ୟାଚ୍ ପୂର୍ବରୁ ଲଗାତର ଦୁଇଟି ଶତକ ହାସଲ କରିଛନ୍ତି ଶ୍ରେୟସ ଆୟର। ତେବେ ଭାରତୀୟ ମଧ୍ୟକ୍ରମକୁ ସବୁଠାରୁ ଅଧିକ ଦୃଢ଼ କରୁଛି ଲୋକେଶ ରାହୁଲଙ୍କ ଉପସ୍ଥିତି। ତେବେ ଦଳର ଟ୍ରମ୍ପକାର୍ଡ ରହିଛନ୍ତି ମହମ୍ମଦ ଶାମି। ଅମରୋହା ଏକ୍ସପ୍ରେସ୍ ନାମରେ ପରିଚିତ ଏହି ସ୍ୱିଙ୍ଗଷ୍ଟର ଜଣକ ୬ ମ୍ୟାଚରୁ ୨୩ ଉଇକେଟ ନେଇଛନ୍ତି। ଏହାବ୍ୟତୀତ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ମଧ୍ୟ ବଲ୍ ଜରିଆରେ ଉପଯୋଗୀ ଅବଦାନ ଦେବାରେ ସମର୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଭାରତ ପରି ବିପଜ୍ଜନକ ମନେହେଉନାହିଁ। ତେବେ ବଡ ଟୁର୍ନାମେଣ୍ଟରେ ଏହାର ପୂର୍ବ ପ୍ରଦର୍ଶନ ଓ ଦଳର ଲଢୁଆ ମନୋଭାବ ହିଁ ଏହାକୁ ଅଧିକ ବିପଜ୍ଜନକ ଭାବେ ପ୍ରତିପାଦିତ କରୁଛି। ବଡ ମ୍ୟାଚ୍‌ରେ ପ୍ରଦର୍ଶନ କରିବାର କଳାରେ ଅଷ୍ଟ୍ରେଲିଆର ଖେଳାଳିମାନେ ସିଦ୍ଧହସ୍ତ। ଏହା ସହିତ ପ୍ରଥମ ଲିଗ୍ ମ୍ୟାଚରେ ବିରାଟ କୋହଲିଙ୍କ କ୍ୟାଚ୍ ଡ୍ରପ୍ କରିବାରୁ ମ୍ୟାଚ୍ ହାରିଥିବା ନେଇ ସ୍ୱୀକାର କରିଛନ୍ତି ଅଧିନାୟକ ପ୍ୟାଟ କମିନ୍ସ। ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମାନ ଭୁଲ ଦୋହରାଇବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ ୩୦ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ଏକ ଗର୍ବର ବିଷୟ। ଭାରତକୁ ଅଧିକ ସମର୍ଥନ ମିଳିବ। ତେବେ ଏହା ପୂର୍ବରୁ ଭାରତରେ ଆମେ ଏକ ଦିନିକିଆ ସିରିଜ ଜିତିଥିଲୁ ବୋଲି କମିନ୍ସ କହିଛନ୍ତି। ଦଳରେ ଏକାଧିକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳ ନିକଟରେ ଆଡାମ ଜାମ୍ପାଙ୍କୁ ବାଦ୍ ଦେଲେ ଭଲ ସ୍ପିନର ନାହାନ୍ତି। ଫାଇନାଲ ପାଇଁ ଯଦି ସ୍ପିନିଂ ଟ୍ରାକ୍ ରୁହେ ତେବେ ଅଷ୍ଟ୍ରେଲିଆ ପଛରେ ପଡିବାର ସମ୍ଭାବନା ଅଧିକ।

## 'କୋଶଳ' ଦାବିରେ ...

ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଏହିସବୁ ଜିଲାରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ସକାଳ ୬ଟାରୁ ବିଭିନ୍ନ ସ୍ଥାନରେ ପିକେଟିଂ, ସଭା, ଶୋଭାଯାତ୍ରା କରିଥିଲେ। ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିକୁ ସେମାନେ ଯଥାର୍ଥ ବୋଲି କହିଥିଲେ। ଏହାକୁ ସରକାର ତୁରନ୍ତ ପୂରଣ କରିବା ଉଚିତ ବୋଲି ଧାରଣା ସଭାରେ ଆନ୍ଦୋଳନକାରୀ ଦାବି କରିଥିଲେ।

ବନ୍ଦର ପ୍ରଭାବ ବରଗଡ଼ ଜିଲାର ଗାଁଠାରୁ ସହର ସବୁଆଡ଼େ ପଡ଼ିଥିଲା। ସକାଳ ୬ରୁ ଦୋକାନ, ବଜାରକୁ ଲୋକେ ସ୍ୱତଃସ୍ଫୂର୍ତ୍ତ ବନ୍ଦ କରିଦେଇଥିଲେ। ସରକାରୀ, ବେସରକାରୀ ଦପ୍ତର, ସ୍କୁଲ, କଲେଜ ମଧ୍ୟ ବନ୍ଦ ରହିଥିଲା। ବଲାଙ୍ଗୀର ଜିଲା ସଦର ମହକୁମା ସମେତ ସହରାଞ୍ଚଳ ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି, ତୁଷରା, ସମସ୍ତ ୧୪ ବ୍ଲକ୍ ମହକୁମା ଓ ଗ୍ରାମାଞ୍ଚଳରେ କୋଶଳ ମହାବନ୍ଦର ତାତି ଅନୁଭୂତ ହୋଇଥିଲା। ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭା ଏବଂ ବିକ୍ଷୋଭ ସମାବେଶରେ ଶତାଧିକ କୋଶଳବାଦୀ ସଙ୍ଗଠନ, ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ସଙ୍ଗଠନ, ଜାତି ସମାଜ ଏବଂ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଆନ୍ଦୋଳନକାରୀ ବଲାଙ୍ଗୀର ପଞ୍ଚାୟତ ସାଧନ କେନ୍ଦ୍ରରେ ଚାଲିଥିବା ଏକ ଟ୍ରେନିଂ କାର୍ଯ୍ୟକ୍ରମକୁ ବିରୋଧକରି ଭଙ୍ଗାରୁଜା କରିଥିଲେ। ଡେଲିମାର୍କେଟ ଏବଂ ଟିକ୍ରାପଡ଼ା ରେଲଷ୍ଟେଶନ ରାସ୍ତାରେ ଖୋଲାଥିବା କେତେଜଣ ଦୋକାନୀଙ୍କୁ ଆନ୍ଦୋଳନକାରୀ ଧମକ ଦେଇଥିଲେ। ଏହାସହିତ ଲିଟିଲ୍ ଫ୍ଲାୱାର ସ୍କୁଲ, ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଭଙ୍ଗାରୁଜା କରିଥିଲେ। ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୮ ଆନ୍ଦୋଳନକାରୀଙ୍କୁ ଟାଉନ୍ ଥାନାକୁ ଆଣି ଅଟକ ରଖିଥିଲା। ସେମାନଙ୍କୁ ରଖାଯିବା ଖବର ପ୍ରଚାରିତ ହେବା ପରେ ଅନ୍ୟ ଆନ୍ଦୋଳନକାରୀ ଟାଉନ୍ ଥାନା ସମ୍ମୁଖକୁ ଆସି ନାରାବାଜି କରିଥିଲେ। ଏସ୍‌ଡିପିଓ ତୋଫାନ୍‌ବାଗ ଏବଂ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ଘେରିଯାଇ ତୁରନ୍ତ ଆନ୍ଦୋଳନକାରୀଙ୍କୁ ଛାଡ଼ିଦେବା ପାଇଁ କହିଥିଲେ। କିଛି ସମୟ ପରେ ସମସ୍ତ ୮ ଜଣ ଅଟକ ଆନ୍ଦୋଳନକାରୀଙ୍କୁ ଛାଡି ଦିଆଯାଇଥିଲା।

ମହାବନ୍ଦ ପ୍ରଭାବରେ ସୁବର୍ଣ୍ଣପୁର ଜିଲା ସଦର ମହକୁମା ସମେତ ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି, ବିନିକା ଓ ତରଭା ଅଞ୍ଚଳରେ ଅନୁଭୂତ ହୋଇଥିଲା। କୋଶଳ ମୁକ୍ତିମୋର୍ଚ୍ଚା ରାଜ୍ୟ ସଭାପତି ସାଗର ଦାସଙ୍କ ନିର୍ଦ୍ଦେଶରେ କୋମନାଠାରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶାହରୁଖ ଖାନ୍ ଓ ପାଶା ମହାନନ୍ଦଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ନୂଆପଡ଼ାରେ କେଶବ ବେହେରାଙ୍କ ନେତୃତ୍ୱରେ ଶତାଧିକ କୋଶଳ କର୍ମୀ ଜିଲା ସଦର ମହକୁମାକୁ ବନ୍ଦ କରିଥିଲେ। କଳାହାଣ୍ଡି ଜିଲାର ଭବାନୀପାଟଣା, କେସିଙ୍ଗା, ଧର୍ମଗଡ଼, ନର୍ଲା, ଥୁଆମୂଳ ରାମପୁର, କର୍ଲାମୁଣ୍ଡା ଆଦି ବ୍ଲକରେ ଦୋକାନବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅନେକ ସ୍ଥାନରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ରାସ୍ତା ଅବରୋଧ କରିଥିଲେ। ରାଜ୍ୟ କୋଶଳ ମୁକ୍ତିମୋର୍ଚ୍ଚାର ସଭାପତି ସାଗର ଚରଣ ଦାସଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ବୌଦ୍ଧ ସହର, ବୌଦ୍ଧ ବ୍ଲକ ଓ କଣ୍ଟାମାଳ ବ୍ଲକରେ ବନ୍ଦ ସଫଳ ହୋଇଥିବା ବେଳେ ହରଭଙ୍ଗା ବ୍ଲକରେ ବନ୍ଦର ପ୍ରଭାବ ଆଦୌ ପଡ଼ି ନ ଥିଲା। ବୌଦ୍ଧ ସହରରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଦୋକାନବଜାର, ବିଦ୍ୟାଳୟ, ସରକାରୀ ଅନୁଷ୍ଠାନ, ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥିବା ବେଳେ କୋର୍ଟକାର୍ଯ୍ୟ ସ୍ୱାଭାବିକ ରହିଥିଲା। ସୁନ୍ଦରଗଡ଼ ରାଜ୍ୟ ରାଜପଥର ପତ୍ରାପାଲି ଛକରେ କୋଶଳ ସମାଜ ସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। କୋଶଳ ସମାଜର ମହିଳା ସଚିବ ପଦ୍ମା ଦେବୀ, ସାବିତ୍ରୀ ପଟେଲ, ସଂକୀର୍ତ୍ତନ କେରକେଟା, ସଦାନନ୍ଦ ପ୍ରଧାନ, ଗୀତା ସେଠ୍, ଅନିଲ ସିଂ ପ୍ରମୁଖ ଏଥିରେ ସାମିଲ ଥିଲେ। ଇବ୍ ସେତୁଠାରେ କୋଶଳ ରାଜ୍ୟ ସମନ୍ୱୟ ସମିତି ଏବଂ କୋଶଳ କ୍ରାନ୍ତି ଦଳ ପକ୍ଷରୁ ଜିଲା ସଂଗଠକ ଅଶୋକ ନାଏକ, ଅର୍ଜୁନ ପଟେଲ, ଗୁରୁ ନାଏକ, ଅମିତ ନାଏକ, ଯଦୁମଣି ପଟେଲ, ହରି ମାଝି ପ୍ରମୁଖ ରାସ୍ତାରୋକୋ କରିଥିଲେ।

## ଡିସେମ୍ବର ୩୧ରେ ...

ନୂଆବର୍ଷରେ ରାଜ୍ୟକୁ ନୂଆ ପୋଲିସ ଡିଜି ମିଳିବେ। ଡିଜିପି ଦୌଡ଼ରେ ୭ ଜଣ ବରିଷ୍ଠ ଆଇପିଏସ୍ ଅଫିସର ରହିଛନ୍ତି। ସେମାନେ ହେଲେ ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ରାୟ, ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି. ରାଧିକା, ଏ.ଏମ୍. ପ୍ରସାଦ, ଏସ୍.ଏମ୍. ନରୱଣେ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ.ବି. ଖୁରାନିଆ, ଅରୁଣ କୁମାର ଷଡ଼ଙ୍ଗୀ ଏବଂ ସୁଧାଂଶୁ ଷଡ଼ଙ୍ଗୀ। ନୂଆ ଡିଜିପି ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ଏହି ୭ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମକୁ ୟୁନିୟନ ପବ୍ଲିକ ସର୍ଭିସ କମିଶନ(ୟୁପିଏସ୍‌ସି)କୁ ସୁପାରିସ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି. ରାଧିକା, ଏ.ଏମ୍. ପ୍ରସାଦ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ.ବି. ଖୁରାନିଆ, ଅରୁଣ ଷଡ଼ଙ୍ଗୀ ଓ ସୁଧାଂଶୁ ଷଡ଼ଙ୍ଗୀ ଡିଜିପି ଦୌଡ଼ରେ ରହିଛନ୍ତି। ମାତ୍ର ବି. ରାଧିକାଙ୍କ ନାଁ ଏହି ଦୌଡ଼ରେ ସବୁଠୁ ଆଗରେ ରହିଛି। ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ସରକାର ଜଣେ ମହିଳା ଆଇପିଏସ୍ ଅଫିସରଙ୍କୁ ପୋଲିସ ବିଭାଗର ସର୍ବୋଚ୍ଚ ପଦବୀରେ ବସାଇବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ନିର୍ବାଚିତ ହେବା ପରେ ପୋଲିସ ମହାନିର୍ଦ୍ଦେଶକ ପଦରେ ମଧ୍ୟ ଜଣେ ମହିଳା ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବା ନେଇ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି।

ଯଦି ବି. ରାଧିକା ପୋଲିସ ବିଭାଗର ସର୍ବୋଚ୍ଚ ପଦରେ ନିଯୁକ୍ତି ହୁଅନ୍ତି ପ୍ରଥମ ଥର ପାଇଁ ଓଡ଼ିଶା ମହିଳା ଡିଜିପି ଦେଖିବାକୁ ପାଇବ । ୧୯୮୯ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେହିପରି ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ୱାଇ. ବି. ଖୁରାନିଆ ଏବେ ଇଷ୍ଟର୍ନ କମାଣ୍ଡ ବିଏସ୍ଏଫ୍‌ର ସ୍ପେଶାଲ ଡିଜି ଥିବାବେଳେ ଅରୁଣ ଷଡ଼ଙ୍ଗୀ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ, ସୁଧାଂଶୁ ଷଡ଼ଙ୍ଗୀ ହୋମ୍‌ଗାର୍ଡ ଡିଜି ଏବଂ ଏ.ଏମ୍. ପ୍ରସାଦ ଜେଲ୍ ଡିଜି ଅଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ସୁନୀଲ ବଂଶଲ ମୟୂରଭଞ୍ଜ ଏସ୍‌ପି ଥିଲେ। ତେବେ ୧୯୯୪ରେ ସେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ । ଓଡ଼ିଶା ଫେରିବା ପରେ ୨୦୨୧ ଡିସେମ୍ବର ୩୧ ତାରିଖରେ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ।





ଭୁବନେଶ୍ବରସ୍ଥିତ ନବୀନ ନିବାସରେ ଶନିବାର ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଭେଟୁଛନ୍ତି।

## ହାତୀ ଆକ୍ରମଣରେ ଜଣେ ମୃତ

ବାଉଁଶୁଣୀ,୧୮।୧୧(ଦେବାଶିଷ ନେପାକ)

ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ତିଲପଙ୍ଗା ବିଟ ଅଞ୍ଚଳର ମାର୍ଦ୍ଦିସୁକା ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାର୍ଦ୍ଦିସୁକା ଗ୍ରାମର ପାତ୍ର କହଁର (୪୨)।

ମିଳିଥିବା ସୂଚନା ଅନୁଯାୟୀ, ପାତ୍ର ଗ୍ରାମଠାରୁ ଦୂରରେ ଏକ ଝାଟିମାଟି ଘର କରି ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେ ଘରଠାରୁ ଅଳ୍ପ ଦୂରକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀ ତାଙ୍କୁ ଦଳି ଦେବା ଯୋଗୁ ମୃତ୍ୟୁ ଘଟିଥିବା ଜଣାଯାଇଛି। ଶନିବାର ଗ୍ରାମବାସୀ ମୃତଦେହ ପଡିଥିବା ଦେଖିବା ପରେ ଅନ୍ୟ ଗ୍ରାମରେ ରହୁଥିବା ପାତ୍ରଙ୍କ ଭାଇମାନଙ୍କୁ ଖବର ଦେଇଥିଲେ। ଖବର ପାଇ ଅପରାହ୍ନରେ ବନ ବିଭାଗ କର୍ମଚାରୀ ଓ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାପଡ଼ିଛି।

## ମୀନକେତନ ତାମଡା ଅଧକ୍ଷ



ମୀନକେତନ ଅମାନ୍ତ

ଅନୁଗୋଳ,୧୮।୧୧ (ଅମିତ କୁମାର ସାମଲ)

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ତାମଡା) ଅଧ୍ୟକ୍ଷ ଭାବେ ମୀନକେତନ ଅମାନ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବତନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରଠାରୁ ଏହି ପଦବୀ ଖାଲି ପଡିଥିଲା। ତାମଡା ଅଧ୍ୟକ୍ଷ ପଦ ପାଇଁ ମୀନକେତନଙ୍କ ନାମକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ଶୁକ୍ରବାର ହାଉସିଂ ଓ ଅର୍ବାନ ଡିପାର୍ଟମେଣ୍ଟ ତରଫରୁ ଏହି ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି।

# ମଧ୍ୟାହ୍ନଭୋଜନରେ ଝିଟିପିଟି

ଡେରାବିଶ,୧୮।୧୧ (ବେବର୍ତ୍ତା ଅଜୟ ଦାସ)




ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରୁଥିବା ପିଲାମାନେ।

୩ରୁ ୬ ବର୍ଷ ଯାଏ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରଦାନ ସହିତ ଖେଳକୌତୁକ ମାଧ୍ୟମରେ ଶିକ୍ଷାଦାନ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ପିଲାଙ୍କ ଯତ୍ନ ପାଇଁ କେନ୍ଦ୍ରରେ ଅବସ୍ଥାପିତ ଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା ସମ୍ପୂର୍ଣ୍ଣ ଭାବେ ତତ୍ପର ରହିଆନ୍ତି। ଏଥିପାଇଁ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ତେବେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ବାହାରିବା ଓ ସେହି ଖାଦ୍ୟ ଖାଇ ୧୧ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା ଶନିବାର କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ୍ ଅଧୀନ ନରସିଂହପୁର ପଞ୍ଚାୟତ ମୁଣ୍ଡିଲୋ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ୧୭ ଜଣ ପିଲାଙ୍କ ଉପସ୍ଥାନ ଥିଲା। ସେମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଭାତ ଡାଲମା ପ୍ରସ୍ତୁତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପିଲାମାନେ ଖାଇବା ପାଇଁ ବସିଥିଲେ। ହେଲେ ଖାଇବା ସମୟରେ ଡାଲମାରେ ଏକ ଝିଟିପିଟି ମୁଣ୍ଡ ବାହାରିବା ପିଲାମାନେ ଦେଖିଥିଲେ। ଏହାପରେ ସେହି ଖାଦ୍ୟ ଖାଇଥିବା ୧୧ ଜଣ ପିଲା ଅସୁସ୍ଥ ହୋଇପଡ଼ିଥିଲେ। ସେଥିମଧ୍ୟରୁ ୩ ପିଲାଙ୍କର ବାନ୍ତି ହୋଇଥିଲା। ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସମସ୍ତ ପିଲା ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି। ତେବେ ଏହି ଘଟଣା ଅଧ୍ୟୟନରତ ପିଲାଙ୍କ ଅଭିଭାବକ ମହଲରେ ଭୟ ସୃଷ୍ଟି ହୋଇଛି। ଏ ବିଷୟରେ ଗ୍ରାମର ଜଣେ ଅଭିଭାବକ ଶୈଳବାଳା ମଲିକ କହିଛନ୍ତି, ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ପିଲାମାନେ ଅସୁସ୍ଥ ହେବା ପରେ ଆମେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲୁ। ମାତ୍ର ପିଲାମାନଙ୍କ ସାଙ୍ଗରେ ଅଙ୍ଗନୱାଡି କର୍ମୀ କିମ୍ବା ସହାୟିକା ଯାଇ ନ ଥିଲେ। ଏ ସଂକ୍ରାନ୍ତରେ ଅଙ୍ଗନୱାଡି କର୍ମୀ ହରପ୍ରିୟା ସେଠୀ କହିଛନ୍ତି, ସହାୟିକା ନଳକୂପରୁ ଆଣିଥିବା ପାଣିରେ ଝିଟିପିଟି ପଡ଼ିଥିଲା। ତାହା ସେ ଜାଣି ନ ପାରି ଖାଦ୍ୟ ପ୍ରସ୍ତୁତ କରିଥିଲେ। ତେବେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଜଣେ ପିଲା ନ ଖାଇ ଘରକୁ ନେଇ ଯାଇଥିଲେ। ଘରେ ଡାଲମାରୁ ଝିଟିପିଟି ବାହାରିବା ଖବର ପାଇବା ପରେ ଅନ୍ୟ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇ ନ ଥିଲା। ସନ୍ଦେହ ଦୂର କରିବା ପାଇଁ ସମସ୍ତ ପିଲାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଯାଇଥିଲୁ। ଚିକିତ୍ସା ପରେ ସମସ୍ତ ପିଲା ସୁସ୍ଥ ହୋଇ ଘରକୁ ଫେରିଥିବା ସେ ସୂଚନା ଦେଇଛନ୍ତି। ଏନେଇ ସିଡିପିଓ ସ୍ନେହଲତା ସାହୁ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ସନ୍ଧ୍ୟାରେ ଉଭୟଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲା। ହେଲେ ଉଭୟ ଅଧିକାରୀ ଫୋନ୍ ଉଠାଇ ନ ଥିଲେ।

### ୧୧ ଅଙ୍ଗନୱାଡି ଛାତ୍ରୀଛାତ୍ର ଅସୁସ୍ଥ

## ପଞ୍ଚୁପଲ୍ଲୀରେ କଲରାପତରିଆ ବାଘ



ବିଲରେ ବୁଲୁଥିବା ବାଘ।

ଘସିପୁରା, ୧୮।୧୧(ନିରଞ୍ଜନ ସାହୁ)

- ଗ୍ରାମରେ ଭୟର ବାତାବରଣ
- ଏକା ନ ବୁଲିବାକୁ ବନ ବିଭାଗର ପରାମର୍ଶ

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ପ୍ରବାହିତ ବୈତରଣୀ ନଦୀତଟ ଘସିପୁରା ଥାନା ଅଧୀନ ପଞ୍ଚୁପଲ୍ଲୀ ଗାଁ ମୁଣ୍ଡରେ କଲରାପତରିଆ ବାଘ ବୁଲୁଛି। ଏହାର ଭିଡିଓ ଭାଇରାଲ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ପାଦଚିହ୍ନ ଯାଞ୍ଚ ପରେ ବାଘ ଥିବା ସ୍ପଷ୍ଟ ହୋଇଛି। ଏନେଇ ଗ୍ରାମରେ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବନ ବିଭାଗ କର୍ମଚାରୀମାନେ ଅଞ୍ଚଳରେ ଅନୁଧ୍ୟାନ କରିବା ସହ ଗ୍ରାମରେ ସଚେତନ କରୁଛନ୍ତି।

ଶୁକ୍ରବାର ବାଘ ପରି ଏକ ପ୍ରାଣୀ ଚାଷ ଜମିରେ ଚାଲି ଯାଉଥିବା ଭିଡିଓ ଭାଇରାଲ ହୋଇଥିଲା। ଘଟଣାର ସତ୍ୟତା ଜାଣିବା ପାଇଁ ଆନନ୍ଦପୁର ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଶନିବାର ଘଟଣାର ଅନୁସନ୍ଧାନ କରିବା ପରେ ଚାଷ ଜମିରେ ପଡ଼ିଥିବା ପାଦଚିହ୍ନରୁ ଏହା ଏକ ମଧ୍ୟ ବୟସ୍କ କଲରାପତରିଆ ବାଘ ବୋଲି ଅନୁମାନ କରାଯାଉଥିବା ଡିଏଫ୍ଓ ଅଭୟ କୁମାର ଦଳେଇ ପ୍ରକାଶ କରିଛନ୍ତି। ବାଘଟି ହଦଗଡ଼ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରୁ ଆସି ପୁନର୍ବାର ଫେରିଯାଇଥିବା ବନ ବିଭାଗ ଅନୁମାନ କରୁଛି। ମାତ୍ର ଗ୍ରାମରେ ଭୟର ବାତାବରଣ ଥିବାରୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଏକା ବାହାରେ ବୁଲାବୁଲି ନ କରିବା, ଘର ସମ୍ମୁଖରେ ଆବଶ୍ୟକ ଲାଇଟ୍ ଜଳାଇବା, ରାତିରେ ସାଙ୍ଗରେ ଲାଇଟ୍ ଧରି ଯିବା ଭଳି ସଚେତନତା କରାଯାଉଛି।

## ଷ୍ଟାଡିୟମ ବାହାରେ ବ୍ରାଉନସୁଗାର ବିକି ୩ ଗିରଫ

ଭୁବନେଶ୍ବର,୧୮।୧୧(ସୂର୍ଯ୍ୟକାନ୍ତ ବେହେରା)

କଳିଙ୍ଗ ଷ୍ଟାଡିୟମ ବାହାରେ ଦର୍ଶକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ୩ଜଣ ନିଶା ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକର ମନୁଆ ମହାରଣା, ରମେଶ ମଲ୍ଲିକ ଓ ନାଣ୍ଟୁ ଜେନା। ସେମାନଙ୍କଠାରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୨ ଲକ୍ଷରୁ ଅଧିକ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ବ୍ରାଉନସୁଗାର କେଉଁଠାରୁ ଆଣୁଥିଲେ, ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେସବୁ ତଥ୍ୟ ଜାଣିବା ପଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ୧୭୨ ପେନ୍ସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି

ଅନୁଗୋଳ,୧୮।୧୧ (ଅମିତ କୁମାର ସାମଲ)

### ଶୁଭାରମ୍ଭ ହେଲା ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍ସନ ଅଦାଲତ




ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍ସନ ଅଦାଲତରେ ମଞ୍ଚାସୀନ ଅଧିକାରୀମାନେ।

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍ସନ ଅଦାଲତ ଶନିବାର ଅନୁଗୋଳଠାରେ ଶୁଭାରମ୍ଭ ହୋଇଛି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପେନ୍ସନ ଅଦାଲତରେ ସମୁଦାୟ ୧୭୨ଟି ପେନ୍ସନ ସମ୍ବନ୍ଧୀୟ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ୭୦ ଜଣ ପେନ୍ସନଭୋଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟ ସମ୍ପର୍କରେ ପେନ୍ସନ ଅଦାଲତକୁ ଅବଗତ କରାଇଥିଲେ। ପ୍ରତ୍ୟକ ଅଭିଯୋଗଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେମାନଙ୍କ ପୂର୍ଣ୍ଣାଙ୍ଗ ପେନ୍ସନ ପ୍ରାପ୍ୟ ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୀପ୍ତିରାଣୀ ସାହୁ, ବିତ୍ତ ପରାମର୍ଶଦାତା ତଥା ସତନ୍ତ୍ର ଶାସନ ସଚିବ ରତିକାନ୍ତ ମହାପାତ୍ର, ସହକାରୀ ଅର୍ଥ ପରାମର୍ଶଦାତା ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ଘଡାଇ, ଅତିରିକ୍ତ ହିସାବ ନିୟନ୍ତ୍ରକ ଦିବାରଣି ଦୋରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ସପନ ଜେନା, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଅତିତିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ପ୍ରତିଭା ବାରିକ, ଅନୁଗୋଳର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତିମ ପର୍ଯ୍ୟାୟରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଉପସ୍ଥିତ ସମସ୍ତ ପେନ୍ସନଭୋଗୀ ହିତାଧିକାରୀ, ରାଜ୍ୟ ସରକାରଙ୍କ ତରଫରୁ ଆସିଥିବା ରାଜ୍ୟସ୍ତରୀୟ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍‌ଷ୍ଟେବଲ୍‌ଙ୍କ ମୁହଁକୁ କାମୁଡ଼ି ଜଣେ ଗିରଫ

ଭୁବନେଶ୍ବର,୧୮।୧୧ (ସୂର୍ଯ୍ୟକାନ୍ତ ବେହେରା)

କାର୍ଯ୍ୟରତ ଜଣେ ଟ୍ରାଫିକ କନ୍‌ଷ୍ଟେବଲ୍‌ଙ୍କୁ ରାସ୍ତା ଉପରେ ଆକ୍ରମଣ କରିବା ସହ ତାଙ୍କ ମୁହଁକୁ କାମୁଡି ଆହତ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୫ ଅଞ୍ଚଳର ରବୀନ୍ଦ୍ର ଦାଶ। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କନ୍‌ଷ୍ଟେବଲ୍ ରଞ୍ଜନ କୁମାର ବେହେରା ଏହି ଥାନା ଅନ୍ତର୍ଗତ ଷ୍ଟୁଡିଓ ଛକରେ ଟ୍ରାଫିକ ଡ୍ୟୁଟି କରୁଥିଲେ। ଶୁକ୍ରବାର ଅପରାହ୍ନରେ ଟ୍ରାଫିକ ଛକରୁ ୨୦୦ ମିଟର ଦୂର ରେଣ୍ଟାଲ ପାର୍ଶ୍ୱରେ ଏକ ଦୁର୍ଘଟଣା ହେବାରୁ ସେଠାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏହା ଦେଖିବା ପରେ ରଞ୍ଜନ ସେଠାକୁ ଯାଇ ରାସ୍ତା କ୍ଲିୟର କରୁଥିଲେ। ଏହି ସମୟରେ ଅଭିଯୁକ୍ତ ରାସ୍ତାମଝିରେ ଠିଆହୋଇ ରାସ୍ତା ଜାମ କରୁଥିବା ଦେଖି ବାରଣ କରିବା ସହ ରାସ୍ତାରୁ ହଟିବାକୁ କହିଥିଲେ। ହେଲେ ଏଥିରେ ଅଭିଯୁକ୍ତ ଜଣକ ରଞ୍ଜନଙ୍କ ସହ ଯୁକ୍ତିତର୍କ କରିବା ସହ ତାଙ୍କୁ କାମୁଡି ଦେଇଥିଲେ। ଏଥିରେ ରଞ୍ଜନଙ୍କ ମୁହଁ ସମେତ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହ ଆଘାତ ଲାଗିଥିଲ। ପିସିଆର୍ ପହଞ୍ଚି ରଞ୍ଜନଙ୍କୁ ହସ୍ପିଟାଲ ନେବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ଦିନକ ପରେ ଆସିବେ ରାଷ୍ଟ୍ରପତି

# ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ୍



ବାୟୁସେନାର ହେଲିକପ୍ଟର

ବାରିପଦା,୧୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତକୁ ନେଇ ଶନିବାର ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ସେନାର ସ୍ୱତନ୍ତ୍ର ଅଧିକାରୀମାନେ ଅପରାହ୍ନ ୧ଟା ୩୦ରେ ବାୟୁସେନାର ଏକ ହେଲିକପ୍ଟର ଯୋଗେ ବାରିପଦା ରିଜର୍ଭ ପୋଲିସ ପଡ଼ିଆରେ ଅବତରଣ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଓ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ପୋଲିସ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲିପ୍ୟାଡ୍ ପାର୍ଶ୍ୱରେ ଥିବା ଗଛଗୁଡ଼ିକ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ୩୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରତିଟି ଗସ୍ତ ସ୍ଥଳରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର ଓ ଏଏସ୍‌ଆଇ ପ୍ରମୁଖଙ୍କୁ ମିଶାଇ ୫୦ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ ନିୟୋଜିତ ରହିଛନ୍ତି।

### ୩୩ ପ୍ଲାଟୁନ୍ ଫୋର୍ସ ମୁତୟନ

ପରିବର୍ତ୍ତନ ହୋଇଥିବା ଗସ୍ତ ସୂଚୀ ଅନୁଯାୟୀ, ନଭେମ୍ବର ୨୦ ସୋମବାର ଦିଲ୍ଲୀସ୍ଥିତ ପାଲାମ ଏୟାରପୋର୍ଟରୁ ଉଡ଼ାଜାହାଜ ଯୋଗେ ପଶ୍ଚିମବଙ୍ଗ କୋଲେଇକୁଣ୍ଡା ଏୟାରବେସ୍‌ରେ ପହଞ୍ଚିବେ। ସେଠାରୁ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ରିଜର୍ଭ ପୋଲିସ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିବେ। ସେଠାରୁ ଶହୀଦ ସ୍ମୃତି ଭବନରେ ଆୟୋଜିତ ୩୬ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବରେ ଯୋଗଦେବେ। ସେଠାରୁ ସଡ଼କ ପଥରେ ଯାଇ କୁଲିଅଣା ବ୍ଲକ ପାଣିଜିଆଠାରେ ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ପରେ ବାରିପଦା ସର୍କିଟ ହାଉସରେ ମଧ୍ୟାହ୍ନଭୋଜନ ଓ ବିଶ୍ରାମ ପରେ ହେଲିକପ୍ଟର ଯୋଗେ ରାଇରଙ୍ଗପୁର ଅଭିମୁଖେ ଗସ୍ତ କରିବେ। ରାଇରଙ୍ଗପୁର ଡାକବଙ୍ଗଳାରେ ସ୍ଥାନୀୟ ଲୋକଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ପରେ ରାଇରଙ୍ଗପୁରସ୍ଥିତ ନିଜ ବାସଭବନରେ ରାତ୍ରିଯାପନ କରିବେ। ୨୧ତାରିଖ ସକାଳ ୮ଟାରେ ସଡ଼କ ପଥରେ ଶାଶୁଘର ପାହାଡ଼ପୁରରେ ପହଞ୍ଚି ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିବେ। ପରେ ଏସ୍‌ଏଲ୍‌ଏସ୍ ଆବାସିକ ବିଦ୍ୟାଳୟ ପରିଦର୍ଶନ ସହ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ସେଠାରୁ ବାହାରି ବାଦାମପାହାଡ଼ ରେଳଷ୍ଟେଶନରେ ପହଞ୍ଚି ନୂତନ ଭାବେ ଟାଟାନଗର-ବାଦାମପାହାଡ଼ ମେମୁ ଟ୍ରେନ୍, ବାଦାମପାହାଡ଼-ରାଉରକେଲା ଏକ୍ସପ୍ରେସ୍ ଓ ସାଲିମାର-ବାଦାମପାହାଡ଼ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ସହିତ ବାଦାମପାହାଡ଼ ଅମୃତ ରେଳଷ୍ଟେଶନର ଶିଳାନ୍ୟାସ କରିବେ। ପରେ ରାଇରଙ୍ଗପୁର ଡାକ ଡିଭିଜନର ଉଦ୍‌ଘାଟନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହେବେ। ପରେ ବାଦାମପାହାଡ଼ରୁ ରାଇରଙ୍ଗପୁର ରେଳଷ୍ଟେଶନକୁ ଟ୍ରେନ ଯୋଗେ ଯାଇ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ସମ୍ବଲପୁର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

# ୩୪୯ ନୂଆ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ





କଳିଙ୍ଗ ଷ୍ଟାଡିୟମରେ ନୂଆ ଆମ୍ବୁଲାନ୍ସଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧକ୍ଷ ଭି. କେ. ପାଣ୍ଡିଆନ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ।

ଭୁବନେଶ୍ବର,୧୮।୧୧(ଅନିଲ ଦାସ)

- ୧୪୮.୪୫ କୋଟି ଟଙ୍କା ବିନିଯୋଗ
- ୨୭୯ ଆମ୍ବୁଲାନ୍ସ ୧୦୮ ଫ୍ଲିଟ୍‌ରେ ଯୋଡ଼ିହେଲେ
- ସରକାରୀ ମେଡିକାଲ, ଜିଲା ମୁଖ୍ୟାଳୟ ହସ୍ପିଟାଲରେ ନିୟୋଜିତ ହେବ ୭୦ ଆମ୍ବୁଲାନ୍ସ
- ୨୦ ମିନିଟ୍‌ରେ ଡାକ୍ତରଖାନା ଆସିବେ ରୋଗୀ

ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୩୪୯ ନୂଆ ଆମ୍ବୁଲାନ୍ସ ଓଡ଼ିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଥମ ଥର ପାଇଁ ଏତେସଂଖ୍ୟକ ଆମ୍ବୁଲାନ୍ସ ରାଜ୍ୟର ମେଡିକାଲ ଆମ୍ବୁଲାନ୍ସ ସେବାରେ ଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଆହୁରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହେବ। 'ପ୍ରତି ଜୀବନ ମୂଲ୍ୟବାନ' ନୀତି ଅନୁଯାୟୀ ଆମର ଉଦ୍ୟମ ଜାରିରହିବ ବୋଲି ସେ କହିଛନ୍ତି।

ଲୋକାର୍ପିତ ହୋଇଥିବା ଆମ୍ବୁଲାନ୍ସଗୁଡ଼ିକ ମଧ୍ୟରୁ ୨୭୯ଟିକୁ ୧୦୮-ଆମ୍ବୁଲାନ୍ସ ସେବାରେ ସାମିଲ କରାଯାଇଛି। ଅନ୍ୟ ୭୦କୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟମାନଙ୍କୁ ଯୋଗାଇ ଦିଆଯାଇଛି। ଏହି ୭୦ଟି ମଧ୍ୟରୁ ୪୦ଟି ହେଉଛି ଜୀବନ ରକ୍ଷାକାରୀ ମୌଳିକ ଆମ୍ବୁଲାନ୍ସ ଏବଂ ୩୦ଟି ଜୀବନ ରକ୍ଷାକାରୀ ଅତ୍ୟାଧୁନିକ ଆମ୍ବୁଲାନ୍ସ। ୩୪୯ ଆମ୍ବୁଲାନ୍ସ ବାବଦରେ ୧୪୮.୪୫ କୋଟି ଟଙ୍କା ବିନିଯୋଗ କରାଯାଇଛି।

୧୦୮-ଆମ୍ବୁଲାନ୍ସ ସେବାରେ ଏହି ନୂଆ ଆମ୍ବୁଲାନ୍ସଗୁଡ଼ିକ ସାମିଲ ହେବା ପରେ ମୋଟ ଆମ୍ବୁଲାନ୍ସ ସଂଖ୍ୟା ୧୩୬୬କୁ ବୃଦ୍ଧିପାଇଛି। ବର୍ତ୍ତମାନ ଦୈନିକ ହାରାହାରି ୪୦୦୦ରୁ ଅଧିକ ସଂଖ୍ୟକ ରୋଗୀ ୧୦୮-ଆମ୍ବୁଲାନ୍ସ ସେବା ଦ୍ୱାରା ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଉଛନ୍ତି। ନୂଆ ଆମ୍ବୁଲାନ୍ସଗୁଡ଼ିକ ସାମିଲ ହେବା ପରେ ୧୦୮-ଆମ୍ବୁଲାନ୍ସ ସେବା ଆହୁରି ତ୍ୱରିତ ଏବଂ ସୁବିଧାଜନକ ହେବ। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକୁ ଯୋଗାଯାଇଥିବା ୭୦ଟି ଆମ୍ବୁଲାନ୍ସ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ରୋଗୀମାନଙ୍କୁ ଆବଶ୍ୟକ ସ୍ଥଳେ ସରକାରୀ ଡାକ୍ତରଖାନାରୁ ଘରୋଇ ହସ୍ପିଟାଲକୁ ଜରୁରିକାଳୀନ ସ୍ଥାନାନ୍ତରରେ ବ୍ୟବହାର ହେବ। ଏହାସହ ଜିଲା ସ୍ତରରେ ଅନ୍ୟ ରୋଗୀମାନଙ୍କ ଜରୁରୀ ଆବଶ୍ୟକତା ପୂରଣରେ ସହାୟକ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧକ୍ଷ ଭି. କେ. ପାଣ୍ଡିଆନ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

> ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା

# କେବଳ ନକଲ



ଆକାର ପଟେଲ

ଥରେ କଂଗ୍ରେସ ନେତା ଶଶୀ ଥରୁର ଏକ ଟୁଇଟ୍‌ରେ ଅଭିଯୋଗ କରିଥିଲେ ଯେ ଭାଜପା ୨୩ଟି କଂଗ୍ରେସ ଯୋଜନାର ନାମ ବଦଳାଇ ଦେଇଛି। ସେ ମଧ୍ୟ କହିଥିଲେ, ମୋଦିଙ୍କର ଏକ 'ନାମ ପରିବର୍ତ୍ତନକାରୀ' ସରକାର ଚାଲିଛି, 'ପ୍ରଭାବଶାଳୀ' ସରକାର ନୁହେଁ। ସେତେବେଳେ ତାଙ୍କ ଦାବି ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ପରେ ଜଣାପଡ଼ିଲା, ସେ ଦାବି କରିଥିବା ୨୩ ଯୋଜନା ମଧ୍ୟରୁ ୧୯ ଠିକ୍। ଜଣାପଡ଼ିଲା ଯେ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ହେଉଛି ୟୁପିଏ ସରକାରଙ୍କ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା ; ବେଟି ବଚାଓ, ବେଟି ପଢ଼ାଓ ଯୋଜନା ୟୁପିଏ ସମୟର ଜାତୀୟ ଶିଶୁକନ୍ୟା ଦିବସ କାର୍ଯ୍ୟକ୍ରମ ସହ ସମାନ; ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଥିଲା ରାଜୀବ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ; ନବୀକରଣ ଏବଂ ସହରୀ ପରିବର୍ତ୍ତନ ପାଇଁ ଅଟଳ ମିଶନ ଥିଲା ଜବାହରଲାଲ ନେହେରୁ ଜାତୀୟ ସହରୀ ନବୀକରଣ ମିଶନର ନାମକରଣ ; କଂଗ୍ରେସର ନିମ୍ କୋଟେଡ୍ ୟୁରିଆ ସହିତ ଭାଜପାର ନିମ୍ କୋଟେଡ୍ ୟୁରିଆ ସମାନ ; ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ହେଉଛି ୟୁପିଏର ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା ପରିଚାଳନା ଉପରେ ଜାତୀୟ ପ୍ରକଳ୍ପ ; ଅଟଳ ପେନ୍‌ସନ ଯୋଜନା ହେଉଛି ସ୍ୱାବଲମ୍ବନ ଯୋଜନା ; ଏପରିକି ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ ୟୁପିଏର ଜାତୀୟ ଉତ୍ପାଦନ ନୀତି (ଏନ୍‌ଏମ୍‌ପି)ର ନୂତନ ନାମ। ଏହା କେବଳ ପୁନଃ ନାମକରଣ ନୁହେଁ; ଅନେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ନୀତିର ଢାଞ୍ଚାକୁ ନକଲ କରାଯାଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଏନ୍‌ଏମ୍‌ପି ମଧ୍ୟରେ ଏକ ତୁଳନାତ୍ମକ ଛବି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ପ୍ରେସ୍‌ନୋଟ୍ (୨୦୧୧) ଏବଂ ଜାତୀୟ ଉତ୍ପାଦନ କ୍ଷେତ୍ରର ମେକ୍ ଇନ୍ ଇଣ୍ଡିଆ ୱେବ୍‌ସାଇଟ ପୃଷ୍ଠାରୁ ଜଣାପଡ଼ିଛି। ୧ ଦଶନ୍ଧି ମଧ୍ୟରେ ଜିଡିପିରେ ଉତ୍ପାଦନର ଅଂଶକୁ ୨୫ ପ୍ରତିଶତକୁ ବୃଦ୍ଧି କରିବା ଏବଂ ୧୦୦ ନିୟୁତ ନିଯୁକ୍ତି ସୃଷ୍ଟି କରିବା ବିଷୟ ୟୁପିଏର ଏନ୍‌ଏମ୍‌ପି ଯୋଜନାରେ କୁହାଯାଇଥିଲା। ମେକ୍ ଇନ୍ ଇଣ୍ଡିଆ ଦେଶର ଜିଡିପିରେ ଉତ୍ପାଦନର ଅଂଶ ୨୫ ପ୍ରତିଶତକୁ ବୃଦ୍ଧି ଏବଂ ଉତ୍ପାଦନରେ ୨୦୨୨ ସୁଦ୍ଧା ୧୦୦ ମିଲିୟନ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି ଚାହୁଁଥିବା ପ୍ରକାଶ କରିଥିଲା। ୟୁପିଏର ଏନ୍‌ଏମ୍‌ପି କହେ, ଏହା ମଧ୍ୟମ ଅବଧିରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୨–୧୪ ପ୍ରତିଶତକୁ ବୃଦ୍ଧି କରିବ। ଅନ୍ୟପକ୍ଷରେ ମେକ୍ ଇନ୍ ଇଣ୍ଡିଆ ଦର୍ଶାଏ, ଏହା ମଧ୍ୟମ ଅବଧିରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୨–୧୪ ପ୍ରତିଶତକୁ ବୃଦ୍ଧି ପାଇବ। ଏନ୍‌ଏମ୍‌ପି ଦର୍ଶାଏ, ଗ୍ରାମୀଣ ପ୍ରବାସୀ ତଥା ସହରାଞ୍ଚଳ ଗରିବଙ୍କ ମଧ୍ୟରେ ଉପଯୁକ୍ତ ଦକ୍ଷତା ସୃଷ୍ଟି କରିବା ଲାଗି ଏହି ନୀତି ଆବଶ୍ୟକ। ସେହିଭଳି ମେକ୍ ଇନ୍ ଇଣ୍ଡିଆ ସ୍ପଷ୍ଟ କରେ ଯେ ଏହା ସମାବେଶୀ ଅଭିବୃଦ୍ଧି ପାଇଁ ଗ୍ରାମୀଣ ପ୍ରବାସୀ ତଥା ସହରୀ ଗରିବଙ୍କ ମଧ୍ୟରେ ଉପଯୁକ୍ତ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ୟୁପିଏର ଏନ୍‌ଏମ୍‌ପି ନୀତି କହେ ଯେ ଏହା ଉତ୍ପାଦନରେ ଘରୋଇ କ୍ଷେତ୍ରର ମୂଲ୍ୟବୃଦ୍ଧି ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବ। ମେକ୍ ଇନ୍ ଇଣ୍ଡିଆ ମଧ୍ୟ କହେ, ଏହା ଘରୋଇ କ୍ଷେତ୍ରର ମୂଲ୍ୟ ବୃଦ୍ଧି ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବ।

ମୋଦି ସରକାରରେ ଡିଜିଟାଲ ଇଣ୍ଡିଆ ପୂର୍ବ ସରକାରଙ୍କ ଇ–ଗଭର୍ନାନ୍ସ ଯୋଜନା ସହ ସମାନ। ସ୍କିଲ୍ ଇଣ୍ଡିଆ ଯାହା ୟୁପିଏର ନ୍ୟାଶନାଲ ସ୍କିଲ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ସେୟା। ମିଶନ ଇନ୍ଦ୍ରଧନୁଷ୍ ଥିଲା ୟୁନିଭର୍ସାଲ ଇମ୍ୟୁନାଇଜେଶନ ପ୍ରୋଗ୍ରାମ ଏବଂ ପିଏଏଚ୍‌ଏଲ୍ ଥିଲା ଏଲ୍‌ପିଜି ପାଇଁ ପ୍ରଥମ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଯୋଜନା। ସମସ୍ତ ପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଯୋଗାଇବାକୁ ଲକ୍ଷ୍ୟ ରଖି ୨୫ ଅକ୍ଟୋବର ୨୦୧୧ରେ ସ୍ୱୀକୃତ ହୋଇଥିବା ନ୍ୟାଶନାଲ ଅପ୍ଟିକ ଫାଇବର ନେଟ୍‌ୱର୍କ ହେଉଛି ଏବକାର ଭାରତ ନେଟ୍। ରାଜୀବ ଆବାସ ଯୋଜନାକୁ ସର୍ଦ୍ଦାର ପଟେଲ ଜାତୀୟ ସହରୀ ଗୃହ ନିର୍ମାଣ ମିଶନର ନାମ ଦିଆଗଲା। ବାସ୍ତବତା ହେଉଛି, ୟୁପିଏ ସମୟର ଯୋଜନାଗୁଡ଼ିକ ନିର୍ବିବାଦୀୟ ଏବଂ ଦାରିଦ୍ର୍ୟ ଦୂରକାରୀ। କିନ୍ତୁ ମୋଦିଙ୍କ ଯୋଜନାଗୁଡ଼ିକର ଆକର୍ଷକ ନାମ ଅଛି, କାରଣ ସେ ବ୍ୟକ୍ତିଗତ ଭାବେ ନାମ ବଦଳାଇବା ଲାଗି ଅତ୍ୟଧିକ ପରିଶ୍ରମ କରିଛନ୍ତି। ମୋର ଜଣେ ବନ୍ଧୁ ଲକ୍ଷ୍ୟକଲେ ଯେ ଧନୀଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ମୋଦିଙ୍କ ଯୋଜନାଗୁଡ଼ିକର ଇଂରାଜୀ ନାମ ଅଛି, ଯଥା–ଡିଜିଟାଲ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଯାହା ଆକାଂକ୍ଷାକୁ ସୂଚିତ କରୁଛି। ଗରିବଙ୍କ ପାଇଁ ଯୋଜନା ସବୁ ହିନ୍ଦୀ ନାମରେ ହୋଇଛି ; ଯଥା ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ବେଟି ପଢ଼ାଓ ବେଟି ବଚାଓ, ଜନ ଧନ, ଗରିବ କଲ୍ୟାଣ, ପିଏମ୍ କିଷାନ, ମୁଦ୍ରା ଯୋଜନା।

ୟୁପିଏର ସ୍ୱତନ୍ତ୍ର ପରିଚୟ ଯୋଜନା ଥିଲା ଆଧାର। କିନ୍ତୁ ଆଧାର ଏକ ଆପରାଧିକ କାର୍ଯ୍ୟକ୍ରମ ଏବଂ ଏହାର ସିବିଆଇ ତଦନ୍ତ କରାଯିବ ବୋଲି ଭାଜପା ଅଭିଯୋଗ କରିଥିଲା। ଦେଶରେ ବେଆଇନ ପ୍ରବାସୀଙ୍କ ରହଣିକୁ ବୈଧ କରିବା ଲାଗି ଏହା ଏକ ବିପଜ୍ଜନକ କାର୍ଯ୍ୟକ୍ରମ। ଆଧାର ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି ବୋଲି ମୀନାକ୍ଷୀ ଲେଖୀ ବେଙ୍ଗାଲୁରୁରେ କଂଗ୍ରେସ ନେତା ତଥା ଆଧାରର ବିନ୍ଧାଣି ନନ୍ଦନ ନିଲେକାନିଙ୍କ ବିରୋଧରେ ପ୍ରଚାର କରୁଥିବାବେଳେ କହିଥିଲେ। ସେ ଆହୁରି କହିଥିଲେ, ନାମ ଦରଜ କରିଥିବା ଲୋକଙ୍କ ସମ୍ପୂର୍ଣ୍ଣ ବାୟୋମେଟ୍ରିକ ତଥ୍ୟ ଦେଶ ବାହାରେ ଗଚ୍ଛିତ ହୋଇଛି। ନିଲେକାନିଙ୍କ ପ୍ରତିଦ୍ୱନ୍ଦ୍ୱୀ ଅନନ୍ତ କୁମାର (ଯିଏ ଶେଷରେ ଜିତିଲେ) କହିଥିଲେ ଯେ, ଆଧାର ହେଉଛି ଦେଶର ସବୁଠାରୁ ବଡ଼ ଠକେଇ। ତା' ପର ମାସରେ ଅନନ୍ତ କୁମାର କହିଥିଲେ, ଭାଜପା ଆଧାରକୁ ହଟାଇଦେବ। ମୋଦି ନିଜେ ଆଧାର ବିରୋଧରେ କହିଥିଲେ, ଏଥିରେ ଖର୍ଚ୍ଚ ହୋଇଥିବା ଅର୍ଥ ନଷ୍ଟ ହୋଇଛି, ଏନ୍‌ଆର୍‌ଇଜିଏସ୍ ଅବୈଧ ଉପାୟରେ ଅର୍ଥ ରୋଜଗାର କରିବା ପାଇଁ ଉଦ୍ଦିଷ୍ଟ ଏବଂ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଏକ ବେକାର ଯୋଜନା। କିନ୍ତୁ ପରେ ଭାଜପା ତଥା ମୋଦି ସରକାର ଆଧାରକୁ ଗ୍ରହଣ କରିବା ସହ ଏହାକୁ ସମସ୍ତ ଭାରତୀୟଙ୍କ ପାଇଁ ବାଧ୍ୟତାମୂଳକ କରିଛି। ଏନ୍‌ଡିଏ ଭାରତର ସାମାଜିକ କଲ୍ୟାଣ ଯୋଜନାଗୁଡ଼ିକୁ ବିସ୍ତାର କରିଥିବାବେଳେ ସେଥିରୁ ଅନେକକୁ ପୂର୍ବ ସରକାରଙ୍କଠାରୁ ନକଲକରି ନିଜର ବୋଲି ଦର୍ଶାଇବାର ବାହାନା କରୁଛି।

Email:aakar.patel@gmail.com

# ଚାଷ ଅପେକ୍ଷାରେ ପାରଜିନୀୟ ସୋରିଷ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀର ଜନସଂଖ୍ୟା ସାମଗ୍ରିକ ଭାବେ ବଢ଼ି ଚାଲିଛି। ଜାତିସଂଘର ଆକଳନ ଅନୁସାରେ, ୨୦୫୭ ମସିହା ବେଳକୁ ଏହା ୧୦ ହଜାର ନିୟୁତରେ ପହଞ୍ଚିଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଜାଗତିକ ଉଷ୍ଣତା ବୃଦ୍ଧି, ମୃତ୍ତିକାର ମାନ ହ୍ରାସ, ଭୂତଳ ଜଳ ନିମ୍ନଗାମୀ ହେବା ଆଦି କାରଣରୁ ହ୍ରାସ ପାଇବାରେ ଲାଗିଛି ମୁଣ୍ଡପିଛା ଚାଷୋପଯୋଗୀ ଜମିର ପରିମାଣ ଏବଂ ଏକର ପିଛା ଉତ୍ପାଦନର ସମ୍ଭାବନା। ଅତଏବ ପୃଥିବୀକୁ କ୍ଷୁଧାମୁକ୍ତ କରିବା ଏବଂ ସମସ୍ତଙ୍କୁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ପ୍ରଦାନ କରିବା ଦିନକୁ ଦିନ ଦୁଷ୍କର ହେବା ସ୍ୱାଭାବିକ। ପୁନଶ୍ଚ ବର୍ତ୍ତମାନର ରାସାୟନିକ ଭିତ୍ତିକ କୃଷି ପରିବେଶ ପ୍ରଦୂଷଣକୁ ତ୍ୱରାନ୍ୱିତ କରୁଥିବା ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଅନ୍ୟତମ। ଏସବୁ ସମସ୍ୟାର ସଫଳ ସମାଧାନର ସମ୍ଭାବନା ରୂପେ ଏବେ ଉଭା ହୋଇଛି ପାରଜିନୀୟ ଫସଲ।

କୌଣସି ଫସଲରେ ନୂଆ ଗୁଣଟିଏ ସୃଷ୍ଟି କରିବା ଲାଗି ସେଥିରେ କୃତ୍ରିମ ଉପାୟରେ ଅନ୍ୟ ଏକ ସଜୀବର ସେହି ଗୁଣଧାରୀ ଜିନୀୟ ପଦାର୍ଥ ପ୍ରତିରୋପଣ ମାଧ୍ୟମରେ ଜିନୀୟ ପରିବର୍ତ୍ତନ ଆଣି ଏହା ସୃଷ୍ଟି କରାଯାଏ। ସାଧାରଣତଃ ଏହି ଗୁଣମାନଙ୍କ ମଧ୍ୟରେ ରହିଛି ଅଧିକ ଉତ୍ପାଦନ ସହିତ ରୋଗ, କୀଟ, ଅଗଚ୍ଛା କିମ୍ବା ମରୁଡ଼ିର ପ୍ରତିରୋଧ କରିବା, କମ୍ ଜଳ ଓ ସାର ଆବଶ୍ୟକ କରିବା, କମ୍ ଅଙ୍ଗାରକାମ୍ଳ ବା ମିଥେନ୍ ଭଳି ସବୁଜଗୃହ ବାଷ୍ପର ନିର୍ଗମନ ଘଟାଇବା, ଶସ୍ୟର ପୌଷ୍ଟିକ ମାନ ବୃଦ୍ଧି କରିବା ଇତ୍ୟାଦି। ଜିନ୍ ପ୍ରତିରୋପଣ ପରେ ଏହାର ବିଭିନ୍ନ ଦିଗ ଉପରେ ପରୀକ୍ଷାନିରୀକ୍ଷା କରାଯାଏ। ତାହା ପରିବେଶ କି ପରିସଂସ୍ଥା ତଥା ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ କେତେ ନିରାପଦ ତାହାର ମୂଲ୍ୟାୟନ ହୁଏ। ଏ ସବୁ ପରେ ପାରଜିନୀୟ ଫସଲକୁ ଚାଷ କରିବାର ଅନୁମତି ମିଳେ। ଆମ ଦେଶରେ ଏହା କରିବା ଲାଗି ଗଠିତ ହୋଇଛି 'ଜେନେଟିକ୍ ଇଞ୍ଜିନିୟରିଂ ଆପ୍ରାଇଜାଲ୍ କମିଟି' ବା 'ଜିଇଏସି'। ଏହାର ସ୍ୱୀକୃତି ଲାଭ ପରେ ହିଁ କେବଳ ପାରଜିନୀୟ ଫସଲ ଚାଷ ପାଇଁ ଅନୁମତି ଦେଇଥା'ନ୍ତି ସରକାର।

ପାରଜିନୀୟ ଫସଲକୁ କେତେକ ମହଲରେ ବିରୋଧ କରାଯାଉଛି। ଏହାର କାରଣ ସ୍ୱରୂପ ଦର୍ଶାଯାଉଛି ନିମ୍ନୋକ୍ତ କେତୋଟି ସମ୍ଭାବ୍ୟ ନକାରାତ୍ମକ ପ୍ରଭାବକୁ। ୧– ଏଥିରେ ସୃଷ୍ଟି ହେଉଥିବା କୀଟନାଶକ ତତ୍ତ୍ୱ ଉପକାରୀ କୀଟମାନଙ୍କୁ ମାରିଦେଇପାରେ ଏବଂ କେତେକ ଅପକାରୀ କୀଟଙ୍କଠାରେ ପ୍ରତିରୋଧ ଶକ୍ତିର ବିକାଶ ଘଟାଇପାରେ। ୨– ଏଥିରେ ଉତ୍ପନ୍ନ ପ୍ରୋଟିନ୍ ପ୍ରାକୃତିକ ପ୍ରୋଟିନ୍‌ଠାରୁ ଭିନ୍ନ ହୋଇ ଆମଠାରେ ଆଲର୍ଜି ସୃଷ୍ଟି କରିପାରେ। ୩– ଭିନ୍ନ ପ୍ରଜାତିର ଉଦ୍ଭିଦ ସହିତ ପରାଗସଂଗମ ଫଳରେ ସେଥିରେ କୀଟ ପ୍ରତିରୋଧ ଶକ୍ତି ପ୍ରକଟିତ ହୋଇ ତଥାକଥିତ 'ସୁପର ଉଇଡ୍' ମଧ୍ୟ ସୃଷ୍ଟି କରିପାରେ। ୪– ପ୍ରାକୃତିକ କୀଟପତଙ୍ଗ, ଅଗଚ୍ଛା ଏବଂ ପ୍ରତିଯୋଗୀ ଉଦ୍ଭିଦ ଆଦି ଏହାଦ୍ୱାରା ପ୍ରଭାବିତ ହେବା ଫଳରେ ଜୈବ ବିଭିନ୍ନତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ୫– ପ୍ରତିରୋପିତ ଜିନ୍‌ର ଧ୍ରୁବୀକରଣ ଅଜଣା ବିପଦର କାରଣ ହୋଇପାରେ ଏବଂ ୬– ଏ ପ୍ରକାର ବିହନ ଉତ୍ପାଦନ କରି ତାହାର ଏକଚାଟିଆ ମାଲିକ ହୋଇପାରନ୍ତି କିଛି ବଡ଼ ବଡ଼ କମ୍ପାନୀ, ଯେଉଁମାନେ କି ସାଧାରଣ ଚାଷୀଙ୍କୁ ଶୋଷଣ କରିପାରନ୍ତି। ପୁନଶ୍ଚ ଏମାନଙ୍କ ପ୍ରୋତ୍ସାହନରେ ପାରଜିନୀୟ ଫସଲରେ 'ଟରମିନେଟର' ଜିନ୍ ସଂଯୁକ୍ତ କରାଗଲେ କୃଷକମାନେ ସେମାନଙ୍କ ଉତ୍ପନ୍ନ ଶସ୍ୟକୁ ବିହନ ରୂପେ ବ୍ୟବହାର କରିପାରିବେ ନାହିଁ ଏବଂ ପ୍ରତିବର୍ଷ ସେମାନଙ୍କୁ ଏହା କ୍ରୟ କରିବାକୁ ପଡ଼ିବ।

ଏସବୁ ନକାରାତ୍ମକ ଦିଗ ପ୍ରଦର୍ଶନ ସତ୍ତ୍ୱେ ଏବେ ପୃଥିବୀରେ ପାରଜିନୀୟ ଫସଲ ଚାଷ ବଢ଼ି ଚାଲିଛି। ୨୦୨୦ରେ ପ୍ରକାଶିତ 'ଇଣ୍ଟର ନ୍ୟାଶନାଲ ସର୍ଭିସ୍ ଫର୍ ଦ ଆକ୍ୱିଇଜିସନ ଅଫ୍ ଏଗ୍ରି ବାଇଓଟେକ୍'ର ରିପୋର୍ଟ ଅନୁସାରେ ଏବେ ପୃଥିବୀର ୭୦ଟି ଦେଶ ଏହାକୁ ମଣିଷ କିମ୍ବା ଗୃହପାଳିତ ପଶୁଙ୍କର ଆଦ୍ୟ ରୂପେ ଗ୍ରହଣ କରିସାରିଲେଣି। ଏଗୁଡ଼ିକ ମଧ୍ୟରେ ଅଗ୍ରଣୀ ପାଞ୍ଚୋଟି ହେଲେ ଆର୍ଜେଣ୍ଟିନା, ବ୍ରାଜିଲ, କାନାଡ଼ା, ଭାରତ ଏବଂ ଆମେରିକା। ଏଠାରେ ଯଥାକ୍ରମେ ୨୪.୫ ନିୟୁତ, ୪୪.୨ ନିୟୁତ, ୧୧ ନିୟୁତ, ୧୧.୬ ନିୟୁତ ଏବଂ ୭୦.୯ ନିୟୁତ ହେକ୍ଟର ଜମିରେ ଏହା ଚାଷ ହେଉଛି (୨୦୨୦ ମସିହା)। ସାରା ବିଶ୍ୱରେ ୧୯୯୬ରେ ୧.୭ ନିୟୁତ ହେକ୍ଟର ଜମିରେ ପାରଜିନୀୟ ଫସଲ ଚାଷ ହେଉଥିଲା ବେଳେ ୨୦୧୫ରେ ପହଞ୍ଚିଥିଲା ୧୭୯.୭ ନିୟୁତ ହେକ୍ଟରରେ। ଏବେ ଏହା ଆହୁରି ବୃଦ୍ଧି ପାଇବଣି।

ପୃଥିବୀରେ ସର୍ବାଧିକ ଭାବେ ଚାଷ ହେଉଥିବା ପାରଜିନୀୟ ଫସଲଗୁଡ଼ିକ ମଧ୍ୟରେ ରହିଛି ସୋୟାବିନ୍, ମକା, କପା, ଅନ୍ୟାନ୍ୟ ଶସ୍ୟଜାତୀୟ ଫସଲ, ରେପ୍‌ସିଡ ଇତ୍ୟାଦି। କୁହାଯାଉଛି , ଏବେ ବଜାରରେ ଉପଲବ୍ଧ ୮୦% ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ପାରଜିନୀୟ ଫସଲରୁ ପ୍ରସ୍ତୁତ। ଆମ ଦେଶରେ ଏବେ ବ୍ୟବସାୟିକ ଭିତ୍ତିରେ ଚାଷ



ହେଉଥିବା ଏ ଜାତୀୟ ପ୍ରଥମ ଫସଲ ହେଲା ବିଟି–କପା। ଏଥିରେ ବ୍ୟବହୃତ ହୋଇଛି ମୃତ୍ତିକାରେ ବାସ କରୁଥିବା 'ବ୍ୟାସିଲସ୍ ଥୁରିଙ୍ଗିନେ ସିସ୍' ଜୀବାଣୁ ବା 'ବିଟି–ଜୀବାଣୁ'ର ରୋଗକୀଟ ପ୍ରତିରୋଧକ (ବିଶେଷକରି 'ବଲୱାର୍ମ') ଜିନ୍। ଏହାକୁ ଛାଡ଼ିଦେଲେ ଏବେ ଗୋଖାଦ୍ୟ ରୂପେ ଉପଯୋଗ ହେବା ପାଇଁ ପାରଜିନୀୟ ମକାଚାଷ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି ଏବଂ ଟମାଟୋ, ବାଇଗଣ ଓ ବୁଟ ଆଦି ଖାଦ୍ୟ ଫସଲର ଚାଷ ସରକାରଙ୍କ ଅନୁମତିର ଅପେକ୍ଷାରେ ଅଛି। ପୁନଶ୍ଚ ପାରଜିନୀୟ ସୋରିଷ (ଧାରା ମଷ୍ଟାର୍ଡ ହାଇବ୍ରିଡ୍ ବା ଡିଏମ୍‌ଏଚ୍–୧୧)ର ସବୁ ପ୍ରକାର ବୈଜ୍ଞାନିକ ପରୀକ୍ଷାନିରୀକ୍ଷା କରାଯାଇ 'ଜିଇଏସି'ର ଚାଷ ପାଇଁ ସ୍ୱୀକୃତି ତଥା ସରକାରଙ୍କ ଅନୁମତି ମିଳି ସାରିଥିଲେ ହେଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଏହା କୃଷିକ୍ଷେତକୁ ଆସିପାରି ନାହିଁ।

ଆମ ଦେଶରେ ଖାଦ୍ୟୋପଯୋଗୀ ତୈଳର ପ୍ରାୟ ୬୦% ବିଦେଶରୁ ଆମଦାନୀ କରାଯାଉଛି। ଅନ୍ୟପକ୍ଷରେ ଏଠାରେ ସୋରିଷ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଶରେ ଏହାର ଏକର ପିଛା ଉତ୍ପାଦନ ବିଶ୍ୱର ହରାହାରି ତୁଳନା ବହୁତ କମ୍। ଏଣୁ ସୋରିଷର ଉତ୍ପାଦନ କ୍ଷମତା ବୃଦ୍ଧି ଆମ ଚାଷୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ସହିତ ତୈଳ ଉତ୍ପାଦନ କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ କରିପାରିବ। ପୁନଶ୍ଚ ଭାରତର ଏହି ପ୍ରଥମ ପାରଜିନୀୟ ଫସଲକୁ ୨୦୦୭ରେ ସୃଷ୍ଟି କରିଥିଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟର 'ସେଣ୍ଟରଫର ଜେନେଟିକ ମାନିପୁଲେସନ ଅଫ କ୍ରପପ୍ଲାଣ୍ଟସ'। ଏହା କରିଥିବା ବୈଜ୍ଞାନିକ ଗୋଷ୍ଠୀର ମୁଖ୍ୟ ଥିଲେ ଏହାର ପୂର୍ବତନ କୁଳପତି ଦୀପକ ପେଣ୍ଟାଲ୍। ତାଙ୍କ ମତରେ ଏଥିରେ ବ୍ୟବହୃତ ଜିନ୍‌ଗୁଡ଼ିକ ଏହାକୁ ରୋଗକୀଟ ଓ ଅଗଚ୍ଛା ସହ୍ୟକାରୀ ଶକ୍ତି ସହିତ କମ୍ ଜଳ ଏବଂ କମ୍ ମୃତ୍ତିକା ପୁଷ୍ଟିରେ ବଢ଼ି ପାରିବାର ସାମର୍ଥ୍ୟ ପ୍ରଦାନ କରିପାରିବେ। ଏହାବ୍ୟତୀତ ଏ ବିହନର ବିକାଶର କୌଣସି କମ୍ପାନୀ ସମ୍ପୃକ୍ତ ହୋଇ ନ ଥିବାରୁ ଏହାର ଏକଚାଟିଆ ବ୍ୟବସାୟର ଅବକାଶ ରହିବ ନାହିଁ। ପରିବେଶ ଓ ପରିସଂସ୍ଥା ତଥା ଜୈବ ବିଭିନ୍ନତା ଉପରେ ଏହାର କୌଣସି ନକାରାତ୍ମକ ପ୍ରଭାବ ପରିଦୃଷ୍ଟ ହୋଇନାହିଁ ବରଂ ମୃତ୍ତିକାର ସ୍ୱାସ୍ଥ୍ୟ ଏହାଦ୍ୱାରା ସୁରକ୍ଷିତ ରହିବାର ଦେଖାଯାଇଛି। ଏହା ସତ୍ତ୍ୱେ ବି ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛି ଏହାକୁ ଆହୁରି ଗଭୀରଭାବେ ଅନୁଧ୍ୟାନ କରିବାକୁ, ଯାହାଫଳରେ ଏ ଫସଲ ଶତ ପ୍ରତିଶତ ନିରାପଦ ବୋଲି ପ୍ରମାଣିତ ହୋଇପାରିବ।

ଆମ ବୈଜ୍ଞାନିକମାନେ କାଳ ବିଳମ୍ବ ନ କରି ଏହାର ସୀମିତ ତଥା ନିୟନ୍ତ୍ରିତ ଚାଷ ଆରମ୍ଭ କରିବା ଉଚିତ। ଯଦି ଏ ଫସଲର କୌଣସି ନକାରାତ୍ମକ ଦିଗ ଏପରିକି ସାମାନ୍ୟ ଭାବେ ପରିଦୃଷ୍ଟ ହୁଏ, ତେବେ ସେମାନେ ସେଥିରେ ଅଧିକ ତଥା ନୂତନ ଜିନୀୟ ପରିବର୍ତ୍ତନ ଆଣି ତାହାର ସମାଧାନ କରିବା ଦିଗରେ ପଦକ୍ଷେପ ନେଇପାରିବେ। ବର୍ତ୍ତମାନର 'ଜିନ୍ ସମ୍ପାଦନା ଯୁଗ'ରେ ଏହା ଅସମ୍ଭବ ନୁହେଁ। ଅତଏବ ଏହି ଅଧିକ ଉତ୍ପାଦନକ୍ଷମ ପାରଜିନୀୟ ସୋରିଷ ଯଥାଶୀଘ୍ର କୃଷିକ୍ଷେତ୍ରକୁ ଓହ୍ଲାଇପାରିବ ଏବଂ କୃଷକ ଓ ଜନସାଧାରଣ ଏହାଦ୍ୱାରା ଲାଭବାନ୍ ହେବେ।

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ବଡ଼ ବିଷମ ସ୍ଥିତି



ରାଧାଶ୍ୟାମ ରାଉଳ

ଭଲ କାମ କରୁଥିଲେ ବି ତାକୁ ଖରାପ କି ମନ୍ଦ କାମ କହିବାକୁ ଆମ ଭିତରୁ କିଛି ବାହାରିବେ। ତେବେ ମନ୍ଦ କହିବା ପଛରେ କୌଣସି ବଳିଷ୍ଠ ଯୁକ୍ତି ନଥାଇ ବି ଭଲକୁ ମନ୍ଦ କହିବାକୁ ସେମାନେ ଆଦୌ ପଛେଇବେ ନାହିଁ। ସମୂହ କଲ୍ୟାଣସାଧନ, ପରୋପକାର, ଜନହିତକର କାମ, ସର୍ବସାଧାରଣ ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ଓ ସଂରକ୍ଷଣ, ଦେଶର ନୀତିନିୟମ, ଆଇନକାନୁନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ପାଳନ ଓ ସମ୍ମାନ ପ୍ରଦର୍ଶନ, ରାଷ୍ଟ୍ର ବା ଦେଶର ସଂହତି ଓ ସାର୍ବଭୌମତ୍ୱକୁ ସମ୍ମାନ ପ୍ରଦର୍ଶନ, ପାରିବାରିକ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ପରସ୍ପର ମଧ୍ୟରେ ସାହାଯ୍ୟ, ସହଯୋଗ , ସଂପ୍ରୀତି, ସମ୍ପର୍କ, ସଦ୍ଭାବନା ସ୍ଥାପନ ଇତ୍ୟାଦିକୁ ଆମେ ଭଲ କାମ ବୋଲି ନିଶ୍ଚେ କହିବା। ହେଲେ ଆଶ୍ଚର୍ଯ୍ୟ ଓ ଅବସୋସର ବିଷୟ, ଆଜିର ସମୟରେ ସାଧାରଣ ସ୍ଥିତି, ଗତି ଓ ପ୍ରବୃତ୍ତି ସମ୍ପୂର୍ଣ୍ଣ ଅଲଗା। ନିଜ ନିଜର ସ୍ୱାର୍ଥସାଧନ, ବ୍ୟକ୍ତିକୈନ୍ଦ୍ରିକ ମାନସିକତାପୋଷଣ, ପରନିନ୍ଦା, ପରପୀଡ଼ନ, ପରଶ୍ରୀକାତରତା, ଅସହିଷ୍ଣୁତା, ଜାତୀୟ ସମ୍ପତ୍ତିକୁ ଜବରଦଖଲ, ଦେଶର ନୀତିନିୟମ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ବିଧି ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ, ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ଭିଆଣ ଇତ୍ୟାଦି ଆଜିର ସମୟରେ ଏକ ରକମର ଚଳଣି ଓ ଫେଶନ ହୋଇଯାଇଛି। ଆମେ ଏସବୁକୁ ମନ୍ଦ କାମ କିମ୍ବା କୁକର୍ମ କହୁଛୁ, ହେଲେ ଅନ୍ୟମାନେ ଏସବୁକୁ ବିନା ପ୍ରତିବାଦରେ ସହୁଛନ୍ତି, ବରଦାସ୍ତ କରୁଛନ୍ତି। ଅନ୍ୟମାନଙ୍କ ମତରେ, ଭଲ କାମ କଲେ ଅପବାଦ, ଭଲ କଥା କହିଲେ ବିପଦ! ତେଣୁ ଭଲ କାମ କରି ଭଲ କଥା କହି ଲାଞ୍ଛିତ, ଅପଦସ୍ଥ, ସମାଲୋଚିତ ହେବା ଅପେକ୍ଷା ଯିଏ ଯାହା କରୁଛି କିମ୍ବା କହୁଛି ତାକୁ ନିରବରେ ସହିଯିବା ବରଂ ଭଲ।

ବାପା, ମାଆ, ଗୁରୁଜନମାନଙ୍କୁ ଭକ୍ତି, ସେବା, ଶୁଶ୍ରୂଷା, ଆଦର ଓ ସମ୍ମାନ କରିବା, ସେମାନଙ୍କର ଆଦେଶ, ଉପଦେଶ, ପରାମର୍ଶକୁ ପାଳନ କରିବା ପ୍ରତ୍ୟେକ ସନ୍ତାନ ସନ୍ତତିଙ୍କର ମହତ୍ କର୍ତ୍ତବ୍ୟ ଓ ନୈତିକ ଦାୟିତ୍ୱ। ଏ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଅତି ନିଷ୍ଠାର ସହ ମାନିବା ଓ ପାଳନ କରିବା ଉଚିତ୍। ହେଲେ ଆଜିର ଯୁବପିଢ଼ି ଏ ଦାୟିତ୍ୱ ଓ କର୍ତ୍ତବ୍ୟକୁ କୋଉ ମାନୁଛନ୍ତି ନା ପାଳୁଛନ୍ତି ? ବିନା ହେଲ୍‌ମେଟ କି ସିଟବେଲ୍ଟରେ, ମଦ ପିଇ କି ନିଶାସେବନ କରି ଗାଡ଼ି ଚଳେଇବା, ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ପିଇବା, ଗୁଟ୍‌ଖା ଚୋବେଇବା କି ଚାକୁଳେଇବା ଆଦି କାର୍ଯ୍ୟକୁ ବେଆଇନ କାର୍ଯ୍ୟ ବୋଲି କୁହାଯାଉଛି। ଏସବୁ କାର୍ଯ୍ୟକୁ ନିଷେଧ ପାଇଁ ଆଇନ ପ୍ରଣୟନ କରାଯାଇଛି। ଆଇନକୁ ଯିଏ ମାନୁନାହିଁ କି ମାନିବ ନାହିଁ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଉପଯୁକ୍ତ ଦଣ୍ଡବିଧାନ ମଧ୍ୟ ରହିଛି। ହେଲେ ଯେଉଁମାନେ ଆଇନକୁ ମାନୁନାହାନ୍ତି, ଶାସନ ନା ପ୍ରଶାସନ ନା ସରକାରୀ କଟକଣା ସେଇସବୁ ଅମାନିଆମାନଙ୍କୁ କ'ଣ ଜବତ କି ସାବାଡ଼ କରିପାରୁଛି କି?



ଏବେକାର କଥା। ଦିନକୁଦିନ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ଓ ମାତ୍ରାଧିକ ଶବ୍ଦ ପ୍ରଦୂଷଣରେ ରୋକ ଲଗେଇବା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଦୀପାବଳି ଓ କାଳୀପୂଜାରେ ବାଣ ଫୁଟାଇବା ଓ ଆତସବାଜି ବ୍ୟବହାର କରିବା ଉପରେ କଟକଣା ଜାରି କଲେ। ହେଲେ ଆଶ୍ଚର୍ଯ୍ୟ, ଏ କଟକଣାକୁ ଅମାନ୍ୟ କରି ଅମାନିଆମାନେ ମନଇଚ୍ଛା ବାଣ ଫୁଟାଇ ବାୟୁମଣ୍ଡଳକୁ ଅତ୍ୟଧିକ ବିଷାକ୍ତ ଓ ପ୍ରଦୂଷିତ କରିଦେଲେ। କ୍ଷୋଭ ଓ ପରିତାପର ବିଷୟ, ଜନକଲ୍ୟାଣ ପାଇଁ ଦେଶର ନ୍ୟାୟପାଳିକା ଯେଉଁ କାର୍ଯ୍ୟ ଉପରେ ନିଷେଧାଜ୍ଞା କି କଟକଣା ଜାରି କରୁଛନ୍ତି, ସେସବୁର ପ୍ରୟୋଗ ଓ କାର୍ଯ୍ୟକାରିତାକୁ ନେଇ ଘୋର ସନ୍ଦେହ ଓ ପ୍ରଶ୍ନ ସୃଷ୍ଟି ହେଉଛି। ତେଣୁ ବିରାଟ ବ୍ୟବଧାନ ରହୁଛି, ନ୍ୟାୟାଳୟର ନିଷେଧାଜ୍ଞା ଓ ତା'ର ପ୍ରୟୋଗ ବା କାର୍ଯ୍ୟସମ୍ପାଦନ ଭିତରେ।

ବର୍ତ୍ତମାନର ପରିସ୍ଥିତି ଯାହା, ସାମାଜିକ ବିଧିବ୍ୟବସ୍ଥା, ଚଳଣି, ପରମ୍ପରା, ସଭ୍ୟତା, ସଂସ୍କୃତି, ଆଚାର ବିଚାର, ଦେଶର ଆଇନକାନୁନ, ନ୍ୟାୟିକ କଟକଣାକୁ କେହି ନିଷ୍ଠାର ସହ ମାନୁନାହାନ୍ତି। ଉଦ୍‌ବେଗର ବିଷୟ ହେଲା, ସମ୍ପର୍କ ଦାୟରେ କେହି କାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ପତ୍ନୀ ମାନୁନାହିଁ ପତିଙ୍କୁ, ପତି ମଧ୍ୟ ମାନୁନାହିଁ ପତ୍ନୀଙ୍କୁ। ପୁଅ ବାପାଙ୍କୁ, ବାପା ପୁଅଙ୍କୁ, ପ୍ରେମିକ ପ୍ରେମିକାଙ୍କୁ, ପ୍ରେମିକା ପ୍ରେମିକଙ୍କୁ, ଗୁରୁ ଶିଷ୍ୟଙ୍କୁ, ଶିଷ୍ୟ ଗୁରୁଙ୍କୁ, ନେତା ଜନତାଙ୍କୁ, ଜନତା ନେତାଙ୍କୁ, ଚାକର ମାଲିକଙ୍କୁ, ମାଲିକ ଚାକରଙ୍କୁ, କର୍ମଚାରୀ କର୍ତ୍ତୃପକ୍ଷଙ୍କୁ, କର୍ତ୍ତୃପକ୍ଷ କର୍ମଚାରୀଙ୍କୁ, ଶ୍ରୋତା ବକ୍ତାଙ୍କୁ, ବକ୍ତା ଶ୍ରୋତାଙ୍କୁ ଏମିତି ଏମିତି କେହି କାହାରିକୁ ମାନୁନାହାନ୍ତି। ଯାହା ଫଳରେ ସମ୍ପର୍କରେ ସୃଷ୍ଟି ହେଉଛି ସଙ୍କଟ, ଆଚାର ବିଚାର ଓ ଭାବର ଆଦାନପ୍ରଦାନରେ ସୃଷ୍ଟି ହେଉଛି ଚରମ ବିଭ୍ରାଟ!

ଗୋଟିଏ ପଟେ ପ୍ରଚଳିତ ବ୍ୟବସ୍ଥା ଓ ଚଳଣିରେ ଦେଖାଦେଉଥିବା ତ୍ରୁଟିବିଚ୍ୟୁତି, ବିଲକ୍ଷଣ, ବ୍ୟତିକ୍ରମରେ ସଂଶୋଧନ ସୁଧାର, ସଂସ୍କାର ଆଣିବା ପାଇଁ ଆଇନ ପ୍ରଣୟନ ଓ ନିଷେଧାଜ୍ଞା ଜାରି ହେଉଥିବା ବେଳେ ଅନ୍ୟପଟେ ଦିନକୁଦିନ ଆମ ସମାଜରେ ଆଇନ ଅମାନ୍ୟକାରୀ ଓ ନିଷେଧାଜ୍ଞା ଉଲ୍ଲଂଘନକାରୀ ଅମାନିଆମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଆଜ୍ଞା, ଇଏ ବଡ଼ ବିଷମ ପରିସ୍ଥିତି ନୁହେଁ କି ?

ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

ଜୀବନର ମୋଡ଼ କେତେବେଳେ ବଦଳିଯାଏ ତାହା କହିବା କଷ୍ଟକର। ଏମିତି ଏକ ପରିବର୍ତ୍ତନ ଆସିଛି ବେଙ୍ଗାଲୁରୁର ଚାଷୀ ଅମିତ କିଷାନଙ୍କ ଜୀବନରେ। ସେ ବ୍ୟାଙ୍କ ଚାକିରି ଛାଡ଼ି କୃଷି କ୍ଷେତ୍ରରେ ପ୍ରବେଶ କରି ବର୍ଷକୁ ୨୧ କୋଟି ଟଙ୍କା ରୋଜଗାର କରିବା ସହ ୩୦୦୦ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଲୋକମାନଙ୍କୁ ଜୈବିକ ଖାଦ୍ୟ ଯୋଗାଇ ଦେବା ପାଇଁ ସେ ୨୦୧୯ରେ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ। ଦେଢ଼ କୋଟି ଟଙ୍କା ଋଣ ଆଣି ୬୫୦ ଏକର ବିଶିଷ୍ଟ ଫାର୍ମରେ ଏବେ ଚାଷ କରୁଛନ୍ତି। ଅମିତ ଲୋକମାନଙ୍କୁ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା, ଡାଲି ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଯୋଗାଉଛନ୍ତି। ଫସଲ ଉତ୍ପାଦନ କରିବାଠାରୁ ଆରମ୍ଭ କରି ଦୁଗ୍ଧଜାତୀୟ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସେ ୩୦୦୦ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଫାର୍ମରେ ବିଭିନ୍ନ ପ୍ରଜାତିର ୭୦୦ ଦେଶୀ ଗାଈ ରଖିଛନ୍ତି। ଚାଷରେ କୌଣସ ପ୍ଲାଷ୍ଟିକ ବ୍ୟବହାର ହେଉନି, ଏପରି କି ଟ୍ରାକ୍ଟର ଦ୍ୱାରା ଚାଷ କରାଯାଉନାହିଁ। ଚାଷ କେବଳ ପାରମ୍ପରିକ ପଦ୍ଧତିରେ କରାଯାଉଛି । ସେ ମଧ୍ୟ ଫାର୍ମ ଟୁରିଜମ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଜୈବିକ ଖତ,କୀଟନାଶକ ଏବଂ ବାୟୋଗ୍ୟାସ ପ୍ରସ୍ତୁତ କରି ନିଜେ ଚାଷରେ ବ୍ୟବହାର କରିବା ସହ ଅନ୍ୟ ଚାଷୀମାନଙ୍କୁ ତାହା ଶସ୍ତାରେ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୮

- ସେଣ୍ଟ୍ରାଲ ପାକିସ୍ତାନର ଯୋହାରବାଦଠାରେ ଥିବା ଏକ ରିଆକ୍ଟର କେନ୍ଦ୍ରରେ ପ୍ଲୁଟୋନିୟମ ଉତ୍ପାଦନ ଆରମ୍ଭ।
- ଆସାମର କଙ୍ଗୋଠାରୁ ଦିଫୁ ଏବଂ କୁମାରଘାଟକୁ ଅଗରତାଲାକୁ ସଂଯୋଗ କରୁଥିବା ଦୁଇଟି ରେଳପଥର ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର ରେଳବାଇ ମନ୍ତ୍ରୀ ନିତୀଶ କୁମାର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | 9 | 7 | | 3 |
| | | 7 | | 5 | | 9 | | |
| 6 | | | 8 | | | | 4 | |
| 3 | | | 4 | | | | | 6 |
| | | 1 | | | 5 | | | 7 |
| 4 | 7 | | 3 | | | | | |
| | | | | 8 | | | | |
| | 5 | 4 | 9 | | | | | |
| | 8 | | | 3 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 6 | 3 | 2 | 9 | 1 | 7 | 4 |
| 4 | 2 | 1 | 8 | 7 | 6 | 9 | 3 | 5 |
| 3 | 7 | 9 | 4 | 1 | 5 | 2 | 8 | 6 |
| 6 | 9 | 8 | 1 | 4 | 3 | 5 | 2 | 7 |
| 5 | 3 | 2 | 6 | 9 | 7 | 4 | 1 | 8 |
| 7 | 1 | 4 | 2 | 5 | 8 | 6 | 9 | 3 |
| 2 | 6 | 3 | 5 | 8 | 1 | 7 | 4 | 9 |
| 1 | 8 | 7 | 9 | 6 | 4 | 3 | 5 | 2 |
| 9 | 4 | 5 | 7 | 3 | 2 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ ବିଭାଗର ଅବହେଳା

ମହାଶୟ,
ପ୍ରତିବର୍ଷ ଅକ୍ଟୋବର ୯ରେ ବିଶ୍ୱ ଡାକ ଦିବସ ପାଳିତ ହୋଇଆସୁଛି। କିନ୍ତୁ ଡାକ ବିଭାଗର ବହୁ ଅବହେଳା ପରିଲକ୍ଷିତ ହେଉଛି। ଶେରଗଡ଼ ଛକର ଏକ ଟେଲିଫୋନ ଖୁଣ୍ଟରେ ଗୋଟିଏ ଡାକବାକ୍ସ ଲାଗିଛି ଓ ତାହାର ଚାବି ନାହିଁ। ବାଲେଶ୍ୱର ଜିଲାପାଳଙ୍କ ସରକାରୀ ବାସଭବନ ନିକଟରେ ଏକ ରଙ୍ଗବିହୀନ ଡାକବାକ୍ସ ବି ଅଛି। କିନ୍ତୁ ସେଠାରୁ କେବେ ଚିଠି ଖୋଲାହେବାର ଦେଖାଯାଏ ନାହିଁ। ଅନେକ ପୋଷ୍ଟ ଅଫିସରେ ଏଡି(ରେଜିଷ୍ଟ୍ରି ପୋଷ୍ଟରେ ଗୁଞ୍ଚାଯାଏ) କାର୍ଡ ମିଳେ ନାହିଁ। ତାହାକୁ ଲୋକେ ବହି ଦୋକାନରୁ କିଣନ୍ତି। ୧୦ ଟଙ୍କିଆ ଆଇପିଓ ମଧ୍ୟ ମିଳୁନାହିଁ। ଲୋକେ ବାଧହୋଇ ୫୦ ଟଙ୍କାର ଆଇପିଓ (ରାଇଟ୍ ଟୁ ଇନ୍‌ଫର୍ମେଶନରେ ଲାଗିଥାଏ) ଲଗାଉଛନ୍ତି। ୨୫ ପଇସିଆ ମେଘଦୂତ ପୋଷ୍ଟକାର୍ଡ ମିଳୁନାହିଁ। ତେବେ ଡାକ ବିଭାଗର ଏଭଳି ଅବହେଳା କାହିଁକି ?

**– କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ଯେ ପାହାଡ଼ ଆକାଶେ ଟେକିଛି ଶିର
ଯୋଗୀର ଧୂସର ଧିଆନ ସମାନ ଥିର !
ଉପହସି କେତେ ଝଞ୍ଜା ବତାସ ଖରା
କେତେ ବସନ୍ତେ ତୁଟିନି ଧିଆନ ପରା !
କମ୍ପନହୀନ ବିପୁଳ ବକ୍ଷ ତୁଲେ
ଉପବୀତ ସମ ସରୁ ରଥଟିଏ ଝୁଲେ।
(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଖଡଙ୍ଗ ନଦୀରେ ବୁଡ଼ି ଯୁବକ ନିଖୋଜ

ଗୁଡଭେଲା,(ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଜାମୁଟ ଖଡଙ୍ଗ ନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡି ଜଣେ ଯୁବକ ନିଖୋଜ ହୋଇ ଯାଇଛନ୍ତି। ନିଖୋଜ ଯୁବକ ଜଣକ ବଲାଙ୍ଗୀର ସହର ରାଜେଶ ପୁରୋହିତ ବୋଲି ସୂଚନା ମିଳିଛି। ଖବର ପାଇ ଗୁଡଭେଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ତାଙ୍କୁ ଠାବ କରାଯାଇପାରିନାହିଁ। ଶନିବାର ରାଜେଶ ଅନ୍ୟ କେତେଜଣଙ୍କ ସହ ଗଦଗଦାକୁ ବଣଭୋଜି ପାଇଁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି।



## ସଂକ୍ଷେପରେ

### ଲୋଇସିଂହା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)

ଲୋଇସିଂହା ଷ୍ଟାଡିୟମର ୧୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଲୋଇସିଂହା କପ ଫୁଟବଲ ପ୍ରତିଯୋଗିତାର ଶନିବାର ପଞ୍ଚମ ଦିବସରେ ବି ଗ୍ରୁପର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ବାନେର କଳାହାଣ୍ଡି ଓ ସିସିଏଫଏ ବିଏମପୁର ମଧ୍ୟରେ ହୋଇଥିଲା । ଏଥିରେ ୩-୧ ଗୋଲରେ ସିସିଏଫଏ ବିଏମପୁର ବିଜୟୀ ହୋଇଛି । ବିଏମପୁରର କରନ ସାହୁ ମ୍ୟାନ ଅଫଦ ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ବି ଗ୍ରୁପର ପ୍ରଥମ କ୍ୱାର୍ଟର ଫାଇନାଲରେ ରାଉରକେଲା ସ୍ପୋର୍ଟ କ୍ଲବକୁ ୨-୦ ଗୋଲରେ ଗେହ୍ଲା ମା' ବୌଦ୍ଧ ଦଳ ବିଜୟୀ ହୋଇଥିଲା। ରବିବାର ବୌଦ୍ଧ ଗେହ୍ଲାମା ଓ ସିସିଏଫଏ ବିଏମପୁର ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ।

### ବିମଲେଇ ମହୋତ୍ସବ ପ୍ରସ୍ତୁତି

ଲୋଇସିଂହା, ୧୮।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବିଲାଇସର୍ଡାରେ ଦ୍ୱିତୀୟ ବିମଲେଇ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମରେ ୨୦୨୪ ଜାନୁୟାରୀ ୨୨ରୁ ୨୬ତାରିଖ ଯାଏ ଏହି ମହୋତ୍ସବ ଅନୁଷ୍ଠିତ ହେବ। ବିଲାଇସର୍ଡା ଅଞ୍ଚଳର ଇତିହାସ, କଳା, ସଂସ୍କୃତି ଐତିହ୍ୟର ପ୍ରଚାର ଏହି ମହୋତ୍ସବର ଉଦ୍ଦେଶ୍ୟ। ଦ୍ୱିତୀୟ ମହୋତ୍ସବକୁ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ହୋଇଛି। ମହୋତ୍ସବ ଅବସରରେ କଂସ ଦରବାର, ମୀନାବଜାର ସାଙ୍ଗକୁ ପ୍ରତିଦିନ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଏଥିପାଇଁ ମହୋତ୍ସବ ନୂତନ କମିଟି ଗଠିତ ହୋଇଛି। ଭରତଭୂଷଣ ପଧାନ ସଭାପତି, ଗଦାଧର ବିଶ୍ୱାଳ ସମ୍ପାଦକ, ସୁଶାନ୍ତ ଛତ୍ରିଆ ସଂଗଠକ, ମଧୁସୂଦନ ପ୍ରଧାନ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି।

### ଶିଶୁର ସର୍ବାଙ୍ଗୀନ ବିକାଶ ଅଭିଯାନ

ବେଲପଡ଼ା,୧୮।୧୧(ମନୋଜ କୁମାର ମିଶ୍ର)

ୱାଇସିଡ଼ିଏ ବେଲପଡା ଆୟୋଜନ ତଥା ଏସକେଏନ ନେଦରଲାଣ୍ଡ ସହାୟତାରେ ଚାଲିଥିବା ଟୁ ଫିଟ ଆହେଡ ଗୁଗେଦର ପ୍ରୋଜେକ୍ଟ ତରଫରୁ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଏକ ସଚେତନତା ରଥ ଶନିବାର ବେଲପଡା ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ସିଡିପିଓ, ଏବିଇଓ, ଏବିଡିଓ ଉପସ୍ଥିତ ଥିଲେ। ଦୁଇଦିନ ଧରି ବେହେରାମୁଣ୍ଡା, ଘଗୁର୍ଲୀ, କପାଣୀ, କନୁଟ ଓ ନୁନହାଡର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏକ ସଚେତନତା ରଥ ପରିକ୍ରମ କରିଥିଲା ଗ୍ରାମବାସୀ ଓ ଶିଶୁମାନଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମକୁ ୱାଇସିଡ଼ିଏ ବେଲପଡାର ଯୋଗେଶର ପ୍ରଧାନ ପରିଚାଳନା କରିଥିଲେ।

### ଶ୍ରେଷ୍ଠ ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ଲୋଇସିଂହା, ୧୮।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ୧୩୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିରୁ ଝାରମୁଣ୍ଡା ଅଦର୍ଶ ବିଦ୍ୟାଳୟର ଅନ୍ୱେଷା ପଧାନ, ଉପରବାହାଲ ନୋଡାଲ ହାଇସ୍କୁଲର ଅର୍ତ୍ତତ୍ରାଣ ପଧାନ, ନେଗିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମନୋଜ ଦ୍ୱାରୀ, ଝାରମୁଣ୍ଡା ଅଦର୍ଶ ବିଦ୍ୟାଳୟର ସ୍ୱାଗତ କୁମାର ଦାସ ଓ ଯୋଗୀସର୍ଡ ନୋଡାଲ ହାଇସ୍କୁଲର ଛାତ୍ରୀ ପ୍ରତିକ୍ଷା ହରପାଲଙ୍କ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଛି । ଶିକ୍ଷକ ଭୋଳାନାଥ ପର୍ଡିଆ ଓ ସରୋଜ ହୋତା ବିଚାରକ ଏବଂ ସୁନୀଲ ପାତ୍ର ଓ ବେଣୁପ୍ରସାଦ ମିଶ୍ର ପର୍ଯ୍ୟବେକ୍ଷକ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ରୀନାକୁମାରୀ ବେହେରା ଅଧ୍ୟକ୍ଷତା କରିଥିଲେ । ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଆବାହକ ଅଶୋକ କୁମାର ତ୍ରିପାଠୀ, ଆୟୋଜକ ସ୍କୁଲ ପ୍ରଧାନଶିକ୍ଷକ ପର୍ଡିଆ, ସମସ୍ତ ଏବିଓ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ମେଳାକୁ ଉଦ୍‌ଘାଟନ କରିଥିଲେ।




ଦେଓଗାଁ ବସଷ୍ଟାଣ୍ଡରେ କୋଶଳ ମହାବନ୍ଦ ଅବସରରେ କୋଶଳ ସେନା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ଗୁଡଭେଲା ବ୍ଲକ ତୁଷୁରା ମିଳନ ଛକରେ ଆନ୍ଦୋଳନକାରୀ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

# କୋଶଳ ରାଜ୍ୟ ଦାବି: ବନ୍ଦ ଯୋଗୁ ଜୀବନଯାତ୍ରା ପ୍ରଭାବିତ

ବଲାଙ୍ଗୀର,୧୮।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଦିଆଯାଇଥିବା ୧୨ ଘଣ୍ଟିଆ କୋଶଳ ମହାବନ୍ଦ ବଲାଙ୍ଗୀର ଜିଲାରେ ସଫଳ ହୋଇଛି। ଜିଲା ସଦର ମହକୁମା ସମେତ ସହରାଞ୍ଚଳ ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା, ସମସ୍ତ ୧୪ ବ୍ଲକ୍ ମହକୁମା ଓ ଗ୍ରାମାଞ୍ଚଳରେ କୋଶଳ ମହାବନ୍ଦ ତାତି ଅନୁଭୂତ ହୋଇଛି। ସକାଳ ୬ଟାରୁ କୋଶଳ ସମର୍ଥକମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ସମସ୍ତ ଦୋକାନ ବଜାର, ସରକାରୀ ଅଫିସ, ଡାକଘର, ବୀମା ପ୍ରତିଷ୍ଠାନ, ସ୍କୁଲ କଲେଜ, ଗାଡିଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସ୍ୱାଭାବିକ ଜନଜୀବନ ପ୍ରଭାବିତ ହେଲେ ମଧ୍ୟ ଲୋକେ ମହାବନ୍ଦକୁ ସମର୍ଥନ କରୁଥିବା ଦେଖାଯାଇଥିଲା।

ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭା ଏବଂ ବିକ୍ଷୋଭ ସମାବେଶରେ ଶତାଧିକ କୋଶଳବାଦୀ ସଙ୍ଗଠନ, ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ସଙ୍ଗଠନ, ଜାତି ସମାଜ ଏବଂ ରାଜନୈତିକ ଦଳ ପ୍ରତିନିଧି ଯୋଗଦେଇଥିଲେ। କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ ଦଳୀୟ ପତାକା ଧରି ପ୍ରତିବାଦସ୍ଥଳରେ ମହାବନ୍ଦକୁ ସମର୍ଥନ ଘୋଷଣା କରିଥିଲେ। କ୍ରିୟାନୁଷ୍ଠାନ ବ୍ୟାନରରେ କୋଶଳ ରାଜ୍ୟ ସମନ୍ୱୟ ସମିତି, କୋଶଲ୍ ସେନା, କୋଶଳ ରାଜ୍ୟମୁକ୍ତି ମୋର୍ଚ୍ଚା, ପଶ୍ଚିମ ଓଡିଶା ଯୁବା ମଞ୍ଚ, କଂଗ୍ରେସ, ଭାଜପା, କୋଶଳ କ୍ରାନ୍ତି ଦଳ, ଭିଲେଜର୍ସ ଇଣ୍ଡିଆ ପାର୍ଟି, ଆକ୍ସନ କମିଟି, ମାହେଶ୍ୱରୀ ସେନା, ଲିବେରେସନ୍, କୋଶଳ ଯୁବ କ୍ରିୟାନୁଷ୍ଠାନ କମିଟି, ସ୍ୱେଚ୍ଛାସେବୀ ସଙ୍ଗଠନ, ଅଘରିଆ ସମାଜ, ଭୁଲିଆ ସମାଜ, ବ୍ରାହ୍ମଣ ସମାଜ, ଓବିସି ମଞ୍ଚ, କୁଲତା ସମାଜ, ଟାଇଗର ଯୁଥ୍ କ୍ଲବ୍, ଅଟୋ ଚାଳକ ସଂଘ, ବଲାଙ୍ଗୀର ନାଗରିକ କମିଟି, ବରିଷ୍ଠ ନାଗରିକ କମିଟି ସମେତ ଶତାଧିକ ସଙ୍ଗଠନ ପ୍ରତିନିଧି ପ୍ରତିବାଦ ସଭାରେ ଯୋଗଦାନ କରିଥିଲେ।

କୋଶଳବାଦୀ ନେତା ପ୍ରମୋଦ ମିଶ୍ର କହିଥିଲେ ଯେ, ମାଁ ମାଟିର ମୁକ୍ତି ଲାଗି ସମଗ୍ର କୋଶଳାଞ୍ଚଳର ବିଧାୟକ, ସାଂସଦ, ସମସ୍ତ ରାଜନୈତିକ କର୍ମୀ, ବୁଦ୍ଧିଜୀବୀ, ସାହିତ୍ୟିକ, କଳାକାର, ଶିଳ୍ପୀ, ଶ୍ରମିକ, ମହିଳା ଓ ଜନସାଧାରଣ ଆଗେଇ ଆସିବାର ସମୟ ଆସିଛି। ଆନ୍ଦୋଳନକୁ ସମର୍ଥନ କରିଥିବାରୁ ବିଧାୟକ ନରସିଂହ ମିଶ୍ର, ବିଧାୟକ ଡ. ମୁକେଶ ମହାଲିଙ୍ଗ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବରଗଡ ଲୋକ ସଭା ସଦସ୍ୟ ସୁରେଶ ପୂଜାରୀ, ପୂର୍ବତନ ଲୋକ ସଭା ସଦସ୍ୟ ବାଳଗୋପଳ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ। ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମାଜସେବୀ ବିକ୍ରମାନନ୍ଦ ବହିଦାର, ସଂସ୍କୃତି ବିଶେଷଜ୍ଞ ଡ. ଘାସିରାମ ମିଶ୍ର, ଗୋପାଳଜୀ ପାଣିଗ୍ରାହୀ, ଗୋପଭୂଷଣ ନାଥ, ବିଭୂଦତ୍ତ ମିଶ୍ର, ରବିଶଙ୍କର ମିଶ୍ର, ବିମଳ ଚୋପଦାର, ଶୁଭ୍ରାଂଶୁ ପଟେଲ, କଂଗ୍ରେସ ନେତା ବୁଲୁ ଦାନୀ, ସାନନ୍ଦ ମିଶ୍ର, ଅଜୟ ବାଲି, ଅଙ୍କିତ ସାହୁ, ନାସିର ଖାନ୍, ଭାଜପା ନେତା ପୀତାମ୍ବର ଖମାରୀ, ଦିନେଶ ଶର୍ମା, କେକେଡିର ଅବଦୁଲ ଜମାଲ ଖାନ୍, ରଣରାଜ ସିଂଦେଓ, ଅଭିଷେକ ଦାଶ, ଧର୍ମବ୍ରତ ରଥ, ବିକାଶ ସା, ଅମିତ ନାୟକ, କୌସ୍ତୁଭ ସାହୁ, ଅର୍ଜୁନ ମୁଗ୍ରୀ, କାହ୍ନା ଶତପଥି, ସ୍ୱାଧିନ ମିଶ୍ର, ଡୋଳାମଣି ସାହୁ, ସବ୍ୟସାଚୀ ପୂଜାରୀ, ଅନ୍ତର୍ଯ୍ୟାମୀ କରଣ, ବିରଞ୍ଚି ବହିଦାର, ଗୋପବନ୍ଧୁ ପୁରୋହିତ, ନିରୂପମା ଉଦ୍‌ଗାତା, କପିଳେଶ୍ୱର ଖମାରୀ, ରାହାସ ବିହାରୀ ମାଝି, ଅଶୋକ ରାଉତ୍, ସନ୍ତୋଷ ପଟ୍ଟନାୟକ, ରିଲୁ ରଥ, ବିନୋଦ କାଲସାଲ, ଗୋବର୍ଦ୍ଧନ ପାଣ୍ଡିଆ ବକ୍ତବ୍ୟ ରଖିଥିଲେ।




ଟିଟିଲାଗଡ କଚେରି ଛକରେ ଜାତୀୟ ରାଜପଥ ୫୯ରେ ଧାରଣା ଦିଆଯାଇଛି।

■ସରକାରୀ ଅଫିସ, ଦୋକାନବଜାର, ବସ୍ ଚଳାଚଳ ବନ୍ଦ

■ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା

**ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଆହୂତ ୧୨ଘଣ୍ଟିଆ ବନ୍ଦ ପଶ୍ଚିମ ଓଡ଼ିଶା ବନ୍ଦ ଶନିବାର ବଲାଙ୍ଗୀର ଜିଲା ପାଳିତ ହୋଇଛି। କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଆହୂତ ବନ୍ଦକୁ ଲୋକଙ୍କ ସମର୍ଥନ ମିଳିଛି। କେବଳ ଜରୁରି ସେବାକୁ ଛାଡିଦେଲେ ବନ୍ଦ ପ୍ରଭାବରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡିମୋଟର ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଇଥିଲା। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ସକାଳ ୬ଟାରୁ ଜିଲାର ବିଭିନ୍ନ ସ୍ଥାନରେ ପିକେଟିଂ, କରିଥିଲେ। ସଭା, ଶୋଭାଯାତ୍ରା କରି ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ଯଥାର୍ଥ। ଏହାକୁ ସରକାର ତୁରନ୍ତ ପୂରଣ କରିବା ଉଚିତ ବୋଲି କହିଥିଲେ।**

**ଟିଟିଲାଗଡ,(ଶରତ ମିଶ୍ର):** ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଓ ଜନସାଧରଣ କଚେରି ଛକରେ ଜାତୀୟ ରାଜପଥ ୫୯ ଉପରେ ଧାରଣା ଦେଇଥିଲେ। ବନ୍ଦକୁ ସ୍ଥାନୀୟ କୋଶଳ ମୁକ୍ତି ମୋର୍ଚ୍ଚା, ପଶ୍ଚିମ ଓଡିଶା କୋଶଳ ଯୁବା ମଞ୍ଚ, ଯାଦବ ସଂଘ, ବ୍ରାହ୍ମଣ ସଂଘ, ଗରିବ ସେନା, ବିକାଶ ସେନା, ବ୍ୟବସାୟୀ ସଂଘ, କୃଷକ ସଂଘର୍ଷ ଅଭିଯାନ ସମିତି, ଛାତ୍ର କ୍ରିୟାନୁଷ୍ଠାନ କମିଟି, ଆଦିବାସୀ ସଂଘ, ମୁସଲିମ ସଂଗଠନ, ଆଦି ଅନେକ ସଂଗଠନ ସମର୍ଥନ କରି ରାସ୍ତାକୁ ଓହ୍ଲାଇଛନ୍ତି। କୋଶଳ ସଂଗ୍ରାମୀ ଘିନୁ ଆଡ଼ୁଆଡ଼, ପ୍ରଶାନ୍ତ ଷଡ଼ଙ୍ଗୀ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ବେଲପଡା,(ମନୋଜ କୁମାର୍ ମିଶ୍ର):** କୋଶଳ କମିଟିର ସଦସ୍ୟମାନେ ବଲାଙ୍ଗୀର-କଣ୍ଟାବାଞ୍ଜି ମୁଖ୍ୟରାସ୍ତାର ବେଲପଡା ତାରିଣୀ ମନ୍ଦିର ନିକଟରେ ରାସ୍ତା ଅବରୋଧ କରିଥିଲେ। ଏହି ବନ୍ଦକୁ ବିଭିନ୍ନ ସଂଗଠନ ସମର୍ଥନ କରି ସାମିଲ ହୋଇଥିଲେ। କୋସଲ ରାଏଜ ରାଜ୍ୟ ମୁକ୍ତିମୋର୍ଚ୍ଚା ସମ୍ପାଦକ ଦନାର୍ଦ୍ଦନ ସିଂଙ୍କ ନେତୃତ୍ୱରେ ଜିତୁ ନାଏକ, ଯୁଗଳ ମେହେର, ମାଟୁ ବୁଡେକ ପ୍ରମୁଖ ସାମିଲ ହୋଇଥିଲେ।

**ଗୁଡଭେଲା,(ମନୋଜ କୁମାର ଜୈନ):** ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଅଞ୍ଚଳରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ଯୁଥ ଏକ୍ସନ କମିଟି, କୃଷ୍ଣପ୍ରିୟା କଳାକାର ପରିଷଦ ସମେତ ବିଭିନ୍ନ ସାମାଜିକ ସଂଗଠନ ଏଥିରେ ସାମିଲ ହୋଇଥିଲେ।

**ପାଟଣାଗଡ଼(ପ୍ରହ୍ଲାଦ ପାଢ଼ି):** ପାଟଣାଗଡ ସହରର ମୁଖ୍ୟ ରାସ୍ତା ସହ ପର୍ଶୁରାମ ଛକ, ରାମପୁର ବ୍ରିଜ ନିକଟରେ ଆନ୍ଦୋଳନକାରୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ଅଫିସ, କୋର୍ଟ କଚେରୀ ବନ୍ଦ ରହିଥିଲା। କୋଶଳ ମୁକ୍ତିମୋର୍ଚ୍ଚା ଆବାହକ ସୁଶିଲ କୁମାର ଗୁରୁ, ସୁବାଷ ଆଚାର୍ଯ୍ୟ, ଡିଙ୍ଗର କୁମ୍ଭାର, ଭଜ ଶଙ୍କର ଦୀପ, ଜନସନ ନାଗ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ବନ୍ଦର ପ୍ରଭାବ ଖପ୍ରାଖୋଲ ବ୍ଲକରେ ଅନୁଭୂତ ହୋଇଥିଲା। ଦୋକାନ ବଜାର ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କୋଶଳ କର୍ମୀମାନେ ପିକେଟିଂ କରିଥିଲେ। ଟିକେନ୍ଦ୍ର ଜାଲ, ଅଭିଲାଷ ଭୋଇ, ସନ୍ତୋଷ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ବିଜୁ ବାରିକ, ଶଶିକାନ୍ତ ଧରୁଆ ବନ୍ଦରେ ସାମିଲ ହୋଇଥିଲେ।

**ଲୋଇସିଂହା,(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହାରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ବନ୍ଦ ଯୋଗୁ ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ ରହିଥିଲା। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଲୋଇସିଂହା, ବୁର୍ଡା, ଯୋଗୀସର୍ଡାରେ ସକାଳୁ ଅଜୟ ବେହେରା, ସୁଦୀପ ସା, ଦେବ ପଣ୍ଡା, ରଶ୍ମୀ ରଞ୍ଜନ ପଧାନ, ଭୋଳାନାଥ ସାହୁ, ଆଶିଷ ଦଲାଇ, ନଯୁ ଖାନ ପ୍ରମୁଖ ପିକେଟିଂ କରି ସ୍କୁଲ, କଲେଜ ବନ୍ଦ କରିଥିଲେ। ଭାଲିଆମୁଣ୍ଡା ସପ୍ତାହିକ ବଜାରରେ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଲୋଇସିଂହା-ପଦ୍ମପୁର ରାସ୍ତାର କରକଟିଆ ଛକରେ ଭୁବନେଶ୍ୱର ଧରୁଆ ଏବଂ ରୁଗୁଡିଖାଲରେ ସୁଶୀଲ ବିଶ୍ୱାଳ ଓ ସୂର୍ଯ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

**ଦେଓଗାଁ(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ମୁଖ୍ୟାଳୟ, ବଙ୍ଗଳାଛକ, ବନ୍ଧପଡା, ଉପରଝର ଛକରେ କୋଶଳସେନା କର୍ମକର୍ତ୍ତା ଓ ବ୍ଲକ କଂଗ୍ରେସ କର୍ମକର୍ତ୍ତାମାନେ ପିକେଟିଂ କରି ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ କରାଇଥିଲେ। ପରେ ବସ୍ଷ୍ଟାଣ୍ଡ, ବଙ୍ଗଳଛକ ଓ ବନ୍ଧପଡା ଫାଣ୍ଡି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଖଚକ ବନ୍ଦ ରହିଥିଲା। ଏପରିକି ପୋଲିସ ଗାଡିକୁ ଆନ୍ଦୋଳନକାରୀ ୧ଘଣ୍ଟା କାଳ ଛାଡି ନ ଥିଲେ। ସ୍ୱତଃପ୍ରବୃତ୍ତ ଭାବେ ସମସ୍ତେ ଦୋକାନ ବଜାର ବନ୍ଦ ରଖି ସମର୍ଥନ ଜଣାଇଥିଲେ। ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ, ଡା. ଶଶୀଭୂଷଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି ଓ କୋଶଳ ସଂଗ୍ରାମୀ ସେନା ଏଥିରେ ସହଯୋଗ କରିଥିଲେ।

**କଣ୍ଟାବାଞ୍ଜି(ଗୁରୁଦୟାଲ ହଂସ):** ବନ୍ଦକୁ ସମର୍ଥନ ଜଣାଇ କଣ୍ଟାବାଞ୍ଜି ସହରର ଅନେକ ଅନୁଷ୍ଠାନ ସାମିଲ ହୋଇଥିଲେ । ବଲାଙ୍ଗୀର--କଣ୍ଟାବାଞ୍ଜି ରାଜ୍ୟ ରାଜପଥ ନଂ.୪୨ର ଇନ୍ଦିରା ଛକ, ପର୍ଶୁରାମ ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଏଲଡିଏ ସଭାପତି ଭଜ ସିପକାଙ୍କ ନେତୃତ୍ୱରେ ଅଣ୍ଡର ଗ୍ରାଉଣ୍ଡ ରାସ୍ତାକୁ ସିଲ୍ କରାଯାଇଥିବାରୁ ଯାତାୟତ ବ୍ୟାହତ ହୋଇଥିଲା। କୋଶଳ ମୁକ୍ତି ମୋର୍ଚ୍ଚା ସଭାପତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ସାମିଲ ହୋଇଥିଲେ। ଭାଜପା ନେତା ଲକ୍ଷ୍ମଣ ବାଗ, ନଗର ସଭାପତି ବେଦବ୍ୟାସ ନାଗ ଇନ୍ଦିରା ଛକ ନିକଟରେ ହୋଇଥିବା ସାଧାରଣ ସଭାରେ ସାମିଲ ହୋଇଥିଲେ। ତୁରେକେଲା ବ୍ଲକ ସଦର ମହକୁମାରେ ବ୍ଲକ ଅଧ୍ୟକ୍ଷା ପୂଜା ବେହେରା ଏବଂ ସରପଞ୍ଚ ସଂଘ ସଭାପତି ଜଲନ୍ଧର ମହାକୁଡ କୋଶଳ ରାଜ୍ୟ ଦାବି ଆନ୍ଦୋଳନକୁ ସମର୍ଥନ କରି ପ୍ରସ୍ତାବ ଆଗତ ପରେ ସମିତି ମିଟିଂ ବାତିଲ କରିଥିଲେ । ପରେ ୧୯ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ କୋଶଳ ଆନ୍ଦୋଳନକୁ ସମର୍ଥନ ଜଣାଇ ବନ୍ଦରେ ସାମିଲ ହୋଇଥିଲେ ।

**ଲାଠୋର(ଭୁବନେଶ୍ୱର ବାରିକ):** ମହାବନ୍ଦକୁ ସାବାସ, ଏଲଡ଼ିଏ, ଓଡ଼ିଆ ବଣିକ ସଂଘ, ମାରୱାଡ଼ି ଯୁବାମଞ୍ଚ ସହ ଅନ୍ୟାନ୍ୟ ସଂଗଠନ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯାନବାହାନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଲାଲ ରଙ୍ଗର ଟି-ଶାର୍ଟ ପିନ୍ଧି ଯୁବକମାନେ ଏକ ବାଇକ ରାଲିରେ ଗ୍ରାମ ପରିକ୍ରମା କରିଥିଲେ। ଗୌରୀଶଙ୍କର ଥନାପତି, କୁନା ବିଶ୍ୱାଳ, ରୋହୀତ ଶବର, ଭକ୍ତ ବାରିକ, ଘନଶ୍ୟାମ ମେହେର, ଶମ୍ଭୁ ରଣା, ପୃଥ୍ୱିରାଜ ବୁଡ଼େକ ପ୍ରମୁଖ ଉପସ୍ଥିତ ଥିଲେ।



ବଲାଙ୍ଗୀର କଚେରି ଛକଠାରେ କୋଶଳ ସେନା ଓ ଅନ୍ୟାନ୍ୟ ସଙ୍ଗଠନ ସଦସ୍ୟମାନେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ନାରାବାଜି କରୁଛନ୍ତି।




ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ରୁଗୁଡିଖାଲଠାରେ କୋଶଳବାଦୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଖୋଲିନି ଋତୁକାଳୀନ ଆବାସିକ ପ୍ରୟନ୍ କେନ୍ଦ୍ର

ଲାଠୋର,୧୮।୧୧(ଭୁବନେଶ୍ୱର ବାରିକ)

ସରକାରୀ ନିୟମ ଅନୁସାରେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ଶ୍ରମିକ ପରିବାରର ୬ରୁ ୧୪ ବର୍ଷର ଶିଶୁଙ୍କ ପାଇଁ ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଦାଦନ ପ୍ରବଣ ଅଞ୍ଚଳରେ ଋତୁକାଳୀନ ଆବାସିକ ପ୍ରୟନ୍ କେନ୍ଦ୍ର ଖୋଲିଥାଏ। ମେ ୧୫ ଯାଏ ଏହି କେନ୍ଦ୍ର ଚାଲୁ ରହିଥାଏ। ହେଲେ ଚଳିତ ବର୍ଷ ଏ ଯାଏ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଏହି କେନ୍ଦ୍ର ଖୋଲିନାହିଁ। ଏଥିଯୋଗୁ ଅନେକ ଦାଦନ ଶ୍ରମିକ ପରିବାର ତାଙ୍କ ପିଲାଙ୍କୁ ସାଙ୍ଗରେ ନେଇ ଦାଦନ ଖଟିବାକୁ ଯାଇଥିବା ଅଭିଯୋଗ ହେଉଛି। ଲାଠୋର ଅଞ୍ଚଳରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଶ୍ରମିକ ପରିବାର ସେମାନଙ୍କ ପିଲାଙ୍କୁ ଧରି ବାହାର ରାଜ୍ୟକୁ ଦାଦନ ଖଟବାକୁ ଯାଇଥାନ୍ତି। ଏହାକୁ ଆଖିଆଗରେ ରଖି ଦାଦନ ପରିବାରର ପିଲାଙ୍କ ପାଇଁ ସାନଗୁର୍ଜିଭଟା, ମସିଣା, ଚୋରମୁଣ୍ଡା, ପତ୍ରାପାଲି, ସୁନାମୁଦି, ଚାଉଲଡ଼ିଆ, ପିପଲବାହାଲ ଏବଂ ଭରୁଆମୁଣ୍ଡା ଗ୍ରାମର ବିଦ୍ୟାଳୟ ମାନଙ୍କରେ ଜିଲା ପ୍ରଶାସନ ଋତୁକାଳୀନ ଆବାସିକ ପ୍ରୟନ୍ କେନ୍ଦ୍ର ଖୋଲିଥିଲେ। ସେଠାରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ରଖି ପାଠପଢା ଯାଏ। ଏଥିସହ ୬ମାସର ଖାଦ୍ୟପେୟ ବାବଦକୁ ମୁଣ୍ଡପିଛା ୧୦ହଜାର ଟଙ୍କା ଲେଖାଏ ସରକାର ପ୍ରଦାନ କରିଥାନ୍ତି। ହେଲେ ବିଭାଗୀୟ ଅବହେଳା ହେତୁ ପ୍ରତିବର୍ଷ କେନ୍ଦ୍ରମାନଙ୍କୁ ଟଙ୍କା ପ୍ରଦାନ କରାଯାଉନାହିଁ। ଗତ ୨୦୧୪--୧୫,୨୦୧୮-୧୯ ଏବଂ ୨୦୨୨-୨୩ ଆର୍ଥିକ ବର୍ଷର ୫୦ ପ୍ରତିଶତ ଟଙ୍କା ଆଜି ଯାଏ କେନ୍ଦ୍ରମାନଙ୍କୁ ଦିଆଯାଇ ନଥିବା ଜଣାପଡିଛି। ଫଳରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ଟଙ୍କା ମାଗି ଥକି ଗଲା ପରେ ଏବେ ଆଉ ଛାତ୍ରାବାସ ଖୋଲିବାକୁ ରାଜି ହେଉ ନାହାନ୍ତି। ଗତ ଅକ୍ଟୋବର ୧୦ତାରିଖରେ ଲାଠୋର ଗ୍ରାମରେ ଜିଲା ପ୍ରଶାସନ ପକ୍ଷରୁ ଦାଦନ ଶ୍ରମିକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳଙ୍କ ସହ ଜିଲା ଶିକ୍ଷା ଅଧିକାରୀ ଯୋଗଦେଇ ଖୁବଶୀଘ୍ର ଲାଠୋର ଅଞ୍ଚଳରେ ଋତୁକାଳୀନ ଆବାସିକ ପ୍ରୟନ୍ କେନ୍ଦ୍ର ଖୋଲାଯିବ ବୋଲି କହିଥିଲେ। ହେଲେ ଆଜି ଯାଏ କେନ୍ଦ୍ର ଖୋଲିନାହିଁ। ଏନେଇ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ପଚାରିବାରୁ ଯେଉଁ ବିଦ୍ୟାଳୟ ମାନ ପ୍ରସ୍ତାବ ଦେଇଛନ୍ତି ତାଙ୍କୁ ଅଗ୍ରୀମ ଟଙ୍କା ଦିଆ ସରିଲାଣି ବୋଲି କହିଥିଲେ। ହେଲେ ଲାଠୋର ଅଞ୍ଚଳର ସମ୍ପୃକ୍ତ ବିଦ୍ୟାଳୟମାନ ପୁରୁଣା ଟଙ୍କା ପ୍ରଦାନ କରା ନଯିବା ଯାଏ ନୂତନ ପ୍ରସ୍ତାବ ଦିଆଯିବ ନାହିଁ ବୋଲି କହୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥାଶୀଘ୍ର ଋତୁକାଳୀନ ଆବାସିକ ପ୍ରୟନ୍ କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

# କୋଶଳ ବନ୍ଦ, ଜୀବନଯାତ୍ରା ପ୍ରଭାବିତ


ବରଗଡ଼ ଗାନ୍ଧୀ ଛକ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ ।


ସୋହେଲା କୋର୍ଟ ପରିସରରେ କୋଶଳ କର୍ମୀ-ପୋଲିସ ମୁହାଁମୁହିଁ ।

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବିରେ ଆନ୍ଦୋଳନ ତେଜି ଉଠିଛି । କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ଶନିବାର ଦିଆଯାଇଥିବା ୧୨ଘଣ୍ଟିଆ କୋଶଳ (ପଶ୍ଚିମ ଓଡ଼ିଶା) ମହାବନ୍ଦ ଡାକରା ବରଗଡ଼ ଜିଲାରେ ଅନୁଭୂତ ହୋଇଛି । ଜିଲାର ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ଏହାର ପ୍ରଭାବ ପଡ଼ିଛି । ସକାଳ ୬ଟାରୁ ଦୋକାନ, ବଜାରକୁ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ କରି ଦେଇଥିଲେ । ସେହିପରି ଜରୁରୀକାଳୀନ ସେବା ବ୍ୟତୀତ ସରକାରୀ, ବେସରକାରୀ ଦପ୍ତର, ସ୍କୁଲ, କଲେଜ ମଧ୍ୟ ବନ୍ଦ ରହିଥିଲା । ତେବେ ବରଗଡ଼ କୋର୍ଟକୁ ବିଚାରପତିମାନେ ଯାଉଥିବା ବେଳେ କୋଶଳ କର୍ମୀମାନେ ବନ୍ଦକୁ ସମର୍ଥନ ଜଣାଇ କୋର୍ଟ ଭିତରକୁ ନ ଯିବା ପାଇଁ ନିବେଦନ କରିଥିଲେ । ମାତ୍ର ଜିଲା ଜଜ୍ ଲୁନା ମହାନ୍ତି ସେମାନଙ୍କ ଭାବାବେଗକୁ ସମ୍ମାନ ଜଣାଉଛୁ । ମାତ୍ର କୋର୍ଟ ବନ୍ଦ ନ ରଖିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା କହିଥିଲେ ଏବଂ ତାଙ୍କ ସମେତ ସମସ୍ତ ବିଚାରପତି, ବିଚାର ବିଭାଗୀୟ କର୍ମଚାରୀମାନେ କୋର୍ଟ ଭିତରକୁ ପ୍ରବେଶ କରିଥିଲେ । ଅନ୍ୟପଟେ ରାସ୍ତାଘାଟରେ ଗାଡ଼ି ଚଳାଚଳ ବନ୍ଦ ରହିଥିବାବେଳେ ଜୀବନଯାତ୍ରା ବ୍ୟାହତ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଛକରେ ପୋଲିସ ମୁତୟନ ସହିତ ରାସ୍ତାଘାଟରେ ପଇଁତରା ମାରିଥିଲା ।

ବରଗଡ଼ ଗାନ୍ଧୀ ଛକରେ କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । କୋଶଳ ସେନା, କୋଶଳ ମଜଦୁର ସଂଘ, କୋଶଳ ମୁକ୍ତିମୋର୍ଚ୍ଚା, କୋଶଳ ରାଜ୍ୟ ସମନ୍ୱୟ ସମିତି, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଆଦି ଅନୁଷ୍ଠାନ ଏହାର ନେତୃତ୍ୱ ନେଇଥିବାବେଳେ ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଥିଲେ । ସେହିପରି କୋଶଳ କର୍ମୀମାନେ ବାଇକ୍ ରାଲିରେ ପିକେଟିଂ କରିଥିଲେ । କୋଶଳ ସେନାର ବିରବଲ ମହାକୁଡ଼, କୋଶଳ ମଜଦୁର ସଂଘର ନନ୍ଦନ ମହାନନ୍ଦ, କୋଶଳ ରାଜ୍ୟ ସମନ୍ୱୟ ସମିତିର ଅବନୀକାନ୍ତ ପଣ୍ଡା, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର

## ବରଗଡ଼ ଜିଲା

ଦେହେରୀ, ଚାଷୀନେତା ରମେଶ ମହାପାତ୍ର, ସାମାଜିକ କର୍ମୀ ଶିବାନନ୍ଦ ମଟାରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଅତାବିରାରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା । ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ, ବଜାର ସହ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ଓକିଲ ସଂଘ ସଭାପତି ଦୁର୍ଯ୍ୟୋଧନ ଛତର, ନିର୍ମଳ ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ, ଶ୍ରୀମନ୍ତ ବାରିକ, ରାମ ରତ୍ନାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଗୋଡ଼ଭଗାରେ ରାସ୍ତାରୋକୋ କରାଯାଇ ଥିବାବେଳେ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା । ସୁଧୀର ପଣ୍ଡା, ପ୍ରେମନ ମହାକୁର, କୁବେର ମହାକୁର, ସୌମ୍ୟକାନ୍ତ ଦାଶ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଭେଡ଼େନ ବ୍ଲକର ଭେଡ଼େନ, ମହୁଲପାଲିରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା । ମହୁଲପାଲି ସରପଞ୍ଚ ବିଜନ କର୍ମୀ, ବସୁଦେବ କମ୍ପ, ମୁନା ହାତୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

ଅମ୍ବାଭୋନା ବ୍ଲକର ପ୍ରକାଶପୁରରେ ରାସ୍ତା ଅବରୋଧ କରାଯାଇଥିଲା । ସୁନୀଲ ଭୋଏ, ଶମ୍ଭୁ ପ୍ରସାଦ ସାହୁ, ବିନୋଦ ଦାସ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ବ୍ୟବସାୟୀ ସଂଘ, ଓକିଲ ସଂଘ, କୃଷକ ସଙ୍ଗଠନ, ମୋଟର ଚାଳକ ସଂଘ ସମର୍ଥନ ଜଣାଇଥିଲେ । ସୋହେଲା ମୁଖ୍ୟ ଛକରେ କୋଶଳ କର୍ମୀମାନେ ରାସ୍ତାରୋକୋ ସହିତ ସ୍ଥାନୀୟ ଜେଏମଏଫସି, ସବଜଜ୍ କୋର୍ଟ ସମ୍ମୁଖକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ପୋଲିସ ସହିତ ସେମାନେ ମୁହାଁମୁହିଁ ହୋଇଥିଲେ ମଧ୍ୟ କୋର୍ଟ ସ୍ୱାଭାବିକ ଚାଲିଥିଲା । ସୁଶାନ୍ତ ମିଶ୍ର, ନିମାଇଁ ମହାନନ୍ଦ, ମହମ୍ମଦ ଗଚ୍ଛୁ, କୃତାର୍ଥ ପ୍ରଧାନ, ବିଜୟ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ । ଗାଇସିଲେଟ ଓ ବିଜେପୁରରେ ଟାୟାର ଜାଳି ରାସ୍ତାରୋକୋ ସହ ପିକେଟିଂ କରି ସରକାରୀ ଅଫିସ ଗୁଡ଼ିକୁ ବନ୍ଦ କରାଯାଇଥିଲା । ବରପାଲିରେ ବନ୍ଦକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ମୁଖ୍ୟଛକରେ ରାସ୍ତା ଅବରୋଧ ହୋଇଥିଲା । କମଳେଶ ରାୟ, ସୁଜିତ ଗଡ଼ତିଆ, ରଶ୍ମିରଞ୍ଜନ ଦାଶ, କଂଗ୍ରେସର ଅଭିଷେକ ସେଠ, ଭାଜପାର ଅଜିତ ଦାଶ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ପଦ୍ମପୁରରେ ମଧ୍ୟ ବନ୍ଦ ସଫଳ ହୋଇଥିଲା । ଦୋକାନ, ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା । ଓକିଲ ସଂଘ, ବଣିକ ସଂଘ, କୃଷକ ସଙ୍ଗଠନ, ମାରୱାଡ଼ି ଯୁବାମଞ୍ଚ, କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱ ନେଇଥିଲେ । ସେହିପରି ପାଇକମାଳରେ ମଧ୍ୟ ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା । ଏଠାରେ ଆକାଶ ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ । ଝାରବନ୍ଧରେ ସନାତନ ପାଣ୍ଡେଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା ଏବଂ ସ୍କୁଲ, କଲେଜ, ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା ।

## ସଂକ୍ଷେପରେ

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଅତାବିରା,୧୮।୧୧(ହୃଷୀକେଶ ଖମାରୀ): ଅତାବିରା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ସହିତ ଭାଷାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଇଓ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ କାର୍ତ୍ତିକ ବାଗ, ରବିନ୍ଦ୍ର କୁମାର ସାହୁ, ପ୍ରଧାନ ଶିକ୍ଷକ ମନୋଜ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ । କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚିରାଣୀ ମେହେର, ଶୁଭଶ୍ରୀ ତାଣ୍ଡିଆ, ଇନିଗୁରି ରକ୍ଷିତ, ସ୍ନିଗ୍ଧାରାଣୀ ଛତ୍ରିଆ, ସାଗରିକା ନାୟକ, ସାଇକ୍ରିଷ୍ଣା ଦାଶ, ସ୍ମୃତି ଭୁଏ, ଅସିତ୍ ପ୍ରଧାନ, ଦୀପାଞ୍ଜଳି ବାଇସ୍ତାନ, ସେଲୋନୀ ପ୍ରଧାନ, ସୁଦିକ୍ଷା ନାଗ, ସ୍ମୃତିଶ୍ରୀ ରଣା ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ । ସିଆରସିସି ନନ୍ଦିଘୋଷ ଭୁଏ, ନୃପ ଭୋଇ, ଜୟଦେବ ନାଏକ, ଖେଳ ଶିକ୍ଷକ ଲବ ସାହୁ ସହଯୋଗ କରିଥିଲେ ।

### ଯୁବ ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

ପାଇକମାଲ,୧୮।୧୧(ବଡ ଶତପଥୀ): ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡା ଗ୍ରାମର ଶିକ୍ଷକ ଭକ୍ତବନ୍ଧୁ ବାଗ (୩୫)ଙ୍କ ପରଲୋକ ହୋଇଛି । ସେ



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସ୍ୱର୍ଗତ ବାଗ ଭେରୁଆମୁଣ୍ଡା ଗ୍ରାମର ଜଣେ ସାହିତ୍ୟିକ, ନାଟ୍ୟ ନିର୍ଦ୍ଦେଶକ ଅଟନ୍ତି । ସେ ହାର୍ଟ, କିଡ୍ନୀ ଓ ଜଣ୍ଡିସ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଏଡ୍ସ ରୋଗୀ ବୋଲି ଗାଁକୁ ନେଲେନି ମୃତଦେହ

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

ଅନ୍ଧବିଶ୍ୱାସ ଭଳି କୁସଂସ୍କାର ବଶବର୍ତ୍ତୀ ହୋଇ ଜଣେ ଏଡ୍ସ ରୋଗୀଙ୍କ ମୃତଦେହକୁ ଗ୍ରାମକୁ ନ ନେବା ଭଳି ଏକ ଅଭାବନୀୟ ଘଟଣା ବରଗଡ଼ ଜିଲାରେ ଦେଖିବାକୁ ମିଳିଛି । ପରିବାର ତଥା ପଡ଼ୋଶୀ ଲୋକେ ମୃତଦେହ ସତ୍କାର କରିବାକୁ ମନା କରିଦେବାରୁ ଶନିବାର ବରଗଡ଼ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ବରଗଡ଼ ଖେଦାପାଲି ନିକଟ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର କରିଛନ୍ତି । ଶୁକ୍ରବାର ବରଗଡ଼ ସହରାଞ୍ଚଳ ଡାକ୍ତରଖାନାରେ ସୋହେଲା ବ୍ଲକ ଅଞ୍ଚଳର ଏକ ମୃତଦେହ ପଡ଼ିଥିଲା । ତେବେ ସେ ଏଡ୍ସ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଘର ଛାଡ଼ି ଅନ୍ୟତ୍ର ଏକାକୀ ରହିଆସୁଥିଲେ । ତାଙ୍କ ମୃତ୍ୟୁ ଖବର ଦିଆଯିବା ସତ୍ତ୍ୱେ ପରିବାର କିମ୍ବା ପଡ଼ୋଶୀ ମୃତଦେହ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ପୋଲିସଠାରୁ ସୂଚନା ପାଇ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ, ନବୀନ ବୁଡ଼େକ, ଲୋକନାଥ ମେହେର, ନିଲେଶ ପ୍ରଧାନ ପ୍ରମୁଖ ମୃତଦେହ ସତ୍କାର କରିଥିଲେ । ମୃତକଙ୍କ ୨ ପୁଅ ଉପସ୍ଥିତ ଥିଲେ ।

## ଆଇନ ସଚେତନତା ଶିବିର

ବରଗଡ଼,୧୮।୧୧ (ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସିଡିଏମ୍ଓ ଡା. ଜିତେନ୍ଦ୍ର କୁମାର ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଯୌନ ନିର୍ଯାତନା ଆଇନ ଉପରେ ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ ଆଲୋଚନା କରିଥିଲେ । ପ୍ରଶାସନିକ ଅଧିକାରୀ ଆରତୀ ଭୋଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସୋହେଲା କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ସୋହେଲା,୧୮।୧୧(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା କଲେଜରେ ଦୁଇଦିନ ଧରି ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଛି । ଭଟଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ । ନିୟନ୍ତ୍ରକ ମଣ୍ଡଳୀ ସଭାପତି ଅଶୋକ ବାରିକ ଓ କଲେଜ ଅଧ୍ୟକ୍ଷ ରବିନ୍ଦ୍ର ମିଶ୍ରଙ୍କ ଦିଗ୍‌ଦର୍ଶନରେ ପ୍ରାୟ ୨୨ଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଚ୍ଚ ମାଧ୍ୟମିକ ସ୍ତରରେ ଉମେଶ ଭୁଏ ଓ ଗୀତିକା ମାଝି ଏବଂ ସ୍ନାତକ ସ୍ତରରେ ଯଶୋବନ୍ତ ବିଶି ଓ ବୀଣାପାଣି ସା ବ୍ୟକ୍ତିଗତ ଚାମ୍ପିୟନ ହୋଇଥିଲେ । ବିଭିନ୍ନ ଦିବସରେ ଡାକ୍ତର ଶିଶିର କୁମାର ସାହୁ, ଟଙ୍କଧର ଝାଙ୍କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଖେଳ ଶିକ୍ଷକ ସୁଦାମ ବାରିକ, ତୁଳସୀ ପଧାନ, ସୁଶିଲ ଚାନ୍ଦ, ସୁଶାନ୍ତ ସାହୁ ଓ ପ୍ରଦୋଷ ଭୋଇ ଖେଳ ପରିଚାଳନା କରିଥିଲେ । କଲେଜ ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ସ୍ୱାଗତ ଭାଷଣ, ଅଧ୍ୟାପକ ଶଶିକାନ୍ତ ପାଣିଗ୍ରାହୀ ବିବରଣୀ ପାଠ ଏବଂ ଅନୀଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ ।



କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।



ସର୍‌ଗିଫୁଲ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ନୃତ୍ୟ ପରିବେଷଣ ।

## ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ବରଗଡ଼ ଜିଲା ପ୍ରଶାସନ ତରଫରୁ ସହର ଉପକଣ୍ଠ ବରଡ଼ୋଲ ସେବାଶ୍ରମ ସ୍କୁଲରେ ଶୁକ୍ରବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ ହୋଇଯାଇଛି । ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲା ଶିକ୍ଷା ନିରୀକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ବକ୍ତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଡିଡବ୍ଲ୍ୟୁଓ ହିମାଂଶୁ ଶେଖର, ଡବ୍ଲ୍ୟୁଇଓ ମୋହନ ଚୌହାନ, ପ୍ରଧାନ ଶିକ୍ଷକ ଦିଗମ୍ବର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସର୍‌ଗିଫୁଲ ଯେଉଁଳି ତାର ମହକରେ ମହକାଇଥାଏ, ସେହିପରି ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା କଳା, ସାହିତ୍ୟ, ସଂସ୍କୃତି, ବିଭିନ୍ନ କୌଶଳ ତଥା ବୈଜ୍ଞାନିକ ପ୍ରତିଭାକୁ ଲୋକଲୋଚନକୁ ଆଣି ପୂର୍ଣ୍ଣମାତ୍ରାରେ ପରିସ୍ଫୁଟିତ କରିବା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ଜିଲାର ୬୪ ଆଶ୍ରମ ସ୍କୁଲରୁ ୭୨୦ ଛାତ୍ରୀଛାତ୍ର କୁଇଜ୍, ବକ୍ତୃତା, ଡ୍ରଇଂ, ନୃତ୍ୟ, ରଚନା, ଏକକ ଅଭିନୟ, ସ୍ଲୋଗାନ ଲିଖନ, ବାଦ୍ୟଯନ୍ତ୍ର ବାଦନ, ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଡିବେଟ୍ ଜୁନିୟରରେ ଅଜିତ ମହାନନ୍ଦ, କୁସୁମ ଭୁଏ, ସୁସ୍ମିତା ମିର୍ଦ୍ଧା, ଗୀତରେ ନନ୍ଦିନୀ ଛତ୍ରିଆ, କ୍ରିତିକା ବାରିକ, ପ୍ରିୟଙ୍କା ଭୁଏ, ଡିବେଟ୍ ସିନିୟରରେ ଜୟନ୍ତୀ ବିଭାର, ଭାରତୀ ବରିହା, ଯଶୋବନ୍ତୀ ତାଣ୍ଡି, ଗୀତ ସିନିୟରରେ ପ୍ରିୟଙ୍କା ଦୀପ, ବର୍ଷା କୁମ୍ଭାର, ଶିଖା ଅନ୍ଦେଜା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଗୋପାଳ ଦାଶ, ଶଙ୍କର ପଟ୍ଟନାୟକ, ରାଜେନ୍ଦ୍ର ସିକନ୍ଦର, ସରୋଜ ଦେବତା, ଅଶୋକ ବେହେରା, ସୁବ୍ରତ କୁମାର ପଣ୍ଡା, ମୋହନ ସାହୁ, ତେଜରାଜ ହୋତା, ଜଗମୋହନ ମହାପାତ୍ର, ଆନନ୍ଦ ମୋହନ ତ୍ରିପାଠୀ, ଜବାହରଲାଲ ନନ୍ଦ, ସୁଶିଲ ପ୍ରଧାନ, ଅମରେଶ ବାରିକ, ଦିଲୀପ ବେହେରା, ପୁରୁଷୋତ୍ତମ ବାଗ, ବିରେନ୍ଦ୍ର ପାତ୍ର ପ୍ରମୁଖ ବିଚାରକ ଥିଲେ । ଉତ୍ସବ ଭୁଏ, ପ୍ରବାସିନୀ ହୋତା, କ୍ଷୀରେଶ୍ୱର ତାଣ୍ଡି, ଅନଙ୍ଗ ଲୁହା, ଧୀରେନ୍ଦ୍ର ନନ୍ଦ, ଦିଲୀପ ହୋତା, ପ୍ରଦୀପ ନାଗ ପ୍ରମୁଖ ସହଯୋଗ କରିଥିଲେ ।

## ଦିଲ୍ଲୀରେ କୋଶଳ ମହାବନ୍ଦ ପ୍ରଭାବ

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

କୋଶଳ ମହାବନ୍ଦକୁ ସମର୍ଥନ ଜଣାଇ ଶନିବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆର୍ଟସ୍ ଫାକଲ୍ଟି ପରିସରରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପରିଦର୍ଶନ କରାଯାଇଥିଲା । ସୁଜିତ ସାହୁ ଏବଂ ପପୁନ ସାହୁଙ୍କ ନେତୃତ୍ୱରେ ଦିଲ୍ଲୀର ବିଭିନ୍ନ ଅନୁଷ୍ଠାନରେ ପଢୁଥିବା ପଶ୍ଚିମ ଓଡ଼ିଶା ତଥା ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଗବେଷକମାନେ ଏଥିରେ ସାମିଲ ହୋଇଥିଲେ । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୨, ୩ ଅନୁସାରେ ଏକ ସ୍ୱତନ୍ତ୍ର ରାଜ୍ୟର ଦାବିକୁ ସେମାନେ ସାମ୍ବିଧାନିକ ଦର୍ଶାଇଥିଲେ । ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତି, ଶିକ୍ଷା, ଶିଳ୍ପ, ଅର୍ଥନୀତି ପ୍ରତି ସର୍ବଦା ବୈମାତୃକ ମନୋଭାବ ପୋଷଣ ଯୋଗୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ପ୍ରଫେସର ତିଳ କୁମାରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସୁମନ୍ତ ସାହୁ, ପବିତ୍ର ସାହା, ସୌମ୍ୟ ବଡ଼ପଣ୍ଡା, ରଜତ ସାହୁ, ରାହୁଲ ମେହେର, ପଦ୍ମନାଭ ପଧାନ, ସତ୍ୟଜିତ ଧରୁଆ, ପଦ୍ମନାଭ ଚୌହାନ, ରୋହିତ ନାୟକ, ମୁକେଶ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



କୋଶଳ ମହାବନ୍ଦକୁ ସମର୍ଥନ ଜଣାଇ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ୨୦ରୁ ବରଗଡ଼ ପୁସ୍ତକ ମେଳା

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆସନ୍ତା ୨୦ତାରିଖରୁ ବରଗଡ଼ ପୁସ୍ତକମେଳା ଆରମ୍ଭ ହେବ । ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଏହି ପୁସ୍ତକମେଳା ଚାଲିବ । ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିଦ୍ୟାଧର କୁଅଁର ସୂଚନା ଦେଇ କହିଥିଲେ, ଜର୍ଜ ହାଇସ୍କୁଲରେ ପୁସ୍ତକମେଳା ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଅନୁମତି ମିଳିସାରିଛି । ଚଳିତବର୍ଷ ପୁସ୍ତକମେଳାରେ ୧୫୦ ଷ୍ଟଲ ବ୍ୟବସ୍ଥା ହୋଇଛି । ସେଥିରୁ ୧୦୦ ଷ୍ଟଲ କେବଳ ପୁସ୍ତକ ପ୍ରଦର୍ଶନ, ବିକ୍ରି ନିମନ୍ତେ ରହିଛି । ୨ଟି ଷ୍ଟଲ ଜିଲାର କବି, ଲେଖକଙ୍କ ପୁସ୍ତକ ପ୍ରଦର୍ଶନ ଏବଂ ବିକ୍ରି ନିମନ୍ତେ ଉଦ୍ଦିଷ୍ଟ ରହିବ । ଗୋଟିଏ ଷ୍ଟଲରେ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ରକ୍ତ ଶର୍କରା, ରକ୍ତଚାପ ପରୀକ୍ଷା ରିହାତି ଦେୟ ସହିତ କରାଯିବ । ଏହି ବ୍ୟବସ୍ଥା ସମ୍ପ୍ରସାରିତ ହୋଇ ଗାନ୍ଧୀ ଭବନରେ ସାପ୍ତାହିକ ଥରେ କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ । ମେଳାକୁ ଆକର୍ଷଣୀୟ କରିବା ପାଇଁ ପ୍ରତି ସନ୍ଧ୍ୟାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ବିଚିତ୍ରା ସହିତ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ପାଠାଗାର ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାର କର୍ମକର୍ତ୍ତା ।

## ଫାଇନାଲରେ ତୋରା ଫୁଟବଲ କ୍ଲବ

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଶନିବାର ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଏବଂ ତୋରା ଫୁଟବଲ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇଥିଲା । ଏଥିରେ ତୋରା ଦଳ ପ୍ରତିପକ୍ଷ ଦଳକୁ ୧-୦ ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଛି । ତୋରା ଫୁଟବଲ କ୍ଲବର ଆଶିଷ ବାବୁ ଗୋଲ ସ୍କୋର କରିଥିଲେ । ଦୀପେଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ । ସଚିନ ଭୁଏ, ଶୁଭମ ପାତ୍ର ଲାଇନରେ ସହଯୋଗ କରିଥିଲେ । ଅଶ୍ୱିନୀ ମେହେର ଚତୁର୍ଥ ରେଫରି ଥିଲେ । ତୋରା ଦଳର ଆଶିଷ ବାବୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଆୟୋଜକ କ୍ଲବର ସମ୍ପାଦକ ଅତୀଶ କୁମାର ପଣ୍ଡା, ପିଣ୍ଟୁ ଡାଙ୍ଗ, କୁଳମଣି ମାଝି ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ସୋମବାର ତୋରା ଫୁଟବଲ କ୍ଲବ ଏବଂ ମୁଣ୍ଡାପଡ଼ା ଏଜେସି ମଧ୍ୟରେ ଫାଇନାଲ ମ୍ୟାଚ୍ ହେବାର କାର୍ଯ୍ୟକ୍ରମ ରହିଛି ।

## ସଂସ୍କାର ସ୍କୁଲରେ ମୁନ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶନିବାର ମୁନ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓଡ଼ିଆ ଏହାର ଶୁଭାରମ୍ଭ କରିଥିଲେ । ୨ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ସମେତ ଝାରସୁଗୁଡ଼ାର କ୍ଲୁବେଲ ସ୍କୁଲ, ବରପାଲିର ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ, ବଲାଙ୍ଗୀରର ଆଇଡ଼ିଏମ ସ୍କୁଲ, ପଦ୍ମପୁରର ଜେନିଥ୍ ସ୍କୁଲରୁ ୮୦ଜଣ ଡେଲିଗେଟ୍ସ ସମ୍ମାନିତ ହୋଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ସଂସ୍କାର ସାପଲିଙ୍ଗର ସିଦ୍ଧାର୍ଥ ସାଓଡ଼ିଆ, ଏକାଡ଼େମିକ କୋର୍ଡ଼ିନେଟର ସୀମା ସାହୁ, କୋର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ । ୟୁନାଇଟେଡ୍ ନେଶନ ଏନଭାଇରନମେଣ୍ଟ ପ୍ରୋଗ୍ରାମ ଏବଂ ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେଶନ ଉପରେ ଆଲୋଚନା ହୋଇଥିଲା । ସାମ୍ପ୍ରତିକ ସ୍ଥିତିରେ କାର୍ବନ ଫୁଟ୍ ପ୍ରିଣ୍ଟ ବୃଦ୍ଧି ପ୍ରଭାବ ଏବଂ ଏହାର ସମାଧାନ ଉପରେ ମତପ୍ରକାଶ ପାଇଥିଲା । ଛାତ୍ରୀଛାତ୍ରମାନେ ଋଷିଆ, ଭାରତ, ଫିନଲାଣ୍ଡ, ପାକିସ୍ତାନ, ସାଉଥ ଆଫ୍ରିକା, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ଇରାନ, ସୁଦାନ, ନେପାଳ ଆଦି ୮୦ଟି ଦେଶରୁ ପ୍ରତିନିଧିତ୍ୱ କରିବା ଭଳି ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ଅନ୍ତର୍ଜାତୀୟ ସମସ୍ୟା ଏବଂ ସମାଧାନ ଉପରେ ଛାତ୍ରୀଛାତ୍ର ମତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ପାଇଁ ୪ଟି ହଲ ପ୍ରସ୍ତୁତ କରାଯାଇଛି । ସ୍ୱାମୀ ବିବେକାନନ୍ଦ ହଲରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିବାବେଳେ ଅନ୍ୟ ହଲ୍ ଗୁଡ଼ିକରେ ଖବରଦାତା ସମ୍ମିଳନୀ, ସମ୍ଭାଷଣ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଛି । ଛାତ୍ରୀଛାତ୍ରଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି, ଅନ୍ତର୍ଜାତୀୟ ସମସ୍ୟା ଏବଂ ତାର ସମାଧାନ ଦିଗରେ ଜ୍ଞାନ ଆହରଣରେ ଉକ୍ତ କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସାଓଡ଼ିଆ ସୂଚନା ଦେଇଛନ୍ତି ।





ଉଦଘାଟନୀ କାର୍ଯ୍ୟକ୍ରମରେ ସଂସ୍କାର ସ୍କୁଲର ଚେୟାରମ୍ୟାନ ଏବଂ ଅନ୍ୟମାନେ । କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ପ୍ରତିନିଧିଭାବେ ଉପସ୍ଥିତ ଛାତ୍ରୀଛାତ୍ର ।






## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସାଧୀନ ମହିଳା ମୃତ

**ରାଉରକେଲା,୧୮।୧୧(ଦିନେଶ ମିଶ୍ର):** ବିଷଧର ସାପ କାମୁଡ଼ାରେ ବିରକେରା ଅଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ରଞ୍ଜିତା ବାଗ(୩୬)। ବିରକେରା ରାଣ୍ଟୋ ତଳପଡା ବସ୍ତିର ରଞ୍ଜିତା ଶୁକ୍ରବାର ସନ୍ଧ୍ୟାରେ ବିଲକୁ ଘାସ ଆଣିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ବାମ ଗୋଡକୁ ଏକ ଚିତିସାପ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ବିରକେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶନିବାର ଅପରାହ୍ନ ସାଢେ ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ନକଲି ଫେଭିକୁଇକ୍ ବିକ୍ରି ଅଭିଯୋଗ, ୪ ଗିରଫ

**ରାଉରକେଲା,୧୮।୧୧(ସଙ୍ଗୀତା ଜେନା):** ନକଲି ଫେଭିକୁଇକ ଅଠା ବିକ୍ରି ଅଭିଯୋଗରେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଶନିବାର ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ୱଜିତ ନାୟକ, ତବ୍ରେଜ୍ ଆଲମ୍, ସୌରଭ ଅଗ୍ରୱାଲ ଏବଂ ମନୋଜ ଗୋଏଲ। ଏ ନେଇ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ମାମଲା ଏକ (ନଂ.୪୦୫/୨୩) ରୁଜୁ କରି ତଦନ୍ତ କରୁଛି।

### ରାସ୍ତାରେ ଗଛ ଭାଙ୍ଗିପଡ଼ିଲା, ସାଇକେଲ ଆରୋହୀ ଗୁରୁତର

**ରାଉରକେଲା,୧୮।୧୧(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅଧୀନ ସେକ୍ଟର-୨୦ ହିଲ୍‌ଟପ୍ ଛକରୁ ଆର୍‌ଏସ୍‌ପି ପାରିପାର୍ଶ୍ୱିକ ଅଞ୍ଚଳ ବିକାଶ କେନ୍ଦ୍ର ମଧ୍ୟବର୍ତ୍ତୀ ରାସ୍ତାରେ ଏକ ବଡ଼ ଗଛ ଭାଙ୍ଗିପଡିବାରୁ ସେକ୍ଟର ଅଞ୍ଚଳର ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅପରାହ୍ନ ସାଢ଼େ ୨ଟା ସମୟରେ ଉକ୍ତ ଯୁବକ ସାଇକେଲରେ ଆମ୍ବାଗାନ ଅଭିମୁଖେ ଯାଉଥିଲେ। ହଠାତ୍ ଗଛଟି ଭାଙ୍ଗି ପଡ଼ିଥିଲା। ଏଥିଯୋଗୁ ବହୁ ବିଦ୍ୟୁତ୍ ଖୁଣ୍ଟ ମଧ ଭାଙ୍ଗିଯାଇଥିଲା।

### ପଶ୍ଚିମ ଓଡ଼ିଶା ବନ୍ଦ ରାଉରକେଲାରେ ପ୍ରଭାବଶୂନ୍ୟ

**ରାଉରକେଲା,୧୮।୧୧(ସଙ୍ଗୀତା ଜେନା):** କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଶନିବାର ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ ରାଉରକେଲାରେ ଏହି ବନ୍ଦ ପ୍ରଭାବଶୂନ୍ୟ ଥିବା ଦେଖିବାକୁ ମିଳିଥିଲା। ସହରର କିଛି ଘରୋଇ ଇଂରାଜୀ ମିଡିୟମ ସ୍କୁଲ ବ୍ୟତୀତ ପ୍ରାୟ ସମସ୍ତ ସ୍କୁଲ ସ୍ୱାଭାବିକ ଭାବେ ଚାଲିଥିଲା। ସେହିପରି ରାଉରକେଲା ମେନ୍ ମାର୍କେଟ, ଆମ୍ବାଗାନ, କୋଏଲନଗର, ଛେଣ୍ଡରେ ଦୋକାନ ବଜାର ଖୋଲା ରହିଥିଲା। ସ୍ଥାନେ ସ୍ଥାନେ ପୋଲିସ ମୁତୟନ କରାଯାଇଥିଲା।

# ଲିଫ୍ଟ ଅଚଳ, ଟଏଲେଟ୍‌ରେ ତାଲା

**ରାଉରକେଲା,୧୮।୧୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ରେଲୱେ ଷ୍ଟେଶନରେ ସ୍ୱୟଂଚାଳିତ ଲିଫ୍ଟ ଅଚଳ ହୋଇପଡିଥିବା ବେଳେ ଟଏଲେଟ ସମସ୍ୟାର ସମାଧାନ ହେଉନାହିଁ। ଫଳରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ଏହି ଷ୍ଟେଶନର ୪ ଓ ୫ ନମ୍ବର ପ୍ଲାଟଫର୍ମର ଲିଫ୍ଟ ଦୀର୍ଘଦିନ ହେଲା ଅଚଳ ଅବସ୍ଥାରେ ପଡିଛି। ଏଥିସହିତ ୨ ଓ ୩ ନମ୍ବର ପ୍ଲାଟଫର୍ମର ସ୍ୱୟଂଚାଳିତ ସିଡ଼ି ମଧ ଅଚଳ ରହିଛି। ଫଳରେ ବୟୋଜ୍ୟେଷ୍ଠ ରେଳଯାତ୍ରୀମାନେ ୨ ଓ ୩ ନମ୍ବର ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବାରେ କଷ୍ଟ ଭୋଗୁଛନ୍ତି। କେବଳ ୧ନଂ ପ୍ଲାଟଫର୍ମର ସ୍ୱୟଂଚାଳିତ ସିଡ଼ି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ପ୍ଲାଟଫର୍ମରୁ ରେଳଯାତ୍ରୀ ସ୍ୱୟଂଚାଳିତ ସିଡ଼ି ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେହିପରି ୪ ଓ ୫ ନମ୍ବର ପ୍ଲାଟଫର୍ମରେ ରେଳଯାତ୍ରୀ ମାନଙ୍କ ପାଇଁ ଟଏଲେଟ ସୁବିଧା ନାହିଁ। ଅଧିକାଂଶ ସମୟରେ ପୁରୁଷ ଟଏଲେଟରେ ତାଲା ଝୁଲୁଥିବା ବେଳେ ଅନ୍ୟ ଏକ ପୁରୁଷ ଟଏଲେଟ ବ୍ୟବହାର ଉପଯୋଗୀ ନୁହଁ। ପ୍ଲାଟଫର୍ମ ନଂ ୪ ଓ ୫ର ରାଞ୍ଚି ରେଳପଥ ପଟକୁ ମୁଖ୍ୟ ପ୍ଲାଟଫର୍ମ ଦୂରତା କମ୍ ଥିବାବେଳେ ସେଠାରେ ସାର୍ବଜନୀନ ଟଏଲେଟ ତିଆରି ହେଉନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ରେଲୱେ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଉଭୟ ଲିଫ୍ଟ ବିଦ୍ୟୁତ୍ ଜନିତ ସମସ୍ୟା ଯୋଗୁ ବନ୍ଦ ଥିଲା। ଆଜି ମରାମତି ହୋଇଯିବ। ଏହାସହିତ ୨ ଓ ୩ ନମ୍ବର ପ୍ଲାଟଫର୍ମରୁ ସ୍ୱୟଂଚାଳିତ ସିଡି ଦେଇ କମ୍ ରେଳଯାତ୍ରୀ ଯିବାଆସିବା କରୁଛନ୍ତି। ରେଳଯାତ୍ରୀଙ୍କ ଆଂଶିକ ବ୍ୟବହାର ଯୋଗୁ ବେଳେ ବେଳେ ସିଡି ବନ୍ଦ ରହୁଛି। ତେବେ ଏହାକୁ ସର୍ବକାଳୀନ ଚାଲୁ କରାଯିବ। ଖୁବଶୀଘ୍ର ଟଏଲେଟ ମରାମତି ଓ ନିର୍ମାଣ ହେବ ବୋଲି ଦାଶ କହିଥିଲେ।

### ରାଉରକେଲା ରେଲୱେ ଷ୍ଟେଶନ




ଷ୍ଟେଶନରେ ଥିବା ଏକ ଟଏଲେଟ୍‌ରେ ତାଲା ଝୁଲୁଛି।

# ସୀମାନ୍ତରେ ଥମୁନି ମାଓବାଦୀ ଉପଦ୍ରବ

**ରାଉରକେଲା,୧୮।୧୧(ସଙ୍ଗୀତା ଜେନା)**

### ପୁଣି ଆଇଇଡି ଜବତ କଲେ ସୁରକ୍ଷାବଳ

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀଙ୍କ ଉପଦ୍ରବ ଥମୁନି। ମାଓବାଦୀମାନେ ବମ୍ ଓ ଆଇଇଡ଼ି ଖଞ୍ଜୁଯାଉଥିବା ବେଳେ ସୁରକ୍ଷାବଳ ସେଗୁଡ଼ିକୁ ନଷ୍ଟ କରୁଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ସୀମାନ୍ତ ଗୋଏଲକେରା ଥାନା ଅଞ୍ଚଳରେ ଆଇଇଡ଼ି ବ୍ଲାଷ୍ଟିଂରେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଥିଲେ। ଶନିବାର ସମାନ ଅଞ୍ଚଳରେ ପୁଣି କୋମ୍ବିଂ ଅପରେଶନ ବେଳେ ୩ଟି ୫କେଜିର ଆଇଇଡ଼ି ଜବତ ହୋଇଛି। ଏହାକୁ ବମ୍ ନିରୋଧକ ଦଳ ନଷ୍ଟ କରିଛନ୍ତି। ସେହିପରି ମାଓବାଦୀମାନଙ୍କ ସକ୍ରିୟତା ଯୋଗୁ ରାଉରକେଲା ପୋଲିସ ଜିଲା ସୀମାବର୍ତ୍ତୀ ଥାନା ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡି କରାଯାଇଛି। ଘଟଣାକ୍ରମରେ ଶନିବାର ଟୋଣ୍ଟୋ ଥାନା ଅଧୀନ ଚିଡିଆବେଡ଼ା, ପାଟାତୋରୋବ ନିକଟ ଜଙ୍ଗଲରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ମାଓବାଦୀମାନେ ୩ଟି ଆଇଇଡ଼ି ଖଞ୍ଜିଥିଲେ। ସର୍ଚ୍ଚ ଅପେରଶନ ବେଳେ ଯବାନମାନେ ଏଗୁଡ଼ିକୁ ଠାବ କରି ନଷ୍ଟ କରିଥିଲେ। ସେହିପରି ସ୍ଥାନୀୟ ପୋଲିସ ଓ ସିଆରପିଏଫ୍ ସୁରକ୍ଷାବଳଙ୍କ ଦ୍ୱାରା ଗୋଏଲକେରା ଥାନା କୁଇଡ଼ା, ଛୋଟା କୁଇଡ଼ା, ମାରାଦିରି, ହାଥିବୁରୁ, ତିଲାୟବେଡ଼ା, ବୋଇପାଇସିଂ, କୁଟମ୍ବା, ବାୟହାତୁ, ବୋରେୟା ସମେତ ଟୋଣ୍ଟୋ ଥାନା ଅନ୍ତର୍ଗତ ହୁସିପି, ରାଜବାସା, ତୁମ୍ବାହାକା, ରେଗଡ଼ା, ପାଟାତୋରୋବ, ଗୋବୁର, ଲୁଇୟା ଭଳି ସରଣ୍ଡା ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଓଡ଼ିଶା ପୋଲିସକୁ ମଧ୍ୟ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଥିବା ସିଆର୍‌ପିଏଫ୍ ସୂଚନା ଦେଇଛି।

ସୂଚନାଯୋଗ୍ୟ, ମାଓବାଦୀମାନେ ପଶ୍ଚିମ ସିଂହଭୂମ ସମେତ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ କରି ଉପସ୍ଥିତି ଜାହିର କରୁଛନ୍ତି। ଏପରିକି ସେମାନେ ଓଡ଼ିଶା ସୀମାବର୍ତ୍ତୀ ଜିଲାଗୁଡ଼ିକରେ ପଶି ଲୁଟପାଟ୍ କରିବା, ଅପହରଣ, ଧମକପୂର୍ଣ୍ଣ ଚିଠି ଦେବା ଓ ଲେଭି ମନି ଆଦାୟ କରୁଥିବା ଦେଖାଯାଇଛି। ପ୍ରାୟ ୧୦ ଦିନ ତଳେ ବିଶ୍ରା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ୧୦/୧୫ ଜଣ ମାଓବାଦୀ ଧମକାଇ ଅର୍ଥ ମାଗିବା ସହ ମାଡ଼୍‌ପିଟ କରିବା ପରେ ଛାଡି ଦେଇଥିଲେ। ଏ ନେଇ ସୀମାନ୍ତ ସୋରଡା ବିଟ୍ ହାଉସ୍ ଓ ବିଶ୍ରା ଥାନାରେ ଅଭିଯୋଗ ହୋଇଥିଲା। ମାଓବାଦୀମାନଙ୍କ ସକ୍ରିୟତାକୁ ଦୃଷ୍ଟିରେ ରଖି ପୋଲିସ ପାଟ୍ରୋଲିଂ କରାଯାଇଥିବା ଥାନା ପକ୍ଷରୁ କୁହାଯାଇଛି।




ଶନିବାର ରାଉରକେଲା ଉଦିତନଗରରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଶୋଭାଯାତ୍ରାରେ ଉପଜିଲାପାଳଙ୍କ ଅଫିସ ଅଭିମୁଖେ ଯାଉଛନ୍ତି।

# ନୈତିକ ମୂଲ୍ୟବୋଧ ପାଇଁ ଯଜ୍ଞ ଆବଶ୍ୟକ

**ରାଉରକେଲା,୧୮।୧୧(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ରିମ୍ସ କଲେଜ ପରିସରରେ କ୍ରାନ୍ତି ପୁରୁଷ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱିଶତ ବାର୍ଷିକ ଉପଲକ୍ଷେ 'ଜ୍ଞାନଜ୍ୟୋତି ପର୍ବ' ଅବସରରେ ବହୁକୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅଧ୍ୟକ୍ଷା ନଳିନୀ ପ୍ରଭା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରବଚକ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ଆମ ଜୀବନରେ ଯଜ୍ଞର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ସମାଜରେ ପରିବେଶ ସୁରକ୍ଷା, ନୈତିକ ଜୀବନ ମୂଲ୍ୟବୋଧ ପାଇଁ ଯଜ୍ଞ ନିହାତି କରିବା ଆବଶ୍ୟକ ବୋଲି ସ୍ୱାମୀ ସୁଧାନନ୍ଦ କହିଥିଲେ। ବିଦ୍ୟାକ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ଆତ୍ମିକ ଉନ୍ନତି, ବ୍ୟକ୍ତିତ୍ୱର ବିକାଶ ସହ ଚରିତ୍ର ନିର୍ମାଣ ଓ ଦେଶଭକ୍ତି ସଞ୍ଚାର ପାଇଁ ଯଜ୍ଞର ଧ୍ୱନି ବିଦ୍ୟାର୍ଥୀଙ୍କ ଜୀବନରେ ବହୁ ପ୍ରଭାବ ପକାଇଥାଏ। ତେଣୁ ଯଜ୍ଞକାର୍ଯ୍ୟରେ ବ୍ୟବହୃତ ବେଦଶାସ୍ତ୍ର ସହ ଓଁ ଧ୍ୱନି ପରିବେଶ ଓ ସାମାଜିକ ବାତାବରଣ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ସ୍ୱାମିଜୀ କହିଥିଲେ। ପରେ କଲେଜ ପକ୍ଷରୁ ହୋମଯଜ୍ଞରେ ବ୍ୟବହୃତ ଚରୁଅନ୍ନକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଶ୍ରୁତିନ୍ୟାସର କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ଷଡଙ୍ଗୀ, ସନ୍ତୋଷ ପଣ୍ଡା, ଅରୁଣ ନାୟକ, ଶୁଭ୍ରତା ଷଡଙ୍ଗୀ, ରେଖା ନାୟକ, ଆର୍ଯ୍ୟ ପଟ୍ଟନାୟକ, ରୀତା ପଟ୍ଟନାୟକ, ଅଭୟ ଶଙ୍କର ଦାସ, ଦାମୋଦର ନାୟକ, ଦିଲୀପ ସାମଲ, ଗୀତାଞ୍ଜଳି ପାଢୀ, ସ୍ୱାତୀ ଦାସ, ଶକୁନ୍ତଳା ନାୟକ, ରଞ୍ଜିତା ସ୍ୱାଇଁ, ସ୍ୱପ୍ନା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ରିମ୍ସ କଲେଜର ନିର୍ଦ୍ଦେଶକ କରୁଣାକର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଆୟୋଜକବୃନ୍ଦ।

# ଶୋଭାଯାତ୍ରାରେ ଗଲେ, ସ୍ମାରକପତ୍ର ଦେଲେ

**ରାଉରକେଲା,୧୮।୧୧(ସଙ୍ଗୀତା ଜେନା)**

### ଆଦିବାସୀଙ୍କ ଜମି ବିକ୍ରି ପ୍ରସ୍ତାବକୁ ବିରୋଧ

ଅନୁସୂଚିତ ଜନଜାତି (ଆଦିବାସୀ)ଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେବା ନେଇ ବିରୋଧ ତେଜିଛି। ଏହାର ପ୍ରତିବାଦରେ ଶନିବାର ଓଡ଼ିଶା ରାଜ୍ୟ ପେସା ଗ୍ରାମସଭା ସମନ୍ୱୟ ସମିତି ସୁନ୍ଦରଗଡ଼ ଜିଲା ୟୁନିଟ୍ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଉଦିତନଗର ଫିଟ୍‌ନେସ୍ ପାର୍କରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଏକ ବିଶାଳ ଶୋଭାଯାତ୍ରାରେ ଆସିଥିଲେ ଏବଂ ଧାରଣା ଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଦିବାସୀଙ୍କ ଜମିବାଡି ସୁରକ୍ଷା ପାଇଁ ପୂର୍ବର ଆଇନ ସହାୟ ହେଉଥିଲା। ତେବେ ନୂଆ ଆଇନରେ ଆଦିବାସୀ ଜମିର ସୁରକ୍ଷା ହେବନାହିଁ। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ପିଟର ଯୋଯୋ, ଅଶୋକ ସିଂହ, ଶ୍ୟାମଲାଲ କମଳ, ଜର୍ଜ କିଣ୍ଡୋ, ଗ୍ରାବିଏଲା ସିନ୍ଦୁର, ମାଙ୍ଗା ଓରାମ, ମଙ୍ଗଲ ଭୂମିଜଙ୍କ ସମେତ ଶତାଧିକ ଆଦିବାସୀ ଏଥିରେ ସାମିଲ ହୋଇଥିଲେ।

### କାଠ ଦୋକାନ ପୋଡ଼ିଦେଲେ ଦୁର୍ବୃତ୍ତ

**ରାଉରକେଲା,୧୮।୧୧ (ସଙ୍ଗୀତା ଜେନା)**

ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାଠ ଦୋକାନକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଛନ୍ତି। ଏଥିରେ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଶନିବାର ଦୋକାନ ମାଲିକ ଦିଲ୍ଲୀପ ବାରିକ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୮୦/୨୩) ରୁଜୁ କରି ତଦନ୍ତ କରୁଛି।




କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ଓଡ଼ିଆ ସଂସ୍କୃତି, ପରମ୍ପରାର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ରାଉରକେଲା,୧୮।୧୧ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନା ଅନ୍ତର୍ଗତ ନୂଆ ଓଡିଶା, ନବୀନ ଓଡିଶା ଓ ଆମ ଓଡିଶା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କ୍ଷୁଦ୍ରନାଟ୍ୟ, ଏକକ ବ୍ୟଙ୍ଗ, ହସ୍ତକଳା ସହିତ ଚିତ୍ର ଏବଂ ପାରମ୍ପରିକ ବେଷଭୂଷା ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମ ନୋଡାଲ ଅଫିସର ଅଜୟ କୁମାର ବେହେରା ଓ ମାୟାଧର ବାରିକଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୨ ଓ ୩ ସ୍ନାତକୋତର ସ୍ତର ପାଇଁ ପ୍ରତିଯୋଗିତା ହୋଇଥିଲା। ଏକକ ବ୍ୟଙ୍ଗ ଅଭିନୟ ଓ କ୍ଷୁଦ୍ର ନାଟକ, ବେଶଭୂଷା ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ର ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ଦେଇଥିଲେ। ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ରହିଥିଲା।

# ଅଲ୍ ଇଣ୍ଡିଆ କ୍ରିକେଟ, ୱାଇସିସି ବିଜୟୀ

**ରାଉରକେଲା,୧୮।୧୧(ଦିନେଶ ମିଶ୍ର)**

ସେକ୍ଟର-୧୩ ସ୍ଥିତ ଦୁର୍ଗାପୂଜା ପଡିଆରେ ୨୬ତମ ଅଲ ଇଣ୍ଡିଆ ନକ୍‌ଆଉଟ କ୍ରିକେଟ ଟି-୨୦ ଟୁର୍ନାମେଣ୍ଟ ଜୟ ତାରିଣୀ କ୍ରିକେଟ କ୍ଲବ ପକ୍ଷରୁ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ସମେତ ପାଟନା, ଜାମସେଦପୁର ଟାଟା, ରାଞ୍ଚି ଆଦି ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଅତିରିକ୍ତ ଏସ୍‌ପି ରବିକାନ୍ତ ସୁନା, ଶିଳ୍ପପତି ପ୍ରମୋଦ ପ୍ରଧାନ, ଆରଏସପି ଜିଏମ୍ ଅବକାଶ ମଲ୍ଲିକ, ସନ୍ତୋଷ ଭୂୟାଁ, ରାଜେଶ ଗର୍ଗ, ହୀରାଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ବାସନ୍ତୀ କଲୋନୀ ୱାଇସିସି ଓ ଆଶୁ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୱାଇସିସି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାହେବ ସିଂ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଜବାବରେ ଆଶୁ ଇଲେଭେନ ଦଳ ମାତ୍ର ୧୯ ଓଭରରେ ୧୫୩ ରନ କରି ପରାଜିତ ହୋଇଥିଲା। ବିଶ୍ୱଜିତ ମହାପାତ୍ର ଓ ଉକ୍ତବନ୍ଧୁ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। କାହ୍ନୁ ଚରଣ ନାୟକ ସ୍କୋରର ଥିଲେ। କ୍ଲବର ସଭାପତି ବିଭୁରଞ୍ଜନ ପ୍ରଧାନ, ମହେନ୍ଦ୍ର ମହାନ୍ତି, ଅନ୍ତ ଖଣ୍ଡୁଆଳ, ନୀଳକଣ୍ଠ ଦାସ, ମୁଷାବର ଆଲାମ, ଅଜିତ ତିର୍କୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

# ଶିଶୁ ସାହିତ୍ୟ ଯୁଗୋପଯୋଗୀ ହେବା ଉଚିତ

**ରାଉରକେଲା,୧୮।୧୧(ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ଆସର ଓ ଆଲୋଚନାଚକ୍ର, ଶିଶୁ କବିତା ପାଠୋତ୍ସବ ସଭାପତି ବ୍ରଜେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଦର୍ଶ ପାଠାଗାରର ସଭାପତି ଚନ୍ଦ୍ରଶେଖର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟ ସର୍ବଦା ସରଳ, ପିଲାଙ୍କ ମନଲାଖି ଓ ଯୁଗୋପଯୋଗୀ ହେବା ଆବଶ୍ୟକ ବୋଲି ଅତିଥି ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ। ସାହିତ୍ୟିକ ଆଲୋକ ରଞ୍ଜନ ମଲ୍ଲିକ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। କବି ନିରୁପମା ପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ଓ ଶିଶୁ ସାହିତ୍ୟ ଆସରର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂଙ୍କ ବିୟୋଗରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିଶୁ ସାହିତ୍ୟ ପ୍ରତି ବିଭିନ୍ନ ଲେଖକ କିଭଳି ଯତ୍ନଶୀଳ ହୋଇପାରିବେ ସେ ନେଇ ଅତିଥିଗଣ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ କବିତା ପାଠ ଆସର କବି ସତ୍ୟବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହାକୁ କବି ଗୀତାରାଣୀ ବେହେରା ଓ ଶ୍ରେୟସୀ ସାହୁ ସଂଯୋଜନା କରିଥିଲେ। ଏଥିରେ ରାଉରକେଲାର ବହୁ କବି ଓ କବୟିତ୍ରୀ ସ୍ୱ ରଚିତ କବିତା ପାଠ କରିଥିଲେ। ଅଜୟ ପାଣି, ରଙ୍କନିଧି ସେଠୀ, ଲକ୍ଷ୍ମଣନାଥ ଦାସ, ବିକ୍ରମ ଆଚାର୍ଯ୍ୟଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଗୌତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କବୟିତ୍ରୀ କବିଗଣ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ତୁଳସୀମଞ୍ଜରୀ ସହସ୍ରାର୍ଚ୍ଚନ, ଗୋପାଳଜୀ ମନ୍ଦିର, ସକାଳ ୮ଟା
- ବିଜେଡି କର୍ମୀ ସମ୍ମିଳନୀ, ଝରଣା କଲ୍ୟାଣ ମଣ୍ଡପ, ଠେମରା, ସମ୍ବଲପୁର
- ରଙ୍ଗୋଲି ମ୍ୟୁଜିକ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଭଏସ୍ ଅଫ ୱେଷ୍ଟର୍ଣ୍ଣ ଓଡିଶା, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୭ଟା
- ସର୍ବ ଭାରତୀୟ କୁଚ୍‌ବିହାର ଟ୍ରଫି କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା
- ଗୁରୁ ଭଗବାନ ମହୋତ୍ସବ, ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ପୂର୍ବାହ୍ନ ୯ଟା

# ସମ୍ବଲପୁରରେ ମହାବନ୍ଦର ଆଂଶିକ ପ୍ରଭାବ


ଅଇଁଠାପାଲିରେ ପିକେଟିଂ ବେଳେ ପୋଲିସ ଗିରଫ କରୁଥିବା ଦୃଶ୍ୟ ।

**ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ)**

କୋଶଳ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟି ଓ କୋଶଳ ମୁକ୍ତିମୋର୍ଚ୍ଚା ପକ୍ଷରୁ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ନେଇ ଶନିବାର ପଶ୍ଚିମ ଓଡ଼ିଶାରେ ୧୨ଘଣ୍ଟିଆ ମହାବନ୍ଦ ଡାକରା ଦିଆଯାଇଥିଲା। କୋଶଳ ଓ କୋଶଳୀ ନାମକରଣକୁ ନେଇ ହୀରାଖଣ୍ଡ ସାମ୍ମୁଖ୍ୟର କର୍ମକର୍ତ୍ତା ମହାବନ୍ଦକୁ ବିରୋଧ କରିଥିଲେ। ସେଥିପାଇଁ ସମ୍ବଲପୁରରେ ଲୋକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଥିବାବେଳେ ମହାବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ସମ୍ବଲପୁର ଅଇଁଠାପାଲିରେ ଆନ୍ଦୋଳନକାରୀ ଓ ପୋଲିସ ଭିତରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବରଗଡ-ସମ୍ବଲପୁର ୫୩ନଂ. ଜାତୀୟ ରାଜପଥ ଅଇଠାଁପାଲି ଛକରେ କୋଶଳ ମୁକ୍ତି ମୋର୍ଚ୍ଚା ଅବରୋଧ କରିବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ପୋଲିସ ଅଟକ କରି ନେବା ସମୟରେ ବସ ସମ୍ମୁଖରେ ଆନ୍ଦୋଳନକାରୀ ଶୋଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ୧୫ ଜଣ କୋଶଳ ସମର୍ଥକଙ୍କୁ ଗିରଫ କରିଥିବା ସଦର ଏସ୍‌ଡିପିଓ ପ୍ରଦିପ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଇଁଠାପାଲିକୁ ଛାଡି ସମ୍ବଲପୁର ସହରର ଅନ୍ୟ କୌଣସି ଅଞ୍ଚଳରେ କୋଶଳ ସମର୍ଥକ ପିକେଟିଂ କରୁଥିବା ଦେଖିବାକୁ ମିଳି ନ ଥିଲା। ଅନ୍ୟ ଜିଲାରୁ ଗାଡିମୋଟର ଆସୁ ନ ଥିବାବେଳେ ସହର ଭିତରେ ଗାଡି ଚଳାଚଳ ସାମାନ୍ୟ ରହିଥିଲା। ଭୟ ଓ ଆଶଙ୍କା ଭିତରେ ଦୋକାନ ବଜାର ଖୋଲିବେ କି ନାହିଁ ଦୋକାନୀମାନେ ଚିନ୍ତାରେ ରହିଥିଲେ। ଏହି ସମୟରେ ହୀରାଖଣ୍ଡ ସାମ୍ମୁଖ୍ୟର କର୍ମକର୍ତ୍ତା ବନ୍ଦକୁ ବିରୋଧ କରିଥିଲେ। ଭୟ ନ କରି ଦୋକାନ ଖୋଲା ରଖିବାକୁ ଲୋକଙ୍କୁ ବୁଝାଇବାରୁ ଅନେକ ଲୋକ ଦୋକାନ ଖୋଲିଥିଲେ। ସହରର ବଡ ବଡ ମଲ ଓ ଦୋକାନ ବନ୍ଦ ରହିଥିବା ବେଳେ ପନିପରିବା ବଜାର, ହେଟେଲ ଖୋଲା ରହିଥିଲା। ସକାଳୁ ସମ୍ବଲପୁର-ପୁରୀ ଇଣ୍ଟରସିଟି ସହ ଅନ୍ୟ ଟ୍ରେନ୍ ନିର୍ଦ୍ଧାରିତ ସମୟରେ ଚାଲିଥିଲା। ସ୍କୁଲଗୁଡିକ ନିର୍ଦ୍ଧାରିତ ସମୟରେ ଖୋଲିଥିବା ବେଳେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ବୁର୍ଲା ସହରରେ ମଧ ମହାବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। କିଛି ଦୋକାନୀ ଗଣ୍ଡଗୋଳ ଆଶଙ୍କା କରି ଦୋକାନ ବନ୍ଦ ରଖିଥିଲେ। ତେବେ ପରିବା ବଜାର ଏବଂ ଅନ୍ୟାନ୍ୟ ଦୋକାନ ଖୋଲା ରହିଥିଲା। ଭିମ୍‌ସାରକୁ ନିୟମିତ ରୋଗୀ ଯା'ଆସ କରୁଥିବା ବେଳେ ବସ୍ ଚଳାଚଳ ବନ୍ଦ ଯୋଗୁ ରୋଗୀ ହଇରାଣ ହୋଇଥିଲେ।

## ପଶ୍ଚିମ ଓଡ଼ିଶାକୁ କୋଶଳ ବୋଲି ପ୍ରଚାର କରିବା ଏକ ଷଡ଼ଯନ୍ତ୍ର: ହୀରାଖଣ୍ଡ ସାମ୍ମୁଖ୍ୟ

**ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ)**

ସ୍ୱତନ୍ତ୍ର ରାଜ୍ୟ ପାଇଁ ମହାବନ୍ଦର ଡାକରା ଦିଆଯାଇଥିବା ବେଳେ କୋଶଳ କୋଶଳୀକୁ ସମର୍ଥନ ନ କରି ସ୍ୱାଭାବିକ ଜୀବନଯାତ୍ରା ବଜାୟ ରଖିଥିବାରୁ ହୀରାଖଣ୍ଡ ସାମ୍ମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ସହରବାସୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଗଠନ ଓ ସମ୍ବଲପୁରୀ ଭାଷାକୁ ମାନ୍ୟତା ଦେବାକୁ ହୀରାଖଣ୍ଡ ସାମ୍ମୁଖ୍ୟ ଦାବି କରୁଥିବା ବେଳେ କୋଶଳ ନାଁରେ ଚାଲିଥିବା ଷଡ଼ଯନ୍ତ୍ର ବିରୋଧରେ ସତର୍କ ରହିବାକୁ ଉଭୟ ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତିରେ ଆହ୍ୱାନ କରାଯାଇଛି। କୋଶଳର ମୂଳ ଉତ୍ସ ଅଯୋଧ୍ୟା ହୋଇଥିବା ବେଳେ ଜବଲପୁର ଓ ଆଖପାଖ ଅଞ୍ଚଳକୁ ମହାକୋଶଳ ଏବଂ ଛତିଶଗଡ଼ ଦକ୍ଷିଣ କୋଶଳ ଭାବରେ ଚିହ୍ନିତ ହୋଇଥିବାରୁ କୋଶଳ ନାମରେ ପଶ୍ଚିମ ଓଡ଼ିଶାକୁ ପରିଚିତ କରାଇବା ସମ୍ବଲପୁରୀ ଭାଷା ସଂସ୍କୃତି ଓ ପରିଚୟକୁ କ୍ଷୁଣ୍ଣ କରିବାର ଏକ ଷଡଯନ୍ତ୍ର ବୋଲି ହୀରାଖଣ୍ଡ ସାମ୍ମୁଖ୍ୟ ସଭାପତି ରାମାନୁଜ ପଣ୍ଡା ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଶାନ୍ତ ପାଢୀଯୋଶୀ କହିଛନ୍ତି।

## କୁଟୁରାଚୁଆଁ କଲେଜରେ ପ୍ରତିଭା ଅନ୍ୱେଷଣ

**କୁଚିଣ୍ଡା,୧୮।୧୧(ବିରଞ୍ଚି ଦର୍ଢା)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ଶୁକ୍ରବାର ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଅବସରରେ ମୁଁ ବି ଦିଲ୍ଲୀ ଯିବି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱ ଓ କଲେଜ ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଅଧ୍ୟାପିକା ଭାବନା ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସାଧରଣ ଜ୍ଞାନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ହୋଇଥିବା ସଭାରେ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ, ସତ୍ୟନାରାୟଣ ପଟେଲ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାୟକ, ଅଧ୍ୟାପକ ସୁଧୀର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତା ୧୫୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଜୟୀ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଟ୍ରଷ୍ଟ ସଂଯୋଜକ ପ୍ରକାଶ କରିଥିଲେ। ଶେଷରେ ଲାଇବ୍ରେରିଆନ ଦେବାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ପାଇଁ ପ୍ରସ୍ତୁତି

**ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର):** ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ବିକଶିତ ଭାରତ ସଙ୍କଳ୍ପ ଯାତ୍ରାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୦ରୁ ୨୦୨୪ ଜାନୁୟାରୀ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସଙ୍କଳ୍ପ ଯାତ୍ରାର ରୂପରେଖ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ଜିଲାସ୍ତରୀୟ କମିଟି ସହିତ ଗ୍ରାମ ପଞ୍ଚାୟତ ସ୍ତରୀୟ ନୋଡାଲ ଅଧିକାରୀ ଚୟନ ନେଇ ଆଲୋଚନା ହୋଇଥିଲା। ଯୋଗ୍ୟ ଓ ଦୁର୍ବଳ ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଯୋଜନା ସେମାନଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କୁ ସଚେତନ କରିବା, ହିତାଧିକାରୀଙ୍କ ସହ ଅଭିଜ୍ଞତାର ଆଦାନପ୍ରଦାନ, ସମ୍ଭାବ୍ୟ ହିତାଧିକାରୀଙ୍କ ପଞ୍ଜିକରଣ ନେଇ ବିବରଣୀ ପ୍ରଦାନ ହେଉଛି ଏହି ସଙ୍କଳ୍ପ ଯାତ୍ରାର ମୂଳ ଉଦ୍ଦେଶ୍ୟ। ବୈଠକରେ ଜିଲା ପ୍ରଭାରୀ ମୋଇନାକ ମୁଖାର୍ଜି, ସିଡିଓ-କମ୍-ଇଓ ଜିଲାପରିଷଦ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ପରିଷଦ ଅତିରିକ୍ତ ଇଓ ବିଶ୍ୱବିହାରୀ ପଟ୍ଟନାୟକ, ପ୍ରୋଗ୍ରାମ ମ୍ୟାନେଜର ଦେବଦତ୍ତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରେଢ଼ାଖୋଲରେ ଦୋକାନବଜାର ବନ୍ଦ ରହିଲା



ରେଢାଖୋଲ ବନ୍ଦରେ ସାମିଲ କର୍ମକର୍ତ୍ତା।

**ରେଢ଼ାଖୋଲ,୧୮।୧୧(ଅଚ୍ୟୁତାନନ୍ଦ ପୁରୋହିତ)**

ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ପଶ୍ଚିମ ଓଡ଼ିଶା କୋଶଳ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଶନିବାର ରେଢ଼ାଖୋଲ ଆଞ୍ଚଳିକ କୋଶଳ ମଞ୍ଚ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ମଞ୍ଚର ଅମରେଶ ନାଏକ, ରୋହିତ ପ୍ରଧାନ, ଆନନ୍ଦ କେଡିଆ, ଚକ୍ରଧର ପ୍ରଧାନ, ବିଜୟ ସଂଗ୍ରାମ ସ୍ୱାଇଁ, ସଞ୍ଜୀବ କର୍ଣ୍ଣ, ନନ୍ଦକିଶୋର ଦେଓ, ଅଜିତ ବିଶ୍ୱାଳ, ଲାଲା ପ୍ରଧାନ ପ୍ରମୁଖ ପିକେଟିଂ କରି ବିଭିନ୍ନ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ବନ୍ଦ କରିଥିଲେ। ୫୫ନଂ ଜାତୀୟ ରାଜପଥର ଭୀମ ଭୋଇ ଛକ ଓ ହସ୍ପିଟାଲ ଛକରେ ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ତେବେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ଚାଲିଥିଲା। ସେହିପରି ଚାରମାଳ, ମୋଚିବାହାଲରେ ମଧ୍ୟ କର୍ମକର୍ତ୍ତାମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ଜମନକିରା ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ଜମନକିରା,୧୮।୧୧(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଇଓ ରୁକ୍ମଣ ପଧାନ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଜଳବିଭାଜିକା ପ୍ରକଳ୍ପ ପ୍ରଶାସକ ଗୋପିନ୍ଦ୍ର ଭୋଇ ମୁଖ୍ୟଅତିଥି ଓ ପୂର୍ବତନ ଛାତ୍ରସଂସଦ ସଭାପତି ହରେଶ ପଟେଲ, ଅବସରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ହେମକୁମାର ନାୟକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଏବିଇଓ ଦେବକୀ ନାଏକ ମୁଖ୍ୟବକ୍ତା ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତା ଭୋଇ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ସରପଞ୍ଚ କଲ୍ୟାଣୀ ନାଏକ, ସମିତି ସଭ୍ୟ ଶାନ୍ତିଲତା ଧୁରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୧୬୨ ସ୍କୁଲରୁ ୧୩୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା।

## ହାତୀ ଉପଦ୍ରବ, ଧାନଫସଲ ନଷ୍ଟ


କୁଲମଲିଆ ଗ୍ରାମରେ ହାତୀ ଦ୍ୱାରା ଫସଲ ନଷ୍ଟ।

**ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ)**

ରେଢ଼ାଖୋଲ ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ଧାନଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ଲକର କୁକୁଡ଼ା ବାହାଲି, ଝିଙ୍କିଦାଦର, କନ୍ଧରା, କୁଲମଲିଆ, ନୂଆପଡା ଗ୍ରାମରେ ହାତୀଙ୍କ ଉପଦ୍ରବ ଲାଗିରହିଛି। କୁଲମଲିଆ ଗ୍ରାମର ଧ୍ରୁବେଇ ନାଏକ, ଶରତ ବେହେରା, ଗୋଲେଖ ବେହେରା, ରମାକାନ୍ତ ବେହେରା, ନେତ୍ରା ବେହେରା, ବିଠଲ ସେଠ୍‌ଙ୍କ ଧାନଫସଲ ହାତୀପଲ ଦ୍ୱାରା ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଏପର୍ଯ୍ୟନ୍ତ କୌଣସି ଅଧିକାରୀ କ୍ଷୟକ୍ଷତି ଆକଳନ କରି ନ ଥିବା ବେଳେ ସେମାନେ ଚିନ୍ତାରେ ଥିବା କହିଛନ୍ତି। ଶନିବାର ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ହାତୀପଲ ଘଉଡାଇବା ପାଇଁ ବନ ବିଭାଗ କର୍ମଚାରୀ ତତ୍ପର ରହିବା ସହ କ୍ଷତି ହୋଇଥିବା ଚାଷୀମାନଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଦେବାକୁ ସେ ବନବିଭାଗ ନିକଟରେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ୧୯୦ ପ୍ରକଳ୍ପ

**କୁଚିଣ୍ଡା,୧୮।୧୧(ବିରଞ୍ଚି ଦର୍ଢା):** ଓଡିଶା ଆଦର୍ଶ ବିଦ୍ୟାଳୟ କୁସୁମୀଠାରେ ଗୁରୁବାର କୁଚିଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ଏବିଇଓ ଲକ୍ଷ୍ମଣ ଦେହୁରି, ପ୍ରମୋଦ ନାଏକ, ଓଷ୍ଟା ସମ୍ପାଦକ ତଥା ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ଦାଶ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସ୍କୁଲ ପରିଚାଳନା କମିଟି ସଭ୍ୟ ଆଦିତ୍ୟ ପଟେଲ, ଆଦର୍ଶ ବିଦ୍ୟାଳୟ ଅଧକ୍ଷା ରଶ୍ମିତା ଟିଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ୧୨୫ ବିଦ୍ୟାଳୟରୁ ମୋଟ ୧୯୦ ପ୍ରକଳ୍ପ ପ୍ରଦର୍ଶନୀରେ ଭାଗ ନେଇଥିଲେ। ତନ୍ମଧ୍ୟରୁ ୧୨ଗୋଟି ପ୍ରକଳ୍ପ ଜିଲାସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଥିଲେ। ଶେଷରେ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ସକେଣ୍ଡାରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

**ରେଢାଖୋଲ,୧୮।୧୧(ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ କୃଷି ଜିଲା ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୩ଦିନିଆ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଆୟୋଜିତ ସଭାରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ସିଂ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲାପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ସଭ୍ୟ ଶରତଚନ୍ଦ୍ର ପ୍ରଧାନ, ସମ୍ବଲପୁର କୃଷି ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ମୋଚିବାହାଲ ପଞ୍ଚାୟତର ମହିଳା ଚାଷୀ ପାର୍ବତି ସେଠୀ, ତ୍ରିବଣପୁରର ଚାଷୀ ତ୍ରିଲୋଚନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ଅମିତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦର୍ଶନୀ ରେ ଉଦ୍ୟାନ ବିଭାଗ, ମିଶନ ଶକ୍ତି, କୃଷି, ସମନ୍ୱିତ ଶିଶୁ ବିକାଶ ଆଦି ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ବିଭିନ୍ନ ଉପକରଣ ପ୍ରଦର୍ଶନ କରାଯାଇଥିଲା।

## ସାକ୍ଷିପଡ଼ାରେ ଭାଗବତ ଜ୍ଞାନଯଜ୍ଞ

**ସମ୍ବଲପୁର,୧୮।୧୧ (ଭବାନୀ ଶଙ୍କର ଭୋଇ):** ସାକ୍ଷୀପଡାରେ ସପ୍ତାହବ୍ୟାପୀ ଭାଗବତ ଜ୍ଞାନଯଜ୍ଞ ଆୟୋଜନ କରାଯାଉଛି। ଗତ ୧୫ ତାରିଖରୁ ଏହି ଯଜ୍ଞ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖରେ ଉଦ୍‌ଯାପନ ହେବ। ଛତିଶଗଡର ପଣ୍ଡିତ ବୋଧରାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ୫ ଜଣ ପଣ୍ଡିତ ଏହି ଜ୍ଞାନଯଜ୍ଞରେ ଭାଗବତ ମୂଳ ଗ୍ରନ୍ଥପାଠ, ଜପ ଆଦି କରୁଛନ୍ତି। ପବିତ୍ର କାର୍ତ୍ତିକ ମାସରେ ଭାଗବତ ଶ୍ରବଣ ଏବଂ ପଠନ ଦ୍ୱାରା ନିଜ ସହ ପିତୃଲୋକର ମଙ୍ଗଳ ହୋଇଥାଏ। ଏହି ଭାଗବତ ଜ୍ଞାନଯଜ୍ଞରେ ୧୦ଟି ପରିବାର ସଙ୍କଳ୍ପ ନେଇଥିବା ବେଳେ ପ୍ରଦୀପ ରଥ ଓ ବବିତା ରଥ କର୍ତ୍ତା ଭାବେ ଦାୟିତ୍ୱ ନେବା ସହ ଭାଗବତ କଥା ପାଠ କରୁଛନ୍ତି। ଯଜ୍ଞ ଆୟୋଜନରେ ଡ. ପ୍ରମୋଦ ରଥ, ସୁନିତା ରଥ, ପ୍ରଶାନ୍ତ ରଥ, ଦିପ୍ତିପ୍ରଭା ରଥ, ହିମାଂଶୁ ଶେଖର ଦାନି, ମଧୁମିତା ଦାନି ପ୍ରମୁଖ ସହଯୋଗ କରିଥିଲେ।

## ଲୁଟ୍ ଘଟଣା: ୨ ଗିରଫ

**ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର):** ପୁରୀ-ସମ୍ବଲପୁର ଇଣ୍ଟରସିଟି ଟ୍ରେନ୍‌ରେ ଜଣେ ମହିଳା ଯାତ୍ରୀଙ୍କଠାରୁ ଲୁଟ୍‌ଘଟଣାରେ ରେଳବାଇ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ବାଲିଛକ ମୁଣ୍ଡିଆସାହିର ଲିଟୁ ସ୍ୱାଇଁ(୨୪) ଓ ଶେଖ ଶାହାବୁଦ୍ଦିନ(୩୬)। ସେମାନଙ୍କ ନିକଟରୁ ଲୁଟ୍ ସୁନାଚେନ୍‌କୁ ମଧ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଗତ ୮ ତାରିଖରେ ପୁରୀ ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌ରେ ରମଣୀ ରଞ୍ଜନ ସାହୁ ତାଙ୍କ ସ୍ତ୍ରୀ ସମ୍ବଲପୁର ଆସୁଥିଲେ। ଖୋର୍ଦ୍ଧା ନିକଟରେ ଅଭିଯୁକ୍ତ ଦ୍ୱୟ ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍‌କୁ ଟାଣି ନେଇ ଚଳନ୍ତା ଟ୍ରେନ୍‌ରୁ ଡେଇଁ ଫେରାର ହୋଇ ଯାଇଥିଲେ। ଏହାକୁ ନେଇ ରମଣୀ ଖୋର୍ଦ୍ଧା ରୋଡ ଷ୍ଟେଶନ ରେଳବାଇ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ.୧୧୯/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ରେଳବାଇ ପୋଲିସ ଜଟଣି କୋର୍ଟକୁ ଚାଲାଣ କରିଛି।

## ସମ୍ବଲ ଅନୁଷ୍ଠାନର ତୃତୀୟ ସାମୂହିକ ଶ୍ରାଦ୍ଧ


ପାଟଣେଶ୍ୱରୀ ମଣ୍ଡପରେ ସାମୂହିକ ଶ୍ରାଦ୍ଧ କାର୍ଯ୍ୟକ୍ରମ।

**ସମ୍ବଲପୁର,୧୮।୧୧(ବି.ଶଙ୍କର)**

ସମ୍ବଲପୁରସ୍ଥିତ ସମ୍ବଲ ଅନୁଷ୍ଠାନର ତୃତୀୟ ସାମୂହିକ ଶ୍ରାଦ୍ଧ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨୦୧୧ରୁ ସମ୍ବଲ ଅନୁଷ୍ଠାନ ଅପରିଚିତ ବ୍ୟକ୍ତି ଓ ଅସହାୟଙ୍କ ମୃତଦେହ ସତ୍କାର କରିଆସୁଛି। ଏଥିସହ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସାମୂହିକ ଶ୍ରାଦ୍ଧ କରିଆସୁଛି । ପୂର୍ବରୁ ପ୍ରଥମ ଥର ୭୬ ଓ ଦ୍ୱିତୀୟ ଥର ୨୨୪ ଜଣଙ୍କର ଶ୍ରାଦ୍ଧ କରାଯାଇଥିଲା। ଏହିକ୍ରମରେ ଶନିବାର ୩୧୦ ଜଣଙ୍କର ସାମୂହିକ ଶ୍ରାଦ୍ଧ କରାଯାଇଛି । ଏହାକୁ ଦୃଷ୍ଟିରେ ଗତ ନଭେମ୍ବର ୧୩ରେ ସମ୍ବଲର ୪ ଜଣ ସଦସ୍ୟ ତ୍ରିବେଣୀ ସଙ୍ଗମ ଯାଇ ପିଣ୍ଡଦାନ କରିଥିଲା। ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ଦ୍ୱାରା ପ୍ରଥମେ ଶାନ୍ତି ହୋମ, ପିଣ୍ଡଦାନ ଏବଂ ବିଷ୍ଣୁସହସ୍ର ନାମ ପାଠ କରାଯାଇଥିଲା। ସୌରୀ ନାରାୟଣ ପାଣିଗ୍ରାହୀ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ।

### ୫୦ ପଣ୍ଡିତଙ୍କ ମନ୍ତ୍ରୋଚାରଣ

ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ତଥା ସମ୍ବଲର ଉପଦେଷ୍ଟା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ରେଡ୍‌କ୍ରସ ସମ୍ପାଦକ ଜୟ ଜର୍ଜଙ୍କ ସମେତ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ରହି ପିଣ୍ଡ ଦର୍ଶନ କରିଥିଲେ। ଏଥିରେ ପଣ୍ଡିତ ମହାସଭାର ଡ. ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ରକର ଶର୍ମା ଏବଂ ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ୫୦ଜଣ ପଣ୍ଡିତ ସହଯୋଗ କରିଥିଲେ। ସଂଯୋଜକ ରାମଦାସ ପଣ୍ଡାଙ୍କ ସଂଯୋଜନା କରିଥିବା ବେଳେ ସମ୍ପାଦକ ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସମନ୍ୱୟ ଅଭାବରୁ ନିର୍ମାଣ କାର୍ଯ୍ୟ ବିଳମ୍ବ

### ବୁଢ଼ାରଜା-ଅଇଁଠାପାଲ ରାସ୍ତା ପ୍ରଶସ୍ତୀକରଣ

**ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ସହରର ବୁଢ଼ାରଜାରୁ ଅଇଁଠାପାଲ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣରେ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଏହାର କାରଣ ବୋଲି କୁହାଯାଉଛି।

ବୁଢ଼ାରଜା ଓଭରବ୍ରିଜ୍‌ରୁ ଆଇଁଠାପାଲି ଛକ ପର୍ଯ୍ୟନ୍ତ ପ୍ରାୟ ୧.୬ କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୪୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ଟେଣ୍ଡର ମଧ ଶେଷ ହୋଇଛି। ହେଲେ ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ତଥା ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଏହି କାର୍ଯ୍ୟ ବିଳମ୍ବିତ ହେଉଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ପୋଲ୍ ଓ ଟ୍ରାନ୍ସଫର୍ମର ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାସ୍ତା ପାର୍ଶ୍ୱରେ ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡ ପଏଣ୍ଟ ସ୍ଥାନାନ୍ତର ହୋଇପାରି ନାହିଁ। ବିଦ୍ୟୁତ୍ ପୋଲ୍ ଓ ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ବିଳମ୍ବ ହେଉଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଉଛି ବୋଲି ପୂର୍ତ୍ତ ବିଭାଗ ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀ ମାନସ ସେଠୀ କହିଛନ୍ତି। ତେବେ ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି।


ଜଗନ୍ନାଥ ମନ୍ଦିର ଛକ ରାସ୍ତା ସଙ୍କୁଚିତ ହୋଇପଡିଛି।

ସୂଚନାଯୋଗ୍ୟ ବର୍ତ୍ତମାନ ୱାନ୍ ୱେ ଟ୍ରାଫିକ୍‌ରେ ପରିଣତ ହୋଇଥିବା ଏହି ରାସ୍ତା ଧାର୍ଯ୍ୟ ମ୍ୟାପ ଅନୁସାରେ ହୋଇ ନାହିଁ। ଏହି ରାସ୍ତାର ମଝିରେ ଡିଭାଇଡ୍ ଦିଆଯାଇ ଏହାକୁ ଦୁଇଭାଗ କରାଯାଇଛି। ବୁଢ଼ାରଜା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୋଟିଏ ପଟ ରାସ୍ତାକୁ ଅପର ପାର୍ଶ୍ୱର ରାସ୍ତା ତୁଳନାରେ ଅତ୍ୟନ୍ତ ସଂକୀର୍ଣ୍ଣ କରି ଦିଆଯାଇଛି। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏଠାରେ ରାସ୍ତାକୁ କରାଯାଇଥିବା ଜବରଦଖଲ ଉଚ୍ଛେଦ ନେଇ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି କରାଯାଇଛି। ଏହାର ସମାଧାନ ନ ହେଲା ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ଆହୁରି ବିଳମ୍ବ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ସଦର ତହସିଲଦାର ମନୋଜ କୁଜୁରଙ୍କୁ ପଚାରିବାରେ ସମ୍ବଲପୁର ସହରରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସମ୍ବଲପୁର ମହାନଗର ନିଗମ ଅଧୀନରେ ରହିଛି। ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି କହିଥିଲେ।

ଏ ନେଇ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି, ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଜବରଦଖଲ ଉଚ୍ଛେଦ ହେବ। ଅନ୍ୟଥା ଉଚ୍ଛେଦ ହେବା ପରେ ନିର୍ମାଣ କାର୍ଯ୍ୟ ଯଦି ବିଳମ୍ବ ହୁଏ ତା'ହେଲେ ପୁଣି ରାସ୍ତା ଜବରଦଖଲ ହେବା ସମ୍ଭାବନା ରହିଛି। ବର୍ତ୍ତମାନ ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।



କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଶନିବାର କୋଶଳ ମହାବନ୍ଦ ପାଳନ କରାଯାଇଛି।

# କଳାହାଣ୍ଡି, ନୂଆପଡ଼ା ଜିଲାରେ କୋଶଳ ମହାବନ୍ଦ

ଭବାନୀପାଟଣା/ନୂଆପଡ଼ା,୧୮।୧୧ (ଉତ୍ତମ କୁମାର ଦାଶ/ ମକାରୁ ବେମାଲ)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଶନିବାର କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। କଳାହାଣ୍ଡି ଜିଲାରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଜିଲାର ଭବାନୀପାଟଣା, କେସିଙ୍ଗା, ଧର୍ମଗଡ଼, ନର୍ଲା, ଥୁଆମୂଳ ରାମପୁର, କର୍ଲାମୁଣ୍ଡା ଆଦି ବ୍ଲକରେ ସକାଳୁ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅନେକ ସ୍ଥାନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ରାସ୍ତା ଅବରୋଧ କରିଥିବାବେଳେ ବିଭିନ୍ନ ସ୍ଥାନରେ ପିକେଟିଂ ମଧ୍ୟ କରିଥିଲେ। ଭବାନୀପାଟଣା ସହରର କଲେଜ ଛକ, ଘୋଡ଼ାଘାଟ ଛକ, ନକଟିଗୁଡା ଛକଠାରେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚାର ସଭାପତି ସାଗର ଚରଣ ଦାସଙ୍କ ନେତୃତ୍ୱରେ ମହମ୍ମଦ ସାହେବ, ସରୋଜ ବାଗ, ସୁକାନ୍ତି ସରାଫ, ମନ୍ଦାକିନୀ ବାଣୁଆ, ସଚିନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ନୂଆପଡ଼ାରେ ବନ୍ଦପାଳନକାରୀ ବିକ୍ଷୋଭ କରୁଛନ୍ତି।

ଭାଷା, ସଂସ୍କୃତି ଓ ପରମ୍ପରା ଆଧାରରେ ନୂତନ କୋଶଳ ପ୍ରଦେଶ ଗଠନ ପାଇଁ କୋଶଳ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା, କୋଶଳ ସେନା ଭଳି ସଙ୍ଗଠନ ପକ୍ଷରୁ ଶନିବାର ୧୨ ଘଣ୍ଟିଆ ମହାବନ୍ଦ ହୋଇଥିଲା। ନୂଆପଡ଼ା ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ଗାଡ଼ିମୋଟର ଚଳାଚଳ, ଦୋକାନବଜାର ବନ୍ଦ ରହିଥିଲା। କୋଶଳ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ସାଗର ଦାସଙ୍କ ନିର୍ଦ୍ଦେଶରେ କୋମନାଠାରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶାହରୁଖ ଖାନ୍ ଓ ପାଶା ମହାନନ୍ଦଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ସେହିପରି ନୂଆପଡ଼ାରେ କେଶବ ବେହେରାଙ୍କ ନେତୃତ୍ୱରେ ଶତାଧିକ କୋଶଳ କର୍ମୀ ଜିଲା ସଦର ମହକୁମାକୁ ବନ୍ଦ କରିଥିଲେ। ବୁଦ୍ଧିକୋମନା ପଞ୍ଚାୟତ, କଣ୍ଡେତରା, ତରବୋଡରେ କୋଶଳ ସେନା କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବନ୍ଦ କରିଥିଲେ। ବନ୍ଦ ଡାକରାକୁ ଖଡ଼ିଆଳରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ କରାଯାଇଛି। ଏହି ଆନ୍ଦୋଳନରେ ଦଳିତ ଅଧିକାର ମଞ୍ଚର ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ଆବାହକ ଅନୀଲ କୁମାର ମେହେର, କୋଶଳ ପ୍ରେମୀ ଗୋପାଳ ଚନ୍ଦ୍ର ଦାଶ ପ୍ରମୁଖ ସାମିଲ ହୋଇଥିଲେ। ବୋଡ଼େନରେ ସଭାପତି ସାହାଯ୍ୟ ସେନା, ବେଣୁଧର ଜଗତଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର କାଠପଟା ଜବତ

ନୂଆପଡ଼ା,୧୮।୧୧ (ମକାରୁ ବେମାଲ)

ନୂଆପଡା ଜିଲା ଲଖନା ପଞ୍ଚାୟତର ଡ଼େଡ଼େଙ୍ଗା ଗ୍ରାମରୁ ଦୁଇ ଜଣ କାଠ ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ସହ ପଟାଗୁଡିକୁ ଜବତ କରିଛି ବନ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇ ନୂଆପଡା ବନ ବିଭାଗ ରେଞ୍ଜର ଆଲୋକ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଖଗେଶ୍ୱର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଡେଡେଙ୍ଗା ଗାଁର ଫାରୁକ ମହମ୍ମଦ ଓ ଯୋଗେଶ୍ୱର ମାଝିଙ୍କ ଘର ଉପରେ ଚଢାଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାଗୁଆନ ଓ ସରଗି କାଠ ଜବତ କରିଛନ୍ତି। ଚଢାଉ ଖବର ପାଇବା ପରେ ଦୁଇ କାଠ ବ୍ୟବସାୟୀ ଫେରାର ହୋଇଛନ୍ତି। ନୂଆପଡା ବନ ବିଭାଗ ଘଟଣାର ତଦନ୍ତ କରୁଛି।



### ରାଜ୍ୟସ୍ତରୀୟ ସୁରଭି ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀପ୍ରଜ୍ଞା ଦ୍ୱିତୀୟ

ଜୁନାଗଡ଼, ୧୮।୧୧ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ବାଲାଜି ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷାରତ ସୁଶ୍ରୀ ପ୍ରଜ୍ଞା ପରିମିତା ନାଏକ ରାଜ୍ୟସ୍ତରୀୟ ସୁରଭି-୨୦୨୩ରେ ବକ୍ତୃତା (ସିନିୟର) ପ୍ରତିଯୋଗିତାରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ମୋ ସ୍କୁଲ ଅଭିଯାନ ଦ୍ୱାରା ଗତ ୧୪ ରୁ ୧୬ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ୟୁନିଟ ୯ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ପୁରସ୍କାର ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ପ୍ରଜ୍ଞା ଶିକ୍ଷକ ମହେଶ କୁମାର ଭାଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସଫଳତା ହାସଲ କରି ପାରିଛନ୍ତି।

### ଭୋଟର ସଚେତନତା ଦିବସ ପାଳିତ

ଖଡ଼ିଆଳ,୧୮।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୂଲିଆସିକୁଆ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୋଟର ସଚେତନତା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ସାହୁଙ୍କ ସଭାପତିତ୍ୱରେ ପ୍ରାୟ ଶତାଧିକ ଛାତ୍ରୀଛାତ୍ରଙ୍କୁ ଗଣତନ୍ତ୍ର ଶାସନରେ ଭୋଟରଙ୍କ ଭୂମିକା ଉପରେ ସଚେତନ କରିଥିଲେ। ବିଏଲଓ ସୁପର ଭାଇଜର ପ୍ରକାଶ କୁମାର ଠାକୁର ଛାତ୍ରୀଛାତ୍ରଙ୍କୁ ତୁରନ୍ତ ଭୋଟର ତାଲିକାରେ ନିଜ ନାମ ଦର୍ଜ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନଲାଇନ ମାଧ୍ୟମରେ କିପରି ନିଜ ନାମ ଭୋଟର୍ ତାଲିକାରେ ଦର୍ଜ କରିହେବ ସେହି ବିଷୟରେ ବିଏଲଓ ମିତ୍ରବାଦୀ ମଲ୍ଲିକ ବୁଝାଇଥିଲେ। ବିଏଲଓ ଉମାକାନ୍ତ ମେହେର ସମସ୍ତ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ଭୋଟର୍ ଲିଷ୍ଟରେ ନିଜ ନାମ ଦର୍ଜ କରି ଏକ ସଚେତନ ନାଗରିକର ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ ।

# ବିକାଶ ଆବାସିକ ବିଦ୍ୟାଳୟରେ ବିଜ୍ଞାନ ମେଳା

ଭବାନୀପାଟଣା,୧୮।୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଜ୍ଞାନମେଳା 'ଭିକନ ୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଭବାନୀପାଟଣା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରଫେସର ଡ.ଏଲ. ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ଆର୍.କେ.ଜେନା, କଳାହାଣ୍ଡି ମା'ମାଣିକେଶରୀ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ସୁଚିତ ମଣ୍ଡଳ, ପ୍ରଦୀପ କୁମାର ପ୍ରଧାନ, ବିକାଶ ଗ୍ରୁପ ଅଫ ଇଷ୍ଟିଚ୍ୟୁସନ, ଭବାନୀପାଟଣାର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମେଳାରେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞନ, ସାହିତ୍ୟ, କଳା ଆଦି ବିଭାଗର ପ୍ରକଳ୍ପ ପ୍ରଦର୍ଶନ ହେବା ସହ ଖାଦ୍ୟ ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଢ଼ଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ ପ୍ରଦର୍ଶନୀ ବିଦ୍ୟାର୍ଥୀଙ୍କ ନିଷ୍ଠା, କଠିନ ପରିଶ୍ରମ, ସୃଜନଶୀଳତା ତଥା ଉଚ୍ଚାଙ୍ଗ ପ୍ରତିଭାର ପ୍ରଦର୍ଶନ ଥିଲା। ପ୍ରକଳ୍ପଗୁଡ଼ିକ ଅତ୍ୟନ୍ତ ଜୀବନ୍ତ ଓ ସମୟପୋଯୋଗୀ ହେବା ସଙ୍ଗେ ସଙ୍ଗେ ବାସ୍ତବ ଜୀବନରେ ବ୍ୟବହାର ଉପଯୋଗୀ ଥିଲା। ଏହା ସହ ଯୋଡ଼ି ହୋଇଥିଲା ଖାଦ୍ୟ ପ୍ରଦର୍ଶନୀ ମେଳା। ଏଠାରେ ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପାରମ୍ପାରିକ ସାଦିଷ୍ଟ ଖାଦ୍ୟର ପ୍ରଦର୍ଶନ, ଏହାର ଗୁଣବତ୍ତା, ଶରୀର ପ୍ରତି ଏହାର ଉପଯୋଗିତା ସମ୍ପର୍କରେ ବିଦ୍ୟାର୍ଥୀମାନେ ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟା କରିଥିଲେ। ଉକ୍ତ ଖାଦ୍ୟ ମେଳାରେ ବିଭିନ୍ନ ପ୍ରକାରର ପାରମ୍ପରିକ ତଥା ଲୁପ୍ତ ହେବାକୁ ଯାଉଥିବା ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ପ୍ରକାରର ଖାଦ୍ୟ ଓ ପାନୀୟ ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ ଅତିଥି, ଅଭିଭାବକ ତଥା ବିଦ୍ୟାର୍ଥୀଙ୍କୁ ପରଷା ଯାଇଥିଲା। ପ୍ରକଳ୍ପଗୁଡ଼ିକ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ସହ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।


ବିକାଶ ଆବାସିକ ବିଦ୍ୟାଳୟରେ ବିଜ୍ଞାନମେଳାରେ ଅତିଥି।

# ବିଜ୍ଞାନ ପ୍ରଦର୍ଶନୀ, ୭୦ ପ୍ରକଳ୍ପ ପ୍ରଦର୍ଶିତ


ବିଜ୍ଞାନ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କୋକସରା,୧୮।୧୧ (ଦୁଷ୍ମନ୍ତ କୁମାର ପାଇଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ଧନସରା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ବାଳ ବୈଜ୍ଞାନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ କୋକସରା ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତମ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ମୁଖ୍ୟ ବକ୍ତା ଭାବେ ତାଲାଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଳାମ୍ବର ଦାସ, ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ବେହେରା, କୋକସରା ଜବାହାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ସମିତି ସଭ୍ୟ ଗଜାନନ ନିଆଲ, ସ୍କୁଲ ପରିଚାଳନା କମିଟିର ସଭାପତି ଶଙ୍କର ସତନାମୀ, ସମାଜସେବୀ ପ୍ରଭାକର ବେହେରା, ମଣିଭଦ୍ର ପଣ୍ଡା, ସମ୍ପାଦକ ଶିକ୍ଷକ ସଂଘ ସଞ୍ଜୟ ପଣ୍ଡା ଉପସ୍ଥିତ ରହିଥିଲେ। ଏହି ବାଳ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ ମେଳାରେ ବରିଷ୍ଠ ବର୍ଗରେ ୪୫ ପ୍ରକଳ୍ପ ଓ କନିଷ୍ଠ ବର୍ଗରେ ୨୫ ପ୍ରକଳ୍ପ ମୋଟ ୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପ ବୁଲି ଦେଖି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, କୋକସରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଜନାର୍ଦ୍ଦନ ପଣ୍ଡା, ନେଗିଗୁଡାର ପ୍ରଧାନ ଶିକ୍ଷକ ଯୁବରାଜ ଜାଲ, ଶିକ୍ଷକ ସାମନ୍ତ କୁମାର ପାଇଯୋଷୀ, ସ୍କୁଲ କମିଟି ସଦସ୍ୟ ମାର୍କଣ୍ଡ ବେମାଲ, ସ୍କୁଲ ପାଇଁ ଜମି ଦାନ ଦେଇଥିବା ଯୁଗଳ ନାଏକ, ସହଶିକ୍ଷକ ଅରେବେଡା ଅମରେଶ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ବର୍ଗରେ ଆଦର୍ଶ ବିଦ୍ୟାଳୟର କ୍ରିଷ୍ଣା ପାଣିଗ୍ରାହୀ ପ୍ରଥମ, ରଏନଗୁଡା ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରସନ୍ନଜିତ ପୂଝାରି ଦ୍ୱିତୀୟ, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରିଗୁଡାର ଛାତ୍ରୀ ଲିପ୍ସାରାଣି ରାଉତ ତୃତୀୟ ହୋଇଥିଲେ। କନିଷ୍ଠ ବର୍ଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ମୋଟେର ଛାତ୍ର ଦୀପଙ୍କର ଦାସ ପ୍ରଥମ, ଆଦର୍ଶ ବିଦ୍ୟାଳୟ ଛାତ୍ର ଆୟୁଷ୍ମାନ ମହାପାତ୍ର ଦ୍ୱିତୀୟ ଓ ଧନସରା ଉଚ୍ଚ ବିଦ୍ୟାଳୟ ଛାତ୍ର ହିମେଶ ବେମାଲ ତୃତୀୟ ସ୍ଥାନ ପାଇଛନ୍ତି। ଉଭୟ ବର୍ଗରେ ୧ମ ଓ ୨ୟ ସ୍ଥାନ ପାଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଜ୍ଞାନ ଭିତ୍ତିକ ନାଟକ ଧରିତ୍ରୀ ମା'ର ଦୁଃଖକୁ ଧନସରା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ମଞ୍ଚସ୍ଥ କରିଥିଲେ।

# କଲେଜ ଛାତ୍ରଙ୍କୁ ମାଡ଼ ମାରିବା ଭିଡିଓ ଭାଇରାଲ, ୨ ଅଟକ

କେସିଙ୍ଗା, ୧୮।୧୧ (ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ୨୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଉକ୍ରେଲା ମହାବିଦ୍ୟାଳୟ ସାମ୍ନାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ଭିତରେ ଜଣେ ଅଣଛାତ୍ର ସିଗାରେଟ ଟାଣି ୫ ଛାତ୍ରଙ୍କୁ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ ହୋଇଛି। ଏହି ୫ଛାତ୍ର ଉକ୍ରେଲା ଗ୍ରାମର ଏବଂ ଯୁକ୍ତ ଦୁଇରେ ଅଧ୍ୟୟନ କରୁଛନ୍ତି। ଭିଡିଓ ଭାଇରାଲ ହେବା ପରେ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅଣଛାତ୍ର ଜଣକ ୫ ଛାତ୍ରଙ୍କୁ କାହିଁକି ମାଡ଼ ମାରିଥିଲେ ଜଣାପଡ଼ିନାହିଁ। ତେବେ ଭିଡ଼ିଓ ଭାଇରାଲ ପରେ ଉକ୍ରେଲା ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଯୁଧିଷ୍ଠିର ବୁଦ୍ଧିଆ ଏହି ବିଷୟରେ ଉକ୍ରେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ ଉକ୍ରେଲା ପୋଲିସ ଭିଡିଓ କରିଥିବା କୋକୋଡ଼ମାଳର ଜଣେ ଅଣଛାତ୍ର ଓ ମାଡ଼ ମାରିଥିବା କୋକୋମୁଣ୍ଡା ଗ୍ରାମର ଜଣେ ଅଣଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଏହି ଘଟଣାରୁ ଉକ୍ରେଲା ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଅସୁରକ୍ଷିତ ଥିବା ଜଣାପଡିଛି। ଅଭିଯୁକ୍ତମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଉକ୍ରେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କଅଁର କହିଛନ୍ତି, ପୋଲିସ ତଦନ୍ତ ଜାରି ରଖିଛି। ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ପ୍ରଗତି ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ

ଭବାନୀପାଟଣା,୧୮।୧୧ (ଉତ୍ତମ କୁମାର ଦାଶ)

**କୃତୀ ଛାତ୍ରୀଛାତ୍ର ପୁରସ୍କୃତ**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟବର୍ତ୍ତୀ ପ୍ରଗତି ଶିକ୍ଷାନୁଷ୍ଠାନରେ ଶୁକ୍ରବାର ସନ୍ଧ୍ୟାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଙ୍ଗାବାରୀସ୍ଥିତ ଶହିଦ ରେଣ୍ଡୋ ମାଝି ମେଡିକାଲ କଲେଜର ଡିନ ପ୍ରଫେସର ଡ. ବି କେ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଡୁଲୁ ପଟ୍ଟନାୟକ, କଳାହାଣ୍ଡି କୃଷି ବିଦ୍ୟାଳୟର ଡିନ ପ୍ରଫେସର ଡ.ଏମ. ଆର. ଶତପଥୀ, ପ୍ରଗତି କଲେଜର ମୁଖ୍ୟ ଅଜୟ ପଣ୍ଡା, ଚେୟାରପରସନ ସଙ୍ଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ ପଣ୍ଡା, ଭାଇସ ଚେୟାରମ୍ୟାନ (ଏସଏମସି) ବିଶ୍ୱଜିତ ବି ମହାନ୍ତି, କଂସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ, ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଶେଷଦେ ମୁଣ୍ଡ, ଡିଗ୍ରୀ କଲେଜ ଅଧ୍ୟକ୍ଷ ତାପସ ପରିମାଣିକ, କଲିଜିଏଟ ସ୍କୁଲ ପ୍ରଧାନ ଶିକ୍ଷକ ଲୋକନାଥ ଖଡ଼ିକାର, ଜୁନିଅର ସ୍କୁଲ ଅଧ୍ୟକ୍ଷା ଅର୍ପିଆ ସାଏଲା, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହୋଇଥିବା ପ୍ରଗତି ପ୍ରତିଭା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଓଡ଼ିଆ ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଥିବା ହୀମେଶ ବାଗ ପ୍ରଥମ ପୁରସ୍କାର, ଓମଶ୍ରୀ ବାଗ ଦ୍ୱିତୀୟ ପୁରସ୍କାର, ସମୀର ବାଗ ଓ ପ୍ରିୟଙ୍କା ପାଣିଗ୍ରାହୀ ତୃତୀୟ ପୁରସ୍କାର ଲାଭ କରିଥିଲେ। ସେହିଭଳି ଇଂରାଜୀ ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଥିବା ଜିଗିଶା ଭୋଇ ପ୍ରଥମ ପୁରସ୍କାର, ସାର୍ଥକ ପାଢ଼ୀ ଦ୍ୱିତୀୟ ପୁରସ୍କାର ଓ ବିଶ୍ୱଜିତ ସାହୁଙ୍କୁ ତୃତୀୟ ପୁରସ୍କାର ସ୍ୱରୂପ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିଦ୍ୟାସାଗର ମୁଣ୍ଡ ଓ ପୁଣ୍ୟଦୀପା ଖମାରୀ ମଞ୍ଚ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଜାନୁୟାରୀ ୧ରୁ ରବି ଚାଷ ପାଇଁ ଜଳଯୋଗାଣ

ଭବାନୀପାଟଣା,୧୮।୧୧ (ଉତ୍ତମ କୁମାର ଦାଶ)



- ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ଜଳସ୍ତର କମ୍
- ୯୦ ଦିନିଆ ଧାନ ଚାଷ କରିବାକୁ ଚାଷୀଙ୍କୁ ପରାମର୍ଶ
- ନିୟମିତ ବ୍ୟବଧାନରେ ହେବ ଜଳଯୋଗାଣ

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଚଳିତ ରବି ଚାଷ ପାଇଁ ଜାନୁୟାରୀ ୧ରୁ ଜଳ ଯୋଗାଣ କରିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲା ପ୍ରଶାସନ, କୃଷି ବିଭାଗ ଓ ଜଳସେଚନ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇ ଜଳଯୋଗାଣ ପାଇଁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ଆଗାମୀ ରବିଋତୁରେ ଜଳସେଚନ ପ୍ରକଳ୍ପ ବାମ, ଡାହାଣ ଓ ଉଠା ଜଳସେଚନରୁ ଜିଲାର ୬୮ ହଜାର ୧୪୧.୯୫ ହେକ୍ଟର ଚାଷଜମିରେ ଜଳ ଯୋଗାଣ କରାଯିବ ବୋଲି ଜଣାପଡ଼ିଛି। ସେହିପରି ବାମ କେନାଲ କୁସୁମଖୁଣ୍ଟି ଡିଭିଜନରେ ୨୭ହଜାର ୫୮୫ହେକ୍ଟର, ଧର୍ମଗଡ଼ ଡିଭିଜନର ୭,୦୧୪.୩୧ ହେକ୍ଟର, ଉଠା ଜଳସେଚନରେ ୧୩,୫୫୩.୧୪ ହେକ୍ଟର ଓ ଡାହାଣ କେନାଲରେ ୨୦,୦୭୩.୬୪ ହେକ୍ଟର ଚାଷ ଜମିକୁ ଜଳ ଯୋଗାଣ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ, ଜଳ ଭଣ୍ଡାରରେ ଆବଶ୍ୟକଠାରୁ କମ ଜଳସ୍ତର ରହିଥିବା ଯୋଗୁ ଚାଷୀଙ୍କୁ ୯୦ ଦିନିଆ ଧାନ ଫସଲ କରିବାକୁ ଜଳସେଚନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବାମ, ଡାହାଣ, ଉଠା ଜଳସେଚନ କେନାଲରେ ଏଥର ବ୍ୟବଧାନରେ ଜଳ ଯୋଗାଣ ହେବ ବୋଲି ସୂଚନା ଦିଆଯାଇଛି। ତେବେ ଡାହାଣ କେନାଲରେ ଆଗାମୀ ରବି ଚାଷ ପାଇଁ ଜଳଯୋଗାଣ ନେଇ ଚାଷୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଶୂନରୁ ୮୩.୭୦ କିମି ଜାରିଂ ପର୍ଯ୍ୟନ୍ତ ଜଳ ଯୋଗାଣ କାର୍ଯ୍ୟକ୍ରମ ରହିଛି। ତେବେ ଏହି କେନାଲର ପୁନଃଉଦ୍ଧାର ଓ ପୁନଃପ୍ରତିଷ୍ଠା କାର୍ଯ୍ୟ ପାଇଁ ଜଳ ଯୋଗାଣ ବନ୍ଦ ଥିଲା। ତେବେ ଚାଷୀଙ୍କ ଦାବି କ୍ରମେ ପ୍ରଶାସନ ପକ୍ଷରୁ ଜଳ ଯୋଗାଣ ପାଇଁ ନିଷ୍ପତ୍ତି ହୋଇଛି।

# ଶ୍ରମିକଙ୍କ ଲାଞ୍ଜିଗଡ଼ ପଞ୍ଚାୟତ ଗେଟ୍ ଆଗରେ ଧାରଣା

ଲାଞ୍ଜିଗଡ଼,୧୮।୧୧ (ରମେଶ ଚନ୍ଦ୍ର ନାୟକ)

**ସରପଞ୍ଚ, ପିଇଓଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳ ଗ୍ରାମର ମହିଳା ଓ ପୁରୁଷ ଶ୍ରମିକମାନେ ଗାଁ ସାଥିଙ୍କ ଶ୍ରମିକଙ୍କ ହାଜିରି ପକାଉଥିବା ଆଇଡି ଲକ୍ ହୋଇ ଯାଇଥିବା ନେଇ ଏହାର ପ୍ରତିବାଦ କରିଥିଲେ। ଶନିବାର ଲାଞ୍ଜିଗଡ଼ ପଞ୍ଚାୟତ ଗେଟ ଆଗରେ ଧାରଣାରେ ବସିଥିଲେ। ଲାଞ୍ଜି ସରପଞ୍ଚ ଯମୁନା ମାଝୀ ଓ ପିଇଓ ସାଧୁରାମ ସାହୁଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହୋଇ ଶ୍ରମିକମାନେ ଧାରଣାରୁ ଓହରି ଥିଲେ। ସୂଚନା ମତେ, ଶନିବାର ସକାଳେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତରେ ପ୍ରାୟ ୧୨ ବର୍ଷ ଧରି ଜଣେ ଗାଁ ସାଥି ଭାବେ କାମ କରୁଥିଲେ। ଲୋକଙ୍କ ଅଭିଯୋଗ ପରେ ପୂର୍ବ ଗାଁ ସାଥୀଙ୍କୁ କାଢି ନୂତନ ଭାବେ ମୂଷାନାଳ ଗ୍ରାମର ସୁବାଷ ଗରଡ଼ିଆ ନାମକ ଜଣେ ଯୁବକଙ୍କୁ ଆଜିକୁ ୧୫ ଦିନ ହେଲା ଗାଁ ସାଥି ଭାବେ ଗ୍ରାମବାସୀଙ୍କ ସହମତି କ୍ରମେ ଚୟନ କରାଯାଇଥିଲା। ମୂଷାନାଳ ଗାଁର ପୁରୁଷ ଓ ମହିଳା ଶ୍ରମିକମାନେ କାମ କରୁଥିବା ବେଳେ କାମ ସ୍ଥାନକୁ ସୁବାଷ ଗରଡ଼ିଆ ଯାଇ ଶ୍ରମିକମାନଙ୍କ ଉପସ୍ଥାପନ ପକାଇବା ସମୟରେ ଏନଏମଏସ ପଡି ପାରିଲା ନାହିଁ। ନୂତନ ଭାବେ କାମ କରୁଥିବା ଗାଁ ସାଥି ସୁବାସଙ୍କ ଆଇଡିକୁ କାହିଁକି ଲକ କରିଛନ୍ତି ବୋଲି ପ୍ରତିବାଦ କରି ଶ୍ରମିକ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଲାଞ୍ଜି ପଞ୍ଚାୟତ ଗେଟ ଆଗରେ ଧାରଣା ଦେଇଥିଲେ। ଏହି ଖବରପାଇ ସରପଞ୍ଚ ମାଝୀ ଓ ପିଇଓ ସାହୁ ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ନୂତନ ଭାବେ ଥିବା ଗାଁ ସାଥି ସୁବାସଙ୍କ ଲକ ହୋଇଥିବା ଆଇଡିକୁ ଖୋଲା ଯାଇଥିଲା। ରବିବାରଠାରୁ ପୁଣି ନିଜର କାର୍ଯ୍ୟ କରି ପାରିବେ ବୋଲି ସରପଞ୍ଚ, ପିଇଓ ଓ ଗ୍ରାମବାସୀଙ୍କ ଉପସ୍ଥିତରେ ଶ୍ରମିକମାନଙ୍କୁ ଜଣାଇବା ପରେ ଉତ୍ତ୍ୟକ୍ତ ଶ୍ରମିକ ଧାରଣାରୁ ଓହରିଥିଲେ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଧୁରାମ ସାହୁପ୍ରକାଶ କରିଛନ୍ତି।


ଧାରଣରତ ଶ୍ରମିକଙ୍କ ସହିତ ଆଲୋଚନା ଚାଲିଛି।

**ଉଫୁଲା କାଳୀପୂଜା ଉଦ୍‌ଯାପିତ**

ଅମରପାଲି,(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲାଠାରେ ସ୍ଥାନୀୟ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ଆୟୋଜିତ ୪୦ତମ ସାର୍ବଜନୀନ କାଳୀପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ଢୋଲ, ନିଶାନ, ମହୁରୀ ବାଦ୍ୟ, ଦୁଲଦୁଲି ବାଦ୍ୟ ତଥା ଆଦିବାସୀ ନୃତ୍ୟ ଆଦି ପରିବେଷିତ ହୋଇଥିଲା । ଚକାବରସ୍ଥିତ ରଜାବନ୍ଧ ଯାଏ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । କ୍ଲବର ଉପଦେଷ୍ଟା ଅଚ୍ୟୁତାନନ୍ଦ ସାହୁ, ଦିଲିପ ଡ଼ାଙ୍ଗ ଓ ଗୁପ୍ତେଶ୍ୱର ପ୍ରଧାନ, ସଭାପତି ପ୍ରଫୁଲ୍ଲ ଡ଼ାଙ୍ଗ, ସମ୍ପାଦକ ଗୋପୀନାଥ କର୍ଣ୍ଣଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ସଂକ୍ଷେପରେ

## କୁମରକେଲି-ରଥପୁର ମେହେର ସମାଜର ବୈଠକ

### ଗଠିତ ହେଲା ନୂତନ ଆଞ୍ଚଳିକ ଭୁଲିଆ ସମାଜ କମିଟି

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ରଥପୁର ହନୁମାନ ମନ୍ଦିର ପରିସରରେ ମେହେର(ଭୁଲିଆ) ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଥପୁର ସମେତ କୁମୁରକେଲି, ବିକଳପାଲି ଓ ପାଣ୍ଡିଆପାଲି ଗ୍ରାମର ଶତାଧିକ ଭୁଲିଆ(ମେହେର) ସମାଜର ବ୍ୟକ୍ତି ଉପସ୍ଥିତ ଥିଲେ। ଶୁକ୍ରବାର ଉକ୍ତ ବୈଠକରେ କମଳପୁର ମେହେର ସମାଜ ଆଞ୍ଚଳିକ କମିଟିର ସଭାପତି ଶତ୍ରୁଘ୍ନ ମେହେର ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ପୂର୍ବତନ ଜିଲା ସଭାପତି ସୌମିତ୍ରୀ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ନିଜର କୌଳିକ ବୃତ୍ତି ଆପଣାଇ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ନିଖିଳ ଓଡିଶା ମେହେର ସମାଜର ନିର୍ଦ୍ଦେଶ କ୍ରମେ ଆଞ୍ଚଳିକ କମିଟି, ବ୍ଲକ, ଉପଖଣ୍ଡ କମିଟି, ଜିଲ୍ଲା କମିଟି ଓ କେନ୍ଦ୍ର ବୋର୍ଡ ଗଠନ କରିବାକୁ ଥିବାରୁ ଏହି ପରିପ୍ରେକ୍ଷୀରେ ସମାଜର ଏକ ଆଞ୍ଚଳିକ କମିଟି ଗଠନ କରିବା କାର୍ଯ୍ୟକ୍ରମ ରହିଥିବା କୁହାଯାଇଥିଲା। ତଦନୁଯାୟୀ ଗଠିତ ଉକ୍ତ ଆଞ୍ଚଳିକ କମିଟିର ସଭାପତି ଭାବେ ଗୋପାଳ ମେହେରଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସନ୍ତୋଷ ମେହେର, ସାଧାରଣ ସମ୍ପାଦକ ଜଗଦୀଶ ମେହେର, ସହ ସମ୍ପାଦକ ଛବି ମେହେର ଏବଂ କୋଷାଧକ୍ଷ ଭାବେ ଭଗବାନ ମେହେରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଶେଷରେ ଛବି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

ବାଉଁଶୁଣୀ,୧୮।୧୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଜିଲା ବିଜ୍ଞାନ ପରିଦର୍ଶକ ଜୟନ୍ତ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରବିର ଦାସ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ମେଳାରେ ନିଜ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର, ସମ୍ମାନିତ ଅତିଥି ଭାବେ ଡ. ରାଜେଶ କୁମାର ତ୍ରିପାଠୀ , ଜୟନ୍ତ ପ୍ରଧାନ ଜିଲା ବିଜ୍ଞାନ ପରିଦର୍ଶକ ବୌଦ୍ଧ, ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# କୋଶଳ ରାଜ୍ୟ ଦାବିରେ ସୁବର୍ଣ୍ଣପୁରରେ ମହାବନ୍ଦ

ସୋନପୁର,୧୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ଶନିବାର ସୁବର୍ଣ୍ଣପୁର ଜିଲାରେ ୧୨ ଘଣ୍ଟିଆ ମହାବନ୍ଦ ପାଳନ କରାଯାଇଥିଲା । ସୁବର୍ଣ୍ଣପୁର ଜିଲା ସଦର ମହକୁମା ସମେତ ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି, ବିନିକା ଓ ତରଭା ଅଞ୍ଚଳରେ ମହାବନ୍ଦର ସମ୍ପୂର୍ଣ୍ଣ ପ୍ରଭାବ ଦେଖିବାକୁ ମିଳିଥିଲା । ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ, କୋର୍ଟ କଚେରି, ବ୍ୟାଙ୍କ, ସ୍କୁଲ, କଲେଜ ଏବଂ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଭାଜପା ଓ କଂଗ୍ରେସର ସ୍ଥାନୀୟ ନେତୃବୃନ୍ଦ, ଜିଲା ବ୍ୟବସାୟୀ ସଂଘ, ଘରୋଇ ବସ ମାଲିକ ସଂଘ ଏବଂ ଜିଲା ଓକିଲ ସଂଘ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। କୋଶଳ ସେନାର ଯୁବ କର୍ମୀମାନେ ପିକେଟିଂ ଓ ରାସ୍ତାରୋକୋ କରିଥିଲେ। ସୋନପୁର ବ୍ଲକ ଛକ, ନଳିନୀ ଛକ, କୁଞ୍ଜ ଛକ ଓ ବୁଢାରାଜା ଛକରେ ରାସ୍ତାରୋକୋ କରାଯାଇଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା । ମହାବନ୍ଦକୁ ଲୋକେ ସ୍ୱତଃପ୍ରବୃତ୍ତ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଗ୍ରାମାଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଅନୁଭୂତ ହୋଇଛି। ବନ୍ଦ ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିଲା। ଓଲିଉଡ ବିବାଦ ପରେ ଏହି ଆନ୍ଦୋଳନ ତେଜିଥିବା ଦେଖିବାକୁ ମିଳିଛି। ସୋନପୁରରେ କୋଶଳ ବାଦୀ ନେତା ବୈକୁଣ୍ଠନାଥ ଶତପଥୀ, ନବକିଶୋର ତ୍ରିପାଠୀ, ବିଘ୍ନରାଜ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ସୁଧୀର ପଣ୍ଡା, ନିମାଇଁ ପାଣିଗ୍ରାହୀ, ଶିବଶଙ୍କର ନାଏକ, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ସାନନ୍ଦ ମେହେର, ସ୍ୱରୂପ ପାତ୍ର, ଗଣେଶ ସାହୁ,



ସୋନପୁର ବ୍ଲକ ଛକ ଠାରେ କୋଶଲ ସପକ୍ଷବାଦୀମାନେ ରାସ୍ତାରୋକୋ କରୁଛନ୍ତି।

### କୋଶଲ ସପକ୍ଷବାଦୀଙ୍କୁ ଧମକ

ଶନିବାର କୋଶଳ ରାଜ୍ୟ ନେଇ ସୁବର୍ଣ୍ଣପୁର ଜିଲାରେ ଆନ୍ଦୋଳନ ଚାଲିଥିବା ସମୟରେ ସିଆରପିଏଫ ଡିଆଇଜି ନୂଆପଡା ଜିଲାରୁ ଭୁବନେଶ୍ୱର ଅଭିମୁଖେ ଏସ୍‌କର୍ଟ ଟିମ୍ ସହ ଫେରୁଥିଲେ। ଏହି ସମୟରେ ସୋନପୁର ବ୍ଲକ ଛକରେ ରାସ୍ତା ଅବରୋଧକୁ ନେଇ ଡିଆଇଜିଙ୍କ ପିଏସଓ କୋଶଲ ସପକ୍ଷବାଦୀଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଡିଆଇଜିଙ୍କ କାରକୁ ଘେରି ଯାଇଥିଲେ। ସୋନପୁର ଥାନାରେ ସମ୍ପୃକ୍ତ ପିଏସ୍‌ଓ ଭୁଲ ମାଗିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ସୁରକ୍ଷା କର୍ମୀଙ୍କୁ ମୁତୟନ କରା ଯାଇଥିଲା।

# କୋଶଳ ବନ୍ଦ ପ୍ରଭାବ: ତରଭାରେ ଗାଁଠୁ ସହର ଠପ୍

ତରଭା,୧୮।୧୧(ମାନଭଞ୍ଜନ ମିଶ୍ର)

କୋଶଲ ସମନ୍ୱୟ ସମିତି ତରଫରୁ କୋଶଲ ମହାବନ୍ଦ ଡ଼ାକରାରେ ସମଗ୍ର ପଶ୍ଚିମ ଓଡିଶାରେ ଗାଁଠୁ ଆରମ୍ଭ କରି ସହରର ଦୋକାନ ବଜାର ଓ ଅଖ ଚକ ବନ୍ଦ ରହିଥିବା ବେଳେ ତରଭା ତଥା ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଶନିବାର ସକାଳେ ବହୁ ସଂଖ୍ୟାରେ କୋଶଲ ସମନ୍ୱୟ ସମିତି ସଦସ୍ୟମାନେ ତରଭା ସହରରେ ପିକେଟିଂ କରୁଥିବା ବେଳେ ତରଭା ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତାମାନେ ପାରମ୍ପରିକ ଦୁଲଦୁଲି ବାଦ୍ୟ ଧରି ତରଭା ସହର ପରିକ୍ରମା କରି ବନ୍ଦ ପାଳନ ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ, ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ବନ୍ଦ ପାଳନ ସମୟରେ କୋଶଲ ପ୍ରେମୀ ଜୟ କୋଶଲ, ଅଲଗା କୋଶଲ ରାଜ୍ୟ ଆମର ଦାବି, ଜୟ ମା' ସମଲେଇ ଆଦି ସ୍ଲୋଗାନ ଦେଇଥିଲେ। ଏହାର ପ୍ରଭାବ ଏତେ ବ୍ୟାପି ଥିଲା ଯେ ତରଭା ଆଖପାଖ ଗ୍ରାମାଞ୍ଚଳରେ ମଧ୍ୟ ଦୋକାନ ବଜାର, ଗମନାଗମନ ଠପ୍ ରହିଥିଲା। ଏହି ମହାବନ୍ଦ ପାଳନରେ ତରଭାର ଶିବ କୁମାର ଅଗ୍ରୱାଲ, ସୁରେଶ ଚନ୍ଦ୍ର ମହଲା, ଭୋଲା କୁମାର ବର୍ମା, ଅଶୋକ କୁମାର ସାହୁ, ମାହେଶ୍ୱରୀ ସଂଗଠନର ମୁଖ୍ୟ ପ୍ରଦୀପ କୁମାର ମେହେର, ଆୟୁଷ ଅଗ୍ରୱାଲ, ଦିନ ବାଘ, ଦୀପକ ମେହେର ପ୍ରମୁଖ ସାମିଲ ଥିଲେ। ସେହିପରି ଚାରଭଟା, କମସରା, ବାଲିଖମାର ଆଦି ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ କୋଶଲ ପ୍ରେମୀ ବନ୍ଦ ପାଳନରେ ସାମିଲ ଥିବା ବେଳେ ସରଗଜ ଗ୍ରାମରେ ପବିତ୍ର କୁମାର ମିଶ୍ର, ସୁକାନ୍ତ ମିଶ୍ର,କଲ୍ୟାଣ ନାଏକ, ରାଜ ନାଏକଙ୍କ ସମେତ ବହୁ କୋଶଲ ପ୍ରେମୀ ସାମିଲ ଥିଲେ ।

### ଗାଁ ଠୁ ସହର ଅଖ ଚକ, ଦୋକାନ ବଜାର ବନ୍ଦ

ସୁରେଶ ପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ତରଭାରେ ଆନ୍ଦୋଳନ ସ୍ୱତଃସ୍ଫୁତ ଥିଲା । ମାହେଶ୍ୱରୀ ସଂଗଠନ ପକ୍ଷରୁ ବନ୍ଦ ପାଳନ ପାଇଁ ଜନସାଧାରଣଙ୍କୁ ଅନୁରୋଧ କରା ଯାଇଥିଲା। ଡୁଙ୍ଗୁରିପାଲିରେ ବସଷ୍ଟାଣ୍ଡ ଛକ, ଚେରୁପାଲି ଓ ଚିନାଜୁରୀ ଛକରେ ରାସ୍ତାରୋକୋ କରାଯାଇଥିଲା। ମୃତ୍ୟୁଞ୍ଜୟ ମିଶ୍ର, ନିତାଇ ପାଲ, ରୋହିତ ମେହେର, ଯଦୁମଣି କୁଦେଇ, ସରୋଜ ପଧାନ ଓ ଦୀପକ ମିଶ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଚିନାଜୁରୀ ଠାରେ ମହିଳାମାନେ ରାସ୍ତାରୋକୋ କରିଥିଲେ।



କୋଶଲ ବନ୍ଦ ପାଳନ ବେଳେ ତରଭାରେ ରାସ୍ତାଘାଟ ଶୂନ୍‌ଶାନ।

# କୋଶଳ ବନ୍ଦକୁ ସମର୍ଥନ



ବୀରମହାରାଜପୁରରେ ବନ୍ଦ ପାଳନ ବେଳେ କୋଶଲ ସଂଗ୍ରାମୀ।

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ କୋଶଳ ମହାବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସକାଳ ୬ଟାରୁ ବୀରମହାରାଜପୁର ମୁଖ୍ୟଛକଠାରେ କୋଶଲ ସମର୍ଥକମାନେ ଗାଡିମୋଟର ରାସ୍ତାରେ ଅଟକାଇ ଥିଲେ। ବୀରମହାରାଜପୁର ସହର ତଥା ଆଖପାଖ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟ, ବୀରମହାରାଜପୁର କୋର୍ଟକୁ କୋଶଳ ସଂଗ୍ରାମୀ ପିକେଟିଂ କରି ବନ୍ଦ କରିଥିଲେ। ମୁର୍ଷୁଣି , ଅମରପାଲି, ସୁବଳୟା, ଖଣ୍ଡହତା, ଯାଲୋଏ ସହ ବିଭିନ୍ନ ଗ୍ରାମରେ ଦୋକାନଗୁଡ଼ିକ ବନ୍ଦ ରହିଥିଲା । ବନ୍ଦ ପାଳନରେ କୋଶଳ ସଂଗ୍ରାମୀ କିଶୋର ହୋତା, ଆଶ୍ରୟ ମହାନନ୍ଦ, ନୀଳ କମଳ ମିଶ୍ର, ସୂର୍ଯ୍ୟ ପଣ୍ଡା, ଚୈତନ୍ୟ ପଧାନ, ଜିତେନ୍ଦ୍ର ମେଣ୍ଡିଲି, ବିକାଶ ମହାକୁର, ସୁଧାଂଶୁ କର୍ଣ୍ଣ, କୈଳାଶ ମହାକୁର, ଆଲୋକ କର୍ଣ୍ଣ, ମହେନ୍ଦ୍ର କର୍ଣ୍ଣ, ସଞ୍ଜୟ ରଣା , ଆଶିଷ ପାଣିଗ୍ରାହୀ, ଲିଙ୍ଗରାଜ ପଧାନ, ସରୋଜ ପଧାନ, ଗୋବର୍ଦ୍ଧନ ପଧାନ, ସିଲୁ ପଣ୍ଡା, ସୁମନ୍ତ ଜଗଦଲା,ଚନ୍ଦନ ପଧାନ, ବ୍ରଜଗୋପଲ ପଣ୍ଡା, ସୁଧାଂଶୁ ପଧାନ, ସୁରୁବାବୁ ପଧାନ, ନବାରୁଣ ଦେବଦତ୍ତ ଶତପଥୀ, ଅନୁପ କୁମାର,ସୁମନ୍ତ ଜଗଦଲା, ସୁଦାମ ଜଗଦଲା, ସୁରୁବବୁ ପଧାନ, ଅନୁପ ସାହୁଙ୍କ ସମେତ କୋଶଳ ସଂଗ୍ରାମୀମାନେ ସାମିଲ ଥିଲେ ।

### ବୌଦ୍ଧରେ କୋଶଲ ମହାବନ୍ଦର ପ୍ରଭାବ

# ବୌଦ୍ଧ ଓ କନ୍ଧମାଳରେ ବନ୍ଦ ସଫଳ

ବୌଦ୍ଧ/କନ୍ଧମାଳ,୧୮।୧୧(ଅଜିତ କୁମାର ବାରିକ/ଆଦିତେଶ୍ୱର ମିଶ୍ର)

ପଶ୍ଚିମ ଓଡିଶାକୁ ସବୁକ୍ଷେତ୍ରରେ ଅଣଦେଖା କରାଯାଉଥିବାରୁ କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଶନିବାର ଦିନ ପଶ୍ଚିମ ଓଡିଶା ବନ୍ଦ ଡାକରାରେ ବୌଦ୍ଧ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ବୌଦ୍ଧ ବ୍ଲକ ଓ କନ୍ଧମାଳ ବ୍ଲକରେ ବନ୍ଦ ସଫଳ ହୋଇଥିବା ବେଳେ ହରଭଙ୍ଗା ବ୍ଲକରେ ବନ୍ଦର ପ୍ରଭାବ ପଡି ନ ଥିଲା । ବୌଦ୍ଧ ସହରରେ ଯାନବାହାନ ଚଳାଚଳ ଠପ୍ ହୋଇପଡିଥିବା ବେଳେ ଦୋକାନା ବଜାର, ବିଦ୍ୟାଳୟ, ସରକାରୀ ଅନୁଷ୍ଠାନ, ବ୍ୟାଙ୍କ ବନ୍ଦ ରହିଥିଲା। କୋଶଲ ସମନ୍ୱୟ ସମିତି କନ୍ଧମାଳ ସଭାପତି ଚୈତନ୍ୟ ବେହେରାଙ୍କ ନେତୃତ୍ୱରେ ଶମ୍ଭୁ ସାହୁ, ଠାକୁର ଚରଣ ନାୟକ, ପ୍ରମୋଦ ରଣା, ସୁଶାନ୍ତ ଦାସ କନ୍ଧମାଳରେ ପିକେଟିଂ କରିଥିଲେ। ସମସ୍ତ ଦୋକାନ ବଜାର, ସ୍କୁଲ, ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ , ବ୍ୟାଙ୍କ ଓ ଗାଡି ଚଳାଚଳ ବନ୍ଦ ରହିଥିଲା। କନ୍ଧମାଳ ବ୍ଲକର ପଲଶାଗୋରା, ମନମୁଣ୍ଡାରେ ଅବାହକ ସୁବେଦାର ଲଳିତ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ସେହିପରି ଆମ୍ବଗାଁ, ଖୁଣ୍ଟିଗୋରା, ଖଟଖଟିଆ ଆଦି ସ୍ଥାନରେ ବନ୍ଦ ପାଳନ ହୋଇଥିଲା । କିନ୍ତୁ ହରଭଙ୍ଗା ବ୍ଲକରେ ସମସ୍ତ ଦୋକାନ ବଜାର ଖୋଲା ରହିଥିବା ବେଳେ ବିଦ୍ୟାଳୟ ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ କୋର୍ଟ କାର୍ଯ୍ୟ ସ୍ୱାଭାବିକ ରହିଥିଲା। ଗାଡି ଚଳାଚଳ ସ୍ୱାଭାବିକ ଥିଲା । ଏହି ବନ୍ଦ ପାଳନରେ କୋଶଲ ବନ୍ଦର ଆବାହକ ବିକାଶ ମହାକୁଡ, ରବିନ୍ଦ୍ର କୁମାର ସାହୁ, ସମିତ ପଟ୍ଟନାୟକ, ବିରେନ୍ଦ୍ର କୁମାର ସାହୁ, ସତ୍ୟପ୍ରକାଶ ବେହେରା, କୃପାସିନ୍ଧୁ ସାହୁ, ବିଜୟ ବେହେରା, ସ୍ୱରୂପ ଦେହୁରୀ, ଅରୁଣ ମେଣ୍ଡୁଳି, ସୁରଥ କର୍ଣ୍ଣ ପ୍ରମୁଖ ସାମିଲ ଥିଲେ।


ବନ୍ଦ ଯୋଗୁ ବୌଦ୍ଧ ସହରର ବ୍ରିଜ ଛକ ଠାରେ ଗାଡି ଅଟକି ରହିଛି ।

### ହରଭଙ୍ଗା ବ୍ଲକରେ ପ୍ରଭାବ ଶୂନ୍ୟ

## ବାଉଁଶୁଣୀରେ ୧୨ ଘଣ୍ଟିଆ ବନ୍ଦ ପାଳନ

**ବାଉଁଶୁଣୀ,୧୮।୧୧(ଦେବାଶିଷ ନେପାକ):** ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ଦାବି ନେଇ ବୌଦ୍ଧ ଜିଲା ବାଉଁଶୁଣୀରେ ମହାବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ଜନସାଧାରଣ ଶାନ୍ତପୂର୍ଣ୍ଣ ଭାବରେ ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବେସରକାରୀ ଅନୁଷ୍ଠାନ ବନ୍ଦକୁ ସମର୍ଥନ କରିଥିଲେ। ଦୋକାନ ବଜାର ବନ୍ଦ ରହିଥିଲା। କୋଶଲ ସେନାମାନେ ବାଉଁଶୁଣୀର ମାଉଳିମୁଣ୍ଡା ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଆଗାମୀ ଦିନରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ନ ହେଲେ ଜନ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।



# ଦେଉଳମୁଣ୍ଡାକୁ ହରାଇ କମଳପୁର ଚାମ୍ପିୟନ

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

### ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର ଷଣ୍ଢା ଗ୍ରାମରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଦେଉଳମୁଣ୍ଡାକୁ ହରାଇ କମଳପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ୧୦ ଓଭର ବିଶିଷ୍ଟ ହୋଇଥିବା ବେଳେ ଏଥିରେ କମଳପୁର ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟ ୬ ଓଭର ବିଶିଷ୍ଟ ହୋଇଥିବା ବେଳେ ଏଥିରେ ଦେଉଳମୁଣ୍ଡା ବିଜେତା ହୋଇଥିଲା। ଉଭୟ ଦଳ ଗୋଟିଏ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ପୁଣି ୨ ଓଭର ବିଶିଷ୍ଟ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୧୬ ରନ କରିଥିବା ବେଳେ କମଳପୁର ଦଳ ୧୭ ରନ ସଂଗ୍ରହ କରିଥିଲା। ଫଳରେ ଦେଉଳମୁଣ୍ଡା ଦୁଇଟି ଫର୍ମାଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠାନର ସଭାପତି ନିମାଇଁ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଆମ୍ବା ଅଧକ୍ଷ ବିବସ୍ୱତି ପଣ୍ଡା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଆୟୋଜକ ବିକାଶ ରାଏ, ମାନସ କର୍ଣ୍ଣ,ପ୍ରଦୀପ ପଧାନ ଖେଳ ପରିଚାଳନା କରିଥିଲେ।


ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହିତ ଅତିଥି ।

## ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ)ର ଡାକବଙ୍ଗଳାଠାରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଶହୀଦ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘର ପ୍ରାୟ ୫ଶହ ସଦସ୍ୟ ଯୋଗ ଦେଇଥିଲେ। ଯୋଗୀନ୍ଦ୍ର ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକାଶ ମିର୍ଦ୍ଧା ମୁଖ୍ୟଅତିଥି, ପ୍ରମୋଦ କୁମାର ଭୋଇ ମୁଖ୍ୟବକ୍ତା ଏବଂ ଆଦିବାସୀ ନେତା ମଙ୍ଗନ ପଧାନ, ସଂଘର ମହିଳା ସଭାନେତ୍ରୀ ହେଲେନା ଲାକ୍ରା, ଶ୍ୟାମସୁନ୍ଦର ପଧାନ, ସୁଶିଲ ମୁଣ୍ଡା, ସଦାଶିବ ଭୋଇ, ବିବେକାନନ୍ଦ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ଆଦିବାସୀମାନଙ୍କ ପାଇଁ କରିଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଚେତନ, ଶିକ୍ଷିତ, ସଂଗଠିତ ହୋଇ ନିଜ ଅଧିକାର ପାଇଁ କେମିତି ସଂଘର୍ଷ କରିବ ସେ ନେଇ ଆଲୋଚନା କରାଯାଇଥିଲା। ଶେଷରେ ସନ୍ତୋଷ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁମୁରା ନୃତ୍ୟରେ ଦୁଲୁକିଲା ମଞ୍ଚ


ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଳାହାଣ୍ଡିର ଘୁମୁରା ନୃତ୍ୟ ପରିବେଷଣ କରାଯାଉଛି।

ବୌଦ୍ଧ/ପୁରୁଣାକଟକ/ତଳଗାଁ,୧୮।୧୧ (ଅଜିତ କୁମାର ବାରିକ/ସୁକାନ୍ତ କୁମାର ପଟ୍ଟନାୟକ/କୁନା ବେହେରା)

### ମା' ଭୈରବୀ ମହୋତ୍ସବର ତୃତୀୟ ସନ୍ଧ୍ୟା

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଚାଲିଥିବା ତୃତୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଅବସରରେ ଓଡିଆ ଧାରାବାହିକ ସିନ୍ଦୁରର ଅଧିକାରର ନାୟିକା ଇତିଶ୍ରୀ (ସିମ୍ରନ) ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହୀଧର ରଣା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଜିଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମଲିକ, ଅବସରପ୍ରାପ୍ତ କର୍ଣ୍ଣେଲ ଶିଶିର ଘୋଷ, ଆବାହକ ବିଭୁଦତ୍ତ ବୋଷ, ସମ୍ପାଦକ ଅଶୋକ ସେଠୀ ମଞ୍ଚାସୀନ ଥିଲେ। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ତାରେଣିଆ, ମନୋଜ ପାଠୀ ଓ ଅଶୋକ ମହାନ୍ତି ପରିଚାଳନା କରିଥିଲେ । ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ, ଆଦିନୃତ୍ୟ କଳା ଏକାଡେମୀ କୋଲକାତା ପକ୍ଷରୁ ଗଣେଶ ବନ୍ଦନା, କୋଲକାତାର ଶିବ ତାଣ୍ଡବ, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୁମୁରା, ଗୋପାଳ ଗ୍ରୁପ ବୌଦ୍ଧ, ସେଣ୍ଟଜାଭିୟର ସ୍କୁଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଘୁମୁରା ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ମହୋତ୍ସବ କମିଟିର ଉପସଭାପତି ସରୋଜ ପ୍ରଧାନ, ସହ ସଂପାଦକ ସୁବାସ ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ସୁକାନ୍ତ କୁମାର ପଟ୍ଟନାୟକ, ସତୀଶ ବେହେରା, କୈଳାସ ଅଗ୍ରୱାଲା, ମନୋଜ ପାଢୀ, ବିଜୟ କହଁର, କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକ ମୃତ

**କୁଆଁରମୁଣ୍ଡା,୧୮।୧୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦମପୁର ନିକଟସ୍ଥ ଶଙ୍ଖ ନଦୀରେ ଶନିବାର ପୂର୍ବାହ୍ନରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁଘଟିଛି। ମୃତକ ହେଲେ ପଦମପୁର ଖଡିଆବସ୍ତିର ବାସୁ ଖଡିଆ(୪୩)। କୁଆଁରମୁଣ୍ଡା ଫାଣ୍ଡି ଏଏସ୍ଆଇ ଶ୍ରୀନିବାସ ଦାସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା(୪୨/୨୩) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅଭୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ,ବାସୁ ଗାଧୋଇବା ବେଳେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାଣିରେ ଭାସୁଥିବା ଦେଖି ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

**ଲହୁଣୀପଡ଼ା,୧୮।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଓଭର ବ୍ରିଜ ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଦର୍ଜାଂ ପଞ୍ଚାୟତ ଠିଆବେର୍ଣ୍ଣା ଗ୍ରାମର ଉମେଶ ତନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉମେଶ ଓଡି-୧୪ୟୁ -୭୩୩୦ ବାଇକ୍ ଯୋଗେ ଲହୁଣୀପଡ଼ା ପଟେ ଆସୁଥିବା ବେଳେ ଓଡି – ୧୬ଇ-୩୯୯୭ ଟ୍ରକଟି ତାଙ୍କୁ ଧକ୍କା ଦେଇଥିଲା।

### ଖୋଲା ଆକାଶ ତଳେ ଖେଳକୁଦ କରିବାକୁ ଆହ୍ୱାନ

**ବନ୍ଧମୁଣ୍ଡା,୧୮।୧୧(ସୁବ୍ରତ ଡେ):** କାଷ୍ଟ କଲେଜରେ ଶନିବାର କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଯାଇଛି। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ(ଆରୱାଇଡିପି) ଦ୍ୱାରା ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ କଲେଜର ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଭାଗ ନେଇଛନ୍ତି। ରାଉରକେଲା ରେଳବାଇ ଇଲେକ୍ଟ୍ରିକ ସେଡ୍‌ର ଟିଆର୍ଏସ୍ ଅମିତ ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରାଉରକେଲା କଲେଜ ପରିଚାଳନା କମିଟି ସଭାପତି ଆରତି ଚୌଧରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବର୍ଦ୍ଧିତ କରି ମୁଖ୍ୟ ଅତିଥି ଅମିତ ଯାଦବ କହିଛନ୍ତି, ଆଜିକାଲି ପିଲାମାନେ ଖୋଲା ଆକାଶ ତଳେ ଖେଳକୁଦ ନ କରି ମୋବାଇଲ ଫୋନରେ ଖେଳକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯାହାକି ସେମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ପ୍ରତିବନ୍ଧକ ସାଜିଛି। ଖୋଲା ଆକାଶ ତଳେ ଖେଳକୁଦ କରିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ସେ କହିଛନ୍ତି, ରାଜ୍ୟ ସରକାର କ୍ରୀଡ଼ା, ସଂସ୍କୃତି, ସାମାଜିକ କ୍ଷେତ୍ରରେ ଯୁବ ବର୍ଗ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆର୍‌ୱାଇଡିପି ଅଧୀନରେ ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯୁବବର୍ଗ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମ ଶେଷରେ କଲେଜ ଅଧ୍ୟକ୍ଷ ଡା. ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ନଭେମ୍ବର ୧୪ରେ ଏହା ଉଦ୍‌ଯାପିତ ହେବ।

### ଘରେ ନିଆଁ ଲାଗି ଆସବାବପତ୍ର ନଷ୍ଟ

**ଲହୁଣୀପଡା,୧୮।୧୧(ଦାଶରଥି ପଣ୍ଡା)** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଶସ୍ୟକଳା ପଞ୍ଚାୟତ ବାରସୁଆଁ ସେଲ ହସ୍ପିଟାଲ ନିକଟସ୍ଥ ବସ୍ତିରେ ରହୁଥିବା କୁନାଲ ପାତ୍ରଙ୍କ ଘରେ ଶନିବାର ନିଆଁ ଲାଗି ସମସ୍ତ ଆସବାବ ପତ୍ର ନଷ୍ଟ ହୋଇଯାଇଛି। ତେବେ ବଡ ଦୁର୍ଘଟଣାରୁ ତାଙ୍କ ମାନସିକ ବିକୃତ ଉଭଣୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାରୁ ପ୍ରକାଶ ଯେ, କୁନାଲଙ୍କ ଘରଭିତରୁ ଧୂଆଁ ବାହାରୁଥିବା ଦେଖି ପଡୋଶୀ ଲୋକ ସେଠାରେ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନିଆଁର ପ୍ରଖର ଏତେ ଥିଲା ଯେ ଅଗ୍ନିଶମ ବାହିନୀ ଆସିବା ପୂର୍ବରୁ ସବୁକିଛି ପୋଡି ପାଉଁଶ ହୋଇଯାଇଥିଲା।



ବଡ଼ଗାଁରେ କୋଶଳ ସମାଜ ପକ୍ଷରୁ ବନ୍ଦ ପାଳନ କରାଯାଇଛି।



ସୁନ୍ଦରଗଡରେ କୋଶଳ ସମାଜ ପକ୍ଷରୁ ବନ୍ଦ କରାଯାଇଛି।

# କୋଶଳ ରାଜ୍ୟ ଦାବି: ବନ୍ଦ ଶାନ୍ତିପୂର୍ଣ୍ଣ

**ସୁନ୍ଦରଗଡ,୧୮।୧୧ (ଜୟ ନାରାୟଣ ମେଣ୍ଡୁଲି)**

ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବି ନେଇ କୋଶଳ ସମାଜ ପକ୍ଷରୁ ଶନିବାର ବନ୍ଦ ପାଳନ ଡାକରା ଦିଆଯାଇଥିଲା। ସୁନ୍ଦରଗଡରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯାତ୍ରୀବାହୀ ବସ୍ ତଥା ଅନ୍ୟାନ୍ୟ ଯାନବାହାନ ଚଳାଚଳ ଏବଂ ଦୋକାନ ବଜାର ବନ୍ଦ ରହିଥିଲା। ରାଜ୍ୟ ରାଜପଥର ପତ୍ରାପାଲିଛକ ଠାରେ କୋଶଳ ସମାଜ ସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା। କୋଶଳ ସମାଜର ମହିଳା ସଚିବ ପଦ୍ମା ଦେବୀ, ସାବିତ୍ରୀ ପଟେଲ, ସଂକୀର୍ତନ କେରକେଟା, ସଦାନନ୍ଦ ପ୍ରଧାନ, ଗୀତା ସେଠ୍, ଅନୀଲସିଂ ପ୍ରମୁଖ ଏଥିରେ ସାମିଲ ଥିଲେ। ଇବ୍ ସେତୁ ଠାରେ କୋଶଳ ରାଜ୍ୟ ସମନ୍ୱୟ ସମିତି ଏବଂ କୋଶଳ କ୍ରାନ୍ତି ଦଳପକ୍ଷରୁ ଜିଲା ସଂଗଠକ ଅଶୋକ ନାଏକ ,ଅର୍ଜୁନ ପଟେଲ, ରୁନୁ ନାଏକ, ଅମିତ ନାଏକ, ଯଦୁମଣି ପଟେଲ, ହରିମାଝି ପ୍ରମୁଖ ରାସ୍ତାରୋକୋ କରିଥିଲେ। ସେହିପରି ପଶ୍ଚିମ ଓଡିଶା ଯୁବାମଞ୍ଚ ଏବଂ ମାଦୀକାଲୋ ଯୁବ ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇ ଦୋକାନ ବଜାର ,ସ୍କୁଲ କଲେଜ ,ବ୍ୟାଙ୍କ ଓ ସରକାରୀ ଅଫିସ ଗୁଡିକ ବନ୍ଦ କରାଯାଇଥିଲା। ଯୁବାମଞ୍ଚର ଦୀନେଶ ପଟେଲ, ଶୁଭମ ମହାପାତ୍ର, ଚନ୍ଦ୍ରଭାନୁ ଝୁରା ଓ ମହେଶ କିଷାନ ପ୍ରମୁଖ ପିକେଟିଂର ନେତୃତ୍ୱ ନେଇଥିଲେ। ପଶ୍ଚିମ ଓଡ଼ିଶାକୁ ଅବହେଳା, ବୈମାତୃକ ମନୋଭାବ, ଭାଷାକୁ ବିରୋଧ ଅଭିଯୋଗ ଆଣି ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି କରାଯାଉଛି।




**ହେମଗିର,(ଚୈତନ୍ୟ ପଟେଲ)** ହେମଗିରିରେ ସକାଳୁ ଦୋକାନ ବଜାର ଏବଂ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଏପରିକି କୋଇଲା ପରିବହନ ସମ୍ପୂର୍ଣ୍ଣରୂପେ ବନ୍ଦ କରାଯାଇଥିଲା। କେତେକ ସ୍ଥାନରେ ଲୋକେ ରାସ୍ତା ଅବରୋଧ କରିଥିବା ବେଳେ ବିଭିନ୍ନ ସ୍ଥାନରେ କୋଶଳ ସେନା ପକ୍ଷରୁ ପିକେଟିଂ କରାଯାଇଥିଲା। ସମସ୍ତ

### ଜୀବନଯାତ୍ରା ପ୍ରଭାବିତ

ସରକାରୀ, ବେସରକାରୀ ଅଫିସ ବନ୍ଦ ରହିଥିଲା। ପଶ୍ଚିମ ଓଡିଶାର ସମସ୍ତ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରଖିବା ସହ ଗାଡିଚଳାଚଳ ବନ୍ଦ ରଖି ବନ୍ଦ ଡାକରାକୁ ସଫଳ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ ଦେଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ, ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ, ଏମ୍ସ ହସ୍ପିଟାଲ, କଟନ କରିଡର ପ୍ରତିଷ୍ଠା ଦାବିକୁ ଆଞ୍ଚଳିକ ବୈଷମ୍ୟ ଯୋଗୁ ଅଣଦେଖା କରାଯାଉଛି ।ବୈମାତୃକ ମନୋଭାବ ପୋଷଣ କରି ପଶ୍ଚିମ ଓଡ଼ିଶାର ବିକାଶ ରାଜ୍ୟ ସରକାର ଚାହୁଁ ନ ଥିବା କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି।

**ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ)** ବଡ଼ଗାଁରେ କୋଶଳ ସମାଜର ଆନ୍ଦୋଳନ ସଚିବ ସନ୍ତୋଷ ଧନୁଆର, ସମାଜର ବ୍ଲକ ମହିଳା ସମ୍ପାଦିକା ଦୀପ୍ତି ରାଣୀ ରାଉତରାୟ, ଜିଲା ମହିଳା ସହ ସଚିବ ହରିପ୍ରିୟା ଭୋଇଙ୍କ ନେତୃତ୍ୱରେ ରାଜେନ୍ଦ୍ର ଡୁଙ୍ଗଡୁଙ୍ଗ, କେଉଁରା ବାଇରଣା , ଲକ୍ଷ୍ମୀପ୍ରିୟା ଧରୁଆ, ଯଶୋଦା ଭୋଇ ପ୍ରମୁଖ କର୍ମକର୍ତ୍ତା ସକାଳ ୯ରୁ ବସ୍‌ଷ୍ଟାଣ୍ଡ ଠାରେ ରାସ୍ତାରୋକ କରିଥିଲେ। ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାବେଳେ ସ୍କୁଲ୍, କଲେଜ ଓ ବିଭିନ୍ନ ଅନୁଷ୍ଠାନ ଖୋଲା ରହିଥିଲା।

## ଜନ ସେବାରେ ବ୍ରତୀ ହେବାକୁ ପରାମର୍ଶ


ବୀରମିତ୍ରପୁରରେ ବିଜେଡିର ୨ ଦିନିଆ ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ମହିଳା।

**କୁଆଁରମୁଣ୍ଡା,୧୮।୧୧(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ଟାଉନ୍ ହଲରେ ବିଜୁ ଜନତା ଦଳ ପକ୍ଷରୁ ୨ଦିନିଆ ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟସଭା ସାଂସଦ ଡା. ସସ୍ମିତା ପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ବିଶ୍ରା ବ୍ଲକ ଜିଲାପରିଷଦ ଜୋନ କ' ଓ ଖ', କୁଆଁରମୁଣ୍ଡା ବ୍ଲକ ଜିଲାପରିଷଦ ଜୋନ ଖ' ଏବଂ ବୀରମିତ୍ରପୁର ପୌରପରିଷଦରୁ ଆସିଥିବା ୧୭୦୦ କର୍ମୀଙ୍କୁ ବିଜେଡି ତଥା ନବୀନ ସରକାରର ସମସ୍ତ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇବା ଏବଂ ରାଜନୈତିକ କାର୍ଯ୍ୟକ୍ରମ ସହ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଲୋକଙ୍କ ସହ ଯୋଡ଼ି ହୋଇ ଜନସେବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦିଆଯାଇଥିଲା।

### ବିଜେଡିର ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଏହି କାର୍ଯ୍ୟକ୍ରମଟି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟସଭା ଏମ୍‌ପି ଡା. ସସ୍ମିତ ପାତ୍ର, ରାଜ୍ୟ ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଉପସଭାପତି ଅରୂପ ଶ୍ରୀଚନ୍ଦନ, ଯୁଗ୍ମ ସମ୍ପାଦକ ହିମାଂଶୁ ପଣ୍ଡା, ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ବୀରମିତ୍ରପୁର ପୌରପରିଷଦ ଅଧକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷ ନିବେଦିତା ବାଗେ, କୁଆଁରମୁଣ୍ଡା ଖ' ଜୋନ ଜିଲାପରିଷଦ ରାଜେନ୍ଦ୍ର କୁଜୁର, ବ୍ଲକ ଅଧକ୍ଷା ଜ୍ୟୋତି କେର୍କେଟା, ବିଜୁ ମହିଳା ଜନତା ଦଳ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ଏମ୍ମା ଏକ୍କା, ନୂଆଗାଁ କ' ଜୋନ ଜିଲା ପରିଷଦ ଜ୍ୟୋତି ଟେଟେ, ବିଶ୍ରା ବ୍ଲକ ଅଧକ୍ଷା ଫୁଲମଣି କେର୍କେଟା, ବିଶ୍ରା ବ୍ଲକ ଖ' ଜୋନ ଜିଲାପରିଷଦ ଜସ୍ମିନ ମିଞ୍ଜ, କୁଆଁରମୁଣ୍ଡା ବ୍ଲକ ବିଜେଡିସଭାପତି ରାଜେଶ ହାଂସଦା, ବୀରମିତ୍ରପୁର ପୌରପାଳିକା ମହିଳା ବିଜେଡି ସଭାପତି ପଦ୍ମିନୀ ନାୟକ, ବୀରମିତ୍ରପୁର ପୌରପାଳିକା ବିଜେଡି ସଭାପତି କୁନା ଦେଓ, ପୂର୍ବତନ ବିଧାୟକ ନିହାର ସୁରିନ, ବରିଷ୍ଠ ବିଜେଡି ନେତା ସେବିଆନ ଆଇଆନ, ଦିଗାମ୍ବର ଦାଶ, ଯୁବ ବିଜେଡି ଜିଲା ଉପସଭାପତି ସୋମନାଥ ରାହା, ବିଜୁ ଛାତ୍ର ଜନତା ଦଳ ଜିଲା ଉପସଭାପତି ଅଜାଜ୍ ଆଲାମ, ନିଗମ ବେହେରା, ବ୍ଲକ ଛାତ୍ର ସଭାପତି ସାଗର କୁଅଁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

### କୃଷ୍ଣ ଗଡ଼ତିଆ ସ୍କୁଲରେ ବିଜ୍ଞାନ ମେଳା

**କୁଆଁରମୁଣ୍ଡା,୧୮।୧୧(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୃଷ୍ଣ ଗଡତିଆ ୟୁପି ସ୍କୁଲରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଭିତ୍ତିକ ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ସୌର ପ୍ରକଳ୍ପ ୨ୟ ଓ ଚନ୍ଦ୍ରଯାନ ପ୍ରକଳ୍ପ ୩ୟ ସ୍ଥାନରେ ରହିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଭୀଷଣ ତନ୍ତୀ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରତି ଥିବା ରୁଚିକୁ ପ୍ରଶଂସା କରିଥିଲେ।

### ଛଟ୍ ପୂଜା ପାଇଁ ପୋଖରୀର ସୌନ୍ଦର୍ଯ୍ୟକରଣ

**ରାଜଗାଙ୍ଗପୁର,୧୮।୧୧(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଛଟ୍ ପର୍ବ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସନା, ପୌରାଧକ୍ଷା ମାଧୁରୀ ଲୁଗୁନ ଓ ଉପନଗରପାଳ ମହମ୍ମଦ ଇରଫାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୌରପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇ ସହରରେ ଥିବା ଲିପଲୋଇ ନଦୀ ଘାଟ,ବାବା ତଳାବ, ବାରୁପଡା, କୁଷ୍ଟୁପଡା, ବଗିଚା ପଡା, ରାଣିବନ୍ଧ ପୋଖରୀ ତଥା ଘାଟଗୁଡିକ ପରିଷ୍କାର କରାଯିବା ସହ, ମରାମତି ଓ ରଙ୍ଗିନ କରାଯାଇଛି। ରବିବାର ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପାଣିରେ ରହି ଅର୍ଘ୍ୟଦାନ କରିବେ।

## ବାଲଭାରତୀ ସ୍କୁଲରେ ୟଙ୍ଗ ମାଇଣ୍ଡ୍‌ସ କନକ୍ଲେଭ

**ସୁନ୍ଦରଗଡ,୧୮।୧୨(ଜୟ ନାରାୟଣ ମେଣ୍ଡୁଲି)**

ଶୈକ୍ଷିକ ଉତ୍କୃଷ୍ଟତା ଓ ବୈଜ୍ଞାନିକ ସ୍ୱାଭବକୁ ପ୍ରୋତ୍ସାହନ ଦେବା ପାଇଁ ଏନଟିପିସି ଦର୍ଲିପାଲିର ବାଲଭାରତୀ ପବ୍ଲିକ ସ୍କୁଲଠାରେ ୟଙ୍ଗ ମାଇଣ୍ଡସ୍ କନକ୍ଲେଭ ଆୟୋଜିତ ହୋଇଯାଇଛି। ନର୍ସରୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ମୁଖ୍ୟ ଅଜୟ କୁମାର ଟଣ୍ଡନ, ଅନ୍ୟ ସମସ୍ତ ଜେନେରାଲ ମ୍ୟାନେଜର, ଅଭିଳାଷା ଲେଡିସ କ୍ଲବର ସଦସ୍ୟା, ନିରାମୟ ହସ୍ପିଟାଲର ସିଏମଓ,ସ୍କୁଲ ଅଧକ୍ଷ ,ବରିଷ୍ଠ ଅଧିକାରୀ, ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ଛାତ୍ରଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଓ ବିଜ୍ଞାନ ଗଭୀରତା ଭିତରେ ପ୍ରବେଶ କରିବା ପାଇଁ ଏହା ଏକ ସୁଯୋଗ ପ୍ରଦାନ କରିଥାଏ ବୋଲି ଅତିଥିମାନେ କହିଥିଲେ। ଏଥିରେ ମନୋନୀତ ୫ଜଣ ଛାତ୍ର ବିଦ୍ୟାଳୟ ଶିକ୍ଷାକୁ ପ୍ରାୟୋଜିତ କରାଯାଇଛି। ଏନଟିପିସି ଦର୍ଲିପାଲି ପ୍ରକଳ୍ପ ପ୍ରତିବର୍ଷ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୧୨୦ଜଣ ଛାତ୍ରୀଙ୍କୁ ଚୟନ କରି ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ବିଭିନ୍ନ କର୍ମଶାଳା ଆୟୋଜନ କରୁଛି।


କନକ୍ଲେଭରେ ଉପସ୍ଥିତ ଛାତ୍ରୀଛାତ୍ର।

## ମହିଳା, ଶିଶୁ ବିଭାଗ ବିଭାଗ ଉପଦେଷ୍ଟାଙ୍କୁ ସ୍ୱାଗତ

**ସୁନ୍ଦରଗଡ,୧୮।୧୧(ଜୟ ନାରାୟଣ ମେଣ୍ଡୁଲି)** ସୁନ୍ଦରଗଡ ଜିଲାକୁ ୨ ଦିନିଆ ଗସ୍ତରେ ଆସିଥିବା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନାଙ୍କୁ ଶନିବାର ସ୍ଥାନୀୟ ସାର୍କିଟ ହାଉସଠାରେ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ବରିଷ୍ଠ ନେତା ତଥା ଦଳର ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ତଥା ଜିଲା ବିଜେଡି ଉପସଭାପତି ବେଣୁଧର ତାଣ୍ଡିଆ ଏବଂ ସଂଖ୍ୟାଲଘୁ ସେଲର ନେତା ଏମଡି କଲିମ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣେଇବା ସହିତ ଜିଲାର ବିଭିନ୍ନ ଅନାଥ ଆଶ୍ରମ ଗୁଡିକରେ ଥିବା ସମସ୍ୟା ବିଷୟରେ କହିଥିଲେ, ଏବଂ ଏହାର ସମାଧାନ ପାଇଁ ଦାବି କରିଥିଲେ। ଦାବି ଗୁଡ଼ିକ ଶୁଣି ଉପଦେଷ୍ଟା ଜେନା କହିଥିଲେ, ଜିଲାର ସବୁ ଅନାଥ ଆଶ୍ରମ ଗୁଡ଼ିକ ବୁଲି ଦେଖିଛି। ଦାବି ଗୁଡ଼ିକ ବିଷୟରେ ରାଜ୍ୟ ସରକାରଙ୍କୁ ଜଣାଇ ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ମହିଳା ଏବଂ ଶିଶୁ ବିଭାଗର ଉପଦେଷ୍ଟାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଉଛି।

## ଯୁବଗୋଷ୍ଠୀ ସଂସ୍କୃତି, ପରମ୍ପରା ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ

### ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ଲହୁଣୀପଡ଼ା,୧୭।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ ଥେଣ୍ଟେଇପୋଷ ଗ୍ରାମରେ ଧିଙ୍ଗୁଆନ ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ଧିଙ୍ଗୁଆନ ନୃତ୍ୟ, ଗୀତ, ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମର ଗୋଉଁତିଆ ଲୋକନାଥ ମାହାନ୍ତ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଛନଆୟକ ପ୍ରଗଣା ସଭାପତି ଧନେଶ୍ୱର ମାହାନ୍ତ, ସମ୍ମାନିତ ଅତିଥି ଲବଙ୍ଗ ପ୍ରଗଣା ସମ୍ପାଦକ ଯୁଗଳ କିଶୋର ମାହାନ୍ତ ଯୋଗ ଦେଇଥିଲେ। କେଶବ ଚନ୍ଦ୍ର ମାହାନ୍ତ ଏଥିରେ ଅଧକ୍ଷତା କରିଥିଲେ। ସନ୍ତୋଷ ମାହାନ୍ତ ପରିଚୟ ଓ ମଞ୍ଚ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ଝସକେତନ ମାହାନ୍ତ ଧିଙ୍ଗୁଆନ ପ୍ରତିଯୋଗିତାର ଆଭିମୁଖ୍ୟ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ବର୍ତ୍ତମାନର ଯୁବ ଗୋଷ୍ଠୀ ସାମାଜିକ ସଂସ୍କୃତି, ପରମ୍ପରା ପ୍ରତି ଆକୃଷ୍ଟ ହେଲେ ସମାଜର ସଂସ୍କୃତି ଓ ପରମ୍ପରା ବଞ୍ଚି ରହିବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ବର୍ଷ ଦୀପାବଳି ପର୍ବକୁ କୁଡୁମୀ ସମ୍ପ୍ରଦାୟର ଲୋକେ ବାନ୍ଦନା ପର୍ବ ଭାବେ ପାଳନ କରିଥାନ୍ତି। ଏହି ପର୍ବକୁ ୪ ଦିନ ଧରି ପାଳନ କରାଯାଇଥାଏ। ଏହି ୪ଦିନ ମଧ୍ୟରେ ତେଲ ଦିଆ, ଗଠାନ ପୂଜା, କାଞ୍ଚିଦେଓରି, ଜାଗର ଜାଲା, ଧିଙ୍ଗୁଆନ,ଗୁହାଲ ଜାଗା, ଗୋବର୍ଦ୍ଧନ ପୂଜା,ବୁଢୀ ବାନ୍ଦନା ଭଳି ପର୍ବ ପାଳନ କରିଥାନ୍ତି। ଏହି ପର୍ବର ମୁଖ୍ୟ ଆକର୍ଷଣ ହୋଇଥାଏ ଧିଙ୍ଗୁଆନ ପର୍ବ। ଏଥିରେ ସମ୍ପ୍ରଦାୟର ଲୋକେ ଘରକୁ ଘର ବୁଲି ଗୀତ ନାଚରେ ମଜି ରାତିସାରା ଉଜାଗର ରହି ପର୍ବକୁ ପାଳନ କରିଥାନ୍ତି। ମହୋତ୍ସବରେ ଧିଙ୍ଗୁଆନ ଦଳ ଯୋଗଦେଇ ନୃତ୍ୟ, ଗୀତ, ବାଦ୍ୟର ତାଳେ ତାଳେ ନିଜେ ଝୁମିବା ସହ ଦର୍ଶକଙ୍କୁ ମଧ ଝୁମାଇଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଖଟିଆଭାଙ୍ଗୁଣୀ,ଗଣିଘଷା,ନନ୍ଦାପଡା ଦଳଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଦଳଙ୍କୁ ମଧ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ହେମେନ୍ଦ୍ର ମାହାନ୍ତ, ରବୀନ୍ଦ୍ର ମାହାନ୍ତ, ହଳଧର ମାହାନ୍ତ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦାଶରଥି ମାହାନ୍ତ,ଶମ୍ଭୁ ମାହାନ୍ତ, ମୋହନ ମାହାନ୍ତ, ପ୍ରସାଦ ମାହାନ୍ତ, ଲୋକନାଥ ମାହାନ୍ତ, ଶିବ ମାହାନ୍ତ, ରାମ ମାହାନ୍ତ, କୌଶିକ ମାହାନ୍ତ, ଅଜୁ ମାହାନ୍ତ, ଧୀରେନ୍ଦ୍ର ମାହାନ୍ତ, ପବିତ୍ର ମାହାନ୍ତ, ଅବିନାଶ ମାହାନ୍ତ, ଜଗନ୍ନାଥ ମାହାନ୍ତ, ଉମେଶ ମାହାନ୍ତ, ସନ୍ତୋଷ ପଶାୟତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ନବୀନ ଚନ୍ଦ୍ର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



### ଥେଣ୍ଟେଇପୋଷରେ ଧିଙ୍ଗୁଆନ ମହୋତ୍ସବ

## ସଂକ୍ଷେପରେ

### କଫ୍ ସିରପ ଜବତ, ମହିଳା ଗିରଫ

**ସମ୍ବଲପୁର, ୧୮।୧୧ (ବି.ଶଙ୍କର):** ସମ୍ବଲପୁର ସହର ସାହୁ କଲୋନୀ ଝୁପୁଡିପଡ଼ାରୁ ଶନିବାର ୧୨୮ ବୋତଲ କଫ୍ ସିରପ ଜବତ ହୋଇଛି । ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ସେ ହେଲେ ଅନିତା ସିଂ (୩୫)। ଏ ନେଇ ସମ୍ବଲପୁର ଅବକାରୀ ଥାନା -୧ ପକ୍ଷରୁ ସୂଚିତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଥାନା -୧ର ଓଆଇସି ଦିଲିପ ଶତପଥିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ପକ୍ଷରୁ ସୂଚିତ କରାଯାଇଛି ।

### କୈଶୋର ସ୍ୱାସ୍ଥ୍ୟ ସଚେତନତା

**ପଡିଆବାହାଲ, ୧୮।୧୧ (ରାଧାମୋହନ ଷଡ଼ଙ୍ଗୀ):** ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତର ରେଙ୍ଗାଲପାଲିଠାରେ ଶନିବାର ନବଜାତ ଶିଶୁ ସପ୍ତାହ ଓ କୈଶୋର ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାନକୁଣ୍ଡେରା ଅଙ୍ଗନୱାଡି କର୍ମୀ ଗୌରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ଡା.ରାଜାରାମ ଷଡଙ୍ଗୀ ନବଜାତ ଶିଶୁ ଯତ୍ନ ଓ ସେମାନଙ୍କ ପାଇଁ ସାମାଜିକ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହାସହିତ କୈଶୋର ବୟସର ଜୀବନ ଶୈଳୀ, ଖାଦ୍ୟପେୟ ପ୍ରଭୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମହିଳା ସ୍ୱାସ୍ଥ୍ୟକର୍ମୀ ସାହାନୀ ସାହୁ, ଆଶା ମଞ୍ଜରି ପଣ୍ଡା, ସୁସ୍ମିତା ସାହୁ, ଗାୟତ୍ରି ନାଥ, ଅଙ୍ଗନୱାଡି ମାଗଦାଲି ମୁଣ୍ଡା, ଅଲି ଗର୍ଡିଆ ପ୍ରମୁଖ କିଶୋରୀ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରସୁତୀ ମା' ଓ କିଶୋରୀ ବାଳିକାଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୁଚିଣ୍ଡା, ୧୮।୧୧ (ବିରଞ୍ଚି ଦର୍ଭା):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କୁଚିଣ୍ଡା ଟାଉନ ହଲଠାରେ ଶୁକ୍ରବାର କୁଚିଣ୍ଡା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଡିଓ ନିରଞ୍ଜନ କୁମାର ସାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକର ୧୬୭ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୯୪ଜଣ ଶାରୀରିକ, ୧୧ଜଣ ଦୃଷ୍ଟିବାଧିତ, ୨୫ଜଣ ଶ୍ରବଣ ବାଧିତ, ୩୦ଜଣ ମାନସିକ ଭିନ୍ନକ୍ଷମ ଓ ୭ଜଣ ରକ୍ତହୀନତା ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସହ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶିବିରରେ ଡା. ସନ୍ତୋଷ କୁମାର ମିଶ୍ର, ଲଳିତ କୁମାର ପଧାନ, ଗଙ୍ଗାଧର ପଣ୍ଡା, କଲ୍ୟାଣୀ ପାତ୍ର, ଓମ୍ ପ୍ରକାଶ, ସୁଲତା ପତି ପ୍ରମୁଖ ଭିନ୍ନକ୍ଷମ ରୋଗୀଙ୍କ ପରୀକ୍ଷା କରିଥିଲେ।

# ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀ ଉଦ୍‌ଘାଟିତ



ପିଏଚ୍‌ଡି ପଡିଆଠାରେ ପଶ୍ଚିମ ଓଡିଶା ଗୋପାଳନ ସମ୍ମିଳନୀରେ ଅତିଥିମାନେ ।

**ସମ୍ବଲପୁର, ୧୮।୧୧ (ବି.ଶଙ୍କର)**

ପଶ୍ଚିମ ଓଡ଼ିଶାର ଗୋପାଳକମାନଙ୍କୁ ନୂଆ ପଦ୍ଧତିରେ ଗୋପାଳନ ସମ୍ପର୍କରେ ଜ୍ଞାନ ଆହରଣ କରିବା ମହତ୍ ଉଦ୍ଦେଶ୍ୟ ନେଇ ଶନିବାର ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆଠାରେ ଦୁଇଦିନିଆ ପଶ୍ଚିମ ଓଡିଶା ଗୋପାଳନ ସମ୍ମିଳନୀ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୨ହଜାର ଗୋପାଳକ ଭାଗ ନେଇଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦ, ସାମୁଲ ଓ ସମ୍ବଲପୁର ଜିଲା ପ୍ରଶାସନର ଦ୍ୱାରା ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଭାଗ ନେଇଥିବା ଗୋପାଳକମାନଙ୍କୁ ନୂତନ ଜ୍ଞାନକୌଶଳ ସମ୍ପର୍କରେ ସଚେତନ କରାଯିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏଥିରେ ଶ୍ରମମନ୍ତ୍ରୀ ଶାରଦା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏ ନେଇ ପିଏଚ୍‌ଡି ପଡିଆରେ ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଏହି ଅବସରରେ ପଶ୍ଚିମ ଓଡିଶା ପ୍ରଦତ୍ତ ୬ଟି ଦୁଗ୍ଧ ଟ୍ୟାଙ୍କର ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ ତ୍ରିପାଠୀ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକ, ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ବଶିଷ୍ଠ, ଓମ୍‌ଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସାମୁଲ ସଭାପତି ବିଦ୍ୟାଧର ପ୍ରଧାନ, ମହାନଗର ନିଗମ କମିଶନର ବେଦ ଭୂଷଣ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାଶ, ଶିକ୍ଷାନବିଶ ସ୍ନେହା ଅରୁଗୁଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ନିଆରା ସମ୍ମିଳନୀ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ସାରା ଦେଶରୁ ବିଭିନ୍ନ ସରକାରୀ ବିଭାଗ ଓ ଜାତୀୟ ସ୍ତରୀୟ ସଂସ୍ଥା ଯଥା ଜାତୀୟ ଗୋପାଳନ ବିକାଶ ପରିଷଦ (ଏନ୍‌ଡିଡିବି), ଜାତୀୟ ଗୋପାଳନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଡିଆର୍‌ଆଇ), ଭାରତୀୟ ପ୍ରାଣୀଧନ ଗବେଷଣା ପ୍ରତିଷ୍ଠାନ (ଆଇଭିଆର୍‌ଆଇ), କେନ୍ଦ୍ରୀୟ ପ୍ରାଣୀଧନ ପ୍ରଜନନ ଫାର୍ମ (ସିସିବିଏଫ୍), ଆପିକଲ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍), ଜାତୀୟ ଦକ୍ଷତା ବିକାଶ ପରିଷଦ (ଏନ୍‌ଏସ୍‌ଡିସି) ପ୍ରଭୃତିର ପ୍ରତିନିଧି ସମ୍ମିଳନୀରେ ଯୋଗ ଦେଇଛନ୍ତି।

#### ଯୋଗଦେଲେ ୨ହଜାର ପ୍ରତିନିଧି

# ଜିଲାପାଳଙ୍କ ଦ୍ୱାରସ୍ଥ ତାଲଭଟାପଡ଼ାବାସୀ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ତାଲଭଟାପଡ଼ାବାସୀ।

#### ରେଳବାଇ ପକ୍ଷରୁ ଉଚ୍ଛେଦ ନୋଟିସ

**ସମ୍ବଲପୁର, ୧୮।୧୧ (ପ୍ରମୋଦ ବହିଦାର)**

ସମ୍ବଲପୁର ସହରର ରେଳବାଇ ଜମିରେ ଗଢ଼ି ଉଠିଥିବା ବସ୍ତି ଉଚ୍ଛେଦ ପାଇଁ ରେଳବାଇ ପକ୍ଷରୁ ନୋଟିସ ଜାରି ହୋଇଛି। ରେଳବାଇ ଜମିରେ ବେଆଇନ ଭାବେ ଘର କରି ରହିଥିବା ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ରେଳବାଇ ପକ୍ଷରୁ ୧ ମାସ ସମୟ ଦିଆଯାଇଛି। ଏହାର ପ୍ରତିବାଦ କରି ଜିଲା କଂଗ୍ରେସ କମିଟି ନେତୃତ୍ୱରେ ତାଲଭଟାପଡ଼ାବସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ପ୍ରଥମେ ଥଇଥାନ କରି ପରେ ଉଚ୍ଛେଦ କରିବାକୁ ଲିଖିତ ଭାବେ ଦାବି କରିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ସେମାନଙ୍କୁ ଉପଯୁକ୍ତ ଥଇଥାନ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ରେଳବାଇ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଗଲା ପରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏଥିରେ ପୂର୍ବତନ କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, କଂଗ୍ରେସ୍ ମହିଳା ସଂଖ୍ୟାଲଘୁ ସେଲ୍ ରାଜ୍ୟ ଅଧ୍ୟକ୍ଷା ନିଖତ ପରିବିନ, ଜୟା ନାଗ, ଯଜ୍ଞେଶ୍ୱରୀ ନାଗ, ଅନିତା ନନ୍ଦ, ଲକ୍ଷ୍ମୀ ନନ୍ଦ, ବୃନ୍ଦା ଜାଲ ପ୍ରମୁଖଙ୍କ ସମେତ ବସ୍ତିବାସିନ୍ଦା ସାମିଲ ହୋଇଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ନୂତନ ବିଦ୍ୟାଳୟ ଗୃହ ଉଦ୍‌ଘାଟିତ

**ସମ୍ବଲପୁର, ୧୮।୧୧ (ବି.ଶଙ୍କର)**

ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରକୁଦ ଖ୍ରୀଷ୍ଟିଆନ ପଡାରେ ନୂତନ ବିଦ୍ୟାଳୟ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ସୁନୀଲ କୁମାର କେର୍କେଟା ଓ ହିଣ୍ଡାଲକୋ ଓଡିଶା କ୍ଲଷ୍ଟରର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ଯୋଗଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ, ଏଫ୍‌ଆର୍‌ପି ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ସମ୍ମାନିତ ଅତିଥି ଥିଲେ। ହିଣ୍ଡାଲ୍‌କୋର ଜନ ହିତକର କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ବହୁ ଦିନର ସମସ୍ୟା ସମାଧାନ ହୋଇଥିବାବେଳେ ଛାତ୍ରୀଛାତ୍ରମାନେ ଭଲରେ ପାଠ ପଢିପାରିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶେଫାଳି ସେଠି ପରିଚାଳନା କରିଥିଲେ।


ବିଦ୍ୟାଳୟର ନୂତନ ଗୃହକୁ ଅତିଥିମାନେ ଉଦଘାଟନ କରୁଛନ୍ତି।

ଏହି କାର୍ଯ୍ୟକ୍ରମରେ ପାରିପାର୍ଶିକ ଉନ୍ନୟନ ମୁଖ୍ୟ ସୁକାନ୍ତ ମହାପାତ୍ର, ମ୍ୟାନେଜେର ଆନନ୍ଦ ଚକ୍ରବର୍ତ୍ତି, ଡେପୁଟି ମ୍ୟାନେଜର ଜୀତେଶ ରଥ ଓ ସରୋଜ କୁମାର ଆଚାର୍ଯ୍ୟ ଓ ହୀରାକୁଦ ସିଆର୍‌ସିସି ନମିତା ଧଳଙ୍କ ସମେତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ପରାମର୍ଶ କ୍ରମେ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ସକାଶେ ବିଭିନ୍ନ ପ୍ରକାର ଜନ ହିତକର କାର୍ଯ୍ୟ କରାଯାଉଛି। କମ୍ପାନୀ ପାରିପାର୍ଶ୍ୱିକ ବିଭାଗ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ମହିଳା ବିକାଶ ଓ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଇଛି ।

# କୁଚିଣ୍ଡାରେ କୋଶଳ ମହାବନ୍ଦ

**କୁଚିଣ୍ଡା, ୧୮।୧୧ (ବିରଞ୍ଚି ଦର୍ଭା):** ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଶନିବାର କୁଚିଣ୍ଡା ଉପଖଣ୍ଡରେ ବନ୍ଦ ପାଳନ କରାଯାଇଛି। ଫଳରେ ଯାନବାହାନ ଚଳାଚଳ, ସମସ୍ତ ସରକାରୀ ବେସରକାରୀ ଅଫିସ, ସ୍କୁଲ କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ, ଦୋକାନ ବଜାର ବନ୍ଦ ରହିଥିଲା। କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଜିଲା କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ନାୟକ ଓ ଉପଦେଷ୍ଟା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ମୁଖପାତ୍ର କରୁଣାକର କିଷାନଙ୍କ ନେତୃତ୍ୱରେ ପିକେଟିଂ କରାଯାଇ ବନ୍ଦ କରାଯାଇଥିଲା। ଏଥିରେ ଜୟନାରାୟଣ ଜେନା, ରୂପେଶ ସାହୁ, ରମେଶ ପଧାନ, କୈଳାସ ଅଗ୍ରୱାଲ, ରୁଦ୍ରପ୍ରତାପ ବାଘ, ଭଦ୍ରଚରଣ କିଷାନ, ୱାର୍ଡ ମେମ୍ବର ସଂଘ ସଭାପତି ସରୋଜ ମେହେର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜମନକିରାଠାରେ ମୋର୍ଚ୍ଚାର ଉପଖଣ୍ଡ ସଭାପତି ପ୍ରମୋଦ ନାୟକ, ଆବାହକ ପଞ୍ଚାନନ ପଧାନ, ଅଶ୍ୱିନୀ ପଟ୍ଟନାୟକ, ଅନାଦି ମିର୍ଦ୍ଧା, ପ୍ରମୋଦ ମିର୍ଦ୍ଧା, ବାମରା ଓ କେଶାଇବାହାଲଠାରେ ବାମରା ବ୍ଲକ ସଭାପତି ଅଲେଖ ପତି,ପୂର୍ବତନ ଜିଲା ପରିଷଦ ସଭ୍ୟ ଖଡ୍ଗ ନାଥ ପିଙ୍ଗ ନେତୃତ୍ୱନେଇ ବନ୍ଦକୁ ସଫଳ କରିଥିଲେ।

# ମୋ କଲେଜ ଅଭିଯାନ ପାଣ୍ଠିକୁ ଆର୍ଥିକ ସହାୟତା


ମୋ କଲେଜ ଅଭିଯାନ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

**ସମ୍ବଲପୁର, ୧୮।୧୧ (ବି.ଶଙ୍କର)**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମୋ କଲେଜ ଅଭିଯାନ ପାଣ୍ଠିକୁ ଶନିବାର ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତୀ ଗୁରୁ ଓ ଉପନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ ଦଶହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହି ଅର୍ଥ ରାଶିକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଗ୍ରହଣ କରି ଉଭୟଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଛାତ୍ରୀ, କର୍ମଚାରୀ, ଶିକ୍ଷକ, କଲେଜ ପରିଚାଳନା ସମିତି, ପୁରାତନ ଛାତ୍ରୀ ସଙ୍ଗଠନର ସଦସ୍ୟମାନେ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଫେସର ପ୍ରଭାବତୀ ଗୁରୁ ଏହି ଅନୁଷ୍ଠାନରେ ପାଞ୍ଚ ବର୍ଷ ଅଧ୍ୟୟନ କରିବା ସହ ଦୀର୍ଘ ବର୍ଷ ଅଧ୍ୟାପନା କରିଛନ୍ତି। ଅପରପକ୍ଷେ ପ୍ରଫେସର ଉମାଶଙ୍କର ଦାଶ ୧୫ ବର୍ଷରୁ ଅଧିକ ସମୟ ଏହି କଲେଜରେ ଅଧ୍ୟାପନା କରିଛନ୍ତି ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୧୮।୧୧ (ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କ୍ରିଷ୍ଣା ଆଦିବାସୀ କ୍ଲବ ଆନୁକୂଲ୍ୟରେ ୨୮ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜୟ ଦୁର୍ଗା ଆଞ୍ଚଳିକ କୃଷକ ସଙ୍ଗଠନର ସଭାପତି ସୁଜିତ ବଢ଼େଇ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇ, ସାମାଜିକ କର୍ମୀ ରାଜେନ୍ଦ୍ର ଓରାମ, ବିଜୁ ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, କ୍ରିଷ୍ଣା ଆଦିବାସୀ କ୍ଲବ ସଭାପତି ଭୀମ ଓରାମ ଓ ସମ୍ପାଦକ ସୁରେଶ ଓରାମ ସମ୍ମାନିତ ଅତିଥି ଥିଲେ।



ବିଜୟୀ ଦଳକୁ ରେଙ୍ଗାଲି ବିଧାୟକ ଟ୍ରଫି ପ୍ରଦାନ କରୁଛନ୍ତି।

ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳ ଭାଗ ନେଇଥିଲେ। ସେମିଫାଇନାଲ ମ୍ୟାଚ ଡୁମେରପଡା ଓ ବରମପୁରା ଏବଂ ହିଣ୍ଡାଲକୋ ଏଫ୍‌ସି ଓ ବସୁନ୍ଧରା ୟାସି ମଧ୍ୟରେ ହୋଇଥିଲା। ସେହିପରି ଫାଇନାଲ ବରମପୁରା ଓ ହିଣ୍ଡାଲ୍‌କୋ ଏଫ୍‌ସି ମଧ୍ୟରେ ହୋଇଥିବାବେଳେ ବରମପୁରା ବିଜୟୀ ହୋଇଥିଲା।

# ୨୦ରେ ୨ କେନ୍ଦ୍ର ମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ

**ସମ୍ବଲପୁର, ୧୮।୧୧ (ପ୍ରମୋଦ ବହିଦାର)**


ଧର୍ମେନ୍ଦ୍ର ପ୍ରଧାନ ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୦ ତାରିଖରେ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଉଭୟ ମନ୍ତ୍ରୀ ୨୦ ତାରିଖ ଅପରାହ୍ଣରେ ସମ୍ବଲପୁର ରେଳ ଷ୍ଟେଶନରୁ ବନାରସ୍-ସମ୍ବଲପୁର-ବନାରସ୍ ଦ୍ୱି-ସାପ୍ତାହିକ ଟ୍ରେନ୍‌ର ବିଶାଖାପାଟଣା ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ। ଉଦ୍‌ଘାଟନୀ ଦିବସରେ ଉକ୍ତ ଟ୍ରେନ୍‌ଟି ସ୍ୱତନ୍ତ୍ର ଟ୍ରେନ୍ ଭାବେ ସମ୍ବଲପୁରରୁ ବିଶାଖାପାଟଣା ଯାତ୍ରା କରିବ। ତେବେ ଆସନ୍ତା ନଭେମ୍ବର ୨୨ ଓ ୨୩ ତାରିଖରୁ ଯଥାକ୍ରମେ ବିଶାଖାପାଟଣା ଓ ବନାରସ୍‌ରୁ ନିୟମିତ ଯାତ୍ରା ଆରମ୍ଭ କରିବ। ଏହି ଦ୍ୱି-ସାପ୍ତାହିକ ଟ୍ରେନ୍ ଚଳାଚଳ କଲେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାବାସୀଙ୍କ ମଧ୍ୟରେ ଯୋଗାଯୋଗର ଏକ ଯୁଗାନ୍ତ ପରିବର୍ତ୍ତନ ହେବ। ଏହା ସହିତ ଉଭୟ ପ୍ରାନ୍ତର ଅଧିବାସୀଙ୍କ ପାଇଁ ବ୍ୟବସାୟ, ଶିକ୍ଷା, ଚିକିତ୍ସା ଆଦି କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ। ଯାହା ପରିବର୍ତ୍ତି କାଳରେ ଅଞ୍ଚଳବାସୀ ପାଇଁ ଜୀବନରେଖା ସାବ୍ୟସ୍ତ ହେବ। ଏହି ଟ୍ରେନ୍‌କୁ ସମ୍ବଲପୁରଠାରେ ସମୟ ସାରିଣୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

# କୁଚିଣ୍ଡାରେ ରାଜ୍ୟ ସାମ୍ବାଦିକ ସଂଘ ବୈଠକ

**କୁଚିଣ୍ଡା, ୧୮।୧୧ (ବିରଞ୍ଚି ଦର୍ଭା):** ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ସମ୍ବଲପୁର ଶାଖା ପକ୍ଷରୁ କୁଚିଣ୍ଡା କଲେଜ ସମ୍ମିଳନୀ କକ୍ଷରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଗନ ଶର୍ମାଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢୀ, ଉପସଭାତି ତଥା ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ମେହବୁବଙ୍କ ମହତାବ, ଅନ୍ୟତମ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ରାଜ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସଂଯୋଜକ ଶଶିଭୂଷଣ ଷଡଙ୍ଗୀ ଯୋଗଦେଇ ସଂଗଠନ, ସାମ୍ବାଦିକ ସୁରକ୍ଷା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ସମ୍ବଲପୁର ଜିଲା ସଭାପତି ଭାବେ ରବିନ୍ଦ୍ର ପ୍ରସାଦ ଦାନି, ସଂଗଠନ ସମ୍ପାଦକ ଜିତେନ୍ଦ୍ର କୁମାର ମୁଦୁଲି, କୁଚିଣ୍ଡା ଉପଖଣ୍ଡ ସଭାପତି ଗଜେନ୍ଦ୍ର ଭୋଇ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ପ୍ରଧାନ, ଜମନକିରା ବ୍ଲକ ସଭାପତି ସତ୍ୟପ୍ରିୟ ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦେହୁରି, କୋଷାଧ୍ୟକ୍ଷ ଅଶୋକ କୁମାର ପଟେଲଙ୍କୁ ମନୋନୀତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡିସେମ୍ବର ତୃତୀୟ ସପ୍ତାହରେ ପୂର୍ଣାଙ୍ଗ ଜିଲା କମିଟି ଗଠନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ନବ ନିର୍ବାଚିତ ଉପଖଣ୍ଡ ସଭାପତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୁଚିଣ୍ଡା ବାମରା, ଜମନକିରା, ରେଙ୍ଗାଲି ବ୍ଲକର ପ୍ରାୟ ୫୦ଜଣ ଖବରଦାତା ଯୋଗ ଦେଇଥିଲେ।



ବୈଠକରେ ରାଜ୍ୟ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

# ସାରସ୍ୱତ କଲୋନୀ ରାସ୍ତାରେ ପାଣି

#### ହଜିଗଲାଣି ମୋତିଝରନ ନାଳା

**ସମ୍ବଲପୁର, ୧୮।୧୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମର ୩୪ନଂ. ୱାର୍ଡରେ ଥିବା ମୋତିଝରନ ନାଳା ତା'ର ସତ୍ତା ହରାଇଛି। ଫଳରେ ମହିଳା ମହାବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଓ ମୋତିଝରନ ଅଞ୍ଚଳରୁ ବାହାରୁଥିବା ଆବର୍ଜନା ପାଣି ନାଳାରେ ଯାଇ ନ ପାରି ସାରସ୍ୱତ କଲୋନୀ ରାସ୍ତା ଉପରେ ଜମାହୋଇ ରହୁଛି। ଏଥିପାଇଁ କଲୋନୀ ଲୋକେ ଯା'ଆସ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସହରର ବିଭିନ୍ନ ଅଞ୍ଚଳରେ ଜମି ପ୍ଲଟିଂ କରି ବିକ୍ରି କରାଯାଉଛି। ମୋତିଝରନ ନାଳାକୁ ଜମି ଦଲାଲମାନେ ପୋତି ସାରିଲେଣି। ସେଥିପାଇଁ ଏହା କେଉଁଠି ଥିଲା ତାହା ଦେଖିଲେ ଜଣାପଡୁନାହିଁ। ନାଳା ଉପରେ ଏବେ ଘର ତିଆରି ହୋଇସାରିଛି। ଏଥିଲାଗି କିଭଳି ଅନୁମତି ଦିଆଯାଇଛି ତାକୁ ନେଇ ସାରସ୍ୱତ କଲୋନୀବାସୀ ପ୍ରଶ୍ନ କରୁଛନ୍ତି।

୨୦୧୨ ମସିହାରେ ସମ୍ବଲପୁରରେ ଭୟଙ୍କର ବନ୍ୟା ପରିସ୍ଥିତି ଦେଖାଦେଇଥିଲା। ଏହି ସମୟରେ ସାରସ୍ୱତ କଲୋନୀ, ଚାରଭାଟୀ ଓ କୁଲୁଥକାନୀର ଅନେକ ଅଞ୍ଚଳ ପାଣିରେ ତିନି ଚାରିଦିନ ବୁଡି ରହିଥିଲା। ସେ ସମୟରେ ମୋତିଝରନ ନାଳାକୁ ସଫା କରି କଂକ୍ରିଟ ତିଆରି କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ଏହାପରେ ମଧ୍ୟ ନାଳ ଉପରେ ଘର ତିଆରି ହେଉଥିବା ନେଇ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶରେ ମୋତିଝରନ ନାଳାକୁ ନେଇ ସର୍ଭେ କରାଯାଇଥିଲା। ତେବେ ତାଙ୍କ ବଦଳି ପରେ ଏହା ଉପରେ ଆଉ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି କହିଛନ୍ତି ସାରସ୍ୱତ କଲୋନୀର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ। କିଛିଦିନ ହେବ ରାସ୍ତା ଉପରେ ପାଣି ଜମିବା ପରେ କଲୋନୀବାସୀ ନିଜେ ଶ୍ରମଦାନ କରି ନାଳ ସଫା କରିଛନ୍ତି । ତେବେ ସ୍ଥାୟୀ ଡ୍ରେନ ତିଆରି ନ ହେଲେ ଏହି ସମସ୍ୟା ସମାଧାନ ହେବା ସମ୍ଭବ ନୁହେଁ ବୋଲି କଲୋନୀ ବାସିନ୍ଦା ଯାଜ୍ଞସେନୀ ଦାସ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ବଲପୁର ମହାନଗର ନିଗମର କନିଷ୍ଠ ଯନ୍ତ୍ରୀ ଇନ୍ଦ୍ରମଣି ସାହୁଙ୍କୁ ପଚାରିବାରୁ ନୂଆକରି ଦାୟିତ୍ୱ ନେଇଛି। ମୋତିଝରନ ନାଳାର ସ୍ଥିତି ବିଷୟରେ କିଛି ଜାଣି ନ ଥିବାବେଳେ ସାରସ୍ୱତ କଲୋନୀରେ ଡ୍ରେନ୍ ସମସ୍ୟା ରହିଥିବା କହିଛନ୍ତି। ଏହାର ସମାଧାନ ପାଇଁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ଡ୍ରେନ୍ ନିର୍ମାଣ ଲାଗି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ଦିଆସରିଛି। ସେମାନଙ୍କୁ ଶୀଘ୍ର କାମ ଆରମ୍ଭ କରିବା ପାଇଁ କୁହାଯାଇଛି। ଡ୍ରେନ୍ ନିର୍ମାଣ ହେଲେ କିଛି ମାତ୍ରାରେ ସମସ୍ୟା ସମାଧାନ ହୋଇପାରିବ ବୋଲି ଆଶା। ଅଞ୍ଚଳର ଡ୍ରେନ୍ ଓ ରାସ୍ତା ଏପରି ଆହୁରି ୭ଟି ପ୍ରକଳ୍ପ ପାଇଁ ଲୋକଙ୍କ ପକ୍ଷରୁ ଅନୁରୋଧ ଆସିଛି। ପର୍ଯ୍ୟାୟକ୍ରମେ ସେଗୁଡିକ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।


ସାରସ୍ୱତ କଲୋନୀ ରାସ୍ତା ଉପରେ ପାଣି ଜମିଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୟଭିମ ଯୁବକ ସଂଘ ଓ ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ମିଳିତ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରଗଡ଼ ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ମେଡିସିନ, ସର୍ଜରୀ, ଚର୍ମରୋଗ, ଦନ୍ତ, ଶିଶୁ ରୋଗ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଓ ନର୍ସ, ଫାର୍ମାସିଷ୍ଟ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜୟ ଭୀମ ଯୁବକ ସଂଘ ସଭାପତି ଡିଲେଶ୍ୱର ଜାଲ, ସମ୍ପାଦକ ଯୁବରାଜ ଦୀପ, କୋଷାଧକ୍ଷ ନୃପରାଜ ଦୀପ, ସରପଞ୍ଚ ରୀନା ଜାଲ, ଭୀଷ୍ମ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# କୋଶଳ ମହାବନ୍ଦରେ ଭଙ୍ଗାରୁଜା, ୮ ଅଟକ

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଦିଆଯାଇଥିବା ୧୨ ଘଣ୍ଟିଆ କୋଶଳ ମହାବନ୍ଦ ସଫଳ ହୋଇଛି। ବଲାଙ୍ଗୀର ସହରରେ ସକାଳ ୬ଟାରୁ ସ୍ୱତନ୍ତ୍ର କୋଶଳ ରାଜ୍ଯ ସମର୍ଥକମାନେ ଆନ୍ଦୋଳନରେ ଓହ୍ଲାଇଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ କଲେଜ, ଡେଲିମାର୍କେଟ, ଦୋକାନ ବଜାର, ଡାକଘର, ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଏକ ବୈଠକ ଚାଲିଥିବା ଖବର ପାଇବା ପରେ କେତେଜଣ ଆନ୍ଦୋଳନକାରୀ ସେଠାରେ ପହଞ୍ଚି ଚୌକି ଓ ଟେବୁଲ ଭଙ୍ଗାରୁଜା କରିଥିଲେ। ଏହାପରେ ଏକ ଇଂଲିଶ ମିଡିୟମ ସ୍କୁଲରେ ଭଙ୍ଗାରୁଜା କରିଥିଲେ। ଡେଲିମାର୍କେଟ ଏବଂ ଟିକ୍ରାପଡା ରେଲୱେ ଷ୍ଟେଶନ୍ ରାସ୍ତାରେ ଖୋଲିଥିବା କେତେକ ଦୋକାନୀଙ୍କୁ ଆନ୍ଦୋଳନକାରୀମାନେ ଧମକ୍ ଚମକ ଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ଯ ଅଫିସ ଠାରେ କିଛି ଆନ୍ଦୋଳନକାରୀ ସାଇକଲ ଭଙ୍ଗାରୁଜା କରିବା ସହ ଉତ୍କଳ ଗ୍ରାମୀଣ ବ୍ଯାଙ୍କ ପୋଷ୍ଟର ଚିରିଥିବା ଜଣାପଡିଥିଲା। ଶତାଧିକ ଆନ୍ଦୋଳନକାରୀ ବାଇକ ରାଲି କରିଥିଲେ। ସିଭିଲ କୋର୍ଟରେ ଆନ୍ଦୋଳନକାରୀମାନେ ଜଜ୍‌ମାନଙ୍କୁ ଆନ୍ଦୋଳନକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। କଚେରୀ ଛକ ଠାରେ ଆନ୍ଦୋଳନକାରୀମାନେ କିଛି ଲୋକଙ୍କୁ ଅଟକାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ଘଟଣାରେ ଟାଉନ୍ ପୋଲିସ ୮ ଜଣଙ୍କୁ ଟାଉନ୍ ଥାନାକୁ ଆଣି ଅଟକ ରଖିଥିଲା। ଆନ୍ଦୋଳନକାରୀଙ୍କୁ ଅଟକ ରଖିବା ଖବର ପ୍ରଚାରିତ ହେବା ପରେ ଆନ୍ଦୋଳନକାରୀମାନେ ଟାଉନ୍ ଥାନା ସମ୍ମୁଖକୁ ଆସି ନାରାବାଜି କରିଥିଲେ। ସେଠାକୁ କୋଶଳବାଦୀ ନେତା ପ୍ରମୋଦ ମିଶ୍ର ଆସି ଏସଡିପିଓ ତୋଫାନ ବାଗ ଏବଂ ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସହ ଆଲୋଚନା କରିଥିଲେ। କିଛି ସମୟ ପର ସମସ୍ତ ୮ ଜଣ ଅଟକ ଆନ୍ଦୋଳନକାରୀଙ୍କୁ ଛଡାଯାଇଥିଲା। ପୋଲିସ ଭଙ୍ଗାରୁଜା ଘଟଣାରେ ଏକ ମାମଲା ରୁଜୁ କରିଛି।


ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଏସଡିପିଓ ତୋଫାନ୍ ବାଗଙ୍କ ସହ ଆନ୍ଦୋଳନକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ମାଧିଆପାଲି ଛକ ଗ୍ରୀଡ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ସଡକ ଦୁର୍ଘଟଣାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲୋଇସିଂହା ଥାନା ବୁରୋଭାଡି ଗ୍ରାମର ମହିନ୍ଦ୍ର ଭୂଏ(୨୫) ଓ ଫାସଡର ପିଙ୍କୁ ବଗର୍ତ୍ତି(୨୫)। ମହେନ୍ଦ୍ର ଓ ପିଙ୍କୁ ଏକ ବାଇକ( ଓଡି୦୩ ଡବ୍ଲ୍ୟୁ୧୨୭୫)ରେ ବଲାଙ୍ଗୀରରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଶନିବାର ମୃତଦେହ ବ୍ୟବଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁରୋଭାଡି ଗ୍ରାମର ବୁଠି ଭୂଏଙ୍କ ପୁଅ ମହେନ୍ଦ୍ର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ଦୀର୍ଘ ୯ ମାସ ପରେ ସେ ଗାଁକୁ ଆସୁଥିଲେ। ଶୁକ୍ରବାର ରାତିରେ ଏଲଏପି ଧନବାଦ୍ ଟ୍ରେନରେ ଆସି ବଲାଙ୍ଗୀର ଷ୍ଟେଶନରେ ଓହ୍ଲାଇଥିଲେ। ପିଙ୍କୁଙ୍କ ସହ ସହ ସେ ଗାଁକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାସ୍ଥଳରେ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ପିଙ୍କୁକୁ ପୋଲିସ ଉଦ୍ଧାର କରି ବଲାଙ୍ଗୀର ଓ ପରେ ବୁର୍ଲା ସ୍ଥାନାନ୍ତର କରିଥିଲା। ହେଲେ ବାଟରେ ପିଙ୍କୁଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୃତ ମହେନ୍ଦ୍ରଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ରେଡକ୍ରସ ପାଣ୍ଠିରୁ ସହାୟତା ଦେବା ପାଇଁ ଆଗଲପୁର ତହସିଲଦାରଙ୍କୁ କହିଥିଲେ।

### ଯୁବକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇବା ଘଟଣାରେ ଅଭିଯୁକ୍ତ ଗିରଫ

ଭବାନୀପାଟଣା,୧୮।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଭଙ୍ଗାବାରୀ ନିକଟରେ ଗତ ବୁଧବାର ସନ୍ଧ୍ୟାରେ ଧାର ଟଙ୍କା ଫେରସ୍ତ କରିବାକୁ ଡାକି ଅଞ୍ଜନ ପାଢ଼ୀ ନାମକ ଜଣେ ବ୍ୟକ୍ତିଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ଜଣେ ଯୁବକ। ଫଳରେ ଗୁରୁତର ଅବସ୍ଥାରେ ଅଞ୍ଜନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣାକୁ ନେଇ ଅଞ୍ଜନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାବେଳେ ମେଡ଼ିକାଲ ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ. ୪୩୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଘଟଣାରେ ସାମିଲ ଥିବା ନୂଆପଡା ଜିଲା କୋମନାର ବାସୁଦେବ ଛତ୍ରିଆ (୩୦)ଙ୍କୁ ଶନିବାର ଭବାନୀପାଟଣା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଭବାନୀପାଟଣା ସହରର କଶାକେନ୍ଦୁ ଛକ ନିକଟସ୍ଥ ଡିଜେଲ ଟ୍ୟାଙ୍କ ପଛପଟେ ଏକ ଘର ଭଡ଼ା ନେଇ ଅଞ୍ଜନ ରହୁଥିଲେ। ସେ ପ୍ରାୟ ୨ଲକ୍ଷ ଟଙ୍କା ବାସୁଦେବଙ୍କୁ ଧାର ଦେଇଥିଲେ। ବାରମ୍ବାର ଟଙ୍କା ଫେରସ୍ତ ମାଗିବା ପରେ ମଧ ବାସୁଦେବ ତାଙ୍କ କଥା ଶୁଣୁ ନ ଥିଲେ। ଟଙ୍କା ଫେରସ୍ତ କରିବା ପାଇଁ ଅଞ୍ଜନଙ୍କୁ ବାସୁଦେବ ଡାକିଥିଲେ। ଅଞ୍ଜନ ପହଞ୍ଚିବା ପରେ ତାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିଲେ। ପରେ ବାସୁଦେବ ଚମ୍ପଟ ମାରିଥିଲେ।

# ଅର୍ଥ ମଞ୍ଜୁର ପରେ ଅଞ୍ଚଳରେ ଖୁସିର ଲହରି

**ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ପ୍ରସଙ୍ଗ**

ଦେଓଗାଁ,୧୮।୧୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ଜନସାଧାରଣଙ୍କ ଜୀବନରେଖା କୁହାଯାଉଥିବା ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦୀର୍ଘବର୍ଷହେଲା ଜନସାଧାରଣ ଦାବି କରିଆସୁଥିଲେ। ତେବେ ଜରାସିଂହା ଗସ୍ତରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ ଗସ୍ତରେ ଆସିଥିବା ବେଳେ ସ୍ଥାନୀୟ ଜନପ୍ରତିନିଧିମାନେ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ଦାବି କରିଥିଲେ। ତେବେ ଶନିବାର ରାଜ୍ୟ ସରକାର ସୋନଗଡ ନଦୀ ସିକୁଆଁଠାରେ ବ୍ୟାରେଜ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାରିତ ହେବାପରେ ଅଞ୍ଚଳର ଜନସାଧାରଣ ତଥା ଚାଷୀ ମହଲରେ ଖୁସୀର ଲହରି ଖେଳିଯାଇଛି। ଏହି ଦାବି ନେଇ ଏହା ପୂର୍ବରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଓ ରୀନା ମେହେର ୨୦୨୧ ଫେବୃୟାରୀ ୩ ତାରିଖରେ ତତ୍କାଳିନ ଜଳ ସମ୍ପଦ ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀ ଅନୁ ଗର୍ଗଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତ୍ କରି ବ୍ୟାରେଜ ନିର୍ମାଣ ପାଇଁ ଦାବିପତ୍ର ଦେଇଥିଲେ। ୨୦୨୨ ଜୁନ ୪ତାରିଖରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କୁ ଓ ୧୨ ତାରିଖରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବ୍ଲକର ସରପଞ୍ଚ, ସମିତି ସଭ୍ୟ ଓ ନେତୃବୃନ୍ଦ ଦାବିପତ୍ର ଦେଇଥିଲେ। ଉକ୍ତ ଦାବି ସମ୍ପର୍କରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ମଧ ଅଞ୍ଚଳର ଚାଷୀମାନେ ଦାବି କରିଆସୁଥିଲେ। ବିଧାୟକ ମିଶ୍ର ବିଧାନସଭାରେ ଏନେଇ ଦାବିରଖିଥିବା ସୂଚନା ଦେଇଥିଲେ। ଏଣୁ ବିଭିନ୍ନ ପର୍ଯ୍ୟାୟକ୍ରମେ ସରକାରୀ ସ୍ତରରେ ଏନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ଶନିବାର ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ମଞ୍ଜୁର କରିଥିବା ଜଣାପଡିଛି।

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ପ୍ରଥମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସକାଳେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ବଲାଙ୍ଗୀର ଜିଲାର ଦୁଗ୍ଧ ଉତ୍ପାଦନ, ମତ୍ସ୍ୟ ଚାଷର ଅଗ୍ରଗତି ସନ୍ତୋଷଜନକ ବୋଲି କହିଥିଲେ। ସଭାରେ ଜିଲାପାଳ ଚଞ୍ଚଳ ରଣା, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ମଞ୍ଚାସୀନ ଥିଲେ। ନୂତନ ଜ୍ଞାନ କୌଶଳ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଅବଗତ କରିବା ଏବଂ ସେମାନଙ୍କୁ ଅଧିକ ଲାଭବାନ କରିବା ଏଭଳି ମେଳାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀ ସଫଳ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଲୋକ ସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ପଶ୍ଚିମ ଓଡ଼ିଶାର ବଲାଙ୍ଗୀରରେ ଏକ ଭେଟେନାରୀ ୟୁନିଭର୍ସିଟି ସ୍ଥାପନ କରିବାକୁ ଦାବି କରିଥିଲେ। ସେ କହିଥିଲେ ଯେ, ଅନ୍ୟ ରାଜ୍ୟରେ ଭେଟିନାରୀ ୟୁନିଭର୍ସିଟି ସ୍ଥାପନ ହୋଇସାରିଛି। ଓଡ଼ିଶାରେ ଏହା ସ୍ୱତନ୍ତ୍ର ଭାବେ ସ୍ଥାପନ ହୋଇନାହିଁ। ଏହାସହିତ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପ୍ରତି ଦୁଗ୍ଧ ମୂଲ୍ୟ କମ୍ ଦେଉଥିବାରୁ ଚାଷୀମାନେ ଅନ୍ୟ କମ୍ପାନୀକୁ କ୍ଷୀର ବିକ୍ରି କରୁଛନ୍ତି। ଓମ୍‌ଫେଡ ଏଣୁ କ୍ଷୀର ମୂଲ୍ୟ ବୃଦ୍ଧି କରୁ ବୋଲି କହିଥିଲେ। ରାଜ୍ୟ ସଭା ସଦସ୍ୟ ବିଶି ବଲାଙ୍ଗୀର ଜିଲାରେ ଏକ ଦୁଗ୍ଧଶୀତଳୀକରଣ ପ୍ଲାଣ୍ଟ ବସାଇଲେ ଚାଷୀମାନେ ବହୁ ମାତ୍ରାରେ ଉପକୃତ ହୁଅନ୍ତେ ବୋଲି କହିଥିଲେ।

# ଆମପାଣି ଜନଜାତି ବିଦ୍ୟାଳୟରେ ଶିଶୁ ମହୋତ୍ସବ


ସର୍ଗି ଫୁଲ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥି।

କୋକସରା,୧୮।୧୧
(ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା ଆମପାଣି ଜନଜାତି ବିଦ୍ୟାଳୟରେ ସରଗି ଫୁଲ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା କୋକସରା ବ୍ଲକ ଆମପାଣି ଜନଜାତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସରଗି ଫୁଲ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନ କମିଟିର ସଭାପତି ରଷିମଣି ମାଝି, ସମ୍ମାନିତ ଅତିଥି ଭାବେ ସ୍କୁଲ ସଦସ୍ୟ ଡମ୍ବରୁଧର ପୂଝାରି, କେଶବ ବେଣୁପାଣି, ଶବର ଚଳାନ ପ୍ରମୁଖ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାର ଆମପାଣି ଭଳି ଅଞ୍ଚଳରେ ଆଦିବାସୀ ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ପ୍ରତିଭାକୁ ବିକାଶ କରିବା ପାଇଁ ସରଗିଫୁଲ ପରି ଶିଶୁ ମହୋତ୍ସବ କରିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାର ଏକ ମଞ୍ଚ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉଚ୍ଚ ବିଦ୍ୟାଳୟର ଅମୂଲ୍ୟ ନାଏକ, ବୈଦ୍ୟନାଥ ଧଙ୍ଗଡାମାଝୀ, ଯଶୋବନ୍ତ ମାଝି, ହିଡମ୍ବି ନାଏକ, ପ୍ରହ୍ଲାଦ ସାହୁ, ପ୍ରଣବ ଯୋଷୀ, କୁଞ୍ଜ ବିହାରୀ ନାଗ, ସୁନିତା ନାହାକ, ଝୁନିରାଣୀ ସାହୁ, ଚୈତନ୍ୟ ଚଲାନ, କାଦମ୍ବିନୀ ମାଝି, ଅରୁଣ ଦାଶ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଗୁଣନିଧି


@ ଦୁଲେଶ୍ୱର


@ ଅନନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ଫୁଟ୍‌ବଲ: ଚନ୍ଦ୍ରପୁର, ତେତେଲମୁଣ୍ଡା ବିଜୟୀ

ବେଲପଡ଼ା,୧୮।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ଗ୍ରାମ ଖେଳ ପଡିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟର୍ନାମେଣ୍ଟର ଶନିବାର ଥିଲା ତୃତୀୟ ଦିବସ। ଦିବସର ପ୍ରଥମ ଖେଳ ଚନ୍ଦ୍ରପୁର ଓ ସର୍ଗୁଲ ମଧରେ ହେଇଥିଲା। ଏଥିରେ ଚନ୍ଦ୍ରପୁର ୧-୦ଗୋଲରେ ବିଜୟୀ ହେଇଥିଲା। ଦ୍ୱିତୟ ଖେଳ ବାହାବଲ ଓ ତେତେଲମୁଣ୍ଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲ୍ଟି ସୁଟ୍‌ରେ ତେତେଲମୁଣ୍ଡା ବିଜେତା ହୋଇଥିଲା। ଶନିବାର ମୁଖ୍ୟ ଅତିଥିଭାବେ ଗ୍ରାମର ଗୌନ୍ତିଆ ମଙ୍ଗଳୁ ବେହେରା ସମ୍ମାନୀତ ଅତିଥି ସାମାଜିକ କର୍ମୀ ମିନିକେତନ ନାଗ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଶିଶୁମନ୍ଦିରରେ ମାତୃପିତୃ ସମ୍ମିଳନୀ

ମୁରିବାହାଲ, ୧୮।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ସରସ୍ୱତୀ ଶିଶୁମନ୍ଦିରରେ ସମୂହିକ ମାତୃପିତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସୁମନାନନ୍ଦ ଖମାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ଶ୍ରୀବସ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସାଧାରଣ ସମ୍ପାଦକ ଭରତ ଦାସ, କୋଷାଧ୍ୟକ୍ଷ ତରୁଣ ପୋଡ଼, ସିନ୍ଧେକେଲା ଶିଶୁମନ୍ଦିର ଆଚାର୍ଯ୍ୟ ଜୟଶଙ୍କର ସିଂଦେଓ, ପରିଚାଳନା କମିଟି ସଦସ୍ୟ ସଞ୍ଜୁତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କର ସାମୂହିକ ବିକାଶ ଦିଗରେ ମାତୃ ଓ ପିତୃ ମାନଙ୍କର ଦାୟିତ୍ୱ, ଶିଶୁମନ୍ଦିରର ଶିକ୍ଷା, ସଂସ୍କୃତି, ଐତିହ ସମ୍ବନ୍ଧରେ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିନ୍ଧେକେଲା ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପୂଜାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଗୁରୁଜୀ ଗୋବିନ୍ଦ ଚନ୍ଦ୍ର ଦାସ ସଂଯୋଜନା କରିଥିଲେ।


ମାତୃପିତୃ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ମାହେଶ୍ୱରୀ ହିନ୍ଦୀ ହାଇସ୍କୁଲ ଚାମ୍ପିୟନ

**ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ**

ସର୍ଗିଗୁଡା,୧୮।୧୧(ବୈକୁଣ୍ଠ ନାଗ)

ଟିଟିଲାଗଡ ଲିଓ କ୍ଲବ ତରଫରୁ ସ୍ଥାନୀୟ ଓମଭ୍ୟାଲି ସ୍କୁଲ ଖେଳ ପଡିଆରେ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଟିଟିଲାଗଡ ସହରର ୮ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପ୍ରଭାବତୀ ପବ୍ଲିକ ସ୍କୁଲ ଓ ମାହେଶ୍ୱର ହିନ୍ଦୀ ହାଇସ୍କୁଲ ମଧରେ ହୋଇଥିଲା। ଏଥିରେ ମହେଶ୍ୱର ହିନ୍ଦୀ ହାଇସ୍କୁଲ ବିଜୟୀ ହୋଇଛି। ବିଜୟୀ ଟିମକୁ ଲିଓ କ୍ଲବର ପୂର୍ବତନ ସଭାପତି ଅମିତ ଅଗ୍ରୱାଲ ପୁରସ୍କୃତ କରିଥିଲେ।

ପରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଲିଓ ଓ ଲାୟନ୍ସ ମଧରେ ଖେଳାଯାଇଥିଲା। ଏଥିରେ ଲାୟନ୍ସ କ୍ଲବ ବିଜୟୀ ହୋଇଥିଲା। ୯୮ ରନ କରିଥିବା ଲାଇନ୍ସ କ୍ଲବର ସଞ୍ଜୟ କୁମାର ନାୟକଙ୍କୁ ବେଷ୍ଟ ହିଟର ଆୱାର୍ଡ଼, ବେଷ୍ଟ ବ୍ୟାଟସମ୍ୟାନ ବିନୟ ଜୈନ ଓ ନୀରୋଜ ପଟ୍ଟନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଓମଭ୍ୟାଲି ସ୍କୁଲ ଅଧ୍ୟକ୍ଷ ମହେଶ୍ୱର ପ୍ରସାଦ ମିଶ୍ର, ଲାୟନ୍ସ କ୍ଲବ ମିଡିଆ ଚେୟାର ପର୍ସନ ସଞ୍ଜୟ କୁମାର ନାୟକ, କ୍ଲବ ସମ୍ପାଦକ ଅଜିତ ଚାନ୍ଦ ପାତ୍ର, ଆଶୀର୍ବାଦ ମହାପାତ୍ର, ରାକେଶ ଜୈନ, ବିନୟ ଜୈନ, ସୁଧାଂଶୁ ପୁରୋହିତ, ବିଜୟ ଜୈନ, ବାପି ଡେଭିଡ, ନିରୋଜ ପଟ୍ଟନାୟକ, ରାଜା କମାନ ପ୍ରମୁଖ ସହଯୋଗ କରିଥିଲେ।

ଶୁକ୍ରବାର ଟୁର୍ନାମେଣ୍ଟ ଉଦଘାଟିତ ହୋଇଥିଲା। ଲାୟନ୍ସ କ୍ଲବର ୱାଇଏଲଏଲଆଇ ଡିଷ୍ଟ୍ରିକ୍ଟ କୋଅର୍ଡିନେଟର ବିନ୍ଦୁ ସାହୁ, ଲାୟନ୍ସ କ୍ଲବ ସଭାପତି ସନ୍ତୋଷ କୁମାର ମହାନ୍ତି, ରିଜିଓନାଲ ଚେୟାର ପର୍ସନ ଦୀପକ ପୃଷ୍ଟି, ପୂର୍ବତନ ସଭାପତି ରତ୍ନାକର ସାହୁ, କ୍ଲବର ବରିଷ୍ଠ ସଦସ୍ୟ ଗୋପାଳ ଲାଠ, ଲଳିତା ଲାଠ ମ୍ୟାଚ ଆରମ୍ଭ ପୂର୍ବରୁ ପଡିଆକୁ ଯାଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୟଭିମ ଯୁବକ ସଂଘ ଓ ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ମିଳିତ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରଗଡ଼ ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ମେଡିସିନ, ସର୍ଜରୀ, ଚର୍ମରୋଗ, ଦନ୍ତ, ଶିଶୁ ରୋଗ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଓ ନର୍ସ, ଫାର୍ମାସିଷ୍ଟ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜୟ ଭୀମ ଯୁବକ ସଂଘ ସଭାପତି ଡିଲେଶ୍ୱର ଜାଲ, ସମ୍ପାଦକ ଯୁବରାଜ ଦୀପ, କୋଷାଧ୍ୟକ୍ଷ ନୃପରାଜ ଦୀପ, ସରପଞ୍ଚ ରୀନା ଜାଲ, ଭାଷ୍କ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ଶବଦାହ ଗୃହ ପାଇଁ ଜମି ଦାନ କଲେ ଗୋବିନ୍ଦ



ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦରରେ ଥିବା ଚମ୍ପାମାଲ ଗ୍ରାମ ପଞ୍ଚାୟତର ଚମ୍ପାମାଳ ଗ୍ରାମର ଗୋବିନ୍ଦ ମିଶ୍ର ଶବଦାହ ଗୃହ ନିର୍ମାଣ ପାଇଁ ଜମି ଦାନ କରିଛନ୍ତି। ଉକ୍ତ ଗ୍ରାମରେ ସ୍ଥାନ ଅଭାବରୁ ଶବଦାହ ଗୃହ ନିର୍ମାଣ ହୋଇପାରୁ ନ ଥିବା ବେଳେ ଏଥିପାଇଁ ବହୁ ସମସ୍ୟା ଦେଖାଦେଉଛି। ତେବେ ଗୋବିନ୍ଦ ନିଜ ପୈତୃକ ଜମିରୁ ୨୮ ଡିସିମିଲ ଚମ୍ପାମାଲ ଗ୍ରାମ ପଞ୍ଚାୟତକୁ ପ୍ରଦାନ କରିଛନ୍ତି। ଶନିବାର ଏନେଇ କାଗଜପତ୍ର ହସ୍ତାନ୍ତର ସମୟରେ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ଜଗଦଲା, ଉଫୁଲା ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟକୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି।

## ପ୍ରତି ପଞ୍ଚାୟତରୁ ତୁଳସୀ ସଂଗ୍ରହ କରିବ କଂଗ୍ରେସ

### ବୌଦ୍ଧରେ କଂଗ୍ରେସର ଖବରଦାତା ସମ୍ମିଳନୀ

ବୌଦ୍ଧ,୧୮।୧୧(ଅଜିତ କୁମାର ବାରିକ)

ଶ୍ରୀମନ୍ଦିର ପରିସର ଉନ୍ନୟନ ନାମରେ ଶାସକ ଦଳ ଭକ୍ତଙ୍କୁ ଭୁଆଁ ବୁଲାଇ ଚାଲିଛି। ଏହି ପରିପ୍ରେକ୍ଷୀରେ ୬ ଗୋଟି ଦାବି ନେଇ ପ୍ରଦେଶ କଂଗ୍ରେସ କମିଟି ସରକାରଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଛି। ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସହିତ ଅନ୍ୟାନ୍ୟ ଦାବିରେ ଜିଲାର ପ୍ରତ୍ୟେକ ପଞ୍ଚାୟତରୁ ତୁଳସୀ ସଂଗ୍ରହ କରାଯାଇ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯିବାକୁ ପଠାଯିବ। ବୌଦ୍ଧ ଜିଲାରୁ ମଧ୍ୟ ତୁଳସୀ ପଠାଯିବା ନେଇ ଶନିବାର ଦିନ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ତୁଳସୀ ସଂଗ୍ରହ ଅଭିଯାନ ସଂପର୍କରେ ସୂଚନା ଦିଆଯିବା ସହିତ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଦଳର ଜିଲା ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ସମରେଶ ମିଶ୍ରଙ୍କ ସମେତ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚିନ୍ମୟ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ବୌଦ୍ଧ,୧୮।୧୧( ଅଜିତ କୁମାର ବାରିକ)

ଚିନ୍ମୟ ମିଶନ ପକ୍ଷରୁ ବୌଦ୍ଧରେ ଗୀତା ଆବୃତ୍ତି ପ୍ରତିଯୋଗିତା ଶନିବାର ଦିନ ମହିଳା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଗୀତାକୁ ପ୍ରତ୍ୟେକ ଘରେ ପହଞ୍ଚାଇବାର ସଂକଳ୍ପ ନେଇ ଏହି ପ୍ରତିଯୋଗିତା କରାଯାଇଥିଲା । ଚିନ୍ମୟ ମିଶନ ରାଉରକେଲା ଶାଖା ମୁଖ୍ୟ ସ୍ୱାମୀ ଅରୁପାନନ୍ଦ ଯୋଗଦାନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୀତାର ଚତୁର୍ଥ ଅଧ୍ୟାୟ ଆବୃତ୍ତି କରିଥିଲେ। ବିଚାରକ ଭାବେ ବ୍ରାହ୍ମଣ ସମାଜର ସମ୍ପାଦକ ଦେବାଶିଷ ପୁରୋହିତ, ଅଧ୍ୟାପକ ଶିବଦତ୍ତ ପଟ୍ଟନାୟକ, ଅଧ୍ୟାପକ ଅଜିତ କୁମାର ସାହୁ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଯୋଗ ଦେଇ କୃତି ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ରନାଥ ଗୁରୁ ଓ ସ୍ୱାମୀଜୀ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଡିସେମ୍ବର ମାସରେ ପୁରୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ର ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମକୁ ଚିନ୍ମୟ ମିଶନ ବୌଦ୍ଧ ଶାଖାର ସଭାପତି ନନ୍ଦ କିଶୋର ସାହୁ, ସଦସ୍ୟ ସତ୍ୟ ନାରାୟଣ ପ୍ରଧାନ ପରିଚାଳନା କରିଥିଲେ ।

# ସମାଜର କର୍ତ୍ତବ୍ୟ, ସାମାଜିକ ସଙ୍ଗଠନ ମଜଭୁତକୁ ଗୁରୁତ୍ୱ

## ସରିଲା ଚିତ୍ରଗୁପ୍ତ ପୂଜା

ସୋନପୁର,୧୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଆନୁକୂଲ୍ୟରେ କରଣ ସମାଜର ଇଷ୍ଟଦେବ ଚିତ୍ରଗୁପ୍ତଙ୍କ ପୂଜା ଓ ଜିଲା କରଣ ସମାଜର ବାର୍ଷିକ ଉତ୍ସବ ଘୋଡାଘାଟପଡାଠାରେ ପାଳିତ ହୋଇଯାଇଛି। ପୂଜା ପ୍ରାରମ୍ଭ ପୂର୍ବଦିନ ଘୋଡ଼ାଘାଟପଡା ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଗୃହ ଠାରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ଥିଲା। ମହାନଦୀ କଦମ୍ବ ଘାଟରେ ପୂଜକ ଦାମୋଦର ନାଏକଙ୍କ ଦ୍ୱାରା ପୂଜା କରାଯାଇଥିଲା। ଏହି ପୂଜାରେ କର୍ତ୍ତା ଭାବରେ ଲଛିପୁରର ଗୋପାଳ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ପଟ୍ଟନାୟକ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜାରେ ସୁବର୍ଣ୍ଣପୁର ଜିଲାର ସମସ୍ତ ବ୍ଲକ ତଥା ପଡୋଶୀ ବୌଦ୍ଧ ଜିଲାରୁ ପ୍ରାୟ ୬ଶହ କରଣ ସମାଜର ସଭ୍ୟ ଯୋଗ ଦେଇଥିଲେ।

ମଧ୍ୟାହ୍ନରେ ଅନୁଷ୍ଠିତ କରଣ ସମାଜର ଏକ ମହାସଭାରେ ସମାଜର ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଓଡିଆ ଅଧ୍ୟାପକ ଅନିଲ ଦାନୀ ମୁଖ୍ୟଅତିଥି, ଡ.ଜ୍ୟୋତି ରଞ୍ଜନ ବହିଦାର ମୁଖ୍ୟବକ୍ତା ଓ ସୁବର୍ଣ୍ଣପୁର ପୌର ପରିଷଦ ଉପାଧ୍ୟକ୍ଷା ମଲ୍ଲିକା ଦାନୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କରଣ ସମାଜର କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦେବ କିଶୋର ଦାନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାଜର କର୍ତ୍ତବ୍ୟ ଓ ସାମାଜିକ ସଂଗଠନକୁ ମଜଭୂତ କରିବା ପାଇଁ ଉପସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ଉପଦେଷ୍ଟା ମଦନ ମୋହନ ଦାନୀ, ଉମେଶ ଚନ୍ଦ୍ର ଦାନୀ, ଜୟ ନାରାୟଣ ନେଗୀ, ଶ୍ୟାମାଦେଇ ପଟ୍ଟନାୟକ ପ୍ରମୁଖ ନିଜ ନିଜ ମତ ପ୍ରଦାନ କରିଥିଲେ। ଏହି ଅବସରରେ ମହିଳା ଓ ବାଳିକାଙ୍କ ମଧ୍ୟରେ ରଙ୍ଗୋଲି, ନୃତ୍ୟ, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, କୌତୁକ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବଳରାମ ପଟ୍ଟନାୟକଙ୍କୁ ଅଧିବକ୍ତା, ଅଭିଳାଷା ବିଦ୍ୟାଧରଙ୍କୁ ମେଧାବୀ ଛାତ୍ରୀ ଓ ଶ୍ୟାମାଦେଇ ପଟ୍ଟନାୟକଙ୍କୁ ସମାଜସେବୀ ଭାବରେ ସମ୍ମାନିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ସମାଜର ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତା ସଭାପତିତ୍ୱ କରିଥିବା ବେଳେ ବୌଦ୍ଧରୁ ଆସିଥିବା ବିପ୍ର ଚରଣ ମହାନ୍ତି ମୁଖ୍ୟଅତିଥି ଓ ପୌର ପରିଷଦ ଉପାଧ୍ୟକ୍ଷା ମଲ୍ଲିକା ଦାନୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉମେଶ ଚନ୍ଦ୍ର ଦାନୀଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏକ ଆର୍ଟ ଗ୍ୟାଲେରୀରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନର ଫଟୋ ପ୍ରଦର୍ଶନ କରାଯାଇଥିଲା। ସୋନପୁରର ମହାନଦୀ ଘାଟରେ ଚିତ୍ରଗୁପ୍ତଙ୍କୁ ବିସର୍ଜନ ପରେ ଏହି ପୂଜା ସମ୍ପନ୍ନ ହୋଇଛି।

# ସମବାୟ ମହୋତ୍ସବରେ ସମ୍ମାନିତ ହେଲେ ପରିଚାଳକ, ପାକ୍ସ ସମ୍ପାଦକ



ସମଲେଇଚୁଆଁ ପାକ୍ସ ସମ୍ପାଦକ ରାଜ କୁମାର ପ୍ରଧାନଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା ଓ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ସୋନପୁର,୧୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ସମବାୟ ବିଭାଗ ପକ୍ଷରୁ ୭୦ତମ ସର୍ବଭାରତୀୟ ସେବା ସମବାୟ ସପ୍ତାହର ସୁବର୍ଣ୍ଣପୁର ଜିଲାସ୍ତରୀୟ ମହୋତ୍ସବ ସୋନପୁର ଟାଉନହଲରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସୋନପୁର ସର୍କଲରେ ଶ୍ରେଷ୍ଠ ଶାଖା ପରିଚାଳକ ଭାବେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସୋନପୁର ଶାଖା ପରିଚାଳକ ଶାଶ୍ୱତ କୁମାର ପାଣିଗ୍ରାହୀ ଓ ବୀରମହାରାଜପୁର ସର୍କଲର ଶ୍ରେଷ୍ଠ ଶାଖା ପରିଚାଳକ ଭାବେ ଉଲୁଣ୍ଡା ଶାଖା ପରିଚାଳକ ଅମିତ କୁମାର ସାଙ୍କୁ ସମ୍ମାନିତ କରା ଯାଇଥିଲା । ଜିଲାର ଶ୍ରେଷ୍ଠ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ଭାବେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁର ରାଜ କୁମାର ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ନିଜ ଅଞ୍ଚଳରେ ସମବାୟ ଆନ୍ଦୋଳନକୁ ଦୃଢୀଭୂତ କରିବା ଓ ଚାଷୀଙ୍କ ପାଇଁ ଭଲ କାମ କରିଥିବାରୁ ସୋନପୁର ବ୍ଲକ ରେଙ୍ଗାଲି ପାକ୍ସର ସମ୍ପାଦକ ଅରୁଣ କୁମାର ପୂଜାରୀ, ତରଭା ପାକ୍ସର ସମ୍ପାଦକ ଦେବେନ୍ଦ୍ର ସା, ବିନିକା ବ୍ଲକ ମହଦା ପାକ୍ସର ନାରାୟଣ ବିଶ୍ୱାଳ, ଡୁଙ୍ଗୁରିପାଲି ପାକ୍ସର ସମ୍ପାଦକ ରବିନ୍ଦ୍ର ବିଶ୍ୱାଳ, ବୀରମହାରାଜପୁର ବ୍ଲକ ପିତାମହୁଲ ପାକ୍ସର ହିମାଂଶୁ ପଧାନ ଓ ଉଲୁଣ୍ଡା ବ୍ଲକ ମହଦା ପାକ୍ସର ସନ୍ତୋଷ କୁମାର ପଣ୍ଡାକୁ ସମ୍ମାନିତ କରାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଓ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨ ବ୍ୟାଙ୍କ ଶାଖା ପରିଚାଳକ ଓ ୭ ପାକ୍ସ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଇମ୍ପିରିୟଲ କଲେଜରେ ଆଲୋଚନାଚକ୍ର

ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଇମ୍ପିରିୟଲ କଲେଜରେ ଶୁକ୍ରବାର କୃତ୍ରିମ ବୁଦ୍ଧିମତା ଓ ଭବିଷ୍ୟତ ଶିକ୍ଷାରେ ଏହାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କୃତ୍ରିମ ବୁଦ୍ଧିମତା ଶିକ୍ଷକର ବିକଳ୍ପ ହୋଇପାରିବ ନାହିଁ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ରାଉରକେଲା ଏନ୍‌ଆଇଟିର ଆସୋସିଏଟ୍ ପ୍ରଫେସର ଡ. ରତ୍ନାକର ଦାଶ, ସମ୍ବଲପୁର ଆଇଆଇଏମ୍‌ର ଆସୋସିଏଟ୍‌ପ୍ରଫେସର ଡ. ସୁମିତା ସିନ୍ଧି ଏବଂ ଡୁଙ୍ଗୁରିପାଲି କଲେଜର ବରିଷ୍ଠ ଅଧ୍ୟାପକ ଡ. ସରୋଜ ଦାଶ ବକ୍ତା ଭାବେ ଯୋଗଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ଯୁବରାଜ ଖମାରୀ, ଇମ୍ପିରିୟଲ କଲେଜର ଅଧ୍ୟାପକ ସୁରଜ କୁମାର ସିଂ, ଅଧ୍ୟାପିକା ଏନ. ସୂର୍ଯ୍ୟକୁମାରୀ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କଲେଜର ଛାତ୍ରୀଛାତ୍ରମାନେ ଉକ୍ତ ଶୀର୍ଷକ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ର ପରେ କଲେଜର ଚେୟାରମ୍ୟାନ ଦୀପକ ଗୋୟଲଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା ଏବଂ ଏହାକୁ ଛାତ୍ରୀ ସଞ୍ଚିତା ତ୍ରିପାଠୀ ସଂଯୋଜନା କରିଥିଲେ। ଶେଷ ଅଧିବେଶନରେ କଲେଜର ଅଧ୍ୟାପକ ପ୍ରଭୁଦତ୍ତ ଗିରି, ଅଧ୍ୟାପିକା ହରିପ୍ରିୟା ସାହୁ ନିଜ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗାୟତ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।





ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତାବୃନ୍ଦ ।

# ସନ୍ତୋଷ-ସୁରେଶ ଯୋଡି ଚାମ୍ପିୟନ

## ଆରଏଫସି କପ୍ ବ୍ୟାଡ଼ମିଣ୍ଟନ

ସୋନପୁର,୧୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଆରଏଫସି କପ୍ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରାକେଟ୍ସ ସୋନପୁର ଦ୍ୱାରା ଆୟୋଜିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କ୍ରୀଡା ଶିକ୍ଷାର ଏକ ମୁଖ୍ୟ ଅଂଶ, ଯାହା ଶାରୀରିକ ଓ ମାନସିକ ଭାବେ ମଣିଷ ଗଠନରେ ସହାୟତା କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ସାଧୁବାଦ ଦେଇଥିଲେ। ୬ଟି ଦଳକୁ ନେଇ ହୋଇଥିବା ଏହି ଟୁର୍ନାମେଣ୍ଟରେ ସନ୍ତୋଷ ସାହୁ ଓ ସୁରେଶ ରଥ ଚାମ୍ପିୟନ ହୋଇଥିବା ବେଳେ ସମୀର ନାୟକ ଓ ନାରାୟଣ ରଥ ରନର୍ସ ଅପ୍ ହୋଇଥିଲେ। ରଘୁନାଥ ଥାନାପତି ଖେଳ ପରିଚାଳନା କରିଥିବା ବେଳେ ପାଣିନୀ ପ୍ରାଙ୍କ ପ୍ରଧାନ, ସମୀର ସାହୁ, କ୍ଷୀରୋଦ ବିଶ୍ୱାଳ, ଇରାଦତ ଖାନ, ଅବିନାଶ ହୋତା, ଶିବରାଜ କର୍ଣ୍ଣ ଆଦି ସହାୟତା କରିଥିଲେ।





ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀ ।

## ଶେଷ ହେଲା ମହିଷାସୁର ରାଜ

ଘଣ୍ଟାପଡ଼ା,୧୮।୧୧(ପ୍ରଭାତ କୁମାର ସାହୁ)

ମହୀଷାସୁର ବଧ ସହ ବୌଦ୍ଧ ଜିଲା କଣ୍ଟାମାଳର କଲରାକୋଠା କାଳୀପୂଜା ଅବସରରେ ହୋଇଥିବା ରାଜଦରବାର ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ୬ ଦିନ ଧରି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର କଲରାକୋଠା ୟୁଥ ଫ୍ରେଣ୍ଡସ ଆସୋସିଏଶନ ଦ୍ୱାରା ଆୟୋଜିତ ମହିଷାସୁର ଦରବାରର ଉଦ୍‌ଯାପନୀ ସନ୍ଧ୍ୟାର ରଙ୍ଗସଭାରେ ରାଜଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ବୌଦ୍ଧ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା, ବୌଦ୍ଧ ଜିଲା ପରିଷଦର ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ୧ ନଂ ଜୋନର ଜିଲା ପରିଷଦ ସଦସ୍ୟା ମିତ୍ରା ସାହୁ, ମିଳିତ ଶିକ୍ଷକ ସଂଘର ସଭାପତି ନୀଳାଞ୍ଚଳ ଭୋଇ, କନ୍ଧମାଳ ସାଂସଦ ପ୍ରତିନିଧି ତଥା ଯୁବ ବିଜେଡି ସଭପତି ଶମ୍ଭୁ ପ୍ରସାଦ ସାହୁ, ସରକାରୀ ଓକିଲ ରାଧାବଲ୍ଲଭ ପ୍ରଧାନ ଓ ସିମିଲିପଦରସରପଞ୍ଚ ସାର୍ଦ୍ଦୁଳ ନାଗ ଯୋଗ ଦେଇଥିଲେ । ପରେ ପୌରାଣିକ କଥାବସ୍ତୁ ଆଧାରରେ ମା'ଦୁର୍ଗାଙ୍କ ଦ୍ୱାରା ମହିଷାସୁର ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ପରେ ପ୍ରଯୋଜକ ପାଣିନି ପ୍ରାଙ୍କ, ଟିଙ୍କୁ ଟିଙ୍ଗାଲୁ ଏବଂ ମିଲିଙ୍କ ଆକର୍ଷଣୀୟ ହାସ୍ୟରସାତ୍ମକ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମନୋରଞ୍ଜନ ଚିରଗୁଣିଙ୍କ ଉଚ୍ଚକୋଟୀର ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ରଙ୍ଗସଭାକୁ ଧାରଣୀସେନ ସାହୁ ପରିଚାଳନା କରିଥିଲେ । ୟୁଥ ଫ୍ରେଣ୍ଡସ ଆସୋସିଏଶନର ସଭାପତି ପ୍ରଫୁଲ୍ଲ ସାହୁ, ସଂପାଦକ ପ୍ରକାଶ ରଣା,କୋଷାଧ୍ୟକ୍ଷ ତରଣୀସେନ ସାହୁ, ଉପସଭାପତି ପ୍ରଣବ କିଶୋର ସାହୁ, ସହ ସଂପାଦକ ଧର୍ମେନ୍ଦ୍ର ରଣାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବିନିକା,୧୮।୧୧ ( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ଆରଏମସି ପ୍ରାଙ୍ଗଣରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆୟୋଜିତ ଶିବିରକୁ ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ନିର୍ମଳ ଷାଣ୍ଡ, ଜିଲା ପରିଷଦ ସଭ୍ୟ ବଶିଷ୍ଟ ଭରାସାଗର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସରପଞ୍ଚ ପଦ୍ମିନୀ ତ୍ରିପାଠୀ, କଳାକାହ୍ନୁ ସୁନା, ସୁଦାମ ପଧାନ ଯୋଗଦେଇ ସାମର୍ଥ୍ୟ ଶିବିରର ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବିଏସଏସଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିରିକ୍ତ ବିଏସଏସଓ ଆର.ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଇ ବିଭିନ୍ନ ବିଭାଗରେ ବିଭକ୍ତ କରି ବିଶେଷଜ୍ଞ ଡାକ୍ତରଙ୍କ ପାଖକୁ ପ୍ରେରଣ କରା ହୋଇଥିଲା । ଶିବିରରେ ମୋଟ ୩୬୩ ଜଣ ପଞ୍ଜୀକୃତ କରିଥିଲେ । ଚଳନ ବାଧିକ ୨୨, ଦୃଷ୍ଟିବାଧିକ ୨୫, ଶ୍ରବଣ ବାଧିତ ୫୩, ମାନସିକ ୨୩, ଅନ୍ୟାନ୍ୟ ୩୧, ବସ ପାସ ୪୦ ଜଣ ଓ ସହାୟକ ଉପକରଣ ୬୯ଙ୍କୁ ଯୋଗାଇ ଦିଆଯିବା ପାଇଁ ଚିହ୍ନଟ କରାଯାଇଛି । ପୋଗ୍ରାମ ସହାୟକ ପ୍ରିୟବ୍ରତ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଗୁଣନିଧି



@ ତୁଳେଶ୍ୱର



@ ଅନନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଡ୍‌କ୍ରସ୍ ଶିବିରରେ ୨୭ ୟୁନିଟ୍ ରକ୍ତ ସଂଗ୍ରହ





ରେଡ୍‌କ୍ରସ୍ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ବରପାଲି,୧୮।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ରେଡ୍‌କ୍ରସ୍ ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ସଂଯୋଜକ ପରମାନନ୍ଦ ରଥଙ୍କ ପରିଚାଳନା ଅନୁଷ୍ଠିତ ସଭାରେ ଛାତ୍ରୀ ଇତି, ଗୀତା, ଦୀପ୍ତି, ଅନ୍ୱେଷା, ରାକ୍ଷୀ, ଜୟଶ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିବିରର ଦ୍ୱିତୀୟ ଦିବସରେ ୫୬ଟି ମହାବିଦ୍ୟାଳୟର କାଉନସିଲର ଅଧ୍ୟାପିକା ଅଧ୍ୟାପକ ଓ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଚତୁର୍ଥ ଅଧିବେଶନରେ ଡ. ରୁଦ୍ରଦେବ ଦନସନା ଏଚ୍‌ଆଇଭି ଏଡ୍‌ସ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ପଞ୍ଚମ ଅଧିବେଶନରେ ଅମରଜିତ ମହାନ୍ତି ରକ୍ତ ବିଜ୍ଞାନ ସହ ରକ୍ତଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ରକ୍ତଦାନ କାର୍ଯ୍ୟକ୍ରମରେ ୨୭ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଷଷ୍ଠ ଅଧିବେଶନରେ ଯୁବ ରେଡ୍‌କ୍ରସ୍‌ରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଉପରେ ଦଧିବାମନ ମହାବିଦ୍ୟାଳୟର ଅଧ୍ୟାପକ ରାଜୀବ ସାହୁ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ପରେ ବକ୍ତୃତା, ରଙ୍ଗୋଲି, ଡ୍ରଇଂ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ମାଗଣା ସ୍ୱାସ୍ଥ୍ୟ ଶିବିର**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୟଭିମ ଯୁବକ ସଂଘ ଓ ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ମିଳିତ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରଗଡ଼ ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ମେଡିସିନ, ସର୍ଜରୀ, ଚର୍ମରୋଗ, ଦନ୍ତ, ଶିଶୁ ରୋଗ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଓ ନର୍ସ, ଫାର୍ମାସିଷ୍ଟ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜୟ ଭୀମ ଯୁବକ ସଂଘ ସଭାପତି ଡିଲେଶ୍ୱର ଜାଲ, ସମ୍ପାଦକ ଯୁବରାଜ ଦୀପ, କୋଷାଧକ୍ଷ ନୃପରାଜ ଦୀପ, ସରପଞ୍ଚ ରୀନା ଜାଲ, ଭୀଷ୍ମ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ମାଧିଆପାଲି ଛକ ଗ୍ରୀଡ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ସଡକ ଦୁର୍ଘଟଣାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଲୋଇସିଂହା ଥାନା ବୁରୋଭାଡି ଗ୍ରାମର ମହିନ୍ଦ୍ର ଭୂଏ(୨୫) ଓ ଫାସଡର ପିଙ୍କୁ ବଗର୍ତ୍ତି(୨୫) । ମହେନ୍ଦ୍ର ଓ ପିଙ୍କୁ ଏକ ବାଇକ( ଓଡିଠ୩ ଡବ୍ଲ୍ୟୁ୧୨୭୫)ରେ ବଲାଙ୍ଗୀରରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବୁରୋଭାଡି ଗ୍ରାମର ବୁଠି ଭୂଏଙ୍କ ପୁଅ ମହେନ୍ଦ୍ର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ । ଦୀର୍ଘ ୯ ମାସ ପରେ ସେ ଗାଁକୁ ଆସୁଥିଲେ । ଶୁକ୍ରବାର ରାତିରେ ଏଲଏପି ଧନବାଦ୍ ଟ୍ରେନରେ ଆସି ବଲାଙ୍ଗୀର ଷ୍ଟେଶନରେ ଓହ୍ଲାଇଥିଲେ। ପିଙ୍କୁଙ୍କ ସହ ସହ ସେ ଗାଁକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାସ୍ଥଳରେ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା । ଗୁରୁତର ପିଙ୍କୁକୁ ପୋଲିସ ଉଦ୍ଧାର କରି ବଲାଙ୍ଗୀର ଓ ପରେ ବୁର୍ଲା ସ୍ଥାନାନ୍ତର କରିଥିଲା। ହେଲେ ବାଟରେ ପିଙ୍କୁଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୃତ ମହେନ୍ଦ୍ରଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ରେଡକ୍ରସ ପାଣ୍ଠିରୁ ସହାୟତା ଦେବା ପାଇଁ ଆଗଲପୁର ତହସିଲଦାରଙ୍କୁ କହିଥିଲେ।

### ଯୁବକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇବା ଘଟଣାରେ ଅଭିଯୁକ୍ତ ଗିରଫ

ଭବାନୀପାଟଣା,୧୮।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଭଙ୍ଗାବାରୀ ନିକଟରେ ଗତ ବୁଧବାର ସନ୍ଧ୍ୟାରେ ଧାର ଟଙ୍କା ଫେରସ୍ତ କରିବାକୁ ଡାକି ଅଞ୍ଜନ ପାଢ଼ୀ ନାମକ ଜଣେ ବ୍ୟକ୍ତିଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ଜଣେ ଯୁବକ। ଫଳରେ ଗୁରୁତର ଅବସ୍ଥାରେ ଅଞ୍ଜନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣାକୁ ନେଇ ଅଞ୍ଜନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାବେଳେ ମେଡ଼ିକାଲ ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ. ୪୩୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଘଟଣାରେ ସାମିଲ ଥିବା ନୂଆପଡା ଜିଲା କୋମନାର ବାସୁଦେବ ଛତ୍ରିଆ (୩୦)ଙ୍କୁ ଶନିବାର ଭବାନୀପାଟଣା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଭବାନୀପାଟଣା ସହରର କଶାକେନ୍ଦୁ ଛକ ନିକଟସ୍ଥ ଡିଜେଲ ଟ୍ୟାଙ୍କ ପଛପଟେ ଏକ ଘର ଭଡ଼ା ନେଇ ଅଞ୍ଜନ ରହୁଥିଲେ। ସେ ପ୍ରାୟ ୨ଲକ୍ଷ ଟଙ୍କା ବାସୁଦେବଙ୍କୁ ଧାର ଦେଇଥିଲେ। ବାରମ୍ବାର ଟଙ୍କା ଫେରସ୍ତ ମାଗିବା ପରେ ମଧ ବାସୁଦେବ ତାଙ୍କ କଥା ଶୁଣୁ ନ ଥିଲେ। ଟଙ୍କା ଫେରସ୍ତ କରିବା ପାଇଁ ଅଞ୍ଜନଙ୍କୁ ବାସୁଦେବ ଡାକିଥିଲେ। ଅଞ୍ଜନ ପହଞ୍ଚିବା ପରେ ତାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିଲେ। ପରେ ବାସୁଦେବ ଚମ୍ପଟ ମାରିଥିଲେ।

# କୋଶଲ ମହାବନ୍ଦରେ ଭଙ୍ଗାରୁଜା, ୮ ଅଟକ

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଦିଆଯାଇଥିବା ୧୨ ଘଣ୍ଟିଆ କୋଶଳ ମହାବନ୍ଦ ସଫଳ ହୋଇଛି। ବଲାଙ୍ଗୀର ସହରରେ ସକାଳ ୬ଟାରୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ସମର୍ଥକମାନେ ଆନ୍ଦୋଳନରେ ଓହ୍ଲାଇଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ କଲେଜ, ଡେଲିମାର୍କେଟ, ଦୋକାନ ବଜାର, ଡାକଘର, ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଏକ ବୈଠକ ଚାଲିଥିବା ଖବର ପାଇବା ପରେ କେତେଜଣ ଆନ୍ଦୋଳନକାରୀ ସେଠାରେ ପହଞ୍ଚି ଚୌକି ଓ ଟେବୁଲ ଭଙ୍ଗାରୁଜା କରିଥିଲେ। ଡେଲିମାର୍କେଟ ଏବଂ ଟିକ୍ରାପଡା ରେଲୱେ ଷ୍ଟେଶନ୍ ରାସ୍ତାରେ ଖୋଲିଥିବା କେତେକ ଦୋକାନୀଙ୍କୁ



ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଏସଡିପିଓ ତୋଫାନ୍ ବାଗଙ୍କ ସହ ଆନ୍ଦୋଳନକାରୀମାନେ ଆଲୋଚନା କରୁଛନ୍ତି।

ଆନ୍ଦୋଳନକାରୀମାନେ ଧମକ୍ ଚମକ ଦେଇଥିଲେ। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଅଫିସଠାରେ କେତେକ ଆନ୍ଦୋଳନକାରୀ ସାଇକେଲ ଭଙ୍ଗାରୁଜା କରିବା ସହ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପୋଷ୍ଟର ଚିରିଥିବା ଜଣାପଡିଥିଲା। ଶତାଧିକ ଆନ୍ଦୋଳନକାରୀ ବାଇକ ରାଲି କରିଥିଲେ। ସିଭିଲ କୋର୍ଟରେ ଆନ୍ଦୋଳନକାରୀମାନେ ଜଜ୍‌ମାନଙ୍କୁ ଆନ୍ଦୋଳନକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। କଚେରୀ ଛକ ଠାରେ ସେମାନେ କିଛି ଲୋକଙ୍କୁ ଅଟକାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ଘଟଣାରେ ଟାଉନ୍ ପୋଲିସ ୮ ଜଣଙ୍କୁ ଟାଉନ୍ ଥାନାକୁ ଆଣି ଅଟକ ରଖିଥିଲା। ଆନ୍ଦୋଳନକାରୀଙ୍କୁ ଅଟକେ ରଖିବା ଖବର ପ୍ରଚାରିତ ହେବା ପରେ ବହୁ ସଂଖ୍ୟାରେ କୋଲବାଦୀ ଟାଉନ୍ ଥାନା ସମ୍ମୁଖକୁ ଆସି ନାରାବାଜି କରିଥିଲେ। ସେଠାକୁ କୋଶଲବାଦୀ ନେତା ପ୍ରମୋଦ ମିଶ୍ର ଆସି ଏସ୍‌ଡିପିଓ ତୋଫାନ ବାଗ ଏବଂ ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସହ ଆଲୋଚନା କରିଥିଲେ। କିଛି ସମୟ ପର ସମସ୍ତ ୮ ଜଣ ଅଟକ ଆନ୍ଦୋଳନକାରୀଙ୍କୁ ଛଡାଯାଇଥିଲା। ପୋଲିସ ଭଙ୍ଗାରୁଜା ଘଟଣାରେ ଏକ ମାମଲା ରୁଜୁ କରିଛି।

## ଲୋକ ମହୋତ୍ସବ, ବୋଲାଣି ନୃତ୍ୟ ଦଳ ଚାମ୍ପିୟନ



କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ରାଉରକେଲା,୧୮।୧୧(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ସିଏସଆର ବିଭାଗ ପକ୍ଷରୁ ଲାଠିକଟା ବ୍ଲକ ଅନ୍ତର୍ଗତ ସୋନାପର୍ବତ ଗ୍ରାମରେ ଜୋନ୍‌ସ୍ତରୀୟ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗାଁର ୩୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଟି. ପି. ଶିବଶଙ୍କର ମୁଖ୍ୟଅତିଥି ଏବଂ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସଆର ବିଭାଗର ମହାପ୍ରବନ୍ଧକ ସୁଶ୍ରୀ ମୁନମୁନ ମିତ୍ର, ସହକାରୀ ପ୍ରବନ୍ଧକ ଟି. ବି. ଟପ୍ପୋ, ଏ. ଏନ. ପତି, ଡେପୁଟି ମ୍ୟାନେଜର ସୁଶ୍ରୀ ରୀଚା ସୁଧୀରମ, ସୁଇଡିହ ସରପଞ୍ଚ ସୁଶ୍ରୀ ଅରୁଣ ଇରାନୀ କିଷାନ ଏବଂ ସିଏସ୍‌ଆର ବିଭାଗୀୟ ଅନ୍ୟ ଅଧିକାରୀ ଓ ଷ୍ଟାଫ, ଏସ୍‌ଏଚ୍‌ଜି ଓ ଗାଁର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇଥିଲେ। ମୁଖ୍ୟଅତିଥି ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ରୁଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରା ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ସିଏସ୍‌ଆର ବିଭାଗର ଦାୟିତ୍ୱବୋଧତାକୁ ପ୍ରଶଂସା କରିଥିଲେ। ମହୋତ୍ସବରେ ବୋଲାଣି ମାଁ ଚଳାନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା ପୁରସ୍କାର ସହ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ବଟୁଆରା ଗାଁ ଅଟକପଡା ନୃତ୍ୟ ଦଳ ଦ୍ୱିତୀୟ ଦଳ ଭାବେ ୮ହଜାର ଓ କାଟୁଆଟୋଲାର ସାନ୍ତାଳ ନୃତ୍ୟ ଦଳ ତୃତୀୟ ଦଳ ଭାବେ ୬ହଜାର ଟଙ୍କା ସହ ଟ୍ରଫି ପାଇଥିଲେ। ପରେ ବିଚାରକ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅବଶିଷ୍ଟ ୨୭ଟି ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ସୁଶ୍ରୀ ମୁନମୁନ ମିତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ପ୍ରଥମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସକାଳେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ୍ ତ୍ରିପାଠୀ ବଲାଙ୍ଗୀର ଜିଲାର ଦୁଗ୍ଧ ଉତ୍ପାଦନ, ମତ୍ସ୍ୟ ଚାଷର ଅଗ୍ରଗତି ସନ୍ତୋଷଜନକ ବୋଲି କହିଥିଲେ। ସଭାରେ ଜିଲାପାଳ ଚଞ୍ଚଳ ରଣା, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ମଞ୍ଚାସୀନ ଥିଲେ। ନୂତନ ଜ୍ଞାନ କୌଶଳ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଅବଗତ କରିବା ଏବଂ ସେମାନଙ୍କୁ ଅଧିକ ଲାଭବାନ କରିବା ଏଭଳି ମେଳାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡବ୍ଲ୍ୟୁଓଡିସି ଅଧକ୍ଷ ତ୍ରିପାଠୀ ସଫଳ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଲୋକ ସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ଡ ମହାଲିଙ୍ଗ ପଶ୍ଚିମ ଓଡ଼ିଶାର ବଲାଙ୍ଗୀରରେ ଏକ ଭେଟେନାରୀ ୟୁନିଭର୍ସିଟି ସ୍ଥାପନ କରିବାକୁ ଦାବି କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଗୁଣନିଧି



@ ଦୁଲେଶ୍ୱର



@ ଅନନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ

ରାଉରକେଲା,୧୮।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଇସ୍ପାତ ବିଦ୍ୟାମନ୍ଦିର ଛାତ୍ରୀଙ୍କୁ ସଫଳତା ମିଳିଛି। ଓଡିଶା ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଆଥ୍‌ଲେଟିକ୍ ମିଟ୍‌ରେ ବିଜୟୀ ହୋଇ ସହରବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି। ଛାତ୍ରୀ ପୂର୍ଣ୍ଣିମା ସାଣ୍ଡିଲ ଦୌଡ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରି ସ୍କୁଲ ଗେମ ଫେଡେରେଶନ ଅଫ ଇଣ୍ଡିଆ ଏବଂ ମହାରାଷ୍ଟ୍ର ଚନ୍ଦ୍ରପୁରଠାରେ ହେବାକୁ ଥିବା ଜାତୀୟ ସ୍ତରୀୟ ଆଥଲେଟିକ୍ ମିଟ୍‌ରେ ୧୯ବର୍ଷରୁ କମ୍ ବର୍ଗ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଭଲିବଲରେ ଛାତ୍ରୀ ଆଶା ଓରାମ ଓ ରୋଜାଲିନ ମାଝୀ ବାଲେଶ୍ୱର ସ୍ଥିତ ରେମୁଣା ପରିଷଦ ଦ୍ୱାରା ଆୟୋଜିତ ଇଭେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ଆଗକୁ ତାମିଲନାଡୁରେ ହେବାକୁ ଥିବା ଜାତୀୟସ୍ତରୀୟ ଭଲିବଲ ଚାମ୍ପିୟନଶିପ୍‌ରେ ୧୭ବର୍ଷରୁ କମ୍ ବର୍ଗରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି।



ପୂର୍ଣ୍ଣିମା ସାଣ୍ଡିଲ



ଆଶା ଓରାମ



ରୋଜାଲିନ ମାଝୀ

## ଜିଲାସ୍ତରୀୟ ଫୁଟ୍‌ବଲ: ଚନ୍ଦ୍ରପୁର, ତେତେଲମୁଣ୍ଡା ବିଜୟୀ

ବେଲପଡ଼ା,୧୮।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ଗ୍ରାମ ଖେଳ ପଡିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟର୍ଣ୍ଣାମେଣ୍ଟର ଶନିବାର ଥିଲା ତୃତୀୟ ଦିବସ। ଦିବସର ପ୍ରଥମ ଖେଳ ଚନ୍ଦ୍ରପୁର ଓ ସର୍ଗୁଲ ମଧ୍ୟରେ ହେଇଥିଲା। ଏଥିରେ ଚନ୍ଦ୍ରପୁର ୧-୦ଗୋଲରେ ବିଜୟୀ ହେଇଥିଲା। ଦ୍ୱିତୟ ଖେଳ ବାହାବଲ ଓ ତେତେଲମୁଣ୍ଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲ୍ଟି ସୁଟ୍‌ରେ ତେତେଲମୁଣ୍ଡା ବିଜେତା ହୋଇଥିଲା। ଶନିବାର ମୁଖ୍ୟ ଅତିଥିଭାବେ ଗ୍ରାମର ଗୌନ୍ତିଆ ମଙ୍ଗଳୁ ବେହେରା ସମ୍ମାନୀତ ଅତିଥି ସାମାଜିକ କର୍ମୀ ମିନିକେତନ ନାଗ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଗ୍ରାମବାସୀଙ୍କ ଭରସା ମାଟିରାସ୍ତା ଓରାଘାଟ ରୁଙ୍ଗ୍‌ଟା ଖଣିରେ ସ୍ୱଚ୍ଛତା ପକ୍ଷ ଆରମ୍ଭ

କୁତ୍ରା,୧୮।୧୧(ଦେବାଶିଷ ସାହୁ)

ସରକାର ବିଭିନ୍ନ ଯୋଜନା ମାଧମରେ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ତିଆରି କରୁଛନ୍ତି। ହେଲେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ବସ୍‌ଷ୍ଟାଣ୍ଡରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷା ଦିନେ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଯାଉଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଗ୍ରାମବାସୀ ଆରଆଇ କାର୍ଯ୍ୟାଳୟ ଓ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟକୁ କୁନିକୁନି ଛାତ୍ରୀଛାତ୍ରମାନେ ଯିବା ଆସିବା କରିଥାନ୍ତି। ଫଳରେ ସେମାନେ ଅସୁବିଧା ଭୋଗୁଛନ୍ତି। ତେବେ ଏହି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଦାବି କରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଖୁବ ଶୀଘ୍ର ଯଦି ଏହି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



ଖାଲ ଢିପ ମାଟି ରାସ୍ତା।

ଟେନ୍‌ସା,୧୭।୧୧(ସମୀର କୁମାର ପାଢୀ)

କୋଇଡା ଖଣି ଅଞ୍ଚଳ ମାଲଦା ପଞ୍ଚାୟତସ୍ଥିତ ରୁଙ୍ଗ୍‌ଟା ସନ୍ସ ପ୍ରା.ଲି. ର ଓରାଘାଟ ଲୌହ ଖଣି ତରଫରୁ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସର ତତ୍ତ୍ୱାବଧାନରେ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ସ୍ୱଚ୍ଛତା ପକ୍ଷ ନଭେମ୍ବର ୧୬ରୁ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓରାଘାଟ ଲୌହ ଖଣିର ପରିବେଶ ବିଭାଗର ସହପ୍ରବନ୍ଧକ ଡ.ପୃଥ୍ୱୀରାଜ ସାହୁ, ସହପ୍ରବନ୍ଧକ ମାନବ ସମ୍ବଳ ଅଜୟ କୁମାର କର, ଭୂତତ୍ତ୍ୱବିତ୍ ବିଦ୍ୟାଧର ସାହୁ, ସହପ୍ରବନ୍ଧକ ଖଣି ରଞ୍ଜିତ କୁମାର, ସହପ୍ରବନ୍ଧକ ଯାନ୍ତ୍ରିକ ମନୋରଞ୍ଜନ ଜେନା, ସହପ୍ରବନ୍ଧକ ବିଦ୍ୟୁତ ନରେନ୍ଦ୍ର ନାଥ ନାୟକ, ସହପ୍ରବନ୍ଧକ ପରିବହନ ଗଣେଶ ଚନ୍ଦ୍ର ଗୁଡ୍ଡୁ, ସହପ୍ରବନ୍ଧକ ଯାନ୍ତ୍ରିକ ବନମାଳୀ ମହାନ୍ତ, ସହଭୂତତ୍ତ୍ୱବିତ୍ ସତ୍ୟଜିତ ମହାପାତ୍ର, ସୁରକ୍ଷା ଅଧିକାରୀ ସୁରେଶ କୁମାର ପାତ୍ର ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟାଳୟ କର୍ମଚାରୀ ରାମେଶ୍ୱର ପାଇକରାଏ, ଶ୍ୟାମସୁନ୍ଦର ସାହୁ, ସଲମନ ନାୟାର, ବସନ୍ତ କୁମାର ମହାପାତ୍ର, ଲିଟୁନ କୁମାର ପାତ୍ର ସହଯୋଗ କରିଥିଲେ। ଏହି ସ୍ୱଚ୍ଛତା ପକ୍ଷ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଖଣି, ଭ୍ରାମ୍ୟମାଣ କ୍ରଶର ପ୍ଲାଣ୍ଟ, ଅତିଥି ଭବନ, ପ୍ରଶାସନିକ ଭବନ ପରିସର, ଆଖପାଖ ଗ୍ରାମ ଓ ବସ୍ତି ଅଞ୍ଚଳ, ବିଦ୍ୟାଳୟ ପରିସରରେ ସଫାସୁତରା କାର୍ଯ୍ୟକ୍ରମ ଜାରି ରହିବା ସହିତ ବୃକ୍ଷ ରୋପଣ ଏବଂ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ବିଦ୍ୟାଳୟଗୁଡିକରେ ପ୍ରବନ୍ଧ ଏବଂ ବକ୍ତା ପ୍ରତିଯୋଗିତା ଆୟୋଜନ କରାଯିବା ନେଇ କମ୍ପାନୀ ପକ୍ଷରୁ ସ୍ଥିରୀକୃତ ହୋଇଛି।



# ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଦେବଗଡ଼,୧୮।୧୧ (ଶଶାଙ୍କ ଶେଖର ଝାଙ୍କର)

ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ରିଆମାଳ ବ୍ଲକ ଖଳିନାଳୀ ଗ୍ରାମରେ ଶୁକ୍ରବାର ଜିଲା ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ସମ୍ମାନିତ ଅତିଥି ଗୋହିରା ଡ୍ୟାମ ପାଣି ପଞ୍ଚାୟତର ସଭାପତି ପର୍ଶୁରାମ ଗଡନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବନବାସୀ କଲ୍ୟାଣ ଆଶ୍ରମ ଓଡିଶାର ସହ ସଂଗଠନ ମନ୍ତ୍ରୀ ରାମପଦ ପରିଡା ଓ ବନବାସୀ କଲ୍ୟାଣ ଆଶ୍ରମ ସମ୍ବଲପୁରର ବିଭାଗ ସଂଗଠନ ମନ୍ତ୍ରୀ ଘନଶ୍ୟାମ ମହାନ୍ତ ଯୋଗଦେଇ ସହିଦ ବୀର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବନବାସୀ କଲ୍ୟାଣ ଆଶ୍ରମର ଅନ୍ତେବାସୀଙ୍କ ମଧ୍ୟରେ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ବନବାସୀ କଲ୍ୟାଣ ଆଶ୍ରମର ସହ ପ୍ରାନ୍ତ ଆୟାମ ପ୍ରମୁଖ କ୍ଷୀରସିନ୍ଧୁ ଭୋଇଙ୍କ ପରିଚାଳନାରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସଭା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତମ ସାହୁ, ସମ୍ମାନିତ ଅତିଥି ବନବାସୀ କଲ୍ୟାଣ ଆଶ୍ରମ, ଦେବଗଡର ସହ ସମ୍ପାଦକ ଦୁଶଧର ପ୍ରଗଣିଆ ଯୋଗଦେଇ ବୀର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିବାସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମ୍ପୃକ୍ତ ଅଞ୍ଚଳର ୩ଟି ସାଂସ୍କୃତିକ ଦଳ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରତିଯୋଗିତାକୁ ରେଙ୍ଗାଲବେଡା ନୋଡାଲ ଉଚ୍ଚ ବିଦ୍ୟାଳୟର ଦେବେନ୍ଦ୍ର ସାହୁ ଓ ସତିଶ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ବାସନ୍ତୀ ଘୁଟା ଓ ସମ୍ଭାରୀ ସୋଏଙ୍କ ସମେତ ସମସ୍ତ ପ୍ରଗତିକା ଓ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

# କୋଶଳ ମହାବନ୍ଦରେ ଭଙ୍ଗାରୁଜା, ୮ ଅଟକ

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଟାଉନ୍ ଥାନା ସମ୍ମୁଖରେ ଏସ୍‌ଡିପିଓ ତୋଫାନ ବାଗଙ୍କ ସହ ଆନ୍ଦୋଳନକାରୀମାନେ ଆଲୋଚନା କରୁଛନ୍ତି।

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଦିଆଯାଇଥିବା ୧୨ ଘଣ୍ଟିଆ କୋଶଳ ମହାବନ୍ଦ ସଫଳ ହୋଇଛି। ବଲାଙ୍ଗୀର ସହରରେ ସକାଳ ୬ଟାରୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ସମର୍ଥକମାନେ ଆନ୍ଦୋଳନରେ ଓହ୍ଲାଇଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ କଲେଜ, ଡେଲିମାର୍କେଟ, ଦୋକାନ ବଜାର, ଡାକଘର, ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଏକ ବୈଠକ ଚାଲିଥିବା ଖବର ପାଇବା ପରେ କେତେଜଣ ଆନ୍ଦୋଳନକାରୀ ସେଠାରେ ପହଞ୍ଚି ଚୌକି ଓ ଟେବୁଲ ଭଙ୍ଗାରୁଜା କରିଥିଲେ। ଡେଲିମାର୍କେଟ ଏବଂ ଟିକ୍ରାପଡା ରେଲୱେ ଷ୍ଟେଶନ୍ ରାସ୍ତାରେ ଖୋଲିଥିବା କେତେକ ଦୋକାନୀଙ୍କୁ ଆନ୍ଦୋଳନକାରୀମାନେ ଧମକ୍ ଚମକ ଦେଇଥିଲେ। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଅଫିସଠାରେ କେତେକ ଆନ୍ଦୋଳନକାରୀ ସାଇକେଲ ଭଙ୍ଗାରୁଜା କରିବା ସହ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପୋଷ୍ଟର ଚିରିଥିବା ଜଣାପଡିଥିଲା। ଶତାଧିକ ଆନ୍ଦୋଳନକାରୀ ବାଇକ ରାଲି କରିଥିଲେ। ସିଭିଲ କୋର୍ଟରେ ଆନ୍ଦୋଳନକାରୀମାନେ ଜଜ୍‌ମାନଙ୍କୁ ଆନ୍ଦୋଳନକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। କଚେରୀ ଛକ ଠାରେ ସେମାନେ କିଛି ଲୋକଙ୍କୁ ଅଟକାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ଘଟଣାରେ ଟାଉନ୍ ପୋଲିସ ୮ ଜଣଙ୍କୁ ଟାଉନ୍ ଥାନାକୁ ଆଣି ଅଟକ ରଖିଥିଲା। ଆନ୍ଦୋଳନକାରୀଙ୍କୁ ଅଟକ ରଖିବା ଖବର ପ୍ରଚାରିତ ହେବା ପରେ ବହୁ ସଂଖ୍ୟାରେ କୋଲବାଦୀ ଟାଉନ୍ ଥାନା ସମ୍ମୁଖକୁ ଆସି ନାରାବାଜି କରିଥିଲେ। ସେଠାକୁ କୋଶଲବାଦୀ ନେତା ପ୍ରମୋଦ ମିଶ୍ର ଆସି ଏସ୍‌ଡିପିଓ ତୋଫାନ ବାଗ ଏବଂ ଆଇଆଇସି ବିଶ୍ୱଜିତ ମନବୋଧଙ୍କ ସହ ଆଲୋଚନା କରିଥିଲେ। କିଛି ସମୟ ପର ସମସ୍ତ ୮ ଜଣ ଅଟକ ଆନ୍ଦୋଳନକାରୀଙ୍କୁ ଛଡାଯାଇଥିଲା। ପୋଲିସ ଭଙ୍ଗାରୁଜା ଘଟଣାରେ ଏକ ମାମଲା ରୁଜୁ କରିଛି।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା




ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ ବିରୋଧରେ ନଭେମ୍ବର ୧୪ରୁ ଭାଜପା ପକ୍ଷରୁ ସମଗ୍ର ରାଜ୍ୟରେ ଚାଲିଥିବା ବ୍ଲକ, ଏନ୍‌ଏସି ଓ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଦେବଗଡ ଜିଲାର ତିଲେଇବଣି ବ୍ଲକ ଘେରାଉ କରାଯିବା ସହ ମହା ମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ଭାଜପା ନେତା, କର୍ମୀ ହାତରେ ପ୍ଲାକାର୍ଡ ଓ ଦଳୀୟ ପତାକା ଧରି ତିଲୋଇବଣୀ ଖେଳ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସୁଗୁଡା ମଣ୍ଡଳର ଭାଜପା ସଭାପତି ଯୋଗେଶ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ପ୍ରତିବାଦ ସଭାରେ ଉପସ୍ଥିତ ନେତାମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନକାର୍ଡ ସମେତ ବିଭିନ୍ନ ଯୋଜନାରେ ହେଉଥିବା ଦୁର୍ନୀତି ଓ ଅନିୟମିତତା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାସହ ରାଜ୍ୟ ପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଉପସଭାପତି ସତ୍ୟ ନାରାୟଣ ପାଣି, ସାଧାରଣ ସମ୍ପାଦକ ରଞ୍ଜିତ କୁମାର ପଟେଲ, ଅକାଲୁ ଧଳ, ଫକୀର ମୋହନ ପ୍ରଧାନ, କାଉନଶିଲର ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, ମାଧବୀ ଦେବୀ, ପ୍ରୀତି ପରିମିତା ବେହେରା, ଭୋଳେଶ୍ୱର ପ୍ରଧାନ, ବିରେନ କୁମାର ନାୟକ ଓ ରାଜୁ ମେହେରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

# ସ୍ୱଚ୍ଛତା ଅଭିଯାନ, ଭଲିବଲ ପ୍ରତିଯୋଗିତା

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ବାରକୋଟ ସ୍ଥିତ ଡ଼ଁରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଶନିବାର ସାମାଜିକ ସେବା ଯୋଜନାରେ ସ୍ୱଚ୍ଛତା ଅଭିଯାନ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ମାନେ ଅନୁଷ୍ଠାନ ପରିସରରୁ ବିଭିନ୍ନ ସ୍ଲୋଗାନ ସହିତ ଏକ ଶୋଭାଯାତ୍ରାରେ ବାହାରି ବାରକୋଟ କାଳୀପୂଜା ଯାତ୍ରା ପଡିଆରେ ପହଞ୍ଚିବା ସହ ବିସ୍ତୀର୍ଣ୍ଣ ଅଞ୍ଚଳକୁ ସଫା ସୁତୁରା କରିଥିଲେ। ଏହାପରେ ଅନୁଷ୍ଠାନ ପରିସରରେ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ପରିଚାଳନାରେ ଏକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ ପ୍ରତିଭା ଚୟନ କରାଯାଇଥିଲା। ଡ଼ଁରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଗୁଣନିଧି



@ ତୁଳେଶ୍ୱର



@ ଅନନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମବାୟ ସପ୍ତାହ ସଚେତନତା ରାଲି

ଦେବଗଡ଼, ୧୮। ୧୧
(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ଓ ସମବାୟ ବିଭାଗ ଆନୁକୂଲ୍ୟରେ ସର୍ବଭାରତୀୟ ସମବାୟ ସପ୍ତାହ ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ଏକ ସଚେତନତା ରାଲି ଶୁକ୍ରବାର ସକାଳ ୭ଟାରୁ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ପରିସରରୁ ଶୁଭାରମ୍ଭ ହୋଇଯାଇଛି। ସମବାୟ ବିଭାଗ ଅଧିକାରୀ ନିମାଇଁ ଚରଣ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲି ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଏହାର ଉଦ୍ଦେଶ୍ୟ ଗ୍ରାମୀଣ ଅର୍ଥନୀତି ବିକାଶରେ ସମବାୟ ଅନୁଷ୍ଠାନ ସକ୍ରିୟ ଅଂଶଗ୍ରହଣର ପ୍ରଚାର ଓ ପ୍ରସାର, କୋଟି କୋଟି ଚାଷୀ, ବୁଣାକାର, ଦୁଗ୍ଧ ଉତ୍ପାଦନକାରୀ, ମତ୍ସ୍ୟଜୀବୀ, ମହିଳା ଏବଂ ଜନଜାତି ସମୂହଙ୍କ ନିରନ୍ତର ଆୟ ବୃଦ୍ଧିର ପ୍ରୟାସ, ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରାସଙ୍ଗିକ ବ୍ୟବସାୟିକ ମଡେଲର ଉପଯୋଗରେ ସମବାୟ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ଉପରେ ସଚେତନତା କରାଇବ। ଏହି ସଚେତନତା ରାଲିରେ ସମବାୟ ସମିତିର ସମସ୍ତ ସମ୍ପାଦକ ଓ କର୍ମଚାରୀ, ସମବାୟ କେନ୍ଦ୍ରର ବ୍ରାଞ୍ଚ ମ୍ୟାନେଜର ବୃନ୍ଦାବନ ସାହୁ, ଉପ ସହକାରୀ ନିବନ୍ଧକ ପୁଷ୍ପଯା ପ୍ରଧାନ, ସୁଗୁଡା ସମ୍ପାଦକ ବସନ୍ତ କୁମାର ପ୍ରଧାନ ଓ ସହକାରୀ ନିବନ୍ଧକ ସମବାୟ ସମିତିର ସମୂହ କର୍ମଚାରୀ, କଲେଜ ଛାତ୍ରୀଛାତ୍ର, ଜିଲା କ୍ରୀଡ଼ା ଆସୋସିଏଶନ୍‌ର ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ ବୈଠକ



ବୈଠକରେ ଉପସ୍ଥିତ ବିଜେଡି କର୍ମୀ।

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ରମ୍ଭେଇ ପଞ୍ଚାୟତ ବୁଟିଆଡିହୀ (ବଗଛେରା)ଖେଳ ପଡିଆଠାରେ ଜିଲା ବିଜୁ ଜନତା ଦଳର ଜୋନ୍ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ ସଭାପତି ଇଂ. ଚିତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବରିଷ୍ଠ ବିଜେଡି ନେତା ହୃଦାନନ୍ଦ ସାହୁ, ନେତ୍ରାନନ୍ଦ ସାହୁ, ପ୍ରାଣବନ୍ଧୁ ଖିଲାର ଓ ଜୟନ୍ତ ପୃଷ୍ଟି ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରି ଦଳକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ କରିବା ପାଇଁ ପାଇଁ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଦେବା ସହ ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ନେତା ଓ କର୍ମୀ ଏକଜୁଟ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ନୂତନ ଭାବେ ମନୋନୀତ ଜିଲା ବିଜେଡି ସଭାପତି ଇଂ. ଚିତରଞ୍ଜନ ପ୍ରଧାନଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ବୈଠକରେ କାଉନଶିଲର ଜତିନ କୁମାର ନାୟକ, ଚନ୍ଦ୍ରଶେଖର ଭୁକ୍ତା, ଆଲୋକ କୁମାର ଅମାନ୍ତ, ରାଜକିଶୋର ଦାଶ, ଦୀପନ କୁମାର ନାୟକ, ବିକାଶ କୁମାର ମିଶ୍ର ଓ ଅଖିଳ ସାମଲଙ୍କ ସମେତ ଜିଲା ପରିଷଦ ବାରକୋଟ (ଜୋନ-୧) ଅଞ୍ଚଳର ଶତାଧିକ ବିଜେଡି ନେତା, କର୍ମୀ ଓ ନିର୍ବାଚନ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ବସାଲଇ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର): ବାରକୋଟ ବ୍ଲକ ବସାଲଇ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦାଶରଥୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓ ରଞ୍ଜନ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ଗଡନାୟକ ବିବରଣୀ ପାଠ କରିଥିଲେ। ମେଳାରେ ବରିଷ୍ଠ ବିଭାଗରେ ଶିବା ଲୁହୁରାଙ୍କ ପ୍ରକଳ୍ପ ପ୍ରଥମ, ଆରିନ ସାହୁଙ୍କ ପ୍ରକଳ୍ପ ଦ୍ୱିତୀୟ ଏବଂ ରାହୁଲ ମହାକୁଳ ଓ ଶ୍ରଦ୍ଧା ସୁମନ ସାମଲ(ଯୁଗ୍ମ)ଙ୍କ ପ୍ରକଳ୍ପ ତୃତୀୟ ହୋଇଥିଲା। କନିଷ୍ଠ ବିଭାଗରେ ବର୍ଷା ବେହେରାଙ୍କ ପ୍ରକଳ୍ପ ପ୍ରଥମ, ଭରତ ବଣିଚୁଲଙ୍କ ପ୍ରକଳ୍ପ ଦ୍ୱିତୀୟ, କାହ୍ନା ବେହେରା ଓ ସୋନାଲି ଗରଡିଆ(ଯୁଗ୍ମ)ଙ୍କ ପ୍ରକଳ୍ପ ତୃତୀୟ ବିବେଚିତ ହୋଇଥିଲା। ଉପ କନିଷ୍ଠ ବିଭାଗରେ ରାନୀ ଗୁମାନସିଂଙ୍କ ପ୍ରକଳ୍ପ ପ୍ରଥମ, ମାମାଲି ବେହେରାଙ୍କ ପ୍ରକଳ୍ପ ଦ୍ୱିତୀୟ ଏବଂ ଆଦିତ୍ୟ ସାହୁଙ୍କ ପ୍ରକଳ୍ପ ତୃତୀୟ ହୋଇଥିଲା।

# ତୁଳସୀ ଯାତ୍ରାରେ ସାମିଲ ହେବେ ଶତାଧିକ କର୍ମୀ

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ଭକ୍ତଙ୍କ ପାଇଁ ପୁରୀ ସ୍ଥିତ ଶ୍ରୀ ମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନ ଭଣ୍ଡାରରେ ଥିବା ତିନି ଠାକୁରଙ୍କର ସମସ୍ତ ରତ୍ନ ଗଣତି କରିବା, ଭଣ୍ଡାର ଘର ମରାମତି କରିବା ଆଦି ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ତୁଳସୀ ଯାତ୍ରା ଅନୁଷ୍ଠିତ ହେବ। ଡିସେମ୍ବର ୧ରୁ ତୁଳସୀ ଯାତ୍ରା ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ପୁରୀରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ୭୦ ପଞ୍ଚାୟତରୁ ଶହଶହ ସଂଖ୍ୟାରେ କର୍ମୀ ଅଂଶଗ୍ରହଣ କରିବେ। ଏନେଇ ଶନିବାର ସଂଧ୍ୟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ଉପ ସଭାପତି ମଞ୍ଜୁଳ କୁମାର ନାଏକ, କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର ଓ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହି ଉପରୋକ୍ତ ସୂଚନା ପ୍ରଦାନ କରିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କୋଷାଧ୍ୟକ୍ଷ ଶ୍ରୀତମ ସାହୁ, କ୍ଷୀରୋଦ ନାରାୟଣ ସାହୁ ଓ ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ୍

ଦେବଗଡ଼,୧୮।୧୧
(ଶଶାଙ୍କ ଶେଖର ଝାଙ୍କର)




ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଶୁକ୍ରବାର ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସରଗୀ ଫୁଲ୍ ପାଳିତ ହୋଇଯାଇଛି। ଜିଲା ମଙ୍ଗଳ ଅଧୀକାରୀ ବିଭୂରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ସମ୍ମାନୀତ ଅତିଥିଭାବେ ତିଲେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ସଂଧାରାଣୀ ମାଝି, ସମ୍ବଲପୁର ସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ମଣ୍ଡଳ ଶିକ୍ଷା ଅଧିକାରୀଣୀ ପାନମଣି ମୁର୍ମୁ, ଜିଲା ଶିକ୍ଷା ନିରୀକ୍ଷକ ନରେଶ ଖମାରୀ ଓ ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମ ପରିଡା ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭାଗ ଅଧିନରେ ଥିବା ଜିଲାର ସମସ୍ତ ସରକାରୀ ଏବଂ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ଜୁନିୟର ଓ ସିନିୟର ସ୍ତରରେ ଆୟୋଜିତ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ଏକକ ନୃତ୍ୟ, ଦଳଗତ ନୃତ୍ୟ ଓ ଜଣା ଅଜଣା ଆଦି ପ୍ରତିଯୋଗିତା ସମେତ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିଲେ। ସଭା ପ୍ରାରମ୍ଭରେ କାଳିଆପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କଂସର ସରକାରୀ ହାଇସ୍କୁଲର ଶିକ୍ଷକ ନବୀନ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଧ୍ୟାରେ ଜିଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ରାଜେନ୍ଦ୍ର ବାନାରା, ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ମୁଖ୍ୟ ବକ୍ତାଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିଜୟ କୁମାର ମହାରଣା ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କଂସର ସରକାରୀ ହାଇସ୍କୁଲର କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ, ଲକ୍ଷ୍ମୀକାନ୍ତ ସୁନା, ପାରପୋଶି ଆଶ୍ରମ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କାଉ, ଗୟଳମରା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର କିଷାନ, ସଇଡା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ରସାନନ୍ଦ ବେହେରା, ଖୁଲୁଣ୍ଡିକୁଦର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦେହୁରୀ, ଡିମିରିପୋଶି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବେହେରା, ଝରବାହାଳ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତମା ପ୍ରଧାନ, ଶିକ୍ଷୟିତ୍ରୀ ସିସ୍ମାଶ୍ରୀ ବେହେରା, ନନ୍ଦିତା ସାହୁ, ଜୟଶ୍ରୀ ଦେବତା, ସୀମନ୍ତିନୀ ଗଡନାୟକ, ରଶ୍ମିତା ଜେନା, ଜିଲା ମଙ୍ଗଳ କାର୍ଯ୍ୟାଳୟର ସେକ୍ସନ ଅଫିସର ରଶ୍ମି ରାଣୀ ଦେବୀ, ବରିଷ୍ଠ କିରାଣି ରୀନା ରାଣୀ ମାଝି, ଲମ୍ବୋଦର ତରିଆ, କର୍ମଚାରୀ ସାମାନ୍ଥା ବାରା, କମଳିନୀ ରଥ, ଅଶୋକ କୁମାର ଦାସ, ହେମନ୍ତ କୁମାର ପଣ୍ଡା, କଲ୍ୟାଣ କିଶୋର କର, ମନୀଷା ପ୍ରଧାନ ଓ ପୂର୍ଣ୍ଣାଞ୍ଜଳି ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# ବ୍ରେକ୍ଅପ୍



ଯେବେ ମଣିଷ କାହାକୁ ହୃଦୟରୁ ଭଲପାଏ, ସେ ତାକୁ ଜୀବନସାଥୀ ଭାବେ ସବୁବେଳେ ନିଜର କରିବାର ସ୍ୱପ୍ନ ଦେଖେ। ହେଲେ ଯେବେ ସେହି ସ୍ୱପ୍ନର ମଣିଷ କୌଣସି କାରଣରୁ ଛାଡ଼ି ଚାଲିଯାଏ ବା ଉଭୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଏ (ବ୍ରେକ୍ଅପ୍), ସେତେବେଳେ ମନକୁ ସମ୍ଭାଳିବା କଷ୍ଟ ହୋଇପଡ଼େ। ବିଶେଷକରି ଯେବେ ବହୁତ ଭଲ ପାଉଥିବା ମଣିଷ ଅନ୍ୟ କାହା ପାଇଁ ଧୋକାଦିଏ, ସେତେବେଳେ ପ୍ରେମୀଜଣଙ୍କ ଡିପ୍ରେଶନ୍କୁ ଚାଲିଯାଏ। ସେ ଏହି ଦୁଃଖ ସମ୍ଭାଳି ନ ପାରି ସବୁବେଳେ ଉଦାସ ରହିବା ଦ୍ୱାରା ନିଜ ପାଠପଢ଼ା, ଜବ୍ ଆଦି ସହ ପରିବାରକୁ ବି ଅବହେଳା କରିବସେ। କେବଳ ଏତିକି ନୁହେଁ, କେହି କେହି ଏଭଳି ପରିସ୍ଥିତିରେ ମାନସିକସ୍ତରରେ ଏତେ ଦୁର୍ବଳ ହୋଇପଡ଼ନ୍ତି ଯେ, ଆତ୍ମହତ୍ୟା କରିବାକୁ ପଛାନ୍ତି ନାହିଁ। ହେଲେ ବ୍ରେକ୍ଅପ୍ ପରେ ଏସବୁ ଭୁଲ୍ ନିଷ୍ପତ୍ତି ନେଇ ନିଜ ସହ ପରିବାରକୁ କଷ୍ଟ ଦେବା ବଦଳରେ କେତେକ ଉପାୟ ଆପଣେଇଲେ ଏହି କଷ୍ଟରୁ ଶୀଘ୍ର ମୁକୁଳି ପୁଣି ମାନସିକସ୍ତରରେ ଦୃଢ଼ ହୋଇ ଆଗକୁ ବଢ଼ିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

ପ୍ରେମ ଏକ ଏଭଳି ସମ୍ପର୍କ, ଯାହାକି ଦୁଇ ଅଚିହ୍ନା ମଣିଷଙ୍କୁ ବି ଏକାଠି କରିପାରେ। ଏହି ନିଃସ୍ୱାର୍ଥପର ଶାଶ୍ୱତ ସମ୍ପର୍କ ଦୁଇ ହୃଦୟକୁ ଏକ ସୂତ୍ରରେ ବାନ୍ଧିରଖେ । ଏହି ସମ୍ପର୍କରେ କେବେ ଭଲପାଇବା ତ ଆଉ ପୁଣି କେବେ ରାଗ, ରୁଷା, ଅଭିମାନ ବି ଥାଏ। ହେଲେ ଏଥିରେ ଯେବେ ସ୍ୱାର୍ଥ ଓ ଛଳନା ଆସେ, ସେଇଠୁ ଆରମ୍ଭ ହୁଏ ମନାନ୍ତର। ଆଉ ସେଇଠୁ ଭାଙ୍ଗିଯାଏ ସମ୍ପର୍କ ବା ହୁଏ ବ୍ରେକ୍ଅପ୍, ଯାହାକି ପ୍ରକୃତରେ ଭଲପାଉଥିବା ମଣିଷକୁ ମାନସିକସ୍ତରରେ କରିଦିଏ ଦୁର୍ବଳ...



**ପ୍ରେମରେ ହୁଅନ୍ତୁନି ଅନ୍ଧ:** ପ୍ରେମ ନିଶ୍ଚିତ ଭାବେ ଏକ ପବିତ୍ର ଓ ମଧୁର ସମ୍ପର୍କ, ଯାହାକୁ ସାରା ଜୀବନ ଅତୁଟ ରଖିବାକୁ ମଣିଷ କିଛି ବି କରିପାରେ। ହେଲେ ବର୍ତ୍ତମାନ ପ୍ରେମୀ ଯୋଡ଼ିଙ୍କ ମଧ୍ୟରୁ ମାତ୍ର କେତେକ ଯୋଡ଼ିଙ୍କ ସମ୍ପର୍କ ସାରା ଜୀବନ ଅତୁଟ ରହିପାରୁଛି। କାରଣ ଆଜିକାଲି ଅନେକ ଯୁବତୀ ଯୁବକଙ୍କ ପାଇଁ ଯେମିତି ଏହା ପାଲଟିଛି ସ୍ୱାର୍ଥହାସଲର ଏକ ମାଧ୍ୟମ। ସେମାନଙ୍କ ପାଇଁ ସମ୍ପର୍କ ଯୋଡ଼ିବାକୁ ଯେତିକି



ସମୟ ନ ଲାଗୁଛି, ସ୍ୱାର୍ଥହାସଲ ପରେ ବ୍ରେକ୍ଅପ୍ ପାଇଁ ତା'ଠାରୁ କମ୍ ସମୟ ଲାଗୁଛି। ହେଲେ ଏହା ଯେ ଅନ୍ୟ ଜଣଙ୍କୁ ମାନସିକସ୍ତରରେ କେତେ କଷ୍ଟ ଦେଉଛି, ସେଥିପାଇଁ ସେମାନଙ୍କର ପରବାୟ ନାହିଁ। ଏମିତିକି ଏହି ଦୁଃଖରେ ଅନେକ ଆତ୍ମହତ୍ୟା ଭଳି ଘଟଣା ବି ବୃଦ୍ଧି ପାଉଛି। ତେଣୁ ମନେରଖନ୍ତୁ, ଯଦି ଭଲପାଇବା ପ୍ରକୃତ ହୋଇଥାଏ ; ତେବେ ବ୍ରେକ୍ଅପ୍ ହୋଇ ନ ଥାଏ। ଆଉ ଯଦି ବ୍ରେକ୍ଅପ୍ ହୁଏ ଏବଂ ଭଲପାଉଥିବା ମଣିଷଠାରେ ଆପଣଙ୍କୁ ହରାଇବାର ଦୁଃଖ ନ ଥାଏ, ତେବେ ବୁଝିନିଅନ୍ତୁ ଏହା ଏକ ଛଳନା ଥିଲା। ଏଥିରେ ଦୁଃଖ ପ୍ରକାଶ କରି ନିଜକୁ କଷ୍ଟ ଦେବା କିମ୍ବା କୌଣସି ଭଲ ନିଷ୍ପତ୍ତି ନେଇଯିବା ବଦଳରେ ମାନସିକସ୍ତରରେ ଦୃଢ଼ ହୋଇ ନିଜ ପରିବାର ଓ ସାଙ୍ଗସାଥୀଙ୍କ ସହ ସମୟ ବିତାନ୍ତୁ, ଦେଖିବେ ଖୁବ୍ଶୀଘ୍ର ନିଜକୁ ସମ୍ଭାଳିନେବା ସହଜ ହୋଇଯିବ।



**ଚାପି ରଖନ୍ତୁନି କଷ୍ଟ:** ନିଜ କଷ୍ଟ ଓ ଭାବନାକୁ ଭିତରେ ଚାପି ରଖି ଏକା ଏକା କାନ୍ଦିବା ଭଳି ଭୁଲ୍ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ମନ ଉଦାସ ରହିଥାଏ। ତେଣୁ ମନର ସବୁ କଷ୍ଟ, ଭଲ ମନ୍ଦ କଥା, ଅନୁଭବ ଆଦିକୁ ଅନ୍ୟ ଆଗରେ ବା କୌଣସି ବିଶ୍ୱସ୍ତଙ୍କ ଆଗରେ ପ୍ରକାଶ କରନ୍ତୁ । ଏହାଦ୍ୱାରା ନା କେବଳ ଆପଣ ମାନସିକ ସ୍ତରରେ ହାଲୁକା ଅନୁଭବ କରିବେ ବରଂ ଡିପ୍ରେଶନ୍ରେ ଯାଇ ଆତ୍ମହତ୍ୟା ଭଳି ନକାରାତ୍ମକ ଚିନ୍ତାରୁ ଦୂରେଇପାରିବେ।

**ଇମୋଶନାଲ୍ ସପୋର୍ଟ:** ଯେବେ ଭଲପାଇବାର ସମ୍ପର୍କ ଭାଙ୍ଗେ ମାନସିକ ଯନ୍ତ୍ରଣା ବଢ଼ିଯାଏ, ଯାହାକୁ ଦୂର କରିବା ଲାଗି ନିହାତି ଜରୁରୀ ହୋଇପଡ଼େ ଇମୋଶନାଲ ସପୋର୍ଟ। ଆଉ ଏଥିପାଇଁ ନିଜ ଅଭିଭାବକ କିମ୍ବା ପରିବାର ସଦସ୍ୟ ଏବଂ ବେଷ୍ଟ ଫ୍ରେଣ୍ଡଙ୍କଠାରୁ ଭଲ ଆଉ କିଏ ବା ହୋଇପାରନ୍ତି ! ତେଣୁ ସେମାନେ ହିଁ ଆପଣଙ୍କୁ ଏହି ପରିସ୍ଥିତିରୁ ମୁକୁଳି ନିଜକୁ ଦୃଢ଼ କରିବା ଲାଗି ଇମୋଶନାଲ୍ ସପୋର୍ଟ ଦେଇପାରିବେ ଏବଂ ନିଜ କର୍ମପଥରେ ଆଗେଇ ସଫଳ ବ୍ୟକ୍ତିତ୍ୱ ହେବା ଦିଗରେ ସେମାନେ ହିଁ ପ୍ରେରଣା ଯୋଗାଇପାରିବେ।

**ନିଜ ପ୍ରତି ଧ୍ୟାନ ଦିଅନ୍ତୁ:** ପ୍ରେମ ହିଁ ସବୁ କିଛି। ତା' ବିନା ଜୀବନ ଅଧୁରା। ଜଣେ ଛାଡ଼ିଗଲେ ସବୁକିଛି ଚାଲିଗଲା ଏସବୁ ଭାବନା ଦୂର କରନ୍ତୁ। ଗୋଟିଏ ଘରେ ଏକାକୀ ବସି ନ ରହି ସମସ୍ତଙ୍କ ସହ କଥା ହୁଅନ୍ତୁ। ଠିକ୍ ସମୟରେ ଖାଆନ୍ତୁ, ରାତିରେ ଅନିଦ୍ରା ନ ରହି ଠିକ୍ ଭାବେ ଶୁଅନ୍ତୁ। ଏହାଦ୍ୱାରା ଶରୀର ସୁସ୍ଥ ରହିପାରିବ।

**ଆବଶ୍ୟକ ଟ୍ରିଟ୍ମେଣ୍ଟ:** ଏହିସବୁ ପରେ ବି ଯଦି ଆପଣ ନିଜକୁ ମାନସିକ ସ୍ତରରେ ଦୁର୍ବଳ ମନେକରୁଛନ୍ତି କିମ୍ବା ହାର୍ଟବ୍ରେକ୍ କଷ୍ଟରୁ ମୁକୁଳି ନ ପାରି ଡିପ୍ରେଶ୍ ରହୁଛନ୍ତି, ତେବେ ଆଦୌ ବିଳମ୍ବ ନ କରି କୌଣସି ମାନସିକ ରୋଗ ବିଶେଷଜ୍ଞ, ଥେରାପିଷ୍ଟ, ରିଲେଶନ୍ସିପ୍ କାଉନ୍ସିଲର୍ଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ଉପାୟ ଫଲୋ କଲେ ଶୀଘ୍ର ଏହି କଷ୍ଟରୁ ମୁକୁଳି ଆସି ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଫିଟ୍ ଏବଂ ଖୁସି ଅନୁଭବ କରିବେ।





## ଏ ସପ୍ତାହର ପ୍ରଶ୍ନ

୧– ଭିଜିଲାନ୍ସ ଆୱାର୍ନେସ୍ ୱିକ୍–୨୦୨୩ର ଥିମ୍ ..................... ?
୨– ମୟୂରାକ୍ଷୀ ନଦୀ ଭାରତୀୟ ............... ରାଜ୍ୟ ଦେଇ ପ୍ରବାହିତ ହେଉଛି ?
୩– ଭାରତର ...............ସହର ପୃଥିବୀର ଚତୁର୍ଥ ଜନସଂଖ୍ୟା ବହୁଳ ସହର ?
୪– ଭାରତରେ ୨୦୨୩ ମସିହାରେ ............... ପ୍ରତିଶତ କ୍ଷୁଦ୍ର ଚାଷୀ ଅଛନ୍ତି ?
୫– ୱାର୍ଲ୍ଡ ୟୁଏଫ୍ଓ ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ସପ୍ତାହର ଉତ୍ତର

୧ ମେରା ଯୁବା ଭାରତ ପ୍ଲାଟ୍ଫର୍ମ
୨ ନୀର୍ଜା ଭାନୋଟ୍
୩ ଚାଇନା
୪ ୨୦
୫ ୟୁକେ

## ଉତ୍ତରଦାତା



ଚନ୍ଦ୍ରଶେଖର ସାହୁ, ଯାଜପୁର



କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର



ମ୍ରିନାଲ୍ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ଟଏ ବ୍ରାଣ୍ଡ




୧– ଦି ଲିଗୋ ଗ୍ରୁପ୍ ................................................ ଡେନ୍ମାର୍କ
୨– ବାନ୍ଦାଇ ନାମ୍କୋ ହୋଲ୍ଡିଂସ୍ ................................ ଜାପାନ
୩– ଫିସର୍– ପ୍ରାଇସ୍ ............................................ ଆମେରିକା
୪– ବାର୍ବି.......................................................... ଆମେରିକା
୫– ନର୍ଫ ........................................................ ଆମେରିକା
୬– ଡ୍ରାଗନ୍ ବଲ୍ ................................................ ଜାପାନ
୭– ହାସ୍ବ୍ରୋ .................................................... ଆମେରିକା
୮– ହଟ୍ ହ୍ୱିଲ୍ସ ................................................. ଆମେରିକା
୯– ପପ୍ ମାର୍ଟ .................................................. ଚାଇନା
୧୦– ମାଇଁ ଲିଟ୍ଲ ପୋନି ....................................... ଆମେରିକା

## ଜାଣନ୍ତୁ ଦୁନିଆ

# ନିଆରା ଦେଶ

ପୃଥିବୀରେ ଥିବା ସମସ୍ତ ଦେଶ ପରସ୍ପରଠୁ ଭିନ୍ନ। ହେଲେ ଏହା ମଧ୍ୟରେ ଅନେକ ଦେଶ କିଛି ନିଆରା ବିଶେଷତ୍ୱକୁ ନେଇ ବେଶ୍ ପରିଚିତ। ଜାଣିବା ଏଭଳି କିଛି ଦେଶ ସମ୍ପର୍କରେ...

- ପୃଥିବୀର ସବୁଠୁ ପୁରୁଣା ଦେଶ ହେଉଛି ସ୍ୟାନ୍ ମ୍ୟାରିନୋ। ଏହା ପୃଥିବୀର ଏକମାତ୍ର ଦେଶ, ଯେଉଁଠି ଜନସଂଖ୍ୟା ତୁଳନାରେ କାର୍ ସଂଖ୍ୟା ଅଧିକ।
- ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର, ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।
- ପପୁଆ ନ୍ୟୁ ଗିନୀ ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ। ତେବେ ଏଠାକାର ରାଷ୍ଟ୍ରୀୟ ଭାଷା ଇଂଲିଶ୍ ହୋଇଥିଲେ ହେଁ ମାତ୍ର ୧–୨ ପ୍ରତିଶତ ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି।
- ନାଇଜର ହେଉଛି ପୃଥିବୀର ସର୍ବାଧିକ ଯୁବ ବର୍ଗ ଥିବା ଦେଶ। ଅର୍ଥାତ୍ ଏହି ଦେଶର ସମୁଦାୟ ଜନଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।
- ପୃଥିବୀର ସବୁଠୁ କ୍ଷୁଦ୍ରତମ ଦେଶ ହେଉଛି ଭାଟିକାନ ସିଟି, ଯାହାର କ୍ଷେତ୍ରଫଳ ମାତ୍ର ୦.୪୯ ବର୍ଗକିଲୋମିଟର।
- ବିଶ୍ୱରେ ପାକିସ୍ତାନ ଏପରି ଏକ ଦେଶ, ଯେଉଁଠାରେ ରାଷ୍ଟ୍ରପତି ପଦ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ପଡ଼େ ନାହିଁ। କିନ୍ତୁ ଏଠାରେ ଥିବା ସ୍କୁଲ୍ରେ ଚାକିରି କରିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ଦରକାର ପଡ଼ିଥାଏ।
- ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଂକଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।
- ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।
- ପୃଥିବୀର ପ୍ରାୟ ୯୦% ମଧୁର ଜଳ ଆଣ୍ଟାର୍କାଟିକାରେ ରହିଛି।
- ପୃଥିବୀରେ ଥିବା ସମୁଦାୟ ତିନୋଟି ସିଟି–ଷ୍ଟେଟ୍ ମଧ୍ୟରେ ସିଙ୍ଗାପୁର ମଧ୍ୟ ରହିଛି, ଯାହାର କୌଣସି ରାଜଧାନୀ ନାହିଁ। ପୃଥିବୀର ପ୍ରଥମ ନାଇଟ୍ ଜୁ ବା ରାତ୍ର ଚିଡ଼ିଆଖାନା ଏବଂ ନାଇଟ୍ ସଫାରି ଏଠାରେ ରହିଛି।



## ତଥାପି ସଫଳ

# ଦୁଃସାହସୀ ବାପିନା





କଥାରେ ଅଛି ଦୃଢ଼ ମନୋବଳ ଥିଲେ 'ପଙ୍ଗୁ ଲଙ୍ଘୟତେ ଗିରିମ୍'। ଅର୍ଥାତ୍ ଆତ୍ମବିଶ୍ୱାସ ଓ ନିଷ୍ଠା ବଳରେ ଅସମ୍ଭବ ବି ସମ୍ଭବ ହୋଇପାରେ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ସେ। ଜଣେ ଦୃଷ୍ଟିହୀନ ଭାବେ ଦୁନିଆର ଆଲୋକ ନ ଦେଖିପାରୁଥିଲେ ବି ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ଆକାଶରେ ଉଡ଼ିବାଠାରୁ ଆରମ୍ଭ କରି ଦୁର୍ଗମ ପାହାଡ଼ ଶିଖର ଛୁଇଁବା ଭଳି ଦୁଃସାହସିକ କାର୍ଯ୍ୟ ଦ୍ୱାରା ସଭିଙ୍କ ମନରେ ଜଣେ ରିୟଲ ହିରୋ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିବାରେ ହୋଇଛନ୍ତି ସକ୍ଷମ। ସେ ହେଉଛନ୍ତି ନୟାଗଡ଼ ଜିଲା ଶରଣକୁଳ ଭିକାରୀପଡା ଗ୍ରାମର ମାଆ ଚଞ୍ଚଳା ଓ ବାପା ପ୍ରଫୁଲ୍ଲ ନାୟକଙ୍କ ପୁଅ ବାପିନା। ଜନ୍ମରୁ ସେ ଦୃଷ୍ଟିବାଧିତ। ଏଣେ ପରିବାରର ଆର୍ଥିକ ପରିସ୍ଥିତି ମଧ୍ୟ ନ ଥିଲା ସ୍ୱଚ୍ଛଳ। ତଥାପି ଅଭାବ, ଅନଟନ ଓ ଅନେକ ବାଧାବିଘ୍ନ ସତ୍ତ୍ୱେ ସେ ନିଜକୁ ମାନସିକସ୍ତରରେ ଦୃଢ଼ ରଖି ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ଏବଂ ପର୍ବତାରୋହୀ ଭାବେ ଇତିହାସ ସୃଷ୍ଟି କରିପାରିଛନ୍ତି। ଆଉ ନା କେବଳ ଦିବ୍ୟାଙ୍ଗମାନଙ୍କ ପାଇଁ ବରଂ ସମସ୍ତ ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ। ପିଲାଦିନୁ ଆକାଶରେ ଉଡ଼ିବାକୁ ନେଇ ସେ ସ୍ୱପ୍ନ ଦେଖୁଥିଲେ। ଏଥିପାଇଁ ପାରାଚ୍ୟୁଟ୍ରେ ଉଡ଼ିବା ତାଲିମ ମଧ୍ୟ ନେଲେ। ନିକଟରେ ବଙ୍ଗୋପସାଗରର ଚନ୍ଦ୍ରଭାଗା ମୁହାଣରେ ସମୁଦ୍ର ପତନଠାରୁ ୩୩୦ ଫୁଟ୍ ଉଚ୍ଚତାରେ ଏକାକୀ ଉଡ଼ି ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ଚନ୍ଦକା–ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ୧୧୦୦ ଫୁଟ୍ ଉଚ୍ଚତା କନ୍ଦଲେଇ ପାହାଡ଼ରେ ସଫଳତାର ସହ ଚଢ଼ି ଶିଖରରେ ଜାତୀୟ ପତାକା ଉଡ଼ାଇ ଇତିହାସ ରଚିଛନ୍ତି। କ୍ରିକେଟ୍ ଏବଂ ଫୁଟ୍ବଲ୍ ଖେଳିବାରେ ମଧ୍ୟ ତାଙ୍କର ବିଶେଷ ରୁଚି ରହିଛି। ଏହାବ୍ୟତୀତ ଦୃଷ୍ଟିହୀନଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବ୍ଲୁ ଆଇ'ର ସମ୍ପାଦକ ଭାବେ ସେ କାର୍ଯ୍ୟ ମଧ୍ୟ କରୁଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମିଳିଛି ପ୍ରଶଂସା ଓ ପୁରସ୍କାର। ନିଜର ସମସ୍ତ ସଫଳତାର ଶ୍ରେୟ ଅଭିଭାବକ, ସାମାଜିକ କର୍ମୀ ସୁଶାନ୍ତ ସାହୁ ଏବଂ କୋଚ ତ୍ରିଲୋଚନ ବେଉରାଙ୍କୁ ଦେଉଥିବା ବାପିନା ଚଳିତବର୍ଷ ସ୍ନାତକଡିଗ୍ରୀ ହାସଲ କରିବା ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଆଗକୁ ଆହୁରି ଦୁଃସାହସିକ କାର୍ଯ୍ୟ କରି ଜଣେ ଦିବ୍ୟାଙ୍ଗ ବି ସବୁ କରିପାରିବେ ଏକଥା ପ୍ରମାଣିତ କରିବାର ଲକ୍ଷ୍ୟ ରଖି ଆଗେଇ ଚାଲିଛନ୍ତି।

– ସୁବାସ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡି ମାଲକାନଗିରି ଜିଲା କମିଟି ପୁନର୍ଗଠିତ

## ମୁକୁନ୍ଦ ସୋଡି ଉପଦେଷ୍ଟା

ଭୁବନେଶ୍ୱର,୧୮।୧୧(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ମାଲକାନଗିରି ଜିଲା କମିଟି ପୁନର୍ଗଠନ କରାଯାଇଛି। ଏହି କମିଟିରେ ମୁକୁନ୍ଦ ସୋଡ଼ିଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୀମାଞ୍ଚଳ ପ୍ରଧାନ, ସୁରେନ୍ଦ୍ର ନାଥ ରଥ ଏବଂ ମନୀନ୍ଦ୍ରନାଥ ଗୋଲଦାରଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଶୁଭ୍ରାଂଶୁ ଶେଖର ସାହୁ ଏବଂ ବିଜୟକ୍ରିଷ୍ଣ ଦାସଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପ ବିଶ୍ୱାସ, କ୍ରିଷ୍ଣପଦ ମଣ୍ଡଳ, ଇନ୍ଦୁ ମାଧବ ସରଦାର, ରବି ମେସାକ ମାଦ୍ରି, ପି. ପ୍ରସାଦ ରାଓ, ହରିବନ୍ଧୁ ହନ୍ତାଲ, ତୁଳସୀ ଦଳାଇ ଏବଂ କୁନୁ ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମାଥିଲି ବ୍ଲକ ସଭାପତି ଭାବେ ବିଦ୍ୟା ପୂଜାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସୁକର ମୁଦୁଲିଙ୍କୁ ଚିତ୍ରକୋଣ୍ଡା ବ୍ଲକର କାର୍ଯ୍ୟକାରୀ ସଭାପତି ଓ ବିଶ୍ୱନାଥ ରେଙ୍ଗୀଙ୍କୁ କାଲିମେଳା ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଜୟପୁରସ୍ଥିତ ସବାଇ ମାନସିଂ ହସ୍ପିଟାଲରେ ଆହତ ସରକାରୀ ଅଧିକାରୀ ହର୍ଷଦିପାଟି ବାଲ୍ମୀକିଙ୍କୁ ସାକ୍ଷାତକରି ଫେରୁଛନ୍ତି।

# ଆଦିତ୍ୟ ଠାକ୍‌ରେଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୮।୧୧

ପ୍ରଶାସନର ଅନୁମତି ନ ନେଇ ମୁମ୍ବାଇର ଲୋୟର ପାରେଲ୍ ଅଞ୍ଚଳରେ ଏକ ବ୍ରିଜ୍ ଉଦ୍‌ଘାଟନ କରିବା ଅଭିଯୋଗରେ ଶିବସେନା(ୟୁବିଟି) ବିଧାୟକ ଆଦିତ୍ୟ ଠାକ୍‌ରେ ଓ ଅନ୍ୟ କେତେଜଣଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଆଦିତ୍ୟ କହିଛନ୍ତି, ବ୍ରିଜ୍ ନିର୍ମାଣ କାର୍ଯ୍ୟ ୨ ସପ୍ତାହ ପୂର୍ବରୁ ଶେଷ ହୋଇଥିଲେ ହେଁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପାଖରେ ସମୟ ନ ଥିବାରୁ ଏହା ସର୍ବସାଧାରଣଙ୍କ ପାଇଁ ଉଦ୍‌ଘାଟନ ହୋଇପାରୁ ନ ଥିଲା। ଆଦିତ୍ୟଙ୍କ ସହ ଶିବସେନା (ୟୁବିଟି) ବିଧାନ ପରିଷଦ ସଦସ୍ୟ ସଚିନ ଅହିର, ସୁନୀଲ ଶିନ୍ଦେ, ପୂର୍ବତନ ମେୟର କିଶୋରୀ ପେଡନେକର ଏବଂ ସ୍ନେହାଲ ଆମ୍ବେକର ଓ ୧୫ରୁ ୨୦ ଜଣ ଦଳୀୟ କର୍ମୀ ଗୁରୁବାର ରାତିରେ ଡେଲିସ୍ଲ ବ୍ରିଜ୍‌ର ଦ୍ୱିତୀୟ କ୍ୟାରେଜ୍‌ୱେକୁ ଉଦ୍‌ଘାଟନ କରିଥିଲେ।


## CLASSIFIED DISPLAY

| TARIFF MORE SPACE • SAME PRICE (GST 5%) | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30 days | |
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଜେଡିରେ ଭାଜପା ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର,୧୮।୧୧
(ଅନିଲ ଦାସ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀର ୨୦୧୪ ଏବଂ ୨୦୧୯ର ଭାଜପା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ ଶନିବାର ଶତାଧିକ ଭାଜପା କର୍ମୀ ଓ ସମର୍ଥକଙ୍କ ସହ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ। ବଜେଡିରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ପାଟଣା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମଙ୍ଗରାଜ କହିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଭାଜପା ନେତା ଭବାନୀ କହିଛନ୍ତି, ଭାଜପାରେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଥିଲେ ମଧ୍ୟ ଆମ୍ଭମାନଙ୍କୁ ସର୍ବଦା ଅଣଦେଖା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଭାଜପା ମଣ୍ଡଳ ସଭାପତି ଈଶ୍ୱର ଚନ୍ଦ୍ର ନାଏକ, ଅଖିଳ ଭାରତୀୟ ଗୋଣ୍ଡୱାନା ମହାସଭା ସଭାପତି ଚନ୍ଦ୍ର ମୋହନ ନାଏକ, ଆର୍‌ଏସ୍‌ପି ଭାରତୀୟ ମଜଦୁର ସଂଘ ସମ୍ପାଦକ ରବୀନ୍ଦ୍ର ନାଏକ, ସାହାରପଡ଼ା ପୂର୍ବତନ ସରପଞ୍ଚ ପାର୍ବତୀ ହୋ, ସାଉଁଟି ସମାଜର ଉପସଭାପତି ତାରାମଣୀ ନାୟକ, ଜୁଆଙ୍ଗ ସାଂସ୍କୃତିକ ସମାଜର ସମ୍ପାଦକ ଚିନ୍ତାମଣି ଜୁଆଙ୍ଗଙ୍କ ସମେତ ବହୁ ନେତା ବିଜେଡିରେ ଯୋଗ ଦେଇଛନ୍ତି।

# ଭାଜପାର ବିକ୍ଷୋଭ ବେଳେ ଭଙ୍ଗାରୁଜା

ପାଲଲହଡ଼ା,୧୮।୧୧
(ଦିବ୍ୟଜ୍ୟୋତି ଦାଶ)

ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଶନିବାର ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭାଜପା କର୍ମୀମାନେ ବିଡ଼ିଓଙ୍କୁ ନ ପାଇ କାର୍ଯ୍ୟାଳୟକୁ ଧସେଇ ପଶିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ମୁଖ୍ୟ କବାଟ ଏବଂ କେତୋଟି ଚୌକିକୁ କର୍ମୀମାନେ ଭଙ୍ଗାରୁଜା କରିଥିଲେ।

ସୂଚନା ଅନୁଯାୟୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଏବଂ ବରିଷ୍ଠ ନେତା ଲିଙ୍ଗରାଜ ଦାସଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। ପରେ ନେତା ଏବଂ କର୍ମୀମାନେ ବିଡ଼ିଓଙ୍କୁ ଦାବିପତ୍ର ଦେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ବିଡ଼ିଓ ଦିଲୀପ କୁମାର ବାରା କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ କାର୍ଯ୍ୟାଳୟକୁ ପଶି ଭଙ୍ଗାରୁଜା କରିଥିଲେ। ପରେ ପାଲଲହଡ଼ା ଥାନା ଅଧିକାରୀ ଓ ଭାଜପାର ବରିଷ୍ଠ ନେତୃବୃନ୍ଦଙ୍କ ପ୍ରଚେଷ୍ଟାରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାପରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ କର୍ମୀମାନେ ଯାଇଥିଲେ ମାତ୍ର ମଧ୍ୟାହ୍ନ ବିରତି ପାଇଁ ଉପଜିଲାପାଳ କାର୍ଯ୍ୟାଳୟରେ ନ ଥିବାରୁ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ। ପରେ ଉପଜିଲାପାଳ ସୁଶାନ୍ତ ପତି ପୋଲିସ ପ୍ରଶାସନ ସହାୟତାରେ ଦାବିପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ବିଡ଼ିଓ ବାରା କହିଛନ୍ତି, ସରକାରୀ କାର୍ଯ୍ୟରେ ଭୁବନେଶରରେ ଅଛି। ଭାଜପାର ଦାବିପତ୍ର ପ୍ରଦାନ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଭଙ୍ଗାରୁଜା ବିଷୟରେ ଉପଜିଲାପାଳଙ୍କ ସହିତ ପରାମର୍ଶ କରି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।



ପାଲଲହଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ଉତ୍ତେଜନା।

# ସୁରେଶ ମହାପାତ୍ରଙ୍କୁ ବିରୋଧ ଭାଜପାର ଭୟକୁ ପଦାରେ ପକାଇଛି: ବିଜେଡି

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଜଣେ ଦକ୍ଷ ଏବଂ କର୍ତ୍ତବ୍ୟନିଷ୍ଠ ଅଧିକାରୀ ସୁରେଶ ମହାପାତ୍ରଙ୍କ ନୂଆ ନିଯୁକ୍ତି ନେଇ ଭାଜପା ନେତାଙ୍କ ମନରେ ଥିବା ଭୟକୁ ପ୍ରମାଣିତ କରୁଛି। ଖାଲି ଏତିକି ନୁହେଁ, ସତ୍ୟବ୍ରତ ପଣ୍ଡା ପରୋକ୍ଷରେ କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ସହିତ କାଠଗଡ଼ାରେ ଛିଡା କରାଇ ଦେଇଥିବା ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି। ଶନିବାର ଶଙ୍ଖଭବନଠାରେ ଖବରଦାତାମାନଙ୍କୁ ସେ କହିଛନ୍ତି, ତଲାବିରା ବିଦ୍ୟୁତ୍ ପ୍ରକଳ୍ପ ନେଇ ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଉଠାଇଥିବା ପ୍ରସଙ୍ଗ ପ୍ରମାଣିତ କରୁଛି ଯେ ତାଙ୍କ ମୁଣ୍ଡରେ ସାମାନ୍ୟ ବୁଦ୍ଧି ନାହିଁ। ଅତ୍ୟନ୍ତ ପିଲାଳିଆମି ଭାବେ ଖବରଦାତା ସମ୍ମିଳନୀ କରି ଟିଭିରେ ମୁହଁ ଦେଖାଇବାର ଉତ୍ସୁକତା ପାଇଁ ସେ ଲୋକହସା ହେଉଛନ୍ତି। ସତକଥା ହେଲା, ଦେଶର ଅନେକ ରାଜ୍ୟକୁ ଓଡ଼ିଶା ବିଜୁଳି ଯୋଗାଉଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଏ ଦିଗରେ ପଦକ୍ଷେପ ନେଇଥାଏ। ଏଥିରେ ଓଡ଼ିଶାର ନିଜସ୍ୱ ନିଷ୍ପତ୍ତି କିଛି ନ ଥାଏ।

ସେହିଭଳି କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ମୁଖ୍ୟ ଶାସନ ସଚିବ ପଦବୀରେ ସୁରେଶଙ୍କ କାର୍ଯ୍ୟକାଳ ଅବଧି ୨ ଥର ବୃଦ୍ଧି ହୋଇଥିଲା। ହେଲେ ଟିଭିରେ ମୁହଁ ଦେଖାଇବା ଲାଳସାରେ ଭାଜପା ପ୍ରବକ୍ତା ନିଜ ଦଳର ସରକାରକୁ କାଠଗଡ଼ାରେ ଠିଆ କରାଇଛନ୍ତି। ଲାଗୁଛି ବୟସାଧିକ୍ୟ କାରଣରୁ ତାଙ୍କ ମୁଣ୍ଡ କାମ କରିବା ବନ୍ଦକରି ଦେଇଛି। କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିବାରୁ ଏବଂ ଅତୀତର ନିଷ୍ପତ୍ତିକୁ ସମାଲୋଚନା କରି ପ୍ରଶ୍ନଚିହ୍ନ ଠିଆ କରିଥିବାରୁ ତୁରନ୍ତ ଭାଜପା ରାଜ୍ୟ ସଭାପତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଉ ପଣ୍ଡାଙ୍କୁ କୌଣସି ଭଲ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ପାଇଁ ପରାମର୍ଶ ଦିଅନ୍ତୁ ବୋଲି ଇପ୍ସିତା କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ


# Classified Everyday
0674-2580101, 2549949



GROOM WANTED

ବୟସ 30 Private School ଚାକିରି, କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ, 8984072499. D-75307



AUTOMOBILE

HIRE

Wanted running condition Tata AC Vehicle or running Jeep and one running concrete Mixture Machine with Crane. 7809525452. D-75058



REAL ESTATE

SALE

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

Jagannath Nagar (Jharapada), Mahadev Nagar, Lane 1 Gharabari total Boundary, plot 2200sqft, out house, boring, @ 3500 per sqft. 8249502453, 9348299825. D-1825

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75268

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – 9437205314, 9937513595. D-75265

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263



CONSTRUCTION

Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856. D-1789

GENERAL SALE

One running DTP & Photocopy unit at Bhubaneswar to be sold out. Interested parties may contact 8249938067. D-1830




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

ମୁଁ ଜୁଲି ବେହେରା, ପିତା: ଗଣେଶ ବେହେରା, ଘର ଠିକଣା: ଭାପୁର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୧୦୩, ଆଧାର ନଂ.- XXXXXXXX୬୦୪୪ ଅନୁଯାୟୀ ଘୋଷଣା କରୁଅଛି କି, ଜୁଲି ବେହେରା ଯିଏ ଜୁଲି ଦାସ ସିଏ। ତେଣୁକରି ମୋର ନାମ ଜୁଲି ଦାସ ଭାବରେ ସମସ୍ତ କାର୍ଯ୍ୟରେ ବ୍ୟବହାର କରାଯିବ। ଧ-୭୫୦୪୯

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଭାଜପାରୁ ଇସ୍ତଫା ଦେଲେ ତ୍ରିପୁରାରୀ



ତ୍ରିପୁରାରୀ ଗରଡ଼ା

କୋରାପୁଟ,୧୮।୧୧
(ଅମିତାଭ ବେହେରା)

ଭାଜପାରୁ ଶନିବାର ଇସ୍ତଫା ଦେଇଛନ୍ତି ତ୍ରିପୁରାରୀ ଗରଡା। ତାଙ୍କ ଇସ୍ତଫାପତ୍ର ଦଳର ଜିଲା ସଭାପତି ଓ ରାଜ୍ୟ ସଭାପତିଙ୍କ ନିକଟକୁ ସେ ପଠାଇଥିବା ଶନିବାର କୋରାପୁଟ ପ୍ରେସ୍ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ପୂର୍ବରୁ ତ୍ରିପୁରାରୀ ବିଜେଡିରେ ଥିବାବେଳେ କୌଣସି କାରଣରୁ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ କୋରାପୁଟ ନିର୍ବାଚନ ମଣ୍ଡଳୀରୁ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ୩୩୫୦୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କୋରାପୁଟ ବିଧାନସଭା ଆସନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ବିଜେଡିରୁ ରଘୁରାମ ମାଛ ବହିଷ୍କୃତ ହେବା ପରେ ସେ ତାଙ୍କର ଶତାଧିକ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଭାଜପାରେ ଯୋଗଦେଇଥିଲେ। ଏହାର ସପ୍ତାହେ ନ ପୂରୁଣୁ ଗରଡା ଭାଜପାରୁ ଇସ୍ତଫା ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

RUCHI FOODLINE™
Since 1976
Karlo Dosti Sehat Se...
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
ବମ୍ପର ପୁରସ୍କାର: ୩ଟି କାର | 30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ଫେଷ୍ଟିଭାଲ ବୋନାଞ୍ଜା ଅଫର
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-୧: ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" କୁ ଖୋଜନ୍ତୁ
ଷ୍ଟେପ୍-୨: STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
www.ruchifoodline.com

# ଉତ୍ସାହ, ଉଦ୍ଦିପନା, ପୂଜାର୍ଚ୍ଚନା

କ୍ରିକେଟ ଉଷ୍ମତା ବଢ଼ିଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଦେଶର ଅନେକ ସ୍ଥାନରେ ଏବେ କେବଳ କ୍ରିକେଟକୁ ନେଇ ଚର୍ଚ୍ଚା। ଦିନିକିଆ କ୍ରିକେଟ ବିଶ୍ୱକପର ମେଗା ଫାଇନାଲ ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୧୯୮୩ ଓ ୨୦୧୧ରେ ଚାମ୍ପିୟନ ଏବଂ ୨୦୦୩ରେ ରନରଅପ୍ ଭାରତପାଇଁ ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଟାଇଟଲ ଜିତିବାର ସୁଯୋଗ ଆସିଛି। ଏଥିପାଇଁ ସାରା ଦେଶରେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଓ ଉଦ୍ଦିପନା ପ୍ରକାଶ ପାଇଛି। କେଉଁଠି ଟ୍ରଫି ଆକୃତିର ମାନବ ଶୃଙ୍ଖଳ କରି ତ ଆଉ କେଉଁଠି ରଙ୍ଗୋଲି ପକାଇ ହାତରେ ଜାତୀୟ ପତାକାଧରି ବିଭିନ୍ନ ସ୍କୁଲର ପିଲାମାନେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି। ଫାଇନାଲର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଅନେକ ସ୍ଥାନରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଅନେକ ସ୍ଥାନରେ ଭାରତୀୟ ଖେଳାଳିଙ୍କ ବଡ଼ ହୋର୍ଡିଂ ଲଗାଯାଇଛି। ଭାରତୀୟ ଦଳର ଶୁଭ ମନାସି ଓଡ଼ିଶା ସମେତ ଦେଶର କେତେକ ସ୍ଥାନରେ ଶନିବାର ପୂଜାର୍ଚ୍ଚନା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଅହମଦାବାଦ ସମେତ ଭାରତର ବିଭିନ୍ନ ସ୍ଥାନରେ ଏବେ ମେନ୍ ଇନ୍ ବ୍ଲୁର ଜର୍ସି ଏବଂ କ୍ୟାପ୍‌ର ଅନେକ ଚାହିଦା। ଅପେକ୍ଷା କେବଳ ସେହି ପ୍ରତୀକ୍ଷିତ ମୁହୂର୍ତ୍ତକୁ...



ଭାରତୀୟ ଦଳର ବିଜୟ ମନାସି ଲକ୍ଷ୍ନୌର ମଙ୍କମେଶ୍ୱର ମନ୍ଦିରରେ ମହନ୍ତ ଦିବ୍ୟଗିରି ପୂଜାର୍ଚ୍ଚନା କରୁଛନ୍ତି।



ମୋରାଦାବାଦର ଏକ ସ୍କୁଲରେ ପିଲାମାନେ ଆଇସିସି ବିଶ୍ୱକପ ଟ୍ରଫି ଆକୃତିରେ ସଜେଇ ହୋଇଛନ୍ତି।

# ଉପଭୋଗ୍ୟ ମ୍ୟାଚ ଅପେକ୍ଷାରେ

**ରିଚାର୍ଡ ହାଡଲୀ**

ଇଡେନ ଗାର୍ଡେନ୍ସରେ ଏକ ରୋମାଞ୍ଚକ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ୬ଷ୍ଠ ଥର ବିଶ୍ୱକପ୍ ଟାଇଟଲ ହାସଲ କରିବା ଆଶା ରଖିଛି। ଅଷ୍ଟ୍ରେଲିଆର ଏହା ହେଉଛି ୯ମ ବିଶ୍ୱକପ୍ ଫାଇନାଲ। ଏହି ଦଳ ଫେଭରାଇଟ ଭାରତ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ବର୍ତ୍ତମାନର ବିଶ୍ୱ ଟେଷ୍ଟ ଓ ଟି୨୦ ଚାମ୍ପିୟନ। ସଙ୍କଟରୁ କିପରି ଉଦ୍ଧାର ପାଇବା ଏବଂ ମ୍ୟାଚକୁ ଜିତିବା ଏହି କୌଶଳ ସେମାନଙ୍କୁ ଭଲରୂପେ ଜଣା। ଫେଭରାଇଟ ଭାରତୀୟ ଦଳକୁ ସେମାନେ ପରାସ୍ତ କରିପାରିବେ ବୋଲି ସେମାନଙ୍କ ମନରେ ଦୃଢ ବିଶ୍ୱାସ ରହିଛି। ଫଳତଃ ଅହମଦାବାଦରେ ଏକ ଐତିହାସିକ ମୁକାବିଲା ଦେଖିବାକୁ ମିଳିବ ବୋଲି ଆଶା କରାଯାଏ। ଟୁର୍ନାମେଣ୍ଟରେ ଦୁଇ ଦଳର ପ୍ରଦର୍ଶନ ଭଲ ରହିଛି। ଭାରତ କ୍ରମାଗତ ୧୦ଟି ଗେମ୍‌ରେ ବିଜୟ ହାସଲ କରିଥିବାବେଳେ ପ୍ରଥମ ଦୁଇଟି ମ୍ୟାଚରେ ପରାଜୟ ବରଣ କରିବା ପରେ ଅଷ୍ଟ୍ରେଲିଆ ଦୃଢ ପ୍ରତ୍ୟାବର୍ତ୍ତନ କରି ଲଗାତର ୮ଟି ମ୍ୟାଚ ଜିତିଛି। ଟୁର୍ନାମେଣ୍ଟରେ ବହୁ ନିର୍ଣ୍ଣାୟକ ଓ ପ୍ରଭାବୀ ବିଜୟ ସହ ଅପରାଜେୟ ରହିଥିବା ଭାରତ ପାଇଁ ତୃତୀୟ ଥର ବିଶ୍ୱକପ୍ ଜିତିବା ଲାଗି ଏଥର ବଡ଼ ସୁଯୋଗ ରହିଛି। ସେମିଫାଇନାଲରେ ଦଳ ପ୍ରଥମେ ନ୍ୟୁଜିଲାଣ୍ଡର ବୋଲିଂ ଏବଂ ପରେ ବ୍ୟାଟିଂ ୟୁନିଟ୍‌କୁ ନିୟନ୍ତ୍ରଣରେ ରଖିପାରିଥିଲା। ଅଷ୍ଟ୍ରେଲିଆ ଏହାର ମ୍ୟାଚଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିଛି। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ପରାଜୟ ପରିସ୍ଥିତିରୁ ମ୍ୟାଚ ଛଡ଼ାଇ ନେବାରେ ଦଳ ସଫଳ ହୋଇଥିଲା। ୨୯୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବାବେଳେ ଦଳ ଏକଦା ମାତ୍ର ୯୧ ରନରେ ଏହାର ୭ ବ୍ୟାଟରଙ୍କୁ ହରାଇ ସାରିଥିଲା। ମାତ୍ର ଗ୍ଲେନ ମାକ୍ସୱେଲଙ୍କ ମ୍ୟାଚ ବିଜୟୀ ଦ୍ୱିଶତକରେ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ମୋ ଦେଖିବାରେ ମାକ୍ସୱେଲଙ୍କ ଅପରାଜିତ ୨୦୧ ଇନିଂସ ସର୍ବଶ୍ରେଷ୍ଠ। ଇଞ୍ଜୁରୀ ସତ୍ତ୍ୱେ ସେ ଇନିଂସକୁ ଆଗେଇ ନେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଓ ଅଷ୍ଟ୍ରେଲିଆ ସେମାନଙ୍କ ପ୍ରଥମ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅଷ୍ଟ୍ରେଲିଆକୁ ୨୮୬ରେ ଅଲଆଉଟ କରିଦେବା ପରେ ଭାରତ ଏକଦା ମାତ୍ର ୨ ରନରେ ୩ ଉଇକେଟ ହରାଇ ବସିଥିଲା। କିନ୍ତୁ ବିରାଟ କୋହଲି ଓ କେ.ଏଲ୍. ରାହୁଲ ଆକର୍ଷଣୀୟ ବ୍ୟାଟିଂ କରି ଭାରତ ପାଇଁ ଏକ ସ୍ମରଣୀୟ ବିଜୟ ଆଣି ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅହମଦାବାଦରେ ଅଷ୍ଟ୍ରେଲିଆ ସର୍ବାଧିକ ସ୍କୋର ୨୮୬ ରନ କରିଥିଲା। ପାକିସ୍ତାନକୁ ୧୯୧ରନରେ ଅଲ୍‌ଆଉଟ କରି ଭାରତ ନିର୍ଦ୍ଧାରିତ ଓଭର ଶେଷ ହେବାକୁ ବହୁ ବଲ୍ ବାକି ଥାଇ ମ୍ୟାଚକୁ ସହଜରେ ଜିତି ନେଇଥିଲା। ଅହମଦାବାଦ ପିଚ୍ ଏ ପର୍ଯ୍ୟନ୍ତ ବ୍ୟାଟରମାନଙ୍କ ଲାଗି ଅନୁକୂଳ ରହିଛି। ଉଭୟ ପେସ୍ ଓ ସ୍ପିନ ବୋଲରମାନେ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। କହିବାକୁ ଗଲେ ସମସ୍ତ ପ୍ରକାର ଖେଳାଳିଙ୍କ ଲାଗି ଏହା ଉପଯୋଗୀ। ତେଣୁ ମ୍ୟାଚ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଁ ମଧ୍ୟ ଏଥିରେ ଲଢେଇ ହେବ। ଏହି ଦୌଡ଼ରେ ସର୍ବାଗ୍ରେ ରହିଥିବା କୋହଲି ୩ ଶତକ ସହ ମୋଟ ୭୧୧ ରନ ସଂଗ୍ରହ କରି ସାରିଛନ୍ତି। ବୋଲିଂରେ ମହମ୍ମଦ ଶାମି ତିନି ଥର ୫ଉଇକେଟ ସଫଳତା ସହ ୨୩ ଉଇକେଟ ନେଇ ସବୁଠାରୁ ଆଗରେ ରହିଛନ୍ତି। ଯୁଗ୍ମ ବିଜେତା ଘୋଷଣାର ସମ୍ଭାବନା ଦେଖାଦେଇଛି। ଅଷ୍ଟ୍ରେଲିଆ ଯଦି ଫାଇନାଲ ଜିତେ ତେବେ ଆଡାମ ଜାମ୍ପା (୨୨ଉଇକେଟ) ଡାର୍କ ହର୍ସ ସାବ୍ୟସ୍ତ ହୋଇପାରନ୍ତି।

(ଟିଭାକ ସ୍ପୋର୍ଟ୍ସ)




ଜମ୍ମୁରେ ବିଶ୍ୱକପ ଟ୍ରଫି ରଙ୍ଗୋଲି ଚାରିପାଖରେ ସ୍କୁଲ ପିଲାମାନେ ଜାତୀୟ ପତାକା ସହ।

# ଟିମ୍ ଇଣ୍ଡିଆ ହରିବୋଲରେ କମ୍ପିଲା ମନ୍ଦିର

**କଟକ,୧୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

ଚାରିବର୍ଷର ଅପେକ୍ଷା ଏବେ ଶେଷ ପାହଚରେ। ରବିବାର ହେବ ବିଗ ଫାଇଟ। ଭାରତ ମାଟିରେ କଙ୍ଗାରୁଙ୍କୁ ଚକମା ଦେବାକୁ ଭାରତୀୟ ଟିମ ଏକଦମ ପ୍ରସ୍ତୁତ। ଏଥିପାଇଁ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା। ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ବିଶ୍ୱକପ ୨୦୨୩ ମହାଯୁଦ୍ଧର ସାକ୍ଷୀ ରହିବ। ମ୍ୟାଚ ପୂର୍ବରୁ ଚଳଚଞ୍ଚଳ ସମଗ୍ର ଭାରତ ବର୍ଷ। ଇଣ୍ଡିଆ ବିଜୟକୁ ଚାତକ ପରି ଚାହିଁବସିଛି ସାରା ଦେଶ। କେଉଁଠି ଚାଲିଛି ପୂଜାର୍ଚ୍ଚନା କେଉଁଠି ମନ୍ଦିରରେ କରାଯାଉଛି ସ୍ୱତନ୍ତ୍ର ପୂଜା ପାଠ। ଟିମ୍ ଇଣ୍ଡିଆର ବିଜୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରୀ କରିଛନ୍ତି ଟିମ ଇଣ୍ଡିଆର ପ୍ରଶଂସକ। ଜୟଜଗନ୍ନାଥ ସେବା ସମିତିର ଟ୍ରଷ୍ଟ ପକ୍ଷରୁ ମଙ୍ଗଳାବଗ ମଲାସହିରେ ପୂଜା କରାଯାଇଛି। ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ରହି ଏହି ପୂଜା କରିଛନ୍ତି। ଟିମ୍ ଇଣ୍ଡିଆ ପାଇଁ ହରିବୋଲରେ କମ୍ପିଥିଲା ମନ୍ଦିର। ବ୍ୟାଟର ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଏବଂ ବୋଲିଂ ବାହିନୀ ଏହି ମ୍ୟାଚରେ ଜବରଦସ୍ତ ପ୍ରଦର୍ଶନ କରିବେ ବୋଲି ଆଶା ରଖୁଛନ୍ତି କଟକର କ୍ରିକେଟ ପ୍ରେମୀ। ପ୍ରଶଂସକଙ୍କ ବିଶ୍ୱାସ, ଭାରତ ହେଉଛି ଜଗନ୍ନାଥଙ୍କ ଦେଶ। ଆଉ ପ୍ରଭୁଙ୍କୁ ଜଣାଇବା ପରେ ନିଶ୍ଚୟ ଆମ ଦେଶକୁ ଫାଇନାଲରେ ଠାକୁର ଜିତାଇବେ ବୋଲି କହିଛନ୍ତି କଟକବାସୀ। ଏହି ଅବସରରେ ମନୋଜ ପଣ୍ଡା, ଶସାଙ୍କ ଶେଖର ଦାସ, ସଞ୍ଜିତ ଶୁକ୍ଳା, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ କ୍ଲବ ଗୁଡ଼ିକରେ ରବିବାର ମ୍ୟାଚ ଦେଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବଜାରରେ ପ୍ରୋଜେକ୍ଟର ପାଇଁ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି।

## ଭୁବନେଶ୍ୱରରେ ବଡ଼ ସ୍କ୍ରିନ୍‌ରେ ଫାଇନାଲର ମଜା

ଭାରତ-ଅଷ୍ଟ୍ରେଲିଆ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲକୁ ନେଇ ସାରା ଦେଶରେ ଅହେତୁକ ଉତ୍ସାହ ସୃଷ୍ଟି ହୋଇଥିବାବେଳେ ଓଡ଼ିଶା ମଧ୍ୟ ପଛରେ ପଡ଼ିନାହିଁ। ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଶନିବାର ରାଜ୍ୟର ଅନେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିବା ସୂଚନା ମିଳିଛି। ମେଗା ଫାଇନାଲର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। 'ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା', ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀସ୍ଥିତ ୟୁପି ସ୍କୁଲ ପରିସର ଏବଂ ୟୁନିଟ-୯ସ୍ଥିତ ଭୁବନେଶ୍ୱର ଫ୍ରେଣ୍ଡ୍ସ କ୍ଲବ ପଡ଼ିଆରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା ରହିଛି।

# ଅଷ୍ଟ୍ରେଲିଆର ବଳ ଫାଷ୍ଟବୋଲର

**ଗୌତମ ଗମ୍ଭୀର**

କ୍ଳାନ୍ତହୀନ, ଅପରାଜେୟ ଏବଂ ଶିକାର ଲକ୍ଷ୍ୟରେ ଥିବା ସମ୍ପୂର୍ଣ୍ଣ ଭିନ୍ନ ଭାରତୀୟ ଦଳ ଅପେକ୍ଷାରେ ରହିଛି। ସହଜରେ କାର୍ଯ୍ୟ ସମ୍ପାଦନ ଦ୍ୱାରା ସେମାନେ ଅଟୋ ମୋଡ୍‌ରେ ଥିବାଭଳି ମନେହୋଇଥାନ୍ତି। ରୋହିତ ଶର୍ମାଙ୍କ ଶାନ୍ତ ଚିତ୍ତ ନେତୃତ୍ୱ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଫାଇନାଲ ମ୍ୟାଚରେ ତାଙ୍କ ଭୂମିକାକୁ ଦେଖିବା ଲାଗି ମୁଁ ଅପେକ୍ଷା କରି ରହିଛି। ଅଷ୍ଟ୍ରେଲିଆ ଏହାର ବିଜୟ ପଥ ଖୋଜି ପାଇଛି। ଡେଙ୍ଗା ଫାଷ୍ଟ ବୋଲରମାନେ ହେଉଛନ୍ତି ସେମାନଙ୍କର ସବୁଠାରୁ ବଡ଼ ବଳ। ଶୃଙ୍ଖଳା ପିଚ୍‌ରେ ବଲ୍‌କୁ ବାଉନ୍ସ କରିବାର ସାମର୍ଥ୍ୟ ସେମାନଙ୍କ ପାଖରେ ରହିଛି। ଅହମଦାବାଦର ସ୍ଲୋ ଉଇକେଟରେ ସେମାନେ ଏକ୍ସଟ୍ରା ବାଉନ୍ସ କରି ବ୍ୟାଟରମାନଙ୍କୁ ଅଡୁଆରେ ପକାଇ ପାରନ୍ତି। ସେମାନଙ୍କର ମୁଖ୍ୟ ବୋଲର ହେଉଛନ୍ତି ଆଡାମ ଜାମ୍ପା। ଏପରିକି ଉଇକେଟରେ ଲାଇନ ଲେନ୍ଥ ଆଣିବା ଲାଗି ତାଙ୍କୁ ହୁଏତ କିଛି ସମୟ ଲାଗିପାରେ। ଏଭଳି ପିଚ୍‌ଗୁଡ଼ିକରେ ବଲ୍‌ର ସ୍ପିଡ୍ ଗୁରୁତ୍ୱପୂର୍ଣ୍ଣ। ମୋ ଦୃଷ୍ଟିରେ ଅଷ୍ଟ୍ରେଲିଆ ଯଦି ନାଥନ ଲିଅନଙ୍କୁ ଖେଳାଏ ତେବେ ସେ ଓ ଜାମ୍ପା ଏବଂ ଡେଙ୍ଗା ଫାଷ୍ଟ ବୋଲରମାନଙ୍କୁ ନେଇ ଅଷ୍ଟ୍ରେଲିଆ ବୋଲିଂ ୟୁନିଟ ଅଧିକ ଶକ୍ତିଶାଳୀ ହେବ। ସେମାନଙ୍କୁ ସାମ୍ନା କରିବା କଠିନ ବ୍ୟାପାର ହେବ। ଗ୍ଲେନ ମାକ୍ସୱେଲ ଜଣେ ପାର୍ଟ ଟାଇମ୍ ଅଫ୍-ସ୍ପିନର। ସେ ଲିଅନଙ୍କ ଭଳି ବୋଲିଂ କରିପାରିବେ ନାହିଁ। କିନ୍ତୁ ଅଷ୍ଟ୍ରେଲୀୟ ଆଟାକ୍ ପାଇଁ ସେ ତଥାପି ଗୁରୁତ୍ୱପୂର୍ଣ୍ଣ। ଜୋସ୍ ହାଜେଲଉଡ୍‌ଙ୍କ ପ୍ରଥମ ସ୍ପେଲ୍‌କୁ ଭାରତୀୟ ଖେଳାଳି କିଭଳି ସାମ୍ନା କରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଗ୍ଲେନ ମ୍ୟାକ୍‌ଗ୍ରାଥ୍‌ଙ୍କ ଭଳି ସେ ଲକ୍ଷ୍ୟଭେଦୀ ବୋଲିଂ କରିପାରନ୍ତି। ସେ ଜଣେ ଉତ୍ତମ ବାଉନ୍ସର ବୋଲର। ଭାରତ ଏହାର ବ୍ୟାଟିଂ ସଫଳତା ଦୋହରାଇବ ବୋଲି ମୋର ଆଶା। ଏହା ଫାଇନାଲ ମ୍ୟାଚ ହୋଇପାରେ, ହେଲେ ପୂର୍ବଭଳି ପ୍ରଦର୍ଶନ ବଜାୟ ରଖିବା ଜରୁରୀ। ୨୦୦୩ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଏପର୍ଯ୍ୟନ୍ତ ମନରୁ ଲିଭି ନାହିଁ। ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମ୍ୟାଚର ପ୍ରଥମ ୧୫ ମିନିଟ ଖେଳରେ ମ୍ୟାଚ ହାତଛଡ଼ା କରିସାରିଥିଲା। ଏହାର ଯେପରି ପୁନରାବୃତ୍ତି ନ ଘଟେ କୋଚ୍ ରାହୁଲ ଦ୍ରାବିଡ ସେଥିପ୍ରତି ଯତ୍ନବାନ ଥିବେ। ବର୍ତ୍ତମାନ ପିଢ଼ିର ଖେଳାଳିମାନେ ଭିନ୍ନ ପରିବେଶରେ ଖେଳିଆସିଛନ୍ତି। ଜାକଜକମ, ହୋହଲ୍ଲା ସହ ଦର୍ଶକଭରା ଷ୍ଟାଡିୟମରେ ସେମାନେ ଆଇପିଏଲ୍ ଖେଳିଛନ୍ତି। ତେଣୁ ନିର୍ଭୟ ଖେଳ ଦେଖିବାକୁ ମିଳିବ ବୋଲି ଆଶା। ମ୍ୟାଚ ବିଜୟୀ କମ୍ବିନେଶନକୁ ଦୃଷ୍ଟିରେ ରଖି ଦଳ ମନୋନୟନ ବେଳେ ଟିମ୍ ମ୍ୟାନେଜମେଣ୍ଟ କଠୋର ହେବା ଆବଶ୍ୟକ। ଏହି ପର୍ଯ୍ୟାୟରେ ଟ୍ରଫି ହାସଲ କରିବାକୁ ହେଲେ କିଭଳି ଖେଳିବାକୁ ହୁଏ ତାହା କେବଳ ବିରାଟ କୋହଲି ଓ ଆର୍. ଅଶ୍ୱିନଙ୍କୁ ଜଣା। ୨୦୧୧ରେ ମୁନାଫ ପଟେଲଙ୍କ ଏକ ଉକ୍ତି ମୋର ମନେପଡୁଛି। ବିଶ୍ୱକପ୍ ଜିତିବା ଅର୍ଥ ଏକ ଫିକ୍ସଡ ଡିପୋଜିଟ୍ ସୃଷ୍ଟି କରିବା। ଆଗାମୀ ପିଢ଼ି ପାଇଁ ଏହା ପ୍ରେରଣାଦାୟକ ହୋଇ ରହିବ। ଖେଳାଳିମାନେ ଏଥିପ୍ରତି ସଚେତନ ଥିବେ ବୋଲି ମୁଁ ଦୃଢ ନିଶ୍ଚିତ।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ୧୯ ନଭେମ୍ବର, ୨୦୨୩ | Bhubaneswar, Sunday, 19 November, 2023



କାତାର ବିପକ୍ଷ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପୂର୍ବରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫୁଟବଲ ଏକାଡେମୀରେ ଶନିବାର ଭାରତୀୟ ଫୁଟବଲ ଦଳର ଅଭ୍ୟାସ।

## ସର୍ବଭାରତୀୟ କୁଚ୍‌ବିହାର ଟ୍ରଫି

# ଦୃଢ଼ ସ୍ଥିତିରେ ଓଡ଼ିଶା

**ସମ୍ବଲପୁର,୧୮।୧୧(ବି.ଶଙ୍କର)**

ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଓଡ଼ିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚରେ ଓଡ଼ିଶା ଦଳ ଦୃଢ଼ ସ୍ଥିତିରେ ରହିଛି। ଶନିବାର ଦ୍ୱିତୀୟ ଦିନ ଷ୍ଟମ୍ପ୍ ଅପସାରଣ ବେଳକୁ ଘରୋଇ ଓଡ଼ିଶା ଦଳ ୯୬ ଓଭରରେ ୫ ଉଇକେଟ ହରାଇ ୩୦୧ରନ କରିଛି। ଭ୍ରମଣକାରୀ ପଣ୍ଡିଚେରୀ ଦଳଠାରୁ ୭୬ରନ ଆଗରେ ରହିଛି। ଓଡ଼ିଶା ବ୍ୟାଟ୍ସମ୍ୟାନ ଆଶୀର୍ବାଦ ସ୍ୱାଇଁ ୧୮୧ ବଲର ସମ୍ମୁଖୀନ ହୋଇ ୧୦୫ ରନରେ ଅପରାଜିତ ରହିଛନ୍ତି। ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ଶ୍ରେୟାଂଶ ଭରଦ୍ୱାଜ ୧୦୩ ବଲରେ ୬୨ ରନ ଓ ମହମ୍ମଦ ସୋହେଲ ଖାନ ୯୨ ବଲର ସମ୍ମୁଖୀନ ହୋଇ ୬୨ ରନ ସଂଗ୍ରହ କରିଛନ୍ତି। ଭ୍ରମଣକାରୀ ପଣ୍ଡିଚେରୀ ଦଳର ୫ଜଣ ବୋଲରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ବୋଲର ରାହୁଲ ରାଜୀବ ଯାଦବ ୧୯ ଓଭରରେ ୬୩ ରନ ଦେଇ ୧ଟି, ଏଲ୍‌ଭି ଅର୍ଜୁନ ୨୧ ଓଭରରେ ୫୯ ରନ ଦେଇ ୧ଟି, କେଜି ଶ୍ରୀଭରଶନ ୧୬ ଓଭରରେ ୩୭ରନ ଦେଇ ୧ଟି, କେ. ସାଇ ହରିରାମ ୧୩ ଓଭରରେ ୪୭ରନ ଦେଇ ୧ଟି, ଖୁସୱାନ୍ତ ସିଲୋରା ୧୧ ଓଭରରେ ୪୪ ରନ ଦେଇ ୧ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ଦଳର

■ **ଷ୍ଟମ୍ପ୍ ଅପସାରଣ ବେଳକୁ ୫ ଉଇକେଟରେ ୩୦୧ ରନ**

■ **ଆଶୀର୍ବାଦ ସ୍ୱାଇଁଙ୍କ ଅପରାଜିତ ଶତକ**

ସ୍କୋର ୩୩ ଥିବାବେଳେ ପ୍ରଥମ ଉଇକେଟର ପତନ ହୋଇଥିଲା। ସେହିପରି ୬୨ ରନରେ ଦ୍ୱିତୀୟ, ୮୪ ରନରେ ତୃତୀୟ, ୧୭୬ ରନରେ ଚତୁର୍ଥ ଓ ୨୯୩ ରନ ଥିବାବେଳେ ୫ମ ଉଇକେଟର ପତନ ହୋଇଥିଲା। ଅମ୍ପାୟାର କ୍ରିଷ୍ଣେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସିଡି ସୁନୀଲ ଓ ବୀରବର ନାୟକ ସ୍କୋରର ଥିଲେ। ଗଣେଶ କର ଓ ସାୱାନ ପାଢ଼ୀ ଭିଡିଓ ଆନାଲିଷ୍ଟ ଥିବାବେଳେ କର୍ଣ୍ଣେଲ ସୀତାଂଶୁ ଚନ୍ଦ୍ର ଷଡଙ୍ଗୀ ମ୍ୟାଚ ରେଫରି ରହିଛନ୍ତି। ସୂଚନାଯୋଗ୍ୟ, ଟସ୍ ଜିଣି ଭ୍ରମଣକାରୀ ପଣ୍ଡିଚେରୀ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୮୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା।



ଶତକ ହାସଲପରେ ଆଶୀର୍ବାଦ ସ୍ୱାଇଁ।

# ଗଞ୍ଜାମ ଚାମ୍ପିୟନ, କେନ୍ଦୁଝର ରନରଅପ୍





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ଗଞ୍ଜାମ ଦଳର ଖେଳାଳି।

## ୨୮ତମ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ

**କେନ୍ଦୁଝର, ୧୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ଜିଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ୨୮ ତମ ଜୁନିୟର ବାଳିକା ଚାମ୍ପିୟନଶିପ ଶନିବାର ଉଦ୍‌ଯାପିତ ହୋଇଛି। ଦୁଇ ଦିନିଆ ଏହି ଟୁର୍ନାମେଣ୍ଟରେ ୧୩ଟି ଜିଲା ଭାଗ ନେଇଥିଲେ। ଜଗତସିଂହପୁର, କେନ୍ଦୁଝର, ଗଞ୍ଜାମ ଓ ଯାଜପୁର ସେମି ଫାଇନାଲକୁ ଯାଇଥିଲେ। ପ୍ରଥମ ସେମିଫାଇନାଲରେ କେନ୍ଦୁଝର ୧୧-୭ ଗୋଲରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଅନ୍ୟ ସେମି ମୁକାବିଲାରେ ଗଞ୍ଜାମ ୧୭ - ୪ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ଫାଇନାଲରେ ଗଞ୍ଜାମ ୯-୬ ଗୋଲରେ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ସମାରୋହରେ କେନ୍ଦୁଝରଗଡ଼ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସ୍ପୋର୍ଟ୍ସ ସାଇନସ ଇଣ୍ଡିଆର ପ୍ରତିଷ୍ଠାତା ଶାଶ୍ୱତ ପଟ୍ଟନାୟକ, ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ୧ ଲକ୍ଷ ୩୨ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ବଡ଼ ଚ୍ୟାଲେଞ୍ଜ

**ଅହମଦାବାଦ, ୧୮।୧୧ (ପି.ଟି.)**

ବାଳକରୁ ଯୁବକ ଅବସ୍ଥା ମଧ୍ୟରେ ଅଷ୍ଟ୍ରେଲିଆକୁ ଲଗାତାର ୩ ଥର ବିଶ୍ୱ ଚାମ୍ପିୟନ ହେବାରେ ଦେଖିଥିବା ପ୍ୟାଟ କୁମିନ୍ସ ବର୍ତ୍ତମାନ ଦଳର ନେତୃତ୍ୱ ନେଉଛନ୍ତି। ପୂର୍ବରୁ ୨୦୧୫ ବିଶ୍ୱ ଚାମ୍ପିୟନ ଦଳର ସଦସ୍ୟ ରହି ସାରିଥିବା କୁମିନ୍ସ ଅଧିନାୟକ ଭାବେ ନିଜର ପ୍ରଥମ ଫାଇନାଲ ଖେଳିବାକୁ ଯାଉଛନ୍ତି। ବିଶ୍ୱକପ ୪ ବର୍ଷରେ ଥରେ ଖେଳା ଯାଉଥିବା ବେଳେ ଏହା ତାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବାକୁ ଯାଉଛି। ଜଣେ ଖେଳାଳି ଭାବରେ ୨୦୧୫ ମୋ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ରହିଥିଲା। ତେବେ ରବିବାରର ଫାଇନାଲକୁ ଜିତି ଏହାକୁ ଆହୁରି ସ୍ୱତନ୍ତ୍ର କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି କୁମିନ୍ସ। ପୂର୍ବରୁ ଆମେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଆଶେସ୍ ଜିତି ସାରିଛୁ। ତେଣୁ ଦିନିକିଆ ବିଶ୍ୱକପ ଜିତିବା ଆମ ପାଇଁ ଆଉ ଏକ ଅନୁଭୂତି ପ୍ରଦାନ କରିବ ବୋଲି ସେ କହିଛନ୍ତି। ଦଳରେ ବର୍ତ୍ତମାନ ରହିଥିବା ଖେଳାଳିଙ୍କ ମଧ୍ୟରୁ ୧୨ ଜଣ ଦିନିକିଆ କିମ୍ବା ଟି୨୦ ବିଶ୍ୱକପ ଜିତିବାର ଅଭିଜ୍ଞତା ରଖିଛନ୍ତି। ଏହା ହିଁ ଆମକୁ ଅନ୍ୟ ଦଳ ମାନଙ୍କ ଅପେକ୍ଷା ସ୍ୱତନ୍ତ୍ର କରୁଛି ବୋଲି କୁମିନ୍ସ କହିଛନ୍ତି। ଭାରତରେ ୧ ଲକ୍ଷ ୩୨ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ବଡ ଚ୍ୟାଲେଞ୍ଜ ବୋଲି ସ୍ୱୀକାର କରିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ। ତେବେ ଅଷ୍ଟ୍ରେଲିଆର ଖେଳାଳି ମାନେ ଏହି ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ। ଏହା ସହ ବଡ ସଂଖ୍ୟାରେ ଦର୍ଶକଙ୍କୁ ଆମ ପ୍ରଦର୍ଶନ ଜରିଆରେ ନୀରବ କରି ପାରିଲେ ଏହାକୁ ବାସ୍ତବ ସଫଳତା ଭାବରେ ବିବେଚନା କରାଯିବ ବୋଲି କହିଛନ୍ତି କୁମିନ୍ସ। ଡେଭିଡ୍ ୱାର୍ନର ପୁଷ୍ପା ଗୀତରେ ନାଚି ଭାରତୀୟ ଦର୍ଶକଙ୍କ ମନୋରଞ୍ଜନ କରି ପାରିବେ ବୋଲି ସେ କହିଛନ୍ତି। ନିକଟରେ ଭାରତରେ ଆମେ ଦିନିକିଆ ସିରିଜ ଜିତିଥିବା ବେଳେ ମହମ୍ମଦ ଶାମି ଘାତକ ସାବ୍ୟସ୍ତ ହୋଇ ପାରନ୍ତି ବୋଲି ସେ କହିଛନ୍ତି। ଶାମି ଉଭୟ ବାମହାତୀ ଓ ଡାହାଣହାତୀ ଖେଳାଳିଙ୍କ ବିପକ୍ଷରେ ପ୍ରଭାବୀ ବୋଲିଂ କରିଛନ୍ତି। ଏହା ବ୍ୟତୀତ ମିଡିଲ ଓଭରରେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ମଧ୍ୟ ବିପଜ୍ଜନକ ସାବ୍ୟସ୍ତ ହୋଇପାରନ୍ତି ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ।

# ଡୋପ୍ ଟେଷ୍ଟରେ ଧରାପଡ଼ିଲେ ପାରା ଆଥ୍‌ଲେଟ ନୀରଜ ଯାଦବ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ଭାରତୀୟ ପାରା ଆଥ୍‌ଲେଟ ନୀରଜ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ନିକଟରେ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ସେ ଜିତିଥିବା ଦୁଇ ସ୍ୱର୍ଣ୍ଣ ପଦକ ହରାଇ ପାରନ୍ତି। ମହାଦେଶୀୟ କ୍ରୀଡ଼ା ସମାରୋହର କିଛିଦିନ ତରଫରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ଏକ ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଛନ୍ତି। ହାଙ୍ଗ୍‌ଝୋ ଗସ୍ତ କରିବାର ୬ ଦିନ ପୂର୍ବରୁ ପ୍ରତିଯୋଗିତା ବାହାରେ ଡୋପ୍ ଟେଷ୍ଟ ହୋଇଥିଲା। ଖବର ଅନୁସାରେ ଯାଦବ ଆନାବୋଲିକ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନାଡା ପ୍ୟାନେଲ ଦ୍ୱାରା ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଭାରତ ୨ ସ୍ୱର୍ଣ୍ଣ ପଦକ ହରାଇବ। ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଇଭେଣ୍ଟରେ ଏହି ପଦକ ଦୁଇଟି ଯାଦବ ଏଫ୍-୫୫ ଜାଭେଲିନ୍ ଏବଂ ଡିସ୍କସ୍ ଥ୍ରୋ ଇଭେଣ୍ଟରେ ଜିତିଥିଲେ। ପଦକ ଦୁଇଟି ହରାଇ ଲେ ଭାରତ ପଦକ ତାଲିକାରେ ୫ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଖସି ଆସିବ। ଅନ୍ୟପକ୍ଷରେ ୨୯ ସ୍ୱର୍ଣ୍ଣ, ୩୦ ରୌପ୍ୟ ଓ ୩୬ ବ୍ରୋଞ୍ଜ ଜିତିଥିବା ଇଣ୍ଡୋନେସିଆ ୫ମ ସ୍ଥାନ ଅକ୍ତିଆର କରିନେବ। ଭାରତ ୨୯ସ୍ୱର୍ଣ୍ଣ, ୩୧ରୌପ୍ୟ ଓ ୫୧ବ୍ରୋଞ୍ଜ ହାସଲ କରିଥିଲା। ଯାଦବ ଯଦି ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୨୭କୁ ହ୍ରାସ ପାଇବ।

## ସର୍ବଭାରତୀୟ ବେସାମରିକ ହକି

# ଓଡ଼ିଶା ସଚିବାଳୟ ବିଜୟୀ



ଓଡ଼ିଶା ସଚିବାଳୟ ମହିଳା ହକି ଦଳ।

**ଭୁବନେଶ୍ୱର,୧୮।୧୧ (ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବାଭାରତୀୟ ବେସାମରିକ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ସଚିବାଳୟର ପୁରୁଷ ଓ ମହିଳା ଦଳ ବିଜୟୀ ହୋଇଛି। ପୁରୁଷ ଦଳ ୨-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଜନସନ୍ ବାର୍ଲା ଓ ପିଟର ସୋରେଙ୍ଗ ଓଡ଼ିଶା ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଓଡ଼ିଶା ସଚିବାଳୟ ମହିଳା ଦଳ ୩-୧ ଗୋଲରେ କେନ୍ଦ୍ରୀୟ ସଚିବାଳୟକୁ ପରାସ୍ତ କରିଛି। ମହିଳା ଦଳ ପକ୍ଷରୁ ଦୀପ୍ତି ଲାକ୍ରା ଦୁଇଟି ଗୋଲ ଦେଇଥିବା ବେଳେ ଖୁସବୁ କୁଜୁର ଗୋଟିଏ ଗୋଲ ଦେଇଥିଲେ। ପୁରୁଷ ହକି ଦଳର ପ୍ରଶିକ୍ଷକ ନିରଞ୍ଜନ ରଣା, ପ୍ରବନ୍ଧକ ମହେନ୍ଦ୍ର କୁମାର ସାହୁ ଓ ମହିଳା ହକି ଦଳର ପ୍ରଶିକ୍ଷକ ରବି ରୋଶନ ଲାକ୍ରା ଓ ପ୍ରବନ୍ଧକ ପ୍ରୀତି ଡୁଙ୍ଗଡୁଙ୍ଗ ଉଭୟ ଦଳର ମାର୍ଗଦର୍ଶନ କରିଥିଲେ।

# ପ୍ରଥମ ଦିବସରେ ଓଡ଼ିଶାକୁ ୧୪ ପଦକ

## ଜାତୀୟ ସବ୍‌ଜୁନିୟର କରାଟେ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା କରାଟେକାମାନେ ୧୪ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା କରାଟେକା ହେଲେ ଆକାଂକ୍ଷା ମହାନ୍ତି, ଲିପ୍ସି ସିଂ, ଶ୍ରେୟା କାନୁନ୍‌ଗୋ, ଈଶାନୀ ପଣ୍ଡା, ଓରଜା ସାମନ୍ତ ଓ ଆନନ୍ଦି ଭଞ୍ଜ। ସେହିପରି ଆନନ୍ଦି ପ୍ରିୟଦର୍ଶିନୀ ପଣ୍ଡା, ଦେବାନ୍ସି ପଟ୍ଟନାୟକ ଓ ତୃପ୍ତିରାଣୀ ମହାନ୍ତି ରୌପ୍ୟ ଜିତିଥିବାବେଳେ ବୈଷ୍ଣବୀ ବେହେରା, ଜିଜ୍ଞାସା ମହାନ୍ତି, ଆର୍ଯ୍ୟ ବଂଶିକା, ଦିବ୍ୟଙ୍ଗନା ସାମନ୍ତ ଓ ସାନ୍‌ଭି ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରବିବାର ବାଳକ ବିଭାଗରେ ପ୍ରତିଯୋଗିତା ହେବ।



ପ୍ରଥମ ଦିବସରେ ପଦକ ବିଜୟୀ ଓଡ଼ିଶା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ